# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୯/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 19/2024 Page 16 ₹ 7.00 | SAMBALPUR

୫୦ଶ ଭାଗ ୩୨୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 324 ମୂଲ୍ୟ ₹୭/-




**ଶୁଟିଂ ସେଟ୍‌ରେ ମୃତ୍ୟୁ ଶାହରୁଖଙ୍କ ସ୍ୱପ୍ନ**

ଅଭିନେତା ଶାହରୁଖ ଖାନ୍ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ଶୁଟିଂ ସେଟ୍‌ରେ ମୃତ୍ୟୁ ହିଁ ତାଙ୍କ ସ୍ୱପ୍ନ।

୧୩

୧୪

**କୋହଲିଙ୍କ ମାଇଲଖୁଣ୍ଟ**

ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚରେ ୯ ହଜାର ଟେଷ୍ଟ ରନ ପୂରଣ କରିଛନ୍ତି ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲି।





କଟକ ଖାନ୍‌ନଗରସ୍ଥିତ ନେତାଜୀ ବସ୍ ଟର୍ମିନାଲ ନିକଟ ରାସ୍ତାରେ ଶୁକ୍ରବାର ଅପରାହ୍ଣରେ ଦୁର୍ଗାପୂଜା ତୋରଣ ଭୁଶୁଡ଼ି କାର ଉପରେ ପଡ଼ିଛି।

# ବଲାଙ୍ଗୀରରେ ପୁଣି ଶିଶୁବଳି

**୧୧ ବର୍ଷ ପୂର୍ବେ ଏକ ପାହାଡ଼ରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଠାବ ହୋଇଥିଲା। ସେତେବେଳେ ଏହାକୁ ବଳି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ ଆଣିଥିଲେ। କିନ୍ତୁ ପୋଲିସ ଅଭିଯୋଗକୁ ଏଡ଼ାଇଯାଇଥିଲା। ଦିନକ ପୂର୍ବରୁ ନିଖୋଜ ଥିବା ଜଣେ ନାବାଳକଙ୍କ ମୃତଦେହ ଶୁକ୍ରବାର ସମାନ ସ୍ଥାନରୁ ମିଳିଛି। ଗୁରୁବାର ଏକସଙ୍ଗେ ଆଶ୍ୱିନ ପୂର୍ଣ୍ଣିମା ଓ ଗର୍ଭଣା ସଂକ୍ରାନ୍ତି ପଡ଼ିଥିବାରୁ ଏହି ତିଥିରେ ତାଙ୍କୁ ବଳି ଦିଆଯାଇଥିବା କୁହାଯାଉଛି। ୧୧ ବର୍ଷ ତଳେ ବଳି ପାଇଁ ଦାୟୀ କରାଯାଇଥିବା ଜଣେ ବ୍ୟକ୍ତିଙ୍କ ଗୁଣିଗାରେଡ଼ି ଯୋଗୁ ଆଉ ଜଣେ ୧୧ ବର୍ଷୀୟ ବାଳକଙ୍କ ଜୀବନ ଗଲା ବୋଲି ଗାଁ ଲୋକେ ଅଭିଯୋଗ ଆଣିଛନ୍ତି। ଘଟଣାକୁ ନେଇ ବଲାଙ୍ଗୀର ଜିଲାରେ ଚାଞ୍ଚଲ୍ୟ ଖେଳିଯାଇଛି। ଏହା ପୂର୍ବରୁ ମଧ୍ୟ ଶିଶୁବଳିକୁ ନେଇ ବଲାଙ୍ଗୀର ଜିଲା ଅନେକ ଥର ଚର୍ଚ୍ଚାକୁ ଆସିଛି।**



ସୋମନାଥ ବେମାଲ

**ଲାଠୋର, ୧୮।୧୦ (ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲାରେ ପୁଣି ଶିଶୁବଳି। ଗୁରୁବାର ଅପରାହ୍ଣରୁ ନିଖୋଜ ଥିବା ଜଣେ ନାବାଳକଙ୍କ ମୃତଦେହ ଶୁକ୍ରବାର ସକାଳେ ଲାଠୋର ଥାନା ଅନ୍ତର୍ଗତ ଜଲପାଙ୍କେଲ ଗାଁ ନିକଟ ଝଲିଆଲିଟି ଡୁଙ୍ଗୁରି ଉପରେ ମିଳିବା ପରେ ପରିବାର ଓ ଗାଁ ଲୋକେ ଏହା ବଳି ବୋଲି ଅଭିଯୋଗ ଆଣିଛନ୍ତି। ମୃତ ଶିଶୁ ଜଣକ ହେଲେ ଜଲପାଙ୍କେଲ ଗାଁର ତପନ ବେମାଲଙ୍କ ପୁଅ ସୋମନାଥ ବେମାଲ (୧୧)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ପୋଲିସର ସନ୍ଧାନୀ କୁକୁର ଗାଁର ଜଣେ ବ୍ୟକ୍ତିଙ୍କ ଘରକୁ ଯିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ଗାଁ ଲୋକେ ବଲାଙ୍ଗୀର-ନୂଆପଡ଼ା ରାସ୍ତାକୁ ଅବରୋଧ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତଦନ୍ତ ବେଳେ ଉତ୍ତ୍ୟକ୍ତ ଲୋକେ ପୋଲିସ କର୍ମଚାରୀଙ୍କୁ ମଧ୍ୟ ଠେଲାପେଲା କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଜଲପାଙ୍କେଲ ଗାଁର ତପନ ବେମାଲଙ୍କ ପୁଅ ସୋମନାଥ ଗୁରୁବାର ଅପରାହ୍ଣ ପ୍ରାୟ ୪ଟାରେ ଏକ ପାଟିଲା ଆତ ଧରି ଖେଳିବା ପାଇଁ ଘରୁ ବାହାରିଥିଲେ। ତେବେ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ସୋମନାଥ ରାତି ସୁଦ୍ଧା ଘରକୁ ନ ଫେରିବାରୁ ତାଙ୍କ ଅଜା ଦଳ ବେମାଲ ଲାଠୋର ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ଶୁକ୍ରବାର ସକାଳେ ଗାଁର ବସୁ ହଂସ, ପରମ ବାଗ ଓ ରାକିଶୋର ଭୋଇଙ୍କ ସମେତ କେତେଜଣ ଯୁବକ ଝଲିଆଲିଟି ଡୁଙ୍ଗୁରିରେ ସୋମନାଥଙ୍କ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଏହା ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ଗୁରୁବାର ଏକସଙ୍ଗେ ଆଶ୍ୱିନ ପୂର୍ଣ୍ଣିମା ଓ ଗର୍ଭଣା ସଂକ୍ରାନ୍ତି ଥିବାରୁ ସୋମନାଥଙ୍କୁ ବଳି ଦିଆଯାଇଥିବା କୁହାଯାଉଛି।

ପ୍ରାୟ ୧୧ ବର୍ଷ ପୂର୍ବେ ଝଲିଆଲିଟି ଡୁଙ୍ଗୁରିରେ ସୋନୁ ରଣା (୧୮) ନାମକ ଜଣେ ଯୁବକଙ୍କ ଗଳିତ ମୃତଦେହ ମିଳିଥିଲା। ସେତେବେଳେ ମଧ୍ୟ ଏହା ବଳି ବୋଲି ଚର୍ଚ୍ଚା ହୋଇଥିଲା। ଶୁକ୍ରବାର ସୋମନାଥଙ୍କ ମୃତଦେହ ସେଇ ଡୁଙ୍ଗୁରିରୁ ମିଳିବା ପରେ ବଳି ଚର୍ଚ୍ଚା ଜୋର୍ ଧରିଥିଲା। କିଛି ବର୍ଷ ତଳେ ଅନ୍ୟ ଏକ ଗାଁରୁ ଆସି ଜଲପାଙ୍କେଲ ଗାଁରେ ରହୁଥିବା ଜଣେ ବ୍ୟକ୍ତି ଗୁଣିଗାରେଡ଼ି କରୁଥିବା ଲୋକେ ସନ୍ଦେହ କରିଆସୁଥିଲେ। ସୋମନାଥଙ୍କ ମୃତ୍ୟୁରେ ମଧ୍ୟ ତାଙ୍କର ହାତ ଥିବା ସନ୍ଦେହ କରାଯାଉଛି। ମାମଲାର ସମ୍ବେଦନଶୀଳତାକୁ ଦେଖି ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଏବଂ ପାଟଣାଗଡ଼ ☞ପୃଷ୍ଠା-୪

# ଘରୋଇ ହସ୍ପିଟାଲରେ କିଡ୍‌ନୀ ଚୋରି

## ଥାନାରେ ଅଭିଯୋଗ କଲେ ମୃତକଙ୍କ ପରିବାର

**କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ବେଳେ ମୃତ୍ୟୁ ଘଟିଥିବା ଜଣେ ଦୁର୍ଘଟଣା ପୀଡ଼ିତଙ୍କ କିଡ୍‌ନୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ପରିବାର କନ୍ଧମାଳ ଜିଲା ବାଲିଗୁଡ଼ା ଥାନାରେ ଏଭଳି ଅଭିଯୋଗ କରିବା ପରେ ଶୁକ୍ରବାର କବରରୁ ମୃତଦେହ କଢ଼ାଯାଇ ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି। ଦୁର୍ଘଟଣା ଯୋଗୁ ମୁଣ୍ଡରେ ଆଘାତ ଲାଗିଥିବାବେଳେ ମୃତକଙ୍କ ତଳିପେଟରେ ଲମ୍ବା ସିଲେଇ ପଡ଼ିଥିବା ଦେଖି ପରିବାର ଲୋକେ ଚକିତ ହେବା ସହ ଥାନାର ଦ୍ୱାରସ୍ଥ ହୋଇଛନ୍ତି।**

**ବାଲିଗୁଡ଼ା/ ଫୁଲନଖରା, ୧୮।୧୦ (ସଞ୍ଜୟ କୁମାର ପାଣିଗ୍ରାହୀ/ ସତ୍ୟରଞ୍ଜନ ଦାସମହାପାତ୍ର)**

ବାଲିଗୁଡ଼ା ଥାନା ଅନ୍ତର୍ଗତ ସୁଡ୍ରା ପଞ୍ଚାୟତ ଟିକରବାଜୁ ଗାଁର ବାବୁଲା ଦିଗାଲ ଗତ ୧୩ ତାରିଖରେ ବାଇକ୍‌ରେ ତାଙ୍କ ଝିଅ ଘରକୁ ଯିବା ସମୟରେ ତୁମୁଡ଼ିବନ୍ଧ ଉଡ଼ଙ୍ଗ ନିକଟରେ ଗାଡ଼ି ଧକ୍କାରେ ଗୁରୁତର ହୋଇଥିଲେ। ମୁଣ୍ଡରେ ଆଘାତ ଲାଗିଥିବାରୁ ତାଙ୍କୁ ପ୍ରଥମେ ତୁମୁଡ଼ିବନ୍ଧ ଡାକ୍ତରଖାନା ପରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ ଓ ସେଠାରୁ ଅଧିକ ଚିକିତ୍ସା ପାଇଁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରେ ବାବୁଲାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ରେଫର କରାଯାଇଥିଲା। ତେବେ କୌଣସି କାରଣବଶତଃ ପରିବାର ଲୋକେ ତାଙ୍କୁ କଟକ ସଦର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲକୁ ନେଇ ଚିକିତ୍ସା କରାଇଥିଲେ। ସେଠାରେ ଚିକିତ୍ସା ପାଇଁ ବହୁ ଟଙ୍କା ଦିଆଯାଇଥିଲେ ମଧ୍ୟ ବାବୁଲାଙ୍କ ଜୀବନ ରକ୍ଷା ହୋଇପାରି ନ ଥିଲା। ଏହାପରେ ଉକ୍ତ ହସ୍ପିଟାଲରୁ ଘରୋଇ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ଟିକରବାଜୁ ଗାଁକୁ ଅଣାଯାଇଥିଲା। ବାଟରେ ସମ୍ପର୍କୀୟ ଓ ପରିବାର ଲୋକେ ବାବୁଲାଙ୍କ ପେଟରେ ବ୍ୟାଣ୍ଡେଜ ବନ୍ଧାଯାଇଥିବା ଦେଖି ତାଜୁବ ହୋଇଥିଲେ। ଗୁରୁବାର ଶେଷକୃତ୍ୟ କରି ସାରିବା ପରେ ଏ ନେଇ ବାଲିଗୁଡ଼ା ଥାନାରେ ଏତଲା ଦେଇଥିଲେ। ବାବୁଲାଙ୍କ ପେଟ କଟାଯାଇ କିଡ୍‌ନୀ ବାହାର କରାଯାଇଥିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅନିଶ୍ଚିତତାରେ ଅଧିକାରୀ**






# ୫ କୋଟି ଦେଲେ ଶତ୍ରୁତା ଶେଷ

**ସଲମାନଙ୍କୁ ସାନି ଧମକ | ଟଙ୍କା ନ ଦେଲେ ବାବା ସିଦ୍ଦିକିଙ୍କ ଭଳି ଦଶା ଭୋଗିବ**



**ମୁମ୍ବାଇ, ୧୮।୧୦**

ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍‌ଙ୍କଠାରୁ ୫ କୋଟି ଟଙ୍କା ଦାବିକରି ଏକ ଧମକପୂର୍ଣ୍ଣ ବାର୍ତ୍ତା ମୁମ୍ବାଇ ଟ୍ରାଫିକ୍ ପୋଲିସକୁ ମିଳିଛି। ୫ କୋଟି ଦେଲେ ଗ୍ୟାଙ୍ଗଷ୍ଟର୍ ବିଷ୍ଣୋଇଙ୍କ ସହ ଶତ୍ରୁତା ଶେଷ ହେବ। ଟଙ୍କା ପୈଠ ନ କଲେ ସଲ୍‌ମାନଙ୍କୁ ବାବା ସିଦ୍ଦିକୀଙ୍କ ଦଶା ଭୋଗିବାକୁ ପଡ଼ିବ ବୋଲି ବାର୍ତ୍ତାରେ ଧମକ ଦିଆଯାଇଛି। ବାର୍ତ୍ତା ପଠାଇଥିବା ବ୍ୟକ୍ତି ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ସହ ସମ୍ପୃକ୍ତ। ଧମକ ଦେବା ଏବଂ ଜବରଦସ୍ତ ବଟି ଆଦାୟ ଅଭିଯୋଗରେ ୱର୍ଲି ପୋଲିସ ଭାରତୀୟ ନ୍ୟାୟ ସଂହିତା ☞ପୃଷ୍ଠା-୪


ଓଡ଼ିଶା ସରକାର

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**




No. DSPL-153: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ତା୨୧।୧୦।୨୦୨୪ରିଖ (ସୋମବାର) ଓ ତା୨୮।୧୦।୨୦୨୪ରିଖ (ସୋମବାର) ଦିବା ୧୧ ଘଟିକା ସମୟରୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଦୁଇ ଦିନ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୧୮।୧୦।୨୦୨୪ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ ଏବଂ ପ୍ରତ୍ୟେକ ଅଭିଯୋଗ ଶୁଣାଣି ଦିବସ ନିମନ୍ତେ ସର୍ବାଧିକ ୧୦୦୦ଜଣ ପଞ୍ଜୀକରଣ କରିପାରିବେ, ଯେଉଁମାନେ କି ଏହି ଦୁଇ ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କର ଅଭିଯୋଗ ଜଣାଇପାରିବେ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ଜରିଆରେ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଏବଂ ବ୍ୟକ୍ତିଗତ ପରିଚୟପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବେ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/13/0031/2425


# ୨୪ରେ ଓଡ଼ିଶା ଉପକୂଳ ଅତିକ୍ରମ କରିପାରେ ବାତ୍ୟା

**ଭୁବନେଶ୍ୱର,୧୮।୧୦(ଅନିଲ ଦାସ)**

ବଙ୍ଗୋପସାଗରରେ ବାତ୍ୟା ଦାନା ବାନ୍ଧୁଛି। ବର୍ଷା ହେଲେ ଧାନଚାଷ ସୁଧୁରିଯିବ। ଝଡ଼ ହେଲେ ଉଜୁଡ଼ିଯିବ। ସମ୍ଭାବ୍ୟ ବାତ୍ୟାକୁ ନେଇ ଚାଷୀକୁଳ ଶଙ୍କାରେ ପଡ଼ିଛନ୍ତି। ବର୍ଷତମାମ ପରିଶ୍ରମର ଫଳ ମିଳିବ କି ନାହିଁ ଏବେ ସେହି ଚିନ୍ତା ଘାରିଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଆସନ୍ତା ୨୦ ତାରିଖରେ ଉତ୍ତର ଆଣ୍ଡାମାନ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟିହେବ। ୨୨ ତାରିଖରେ ଏହା ଲଘୁଚାପରେ ପରିଣତ ହେବ। ପରବର୍ତ୍ତୀ ସମୟରେ ଏହା ଡିପ୍ ଡିପ୍ରେସନ(ଗଭୀର ଅବପାତ)ରେ ପରିଣତ ହୋଇ ଉତ୍ତର ପଶ୍ଚିମ ଦିଗକୁ ଗତିକରିବ। ଲଘୁଚାପ ବାତ୍ୟାରେ ପରିଣତ ହେବ କି ନାହିଁ ସେ ନେଇ ପାଣିପାଗ ବିଭାଗ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ☞ପୃଷ୍ଠା-୪





ଦୀପାବଳି ପୂର୍ବରୁ ଶୁକ୍ରବାର ହାଇଦ୍ରାବାଦରେ ଦୀପ ତିଆରି କରୁଛନ୍ତି ଜଣେ କୁମ୍ଭକାର।

# ଆଦିବାସୀଙ୍କୁ ପିଟି ମାରିଦେଲା ପୋଲିସ

■ତ୍ରିପୁରାରେ ୨ ମାସରେ ୩ୟ ହାଜତ ମୃତ୍ୟୁ
■୫ ପୋଲିସ ଗିରଫ, ନିଲମ୍ବିତ
■ସରକାର ପ୍ରାୟୋଜିତ ହତ୍ୟା: ବିରୋଧୀ




ଅଗରତାଳା,୧୮।୧୦

ତ୍ରିପୁରାରେ ହାଜତ ନିର୍ଯାତନାରେ ଜଣେ ୩୪ ବର୍ଷୀୟ ଆଦିବାସୀଙ୍କ ମୃତ୍ୟୁ ଘଟିଛି। ଏହି ମାମଲାରେ ୫ ପୋଲିସ ଅଧିକାରୀଙ୍କୁ ଗିରଫ କରାଯାଇଛି। ୨ ମାସ ମଧ୍ୟରେ ରାଜ୍ୟରେ ଏହା ତୃତୀୟ ହାଜତ ମୃତ୍ୟୁ ହୋଇଥିବାରୁ ବିରୋଧୀ ଏହାକୁ ସରକାର ପ୍ରାୟୋଜିତ ହତ୍ୟା ବୋଲି ସମାଲୋଚନା କରିଛନ୍ତି।

ଦକ୍ଷିଣ ତ୍ରିପୁରା ଜିଲା ସାବ୍ରୁମ୍ ବାସିନ୍ଦା ବାଦଲ ତ୍ରିପୁରାଙ୍କୁ ରବର ଶିଟ୍ ଚୋରି ଅଭିଯୋଗରେ ସୋମବାର ପୋଲିସ ଗିରଫ କରିଥିଲା। ଏହାର ଦିନକ ପରେ ତାଙ୍କୁ ଛାଡ଼ି ଦିଆଯାଇଥିଲା। ବାଦଲ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହସ୍ପିଟାଲରେ ଚିକିତ୍ସା ପରେ ବାଦଲଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। କିନ୍ତୁ ହସ୍ପିଟାଲରୁ ଘରକୁ ଫେରିବା ମାତ୍ରେ ସେ ଆଖି ବୁଜିଦେଇଥିଲେ। ହାଜତ ନିର୍ଯାତନା ଯୋଗୁ ବାଦଲଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ସାଉଥ୍ ତ୍ରିପୁରା ଏସ୍‌ପି ଅଶୋକ ସିହ୍ନା କହିଛନ୍ତି, ମୃତକଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗକ୍ରମେ ମନୁବାଜାର ଥାନାର ସବ୍-ଇନ୍‌ସ୍ପେକ୍ଟର ପ୍ରେମଜିତ୍ ରାୟ ଓ କନ୍‌ଷ୍ଟେବଲ ରାଜକୁମାର ତ୍ରିପୁରାଙ୍କ ସମେତ ୫ ପୋଲିସ ଅଧିକାରୀଙ୍କୁ ଗିରଫ କରାଯାଇଛି। ପ୍ରେମଜିତ୍ ଓ ରାଜକୁମାରଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିବାବେଳେ ସମସ୍ତ ୫ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରି ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଅନ୍ୟ ୩ ଅଧିକାରୀ ହେଲେ ସ୍ପେଶାଲ ପୋଲିସ ଅଫିସର (ଏସ୍‌ପିଓ) ଥାଇଲାଟ୍ ମୋଗ, ରେଙ୍ଗୁ ମୋଗ୍ ଏବଂ ଶ୍ୟାମଳ ଦାସ। ୫ ଅଭିଯୁକ୍ତଙ୍କୁ ସାବ୍ରୁମ୍ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ୩ ଦିନଆ ପୋଲିସ ହାଜତକୁ ପଠାଇଦେଇଛନ୍ତି।

ବାଦଲଙ୍କ ସହ ଅନ୍ୟ ଜଣେ ଆଦିବାସୀ ଚିରଞ୍ଜିତ ତ୍ରିପୁରା(୩୮)ଙ୍କୁ ଅକ୍ଟୋବର ୧୩ରେ (ରବିବାର) ରବର ଶିଟ୍ ଚୋରି ଅଭିଯୋଗରେ ପୋଲିସ ଅଟକ ରଖିଥିଲା। ଉଭୟଙ୍କ ବିରୋଧରେ କୌଣସି ମାମଲା ରୁଜୁ ନ କରି ଦିନକ ପରେ ଦୁହିଁଙ୍କୁ ଛାଡ଼ିଦେଇଥିଲା। ଏହାର ଦିନକ ପରେ ମଦ ପିଇ ହୋହଲ୍ଲା କରିବା ଅଭିଯୋଗରେ ବାଦଲ ଓ ଚିରଞ୍ଜିତଙ୍କୁ ପୋଲିସ ପୁଣି ଗିରଫ କରି ଥାନାକୁ ନେଇଥିଲା। ବାଦଲ ଅସୁସ୍ଥ ହୋଇପଡ଼ିବାରୁ ପ୍ରଥମେ ତାଙ୍କୁ ଏକ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟରେ ଉନ୍ନତି ନ ଆସିବାରୁ ତାଙ୍କୁ ଶାନ୍ତିର ବାଜାର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ସେଠାରୁ ଡିସ୍‌ଚାର୍ଜ ହେବା ପରେ ବାଦଲ ନିଜ ଘରକୁ ଫେରିଥିଲେ। ରାତିରେ ତାଙ୍କ ମୃତ୍ୟୁ ଘଟିଥିଲା। ବାଦଲଙ୍କ ଆଖି ସମେତ ଶରୀରର ବିଭିନ୍ନ ଭାଗରେ କ୍ଷତ ରହିଥିବାରୁ ପରିବାର ଏହାକୁ ହାଜତ ମୃତ୍ୟୁ ବୋଲି ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ମହିଳା ଓ ପୁରୁଷମାନେ ମନୁବାଜାର ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭକାରୀମାନେ ଅଗରତାଳା-ସାବ୍ରୁମ ଜାତୀୟ ରାଜପଥକୁ ଅବରୋଧ କରିବାରୁ ଟ୍ରାଫିକ୍ ଜାମ ହୋଇଯାଇଛି। ମୃତକଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ କ୍ଷତିପୂରଣ ସହ ପୋଲିସ ଅଧିକାରୀମାନଙ୍କ ବିରୋଧରେ କଠୋର ଦଣ୍ଡ ଦାବି କରିଛନ୍ତି। ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ କରିବା ପାଇଁ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇଛି। ତ୍ରିପୁରା ବିଧାନସଭାର ବିରୋଧୀ ଦଳ ନେତା ଜିତେନ୍ଦ୍ର ଚୌଧୁରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୃତକଙ୍କ ପରିବାରକୁ ଭେଟିଛି। ଜିତେନ୍ଦ୍ର ଏହାକୁ ସରକାର ପ୍ରାୟୋଜିତ ହତ୍ୟା ରୂପେ ଅଭିହିତ କରିବା ସହ ରାଜ୍ୟର ଭାଜପା ସରକାରକୁ ସମାଲୋଚନା କରିଛନ୍ତି। ଗତ ୨ ମାସ ଭିତରେ ରାଜ୍ୟରେ ଏହା ତୃତୀୟ ହାଜତ ମୃତ୍ୟୁ। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଲୋକଙ୍କ ପ୍ରତି ପୋଲିସର ବ୍ୟବହାର ଦିନକୁ ଦିନ କ୍ରୂର ହେବାରେ ଲାଗିଛି ବୋଲି ଜିତେନ୍ଦ୍ର କହିଛନ୍ତି। ବାଦଲ ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ଥିଲେ। ଏବେ ବାଦଲଙ୍କ ବୃଦ୍ଧ ପିତାଙ୍କ ମୁଣ୍ଡରେ ତାଙ୍କ ସ୍ତ୍ରୀ ଓ ୩ ଝିଅଙ୍କ ବୋଝ। ତେଣୁ ସେ ପରିବାର କିପରି ଚଳାଇବେ ବୋଲି ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି।

## ଏମ୍‌ୟୁଡିଏ କାର୍ଯ୍ୟାଳୟରେ ଇଡି ଚଢ଼ାଉ

ବେଙ୍ଗାଲୁରୁ,୧୮।୧୦

କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ତାଙ୍କର ପରିବାର ସଦସ୍ୟ ଓ ଅନ୍ୟମାନଙ୍କ ନାଁରେ ମନିଲଣ୍ଡରିଂ ମାମଲା ରୁଜୁ ହୋଇଥିବାବେଳେ ଏହା ସହ ଜଡ଼ିତ ମହୀଶୂର ଅର୍ବାନ ଡେଭେଲପ୍‌ମେଣ୍ଟ ଅଥରିଟି (ଏମ୍‌ୟୁଡିଏ) କାର୍ଯ୍ୟାଳୟ ଉପରେ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ କରିଛି। ସିଆର୍‌ପିଏଫ୍ ଯବାନଙ୍କ ସୁରକ୍ଷା ବଳୟ ମଧ୍ୟରେ ଇଡି ଅଧିକାରୀମାନେ ଏମ୍‌ୟୁଡିଏର ମହୀଶୂର କାର୍ଯ୍ୟାଳୟ ସମେତ ଅନ୍ୟ କେତେକ ସ୍ଥାନରେ ଚଢ଼ାଉ କରିଥିଲେ। ତେବେ ମୁଖ୍ୟମନ୍ତ୍ରୀ କିମ୍ବା ତାଙ୍କ ପରିବାର ସଦସ୍ୟଙ୍କ ଘରକୁ ଚଢ଼ାଉରେ ସାମିଲ କରାଯାଇ ନାହିଁ। ଇଡି ଅଧିକାରୀମାନେ ଏମ୍‌ୟୁଡିଏ କାର୍ଯ୍ୟାଳୟରେ ଦସ୍ତାବିଜ୍‌ଗୁଡ଼ିକର ଯାଞ୍ଚ କରିଥିବାବେଳେ ତଦନ୍ତ ପାଇଁ ଆବଶ୍ୟକ ହେଉଥିବା କେତେକ କାଗଜପତ୍ର ଜବତ କରିପାରନ୍ତି। ଏମ୍‌ୟୁଡିଏ ଦ୍ୱାରା ସିଦ୍ଧାରାମାୟାଙ୍କ ସ୍ତ୍ରୀଙ୍କୁ ୧୪ଟି ସ୍ଥାନରେ ଜମି ପ୍ରଦାନ କରାଯାଇଥିଲା। ଲୋକାୟୁକ୍ତ ଏବଂ ଇଡି ଉକ୍ତ ଅନିୟମିତତାର ତଦନ୍ତ ଚଳାଇଛନ୍ତି।

## ବାଲ୍ୟବିବାହ ନିରୋଧୀ ଆଇନକୁ ରୋକିପାରିବନି ପର୍ସନାଲ ଲ’

ନୂଆଦିଲ୍ଲୀ,୧୮।୧୦

ଜୀବନ ସାଥୀ ବାଛିବା ସ୍ୱାଧୀନତାକୁ ବାଲ୍ୟବିବାହ ଉଲ୍ଲଂଘନ କରିଥାଏ। ବାଲ୍ୟବିବାହ ନିବାରଣ ଆଇନକୁ ପରମ୍ପରାର ଆଳ ଦେଖାଇ କୌଣସି ପର୍ସନାଲ ଲ’ ରୋକିପାରିବ ନାହିଁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ସୋସାଇଟି ଫର୍ ଏନ୍‌ଲାଇଟ୍‌ମେଣ୍ଟ ଆଣ୍ଡ ଭଲ୍ୟୁଣ୍ଟାରି ଆକ୍ସନ ପକ୍ଷରୁ ବାଲ୍ୟବିବାହ ନିରୋଧୀ ଆଇନର କଡ଼ାକଡ଼ି ଅନୁପାଳନ ସକାଶେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଥିଲା। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜେ.ବି. ପର୍ଡିୱାଲ ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିଛନ୍ତି। ଏଥିସହ ଦେଶରେ ବାଲ୍ୟବିବାହ ରୋକିବା ପାଇଁ ଉଦ୍ଦିଷ୍ଟ ଆଇନର ପ୍ରଭାବଶାଳୀ କାର୍ଯ୍ୟକାରିତା ଉପରେ ଏକ ଗାଇଡ୍‌ଲାଇନ ଜାରି କରିଛନ୍ତି। ତେବେ ପ୍ରୋହିବିଶନ୍ ଅଫ୍ ଚାଇଲ୍ଡ ମ୍ୟାରେଜ୍ ଆକ୍ଟ (ପିସିଏମ୍‌ଏ) ଉପରେ ବ୍ୟକ୍ତିଗତ ଆଇନଗୁଡ଼ିକର କର୍ତ୍ତୃତ୍ୱ ରହିବ କି ନାହିଁ, ଏହି ପ୍ରସଙ୍ଗ ସଂସଦର ବିଚାରାଧୀନ ଥିବା ଖଣ୍ଡପୀଠ କହିଛନ୍ତି। ପୂର୍ବରୁ ପର୍ସନାଲ ଲ’ ଉପରେ ପିସିଏମ୍‌ଏର କର୍ତ୍ତୃତ୍ୱକୁ ବଳବତ୍ତର ରଖିବା ପାଇଁ ସର୍ବୋଚ୍ଚ ଅଦାଲତଙ୍କୁ କେନ୍ଦ୍ର ସରକାର ଅନୁରୋଧ କରିଥିଲେ। ତେଣୁ ସିଜେଆଇ ଏ ସମ୍ପର୍କିତ ରାୟ ଦେବାବେଳେ ସାମାଜିକ ବିଜ୍ଞାନ ସମ୍ପର୍କିତ ଗଭୀର ବିଶ୍ଳେଷଣ କରାଯାଇଥିବା କହିଛନ୍ତି। ସିଜେଆଇ ଆହୁରି କହିଛନ୍ତି, ପିସିଏମ୍‌ଏରେ ବାଲ୍ୟବିବାହକୁ ନିଷିଦ୍ଧ କରାଯାଇଥିବାବେଳେ ସଂଖ୍ୟାଲଘୁମାନଙ୍କ ଆଇନ ଏଭଳି ପ୍ରଥାକୁ ଅନୁମତି ଦେଇଥାଏ। ଏହାଦ୍ୱାରା କୁନି କୁନି ଝିଅମାନେ ଭବିଷ୍ୟତରେ ଜୀବନସାଥୀ ଚୟନ ଅଧିକାର ହରାଇଥାନ୍ତି। ଏପରି କି ଏହା ସେମାନଙ୍କ ଜୀବନର ପଥକୁ ଓଲଟପାଲଟ କରିଦେଇଥାଏ। ଏଭଳି ବିବାହକୁ ରୋକିବା ପାଇଁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ତତ୍ପରତା ସହ କାର୍ଯ୍ୟ କରିବା ଉଚିତ ବୋଲି ସିଜେଆଇ କହିଛନ୍ତି।

## ଧର୍ମୀୟ କାର୍ଯ୍ୟକ୍ରମରେ ଆର୍‌ଏସ୍‌ଏସ୍ କର୍ମୀଙ୍କୁ ଆକ୍ରମଣ: ୧୦ ଆହତ

ଜୟପୁର,୧୮।୧୦

ଶରଦ ପୂର୍ଣ୍ଣିମା ଅବସରରେ ଜୟପୁରର ଏକ ମନ୍ଦିରରେ ଧର୍ମୀୟ କାର୍ଯ୍ୟକ୍ରମ ଚାଲିଥିବାବେଳେ କେତେଜଣ ଦୁର୍ବୃତ୍ତଙ୍କ ଆକ୍ରମଣରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ୧୦ ଜଣ କର୍ମୀ ଆହତ ହୋଇଛନ୍ତି। ଗୁରୁବାର ରାତିରେ ମନ୍ଦିରରେ ଜାଗରଣ କାର୍ଯ୍ୟକ୍ରମ ଚାଲିଥିଲା। ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରସାଦ ବଣ୍ଟାଯାଉଥିବାବେଳେ ବିଳମ୍ବିତ ରାତିରେ କାର୍ଯ୍ୟକ୍ରମକୁ ନେଇ ୨ ଜଣ ସ୍ଥାନୀୟ ବ୍ୟକ୍ତି ବିରୋଧ କରିଥିଲେ। ଏହାକୁ ନେଇ ବଚସା ହୋଇଥିଲା। ଅଭିଯୁକ୍ତମାନେ ଅନ୍ୟମାନଙ୍କୁ ଡାକିଆଣିଥିଲେ। ସେମାନେ ଛୁରିରେ ଆକ୍ରମଣ କରିବାରୁ ଆର୍‌ଏସ୍‌ଏସ୍ କର୍ମୀ ଆହତ ହୋଇଥିବା ପୋଲିସ କହିଛି। ୬ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ପୋଲିସ ଅଭିଯୁକ୍ତ ନସିବ ଚୌଧରୀ ଓ ତାଙ୍କ ପୁଅଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

## ୨୨ରେ ରୁଷିଆ ଯିବେ ମୋଦି

ନୂଆଦିଲ୍ଲୀ,୧୮।୧୦


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଆମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୬ତମ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ଆସନ୍ତା ୨୨ ତାରିଖରେ ମସ୍କୋ ଗସ୍ତରେ ଯିବେ। ରୁଷିଆ ଅଧ୍ୟକ୍ଷତାରେ କାଜାନରେ ବ୍ରିକ୍ସ ସମିଟ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଗସ୍ତ ଅବସରରେ ମୋଦି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା ଆଶା କରାଯାଉଛି। ଏଥର ସମିଟ୍‌ର ଶୀର୍ଷକ ରହିଛି ‘ବୈଶ୍ୱିକ ବିକାଶ ଏବଂ ସୁରକ୍ଷା ପାଇଁ ବହୁପାକ୍ଷିକତାର ସୁଦୃଢ଼ୀକରଣ’। ଏହି ଅବସରରେ ସଦସ୍ୟ ରାଷ୍ଟ୍ର ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକାର ନେତାମାନେ ପ୍ରମୁଖ ବୈଶ୍ୱିକ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ବ୍ରିକ୍ସ ସମ୍ମିଳନୀ ଅବସରରେ ଅକ୍ଟୋବର ୨୨ରେ ଦ୍ୱିପାକ୍ଷିକ ଆଲୋଚନା ପାଇଁ ପୁଟିନ୍ ଗତ ମାସରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆମନ୍ତ୍ରଣ କରିଥିଲେ। ଚଳିତ ବର୍ଷ ଏହା ମୋଦିଙ୍କର ଦ୍ୱିତୀୟ ରୁଷିଆ ଗସ୍ତ ହେବ। ଜୁଲାଇରେ ମୋଦି ୨୨ତମ ଇଣ୍ଡିଆ-ରୁଷିଆ ବାର୍ଷିକ ସମ୍ମିଳନୀରେ ଯୋଗଦେବା ପାଇଁ ମସ୍କୋ ଯାଇଥିଲେ।

## କଶ୍ମୀରରେ ପୁଣି ଟାର୍ଗେଟ କିଲିଂ

ଶ୍ରୀନଗର,୧୮।୧୦

ଜମ୍ମୁ-କଶ୍ମୀରରେ ବାହାର ରାଜ୍ୟର ପ୍ରବାସୀ ଶ୍ରମିକଙ୍କୁ ଆତଙ୍କବାଦୀଙ୍କ ଟାର୍ଗେଟ କିଲିଂ ଜାରି ରହିଛି। ଏହିକ୍ରମେ ଶୋପିଆନ ଜିଲାର ଜଇନପୋରାସ୍ଥିତ ୱାଚି ଅଞ୍ଚଳରେ ଶୁକ୍ରବାର ଜଣେ ବିହାରୀ ଶ୍ରମିକଙ୍କ ଗୁଳିବିଦ୍ଧ ମୃତଦେହ ମିଳିଛି। ମୃତକ ଅଶୋକ ଚୌହାନ ଅନନ୍ତନାଗର ସଙ୍ଗମ୍‌ରେ ରହି ଦିନ ମଜୁରିଆ ଭାବେ କାମ କରୁଥିଲେ। ଶୁକ୍ରବାର ସକାଳ ୬ଟାରେ ସେ ରହୁଥିବା ଭଡ଼ାଘରୁ ବାହାରିଥିଲେ। ଏହାର ଘଣ୍ଟାକ ପରେ ତାଙ୍କ ମୃତଦେହ ଠାବ ହୋଇଥିଲା। ପୋଲିସ ଏନେଇ ତଦନ୍ତ ଚଳାଇଥିବା କହିଛି।


ନୂଆଦିଲ୍ଲୀରେ ବାୟୁ ପ୍ରଦୂଷଣ ରୋକିବା ପାଇଁ ଜଳକଣା ସିଞ୍ଚନ ନିମନ୍ତେ ଆଣ୍ଟିସ୍ମୋଗ୍ ଗନ୍ ବ୍ୟବହାର କରାଯାଉଛି।

## ମୁମ୍ବାଇରେ ତାଇୱାନ କାର୍ଯ୍ୟାଳୟ ନେଇ ଆପତ୍ତି ଉଠାଇଲା ଚାଇନା

ନୂଆଦିଲ୍ଲୀ,୧୮।୧୦

ତାଇୱାନର ତାଇପେଇ ଇକୋନୋମିକ୍ ଆଣ୍ଡ କଲ୍‌ଚରାଲ ସେଣ୍ଟର (ଟିଇସିସି) ମୁମ୍ବାଇରେ ନୂଆ କାର୍ଯ୍ୟାଳୟ ଖୋଲିଥିବାରୁ ଏନେଇ ଚାଇନା କୂଟନୈତିକ ସ୍ତରରେ ଭାରତ ନିକଟରେ ପ୍ରତିବାଦ ଜଣାଇଛି। ବିଶ୍ୱରେ ଗୋଟିଏ ଚାଇନା। ତାଇୱାନ ଚାଇନାର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ୍ ଗଣମାଧ୍ୟମକୁ କହିଛନ୍ତି। ଚାଇନା ସହ କୂଟନୈତିକ ସମ୍ପର୍କରେ ଥିବା ଅନ୍ୟ ଦେଶଗୁଡ଼ିକର ତାଇୱାନ ସହ ସମସ୍ତ ପ୍ରକାର ଆନୁଷ୍ଠାନିକ ଯୋଗାଯୋଗ ଏବଂ ଆଲୋଚନାକୁ ବେଜିଂ ଦୃଢ଼ ବିରୋଧ କରେ। ଏନେଇ ଆମେ ଭାରତ ନିକଟରେ ପ୍ରତିବାଦ ଜଣାଇଛୁ ବୋଲି ନିଙ୍ଗ୍ କହିଛନ୍ତି।

## ଆପ୍ ନେତା ସତ୍ୟେନ୍ଦ୍ର ଜୈନଙ୍କୁ ଜାମିନ



ନୂଆଦିଲ୍ଲୀ,୧୮।୧୦

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା ତଥା ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ମନିଲଣ୍ଡରିଂ ମାମଲାରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଶୁକ୍ରବାର ଜାମିନ ମଞ୍ଜୁର କରିଛନ୍ତି। ୨୦୨୨ ମେ’ ୩୦ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କୁ ଗିରଫ କରିବା ପରେ ସେ ୧୮ ମାସ ହେଲା ବିଚାର ବିଭାଗୀୟ ହାଜତରେ ରହିଥିଲେ। ୪ଟି କମ୍ପାନୀ ସହ ସମ୍ପୃକ୍ତ ଥାଇ ଜୈନ ଏହା ମାଧ୍ୟମରେ ମନିଲଣ୍ଡରିଂରେ ଜଡ଼ିତ ଥିବା ଇଡି ଅଭିଯୋଗ ଆଣିଥିଲା। ମାମଲାର ବିଚାର ଏପର୍ଯ୍ୟନ୍ତ ଆରମ୍ଭ ହୋଇ ନ ଥିବାରୁ ଏହା ଶେଷ ହେବା ପାଇଁ ବହୁ ସମୟ ଲାଗିପାରେ। ବିନା ବିଚାରରେ ଜୈନ ୧୮ ମାସ ହେଲା ଜେଲରେ ରହିଥିବାରୁ ଏହାକୁ ବିଚାରକୁ ନେଇ ତାଙ୍କୁ ଜାମିନ ପ୍ରଦାନ କରାଗଲା ବୋଲି ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗ୍‌ନେ ତାଙ୍କ ରାୟରେ କହିଛନ୍ତି। ୫୦,୦୦୦ ଟଙ୍କାର ବଣ୍ଡ ଏବଂ ସମପରିମାଣର ଦୁଇଟି ସିଓରିଟି ଜମା କରି ଜାମିନରେ ଯିବା ପାଇଁ କୋର୍ଟ କହିଛନ୍ତି। ୨୦୧୭ରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦୁର୍ନୀତି ନିବାରଣ ଆଇନ ବଳରେ ଆପ୍ ନେତା ଜୈନଙ୍କ ନାଁରେ ଏତଲା ଦାଏର କରିବା ପରେ ଏହାର ମନିଲଣ୍ଡରିଂ ଦିଗ ଉପରେ ଇଡି ତଦନ୍ତ ଚଳାଇଥିଲା।

## ଇଶା ଫାଉଣ୍ଡେଶନ ବିରୋଧରେ ମାମଲା ଖାରଜ

ନୂଆଦିଲ୍ଲୀ,୧୮।୧୦(ପି.ଟି.)

ଆଧାତ୍ମିକ ଗୁରୁ ଜଗ୍ଗି ବାସୁଦେବଙ୍କ କୋଏମ୍ବାଟୁରସ୍ଥିତ ଇଶା ଫାଉଣ୍ଡେଶନ ପରିସରରେ ୨ ଝିଅଙ୍କୁ ବେଆଇନ ଭାବେ ରଖାଯାଇଥିବା ନେଇ ସେମାନଙ୍କ ବାପା ଦାଏର କରିଥିବା ହାଭିଅସ୍ କର୍ପସ୍ ପିଟିଶନ ଉପରେ ମକଦ୍ଦମାକୁ ଶୁକ୍ରବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ମହିଳାଦ୍ୱୟ ସାବାଳକ ଏବଂ ବିନା ଚାପରେ ସେମାନେ ସ୍ୱଇଚ୍ଛାରେ ଆଶ୍ରମରେ ରହିଥିବା ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ପୋଲିସର ଷ୍ଟାଟସ୍ ରିପୋର୍ଟକୁ ଅଦାଲତ ଅନୁଧ୍ୟାନ କରିବା ପରେ ତଦନ୍ତ ପରିସର ବଢ଼ାଇବାର ଆବଶ୍ୟକତା ନ ଥିବା ଅନୁଭବ କରିଥିଲେ। ହାଭିଅସ୍ କର୍ପସ୍ ପିଟିଶନ ମାଡ୍ରାସ ହାଇକୋର୍ଟରେ ଦାଏର ହୋଇଥିଲା ବେଳେ ସୁପ୍ରିମକୋର୍ଟ ଏହାକୁ ବିଚାର ପାଇଁ ନିଜ ଅଧୀନକୁ ନେଇଥିଲେ।

## ଅନ୍ୟ ବିବାଦରୁ ଧ୍ୟାନ ହଟାଇବା ପାଇଁ ନିଜ୍ଜାର ହତ୍ୟା ପ୍ରସଙ୍ଗ ଉଠାଉଛନ୍ତି ଟ୍ରୁଡୋ

ଓଟ୍ଟାୱା,୧୮।୧୦

କାନାଡା ବିରୋଧୀ ଦଳ ନେତାଙ୍କ ଅଭିଯୋଗ


ଜଷ୍ଟିନ୍ ଟ୍ରୁଡୋ

କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଅନ୍ୟାନ୍ୟ ବିବାଦରୁ ଧ୍ୟାନ ହଟାଇବା ପାଇଁ ଖଲିସ୍ତାନୀ ନେତା ହରଦୀପ ସିଂ ନିଜ୍ଜାର ହତ୍ୟା ମାମଲାକୁ ବ୍ୟବହାର କରୁଥିବା ସେଠାର ବିରୋଧୀ ଦଳ ନେତା ଅଭିଯୋଗ କରିଛନ୍ତି। ଖଲିସ୍ତାନୀ ଆତଙ୍କବାଦୀଙ୍କ ନାଗରିକତ୍ୱ ମରଣୋତ୍ତର ଭାବେ ସରକାର ପ୍ରତ୍ୟାହାର କରିନେବା ପାଇଁ ପିପୁଲ୍ସ ପାର୍ଟି ଅଫ୍ କାନାଡାର ନେତା ମାକ୍ସିମ୍ ବର୍ନିଏର ଆହ୍ୱାନ ଦେଇଛନ୍ତି। ପୂରା ବିବାଦର କେନ୍ଦ୍ରବିନ୍ଦୁ ସାଜିଥିବା ନିଜ୍ଜାର ଜଣେ ବିଦେଶୀ ଆତଙ୍କବାଦୀ, ଯାହାଙ୍କୁ ୨୦୦୭ରେ ନାଗରିକତ୍ୱ ପ୍ରଦାନ କରାଯାଇଥିଲା। ଗତବର୍ଷ ଜୁନ୍‌ରେ ତାଙ୍କୁ ହତ୍ୟା କରାଯିବାରେ ଭାରତର ଉଚ୍ଚାୟୁକ୍ତ ଓ ଅନ୍ୟ ୫ ଜଣ କୂଟନୀତିଜ୍ଞ ସମ୍ପୃକ୍ତ ଥିବା ଗତ ସୋମବାର କାନାଡା ପୋଲିସ କହିଥିଲା। ହତ୍ୟାକାଣ୍ଡରେ ଭାରତୀୟ କୂଟନୀତିଜ୍ଞମାନେ ସମ୍ପୃକ୍ତ ଥିବା ନେଇ କାନାଡା ସରକାର ଏବଂ ପୋଲିସର ଅଭିଯୋଗ ଯଦି ସତ୍ୟ ହୋଇଥାଏ, ତାହା ଅତ୍ୟନ୍ତ ଗମ୍ଭୀର ମାମଲା। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ବର୍ନିଏର କହିଛନ୍ତି। ନିଜ୍ଜାର ଜାଲ୍ କାଗଜପତ୍ର ଜରିଆରେ କାନାଡାରେ ଶରଣ ନେବା ପାଇଁ ୧୯୯୭ରୁ ଏକାଧିକ ଥର ଆବେଦନ କରିଥିଲେ ମଧ୍ୟ ତାହା ଅଗ୍ରାହ୍ୟ ହୋଇଯାଇଥିଲା ଏବଂ ତାଙ୍କୁ ଦେଶରେ ରହିବାକୁ ଅନୁମତି ଦିଆଯାଇ ନ ଥିଲା। ୨୦୦୭ରେ ସେ କୌଣସି ପ୍ରକାରେ ନାଗରିକତ୍ୱ ପାଇଯାଇଥିଲେ। ନିଜ୍ଜାର କାନାଡୀୟ ହୋଇ ନ ଥିବାରୁ ପୂର୍ବ ସରକାରଙ୍କ ତ୍ରୁଟି ସୁଧାରିବା ପାଇଁ ମରଣୋତ୍ତର ଭାବେ ତାଙ୍କ ନାଗରିକତ୍ୱ ପ୍ରତ୍ୟାହାର କରାଯିବା ଆବଶ୍ୟକ ବୋଲି ବିରୋଧୀ ଦଳ ନେତା କହିଛନ୍ତି।

## ପନ୍ନୁ ହତ୍ୟା ଉଦ୍ୟମରେ ବିକାଶ ଯାଦବ ଅଭିଯୁକ୍ତ: ଆମେରିକା

ନୂଆଦିଲ୍ଲୀ,୧୮।୧୦



ଖଲିସ୍ତାନୀ ନେତା ଗୁରପତୱନ୍ତ ସିଂ ପନ୍ନୁଙ୍କୁ ହତ୍ୟା ଉଦ୍ୟମ ମାମଲାରେ ସମ୍ପୃକ୍ତ ବ୍ୟକ୍ତି ଭାରତୀୟ ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍‌ର ପୂର୍ବତନ ଅଧିକାରୀ ବିକାଶ ଯାଦବ ବୋଲି ଆମେରିକା ଆନୁଷ୍ଠାନିକ ଭାବେ ଘୋଷଣା କରିଛି। ପୂର୍ବରୁ ସିସି୧ ଭାବେ ଦର୍ଶାଯାଉଥିବା ବ୍ୟକ୍ତି ଯାଦବ ବୋଲି ଆମେରିକା ନ୍ୟାୟ ବିଭାଗ ଘୋଷଣା କରିବା ସହ ତାଙ୍କ ବିରୋଧରେ ହତ୍ୟା ପାଇଁ ସୁପାରି ନେବା ଏବଂ ମନିଲଣ୍ଡରିଂ ମାମଲା ରୁଜୁ ହୋଇଥିବା କହିଛି। ନ୍ୟୁୟର୍କର ସଦର୍ନ ଡିଷ୍ଟ୍ରିକ୍ଟ କୋର୍ଟରେ ଦାଏର ୧୮ ପୃଷ୍ଠାର ଅଭିଯୋଗ ଫର୍ଦ୍ଦରେ ୩୯ ବର୍ଷୀୟ ଯାଦବ ଭାରତ ସରକାରଙ୍କ ଜଣେ କର୍ମଚାରୀ ବୋଲି ଉଲ୍ଲେଖ ରହିଛି। ତେବେ ଗତ ବୁଧବାର ଭାରତୀୟ ତଦନ୍ତକାରୀ ଟିମ୍ ଆମେରିକା ତଦନ୍ତ କମିଟିକୁ ଭେଟି ଯାଦବ ଭାରତ ସରକାରଙ୍କ ଅଧୀନରେ ଚାକିରିରେ ନ ଥିଲେ ବୋଲି ଜଣାଇଥିଲା।

ଆମେରିକା ନ୍ୟାୟ ବିଭାଗ ଯାଦବଙ୍କ ଫଟୋ ଜାରି କରିଛି, ଯେଉଁଥିରେ ସେ ସିଆର୍‌ପିଏଫ୍ ପୋଷାକରେ ଥିବା ଦେଖାଯାଇଛି। ସିଆର୍‌ପିଏଫରୁ ସେ କ୍ୟାବିନେଟ ସଚିବାଳୟକୁ ଡେପୁଟେଶନରେ ଯାଇଥିଲେ, ଯେଉଁଠାରେ ର’ କାର୍ଯ୍ୟାଳୟ ରହିଛି। ଏହା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଂଶବିଶେଷ ବୋଲି ଅଭିଯୋଗ ଫର୍ଦ୍ଦରେ ଉଲ୍ଲେଖ ରହିଛି। ଯାଦବ ନିଜକୁ ସୁରକ୍ଷା ପରିଚାଳନା ଓ ଗୋଇନ୍ଦା ଦାୟିତ୍ୱରେ ଥିବା ବରିଷ୍ଠ ଫିଲ୍ଡ ଅଫିସର ବୋଲି ଦର୍ଶାଇଥିଲେ। ପନ୍ନୁଙ୍କୁ ହତ୍ୟା ଯୋଜନା ପାଇଁ ଭାରତରୁ ତାଙ୍କୁ ନିର୍ଦ୍ଦେଶ ମିଳିଥିଲା। ସେ ବିକାଶ ଏବଂ ଅମାନତ ନାମରେ କାର୍ଯ୍ୟ କରୁଥିଲେ। ପନ୍ନୁ ହତ୍ୟା ଷଡ଼ଯନ୍ତ୍ରରେ ଜଡ଼ିତ ଅନ୍ୟତମ ବ୍ୟକ୍ତି ନିଖିଲ ଗୁପ୍ତାଙ୍କୁ ପୂର୍ବରୁ ଅଭିଯୁକ୍ତ କରାଯିବା ସହ ତାଙ୍କୁ ଚେକ୍ ଗଣରାଜ୍ୟରୁ ପ୍ରତ୍ୟର୍ପଣ କରାଇ ଆମେରିକା ଅଣାଯାଇଥିଲା। ଗୁପ୍ତା ଜେରା ବେଳେ ବାରମ୍ବାର ସ୍ୱୀକାର କରିଛନ୍ତି ଯେ, ତାଙ୍କ ସହଷଡ଼ଯନ୍ତ୍ରକାରୀମାନଙ୍କୁ ହତ୍ୟା ଉଦ୍ୟମ ପାଇଁ ଭାରତରୁ ନିର୍ଦ୍ଦେଶ ଆସୁଥିଲା। ଏହି ଯୋଜନା ଉପରେ ଭାରତ ତୀକ୍ଷ୍ଣ ନଜର ରଖିବା ସହ ଆବଶ୍ୟକ ସମ୍ବଳ ଯୋଗାଇଥିଲା। ଅଭିଯୋଗ ଫର୍ଦ୍ଦରେ ୨୦୨୩ ଜୁନ୍ ୧୨ର ଭିଡିଓ କଲ୍‌କୁ ଦର୍ଶାଯାଇଛି। ଏକ କନ୍‌ଫରେନ୍ସ ରୁମ୍‌ରୁ ଗୁପ୍ତା ଜଣେ ହିଟ୍‌ମ୍ୟାନ୍‌ଙ୍କୁ ଏହି ଭିଡିଓ କଲ୍ କରିଥିଲେ। ଗୁପ୍ତା ସେହି ସମୟରେ କ୍ୟାମେରାକୁ ଉକ୍ତ ରୁମ୍‌ରେ ବ୍ୟବସାୟୀ ପୋଷାକରେ ଥିବା ୩ ଜଣଙ୍କ ଆଡ଼କୁ ରଖିଥିଲେ। ପରେ ସେ କ୍ୟାମେରା ନିଜ ଆଡ଼କୁ ବୁଲାଇ ଆମେ ସମସ୍ତେ ତୁମ ସହଯୋଗ ଚାହୁଁଛୁ ବୋଲି କହିଥିଲେ। ଅଭିଯୋଗ ଫର୍ଦ୍ଦରେ ନିଖିଲ ଗୁପ୍ତାଙ୍କ ଆପରାଧିକ ସହଯୋଗୀଙ୍କୁ ସିଏସ୍ ଏବଂ ତାଙ୍କ ଦ୍ୱାରା ଗୁପ୍ତାଙ୍କ ସହ ଯୋଗାଯୋଗ କରାଯାଇଥିବା ବ୍ୟକ୍ତିଙ୍କୁ ୟୁସି ଭାବେ ଦର୍ଶାଯାଇଛି।




# ବିଚାରାଧୀନ କଏଦୀଙ୍କୁ ପିଟି ହତ୍ୟା

## ଅଭିଯୋଗ ଆଣିଲେ ମୃତକଙ୍କ ସ୍ତ୍ରୀ

ଭୁବନେଶ୍ୱର,୧୮।୧୦
(ସୂର୍ଯ୍ୟକାନ୍ତ ବେହେରା)

ଝାରପଡା ଜେଲରେ ଶୁକ୍ରବାର ଜଣେ ବିଚାରାଧୀନ କଏଦୀଙ୍କର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଭୁବନେଶ୍ୱର ମୈତ୍ରୀବିହାର ଥାନା ଅଞ୍ଚଳରେ ରହୁଥିବା ନୟାଗଡ ଦଶପଲ୍ଲା ଅଞ୍ଚଳର ବିଦ୍ୟାଧର ଗୁରୁ(୪୮)। ବିଦ୍ୟାଧରଙ୍କର କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଲା ତାହାର ପ୍ରକୃତ କାରଣ ଜଣାପଡି ନ ଥିଲେ ମଧ୍ୟ ତାଙ୍କୁ ପିଟି ପିଟି ମାରିଦିଆଯାଇଥିବା ନେଇ ସ୍ତ୍ରୀ ଓ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ବିଦ୍ୟାଧରଙ୍କ ମୁଣ୍ଡର ପଛ ପାର୍ଶ୍ୱ ଓ ଶରୀରର କିଛି ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ସନ୍ଦେହ ଆହୁରି ଦୃଢ଼ୀଭୂତ ହୋଇଛି। ତେବେ ଏ ସଂକ୍ରାନ୍ତରେ ଜେଲର ପ୍ରସନ୍ନ ସାହୁ କହିଛନ୍ତି, ସକାଳ ୯ଟା ୩୦ରେ ବିଦ୍ୟାଧର ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହାପରେ ବିଦ୍ୟାଧର ଜେଲରେ ଥିବା ତାଙ୍କ ଅଞ୍ଚଳର ଆଉଜଣେ କଏଦୀଙ୍କୁ ଏ ବିଷୟରେ କହିଥିଲେ। ତାଙ୍କଠାରୁ ସୂଚନା ପାଇ ସଙ୍ଗେ ସଙ୍ଗେ ଦିନ ପ୍ରାୟ ୧୦ଟାରେ ବିଦ୍ୟାଧରଙ୍କୁ ଆମ୍ବୁଲାନ୍ସରେ ଝାରପଡା ଜେଲରୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲୁ। ମାତ୍ର ସେଠାରେ ଚିକିତ୍ସା ପୂର୍ବରୁ ବିଦ୍ୟାଧରଙ୍କ ମୃତ୍ୟୁ ଘଟିଥିବା ଜେଲର ସାହୁ କହିଛନ୍ତି। ତେବେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ପଞ୍ଚନାମା କରାଯିବା ସହ ତାହାର ଭିଡିଓଗ୍ରାଫି କରାଯାଇଛି। ଶନିବାର ବିଦ୍ୟାଧରଙ୍କ ବ୍ୟବଚ୍ଛେଦ


ବିଦ୍ୟାଧର ଗୁରୁ

କରାଯିବ ବୋଲି ସୂଚନା ମିଳିଛି।

ସୂଚନାନୁସାରେ, ଭୁବନେଶ୍ୱରର ଅବକାରୀ ମୋବାଇଲ ୟୁନିଟ୍ ବିଦ୍ୟାଧରଙ୍କୁ ଏକ ଏନଡିପିଏସ୍ ମାମଲାରେ ଗିରଫ କରି ଅକ୍ଟୋବର ୫ରେ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ଝାରପଡାସ୍ଥିତ ଜେଲକୁ ପଠାଇ ଦିଆଯାଇଥିଲା। ସେଠାରେ ବିଦ୍ୟାଧର ବିଚାରାଧୀନ କଏଦୀ ଭାବେ ରହୁଥିଲେ। ଶୁକ୍ରବାର ସକାଳେ ବିଦ୍ୟାଧରଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପରିବାର ଲୋକଙ୍କୁ ଜଣାଇ ଦିଆଯାଇଥିଲା। ବିଦ୍ୟାଧରଙ୍କ ସ୍ତ୍ରୀ ଝୁନୁ ଗୁରୁଙ୍କୁ ହସ୍ପିଟାଲ ଆସିବାକୁ କୁହାଯାଇଥିଲା। ଝୁନୁ ସମ୍ପର୍କୀୟଙ୍କ ସହ ହସ୍ପିଟାଲରେ ପହଞ୍ଚିବା ପରେ ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣିଥିଲେ। ହେଲେ ମୃତଦେହକୁ ପରିବାର ଲୋକେ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବିଦ୍ୟାଧରଙ୍କ ମୁଣ୍ଡର ପଛ ପାର୍ଶ୍ୱ ଓ ଶରୀରର କିଛି ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଜେଲ ଭିତରେ ସ୍ୱାମୀଙ୍କୁ ପିଟି ମାରିଦିଆଯାଇଥିବା ସ୍ତ୍ରୀ ଝୁନୁ ଗୁରୁତର ଅଭିଯୋଗ ଆଣିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

### ଭରତପୁର ଥାନାରେ ନିର୍ଯାତନା ଘଟଣା

# ନିଲମ୍ବିତ ୪ ପୋଲିସ କର୍ମଚାରୀଙ୍କୁ ମିଳିଲାନି ଅନ୍ତରୀଣ ସୁରକ୍ଷା

କଟକ,୧୮।୧୦(କାର୍ତ୍ତିକ ସାହୁ)

ଭୁବନେଶ୍ୱର ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ପୋଲିସ ନିର୍ଯାତନା ଘଟଣାରେ ନିଲମ୍ବିତ ପୋଲିସ କର୍ମଚାରୀଙ୍କୁ ହାଇକୋର୍ଟରୁ ଅନ୍ତରୀଣ ଜାମିନ ମିଳିଲାନି। ଭରତପୁର ଥାନାର ତତ୍କାଳୀନ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ଜାମିନ ଆବେଦନର ଶୁଣାଣି ହୋଇନାହିଁ। ଅପରପକ୍ଷରେ ସବ୍‌ଇନ୍ସପେକ୍ଟର ବୈଶାଳିନୀ ପଣ୍ଡା, ଏଏସ୍‌ଆଇ ସଲିଳମୟୀ ସାହୁ, ସାଗରିକା ରଥ ଓ କନ୍‌ଷ୍ଟେବଲ ବଳରାମ ହାସଁଦାଙ୍କ ଜାମିନ ଆବେଦନର ଶୁଣାଣି ଶୁକ୍ରବାର ଅବକାଶକାଳୀନ ଅଦାଲତରେ ହୋଇଛି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ମାମଲାର ଶୁଣାଣି କରି ତଦନ୍ତ ସ୍ଥିତି ରିପୋର୍ଟ ଓ କେସ୍ ଡାଏରି ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ପ୍ରକାଶ ଯେ, ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ପୋଲିସ ନିର୍ଯାତନା ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଯେକୌଣସି ସମୟରେ ନିଲମ୍ବିତ ପୋଲିସ କର୍ମଚାରୀଙ୍କୁ ଗିରଫ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏଥିପାଇଁ ଦୀନକୃଷ୍ଣ ମିଶ୍ରଙ୍କ ସମେତ ୫ ନିଲମ୍ବିତ ପୋଲିସ କର୍ମଚାରୀ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମାନସ ଚାନ୍ଦ ମାମଲା ପରିଚାଳନା କରୁଛନ୍ତି।

# ତଦନ୍ତ କମିଶନଙ୍କ ଅଧ୍ୟକ୍ଷତାରେ ବସିଲା ଦ୍ୱିତୀୟ ବୈଠକ

ଭୁବନେଶ୍ୱର,୧୮।୧୦
(ସତ୍ୟଜିତ୍ ରାଉତ)

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ କ୍ରାଇମବ୍ରାଞ୍ଚ ଓ ବିଚାର ବିଭାଗୀୟ ତଦନ୍ତ ଜାରି ରହିଛି। ଏହିକ୍ରମରେ ତଦନ୍ତ କମିଶନ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଭୁବନେଶ୍ୱର ସର୍କିଟ୍ ହାଉସରେ ଦ୍ୱିତୀୟ ବୈଠକ ବସିଥିଲା। ଏଥିରେ ଗୃହ ବିଭାଗ ସଚିବ ସତ୍ୟବ୍ରତ ସାହୁ, ସ୍ୱତନ୍ତ୍ର ସଚିବ ରାଧାକୃଷ୍ଣ ଶର୍ମା, କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ରଙ୍କ ସମେତ ଦୁଇ ତଦନ୍ତ ଅଧିକାରୀ ଡିଏସ୍‌ପି ନିଳିମା ପଣ୍ଡା ଓ ନରେନ୍ଦ୍ର କୁମାର ବେହେରା ମଧ୍ୟ ଉପସ୍ଥିତ ଥିଲେ। ତେବେ କ୍ରାଇମବ୍ରାଞ୍ଚ ଏହି ଘଟଣାରେ ତଦନ୍ତ ଜାରି ରଖିଥିବା ବେଳେ ତଦନ୍ତର ବିଭିନ୍ନ ଦିଗ ସଂକ୍ରାନ୍ତରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ରୁଜୁ ହୋଇଥିବା ଦୁଇଟି ମାମଲାର ତଦନ୍ତରେ ଅଗ୍ରଗତି ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ପକ୍ଷରୁ କମିଶନଙ୍କୁ ଅବଗତ କରାଯାଇଥିଲା। ତେବେ ସତ୍ୟପାଠ ଦାଖଲର ଶେଷ ତାରିଖ ଅକ୍ଟୋବର ୨୭ ରହିଛି। ସତ୍ୟପାଠ ଦାଖଲ ସରିବା ପରେ ସେଗୁଡ଼ିକୁ ଯାଞ୍ଚ କରାଯିବ। ପରେ ସତ୍ୟପାଠ ଦାଖଲ କରିଥିବା ବ୍ୟକ୍ତିମାନଙ୍କୁ ସମନ୍ କରାଯାଇ ପଚରାଉଚରା କରାଯିବ ବୋଲି କମିଶନଙ୍କ ସଚିବ ଅବସରପ୍ରାପ୍ତ ଜିଲାଜଜ୍ ଶୁଭେନ୍ଦ୍ର ମହାନ୍ତି କହିଛନ୍ତି। ଅପରପକ୍ଷରେ ଗୁଜରାଟ ଗାନ୍ଧୀନଗରସ୍ଥିତ ଷ୍ଟେଟ୍ ଫୋରେନ୍‌ସିକ ସାଇନ୍ସ ଲାବରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)ରେ ୫ ପୋଲିସ ଅଧିକାରୀଙ୍କ ମିଛଧରା ପରୀକ୍ଷା ଶେଷ ହୋଇଥିବାବେଳେ ଏହାର ରିପୋର୍ଟକୁ ଅପେକ୍ଷା କରାଯାଇଛି। ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ପଲିଗ୍ରାଫ ଟେଷ୍ଟ, ନାର୍କୋ–ଆନାଲିସିସ୍ ଓ ବ୍ରେନ୍ ଫିଙ୍ଗର ପ୍ରିଣ୍ଟିଙ୍ଗ୍ ଟେଷ୍ଟ କରାଯାଇଥିବାବେଳେ ଅନ୍ୟ ୪ ପୋଲିସ ଅଧିକାରୀଙ୍କର କେବଳ ପଲିଗ୍ରାଫ୍ ଟେଷ୍ଟ ହୋଇଛି। ଏସବୁର ରିପୋର୍ଟ ଶୀଘ୍ର ଦେବାକୁ ଗୁଜରାଟ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ଅନୁରୋଧ କରିବୁ ବୋଲି ଏଡିଜି ବିନୟତୋଷ ମିଶ୍ର କହିଛନ୍ତି।

# ଚଳିତ ଆର୍ଥିକ ବର୍ଷ ସୁଦ୍ଧା ଆୟୁଷ୍ମାନ୍ ଯୋଜନା: ସ୍ୱାସ୍ଥ୍ୟମନ୍ତ୍ରୀ

## ସାମିଲ ହେବେ ୩ କୋଟି

ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)

ଚଳିତ ଆର୍ଥିକ ବର୍ଷ ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁହେବ। ରାଜ୍ୟର ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଓ ଆୟୁଷ୍ମାନ୍ ଭାରତ ଯୋଜନା ପାଇଁ ମିଳିତ ଭାବେ ଗୋଟିଏ କାର୍ଡ ଜାରି ହେବ। ଉଭୟ ଯୋଜନା ଅଧୀନରେ ରାଜ୍ୟର ସାଢ଼େ ୩ କୋଟି ଲୋକଙ୍କୁ ଏହି କାର୍ଡ ମିଳିବ। ଏହାଦ୍ୱାରା ରାଜ୍ୟବାସୀଙ୍କୁ ସାମାଜିକ ନିରାପତ୍ତା ମିଳିପାରିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ନୂଆ ସରକାର ମଧ୍ୟ ଆମ ରାଜ୍ୟରେ ଏହି ଆୟୁଷ୍ମାନ ଭାରତ ଯୋଜନା ଲାଗୁ ପାଇଁ ଘୋଷଣା କରିସାରିଛନ୍ତି। ରାଜ୍ୟରେ କେନ୍ଦ୍ରର ଆୟୁଷ୍ମାନ ଭାରତ ଯୋଜନା ଓ ରାଜ୍ୟର ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ମିଳିତ ଭାବେ ଏକ କାର୍ଡ ଖୁବ୍‌ଶୀଘ୍ର ଜାରି ହେବ। ଆକଳନ ଅନୁସାରେ ଉଭୟ ଯୋଜନା ଅଧୀନରେ ରାଜ୍ୟର ସାଢ଼େ ୩ କୋଟି ଲୋକଙ୍କୁ ଏହି କାର୍ଡ ମିଳିବ।


ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ସାମାଜିକ ନିରାପତ୍ତା ପାଇଁ ପ୍ରଧାନମନ୍ତ୍ରୀ ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଆମ ରାଜ୍ୟର ୭୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ମଧ୍ୟ ଏହି କାର୍ଡରେ ସ୍ୱାସ୍ଥ୍ୟବୀମାର ସୁବିଧା ପାଇବେ। ଏହାସହ ଏବେ ରାଶନ କାର୍ଡ ଇ–କେୱାଇସି ଚାଲିଛି। ଏହା ସରିବା ପରେ ରାଜ୍ୟର କେତେ ସଂଖ୍ୟକ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଏହି ସ୍ୱାସ୍ଥ୍ୟବୀମା ଯୋଜନାରେ ଉପକୃତ ହେବେ ତାହା ସ୍ପଷ୍ଟହେବ। ପୂର୍ବର ବିଏସ୍‌କେୱାଇ ଯୋଜନାରେ ମାତ୍ର ୯୫୭ଟି ହସ୍ପିଟାଲରେ ରାଜ୍ୟର ଲୋକଙ୍କୁ ସ୍ୱାସ୍ଥ୍ୟବୀମାର ସୁବିଧା ମିଳୁଥିବା ବେଳେ ଏଣିକି ଦେଶସାରା ୨୭ ହଜାରରୁ ଅଧିକ ଅନୁବନ୍ଧିତ ହସ୍ପିଟାଲରେ ଓଡ଼ିଶାର ଲୋକେ ସେବା ପାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

# ମଣ୍ଡିରୁ ଧାନ କିଣିପାରିବେନି ମିଲର: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୧୮।୧୦(ଅନିଲ ଦାସ)

ଚଳିତ ଥର ମିଲରମାନେ ମଣ୍ଡିରୁ ଧାନ କିଣିପାରିବେନି। କେନ୍ଦ୍ରୀୟ ସଂସ୍ଥା କିମ୍ବା ସମବାୟ ସଂସ୍ଥା ମଣ୍ଡିରୁ ଧାନ କିଣିବେ। ଧାନ କ୍ରୟ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ଏଥର ବିଶେଷ ବ୍ୟବସ୍ଥା କରାଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ପ୍ରତି ମଣ୍ଡି ଦାୟିତ୍ୱରେ ଜଣେ ଜଣେ ଅଫିସର ରହିବେ। ୪/୫ଟି ମଣ୍ଡି ଦାୟିତ୍ୱରେ ଜଣେ ଜଣେ ସୁପରଭାଇଜର ରହିବେ।

ଜିଲା ଦାୟିତ୍ୱରେ ଜିଲାପାଳ ଏବଂ ଜଣେ ମନ୍ତ୍ରୀ ୨ଟି ଜିଲା ଦାୟିତ୍ୱ ନେବେ। ଏଥିସହ ମିଲରମାନଙ୍କୁ ଟାର୍ଗେଟ ଦିଆଯିବ। ସେମାନେ କେବଳ ମିଲିଂ କରିବେ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି। ଚଳିତ ବର୍ଷ ରାଜ୍ୟ ସରକାର ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବେ। ଧାନକିଣା ବେଳେ ପଡ଼ୋଶୀ ରାଜ୍ୟକୁ ଲାଗିଥିବା ରାସ୍ତାଗୁଡ଼ିକୁ ସିଲ୍ କରାଯିବ। ମନ୍ତ୍ରୀମାନେ ଜିଲା ଦାୟିତ୍ୱରେ ରହିବେ। କଟନୀଛଟନୀ ବନ୍ଦ କରିବାକୁ ଧାନର ମାନ ଥରେ ମାତ୍ର ଯାଞ୍ଚ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଟୋକନ୍ ସମୟସୀମା ଜିଲାପାଳମାନେ ଚାହିଁଲେ ବଢ଼ାଇ ପାରିବେ। ସେଥିପାଇଁ ଜିଲାପାଳଙ୍କୁ ଅଧିକୃତ କ୍ଷମତା ଦିଆଯିବ। ରାଜ୍ୟ ସରକାରଙ୍କ ପାଖକୁ ପ୍ରସ୍ତାବ ପଠାଇବେ ନାହିଁ। ମଣ୍ଡିଗୁଡ଼ିକର ଆଧୁନିକୀକରଣ ପାଇଁ ରାଜ୍ୟ ସରକାର ୫୫୦ କୋଟି ଖର୍ଚ୍ଚ କରିବେ।

# ଟ୍ରକ୍‌ରେ ଲାଗିବ ଭେହିକଲ ଲୋକେଶନ ଟ୍ରାକିଂ ଡିଭାଇସ୍


ବୈଠକରେ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ସମେତ ଅନ୍ୟମାନେ।

## ଧାନ କିଣାରେ ବ୍ୟବସ୍ଥିତ ପରିବହନ ପାଇଁ ଟ୍ରକ୍ ମାଲିକ ସଂଘ ସହ ଆଲୋଚନା

କଟକ,୧୮।୧୦ (କାର୍ତ୍ତିକ ସାହୁ)

ଚଳିତ ଖରିଫ ଋତୁ ପାଇଁ ରାଜ୍ୟରେ ୮୬ ଲକ୍ଷ ଟନ୍ ଧାନ କିଣାଯିବାକୁ ଲକ୍ଷ୍ୟ ରହିଛି। ଧାନ କିଣା ପ୍ରକ୍ରିୟାରେ ପରିବହନ ବ୍ୟବସ୍ଥାକୁ ସୁସଙ୍ଗଠିତ କରିବା ତଥା ମଣ୍ଡିରେ ଲୋଡିଂ ଓ ମିଲ୍‌ରେ ଅନ୍‌ଲୋଡିଂବେଳେ ହେଉଥିବା ଅହେତୁକ ବିଳମ୍ବରେ ସୁଧାର ଆଣିବାକୁ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁର ଗୁରୁତ୍ୱାରୋପ କରିଛନ୍ତି। ଆସନ୍ତା ନଭେମ୍ବର ୧୫ ସୁଦ୍ଧା ଟ୍ରକରେ ଭେହିକଲ ଲୋକେଶନ ଟ୍ରାକିଂ ଡିଭାଇସ ଲଗାଇବାକୁ ଆୟୁକ୍ତ ଟ୍ରକ ମାଲିକମାନଙ୍କୁ ପରାମର୍ଶ ଦେଇଛନ୍ତି।

ଧାନ କିଣା ପ୍ରକ୍ରିୟାରେ ପରିବହନ ବ୍ୟବସ୍ଥାକୁ ସୁସଙ୍ଗଠିତ କରିବା ଦିଗରେ ରାଜ୍ୟ ପରିବହନ ଆୟୁକ୍ତ ଠାକୁର ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ, ଟ୍ରକ ମାଲିକ ସଂଘ ଏବଂ ପରିବହନ ଠିକାଦାରଙ୍କ ସହ କଟକସ୍ଥିତ ରାଜ୍ୟ ପରିବହନ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ଆଲୋଚନା କରିଛନ୍ତି। ନଭେମ୍ବର ଶେଷ ଭାଗରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବାବେଳେ ଟ୍ରକ ମାଲିକ, ଠିକାଦାରମାନେ ଯେପରି ସୁରୁଖୁରୁରେ ଧାନ ପରିବହନ କରିବେ ସେ ଦିଗରେ ରାଜ୍ୟ ପରିବହନ ଆୟୁକ୍ତ ଠାକୁର କେତେକ ପ୍ରସ୍ତାବ ଦେଇଛନ୍ତି। ଧାନ ପରିବହନ ପାଇଁ ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଟେଣ୍ଡର ଜାରି କରିବ। ଏହି ପ୍ରକ୍ରିୟାରେ ଅଧିକରୁ ଅଧିକ ଟ୍ରକ ମାଲିକ ସାମିଲ ହେବା ନେଇ ଆଗୁଆ ପଦକ୍ଷେପ ନେବାକୁ ଠାକୁର କହିଛନ୍ତି। ଧାନ ପରିବହନରେ ଟ୍ରକ ମାଲିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ବୈଠକରେ ଆଲୋଚନା ହୋଇଛି। ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ମୁଖ୍ୟ ପରିଚାଳକ ସୁଧାକର ସାହୁ ଟେଣ୍ଡର ଆବେଦନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଧାନ କିଣାରେ କଟ୍‌ନିଛଟ୍‌ନି ବାଦ୍ ଦେବାକୁ ମିଲରଙ୍କ ପ୍ରତିନିଧି ମଣ୍ଡିରେ ରହିବେ ଓ ଧାନ ଲୋଡିଂ କରାଇବେ। ଟ୍ରକରେ ଯେପରି ପାଲ ପଡ଼ିବ ତଥା ଲୋଡିଂ ପରେ ସିଲ୍ ହେବ ତାହା ସୁନିଶ୍ଚିତ କରିବେ ବୋଲି ପରିବହନ ଆୟୁକ୍ତ ଠାକୁର କହିଛନ୍ତି। ଟ୍ରକରେ ଭେହିକଲ ଲୋକେଶନ ଟ୍ରାକିଂ ଡିଭାଇସ ଲଗାଇଲେ ଅନ୍‌ଲୋଡିଂରେ ହେଉଥିବା ବିଳମ୍ବର ସମାଧାନ ହୋଇପାରିବ। ଇଏମ୍‌ଡି ଅନୁପାତ ୩ ପ୍ରତିଶତ କରିବା, ଯୋଗ୍ୟତା ପାଇଁ ପରିବହନ ଅଭିଜ୍ଞତା କମ୍ ରଖିବା ଆଦି ଟେଣ୍ଡରଧାରାକୁ କୋହଳ କିମ୍ବା ସଂଶୋଧନ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ନିଗମକୁ ଆୟୁକ୍ତ ଠାକୁର ପ୍ରସ୍ତାବ ଦେଇଛନ୍ତି। ଏହି ବୈଠକରେ ଓଡ଼ିଶା ଟ୍ରକ ମାଲିକ ଫେଡେରେଶନର ସାଧାରଣ ସମ୍ପାଦକ ରବି ଶତପଥୀ, ଓଡ଼ିଶା ଟ୍ରକ ମାଲିକ ସଂଘ ସଭାପତି ଶରତ ଚନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟ ପରିବହନ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଓ ପରିବହନ ଠିକାଦାରମାନେ ଉପସ୍ଥିତ ଥିଲେ।

DHARITRI YOUTH CONCLAVE 2024
CLIMATE CHANGE : BUILDING RESILIENCE
ଧରିତ୍ରୀ 50 Years

DHARITRI
YOUTH
CONCLAVE 2024
CLIMATE CHANGE : BUILDING RESILIENCE

ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ

ସ୍ଥାନୀୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ଓତପ୍ରୋତ ଭାବେ ଜଡ଼ିତ ରହି କାର୍ଯ୍ୟ କରୁଥିବା ଓଡ଼ିଶାର ଯୁବପିଢ଼ି ଏବଂ ସଂଗଠନଗୁଡ଼ିକଠାରୁ ଆବେଦନପତ୍ର ଆହ୍ୱାନ କରାଯାଉଛି ।

ଆପଣ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଥିବା ସମ୍ପର୍କରେ (୨୫୦ରୁ ୩୫୦ ଶବ୍ଦ ମଧ୍ୟରେ) ଏକ ସରଳ ବିବରଣୀ ଆମ ପାଖକୁ ପଠାନ୍ତୁ । ଏଥିସହ ୪ଟି ହାଇ ରିଜୋଲ୍ୟୁଶନ ଫଟୋ ଏବଂ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ନିଜ ପଦକ୍ଷେପର ଗୋଟିଏ ଭିଡିଓ ମଧ୍ୟ ପଠାନ୍ତୁ, ଯାହାଦ୍ୱାରା ଆପଣମାନେ 'ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟରେ' ବିଜୟୀ ହେବାର ସୁଯୋଗ ପାଇବେ।

ଅନୁରୂପ ପ୍ରକ୍ରିୟା ଅନୁସରଣ କରି ଆପଣ ଅନ୍ୟଜଣଙ୍କୁ ମଧ୍ୟ ମନୋନୀତ କରିପାରିବେ । ମନୋନୀତ ବ୍ୟକ୍ତି କିମ୍ବା ସଂଗଠନକୁ ପ୍ରୋତ୍ସାହନ ସ୍ୱରୂପ ଆସନ୍ତା ନଭେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା **'ଧରିତ୍ରୀ ୟୁଥ୍ କନ୍‌କ୍ଲେଭ—୨୦୨୪'**ରେ ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ ପୁରସ୍କାର ପ୍ରଦାନ କରାଯିବ। ଏହି ସ୍ୱୀକୃତି ଯୁବ ପରିବେଶବିତ୍‌ଙ୍କୁ ପରିବେଶ ଏବଂ ଜଳବାୟୁ ସୁରକ୍ଷା ଦିଗରେ ଅଧିକ ଅଗ୍ରସର କରାଇବ।

ମନୋନୀତ ଯୁବ ପରିବେଶବିତ୍ ଏବଂ ସଂଗଠନକୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭରେ ଯୁବ ପରିବେଶ ଯୋଦ୍ଧା ଏବଂ ବିଶେଷଜ୍ଞମାନଙ୍କ ସହ ଆଲୋଚନାରେ ଭାଗ ନେବାକୁ ନିମନ୍ତ୍ରଣ କରାଯିବ।

ଆବେଦନର ଶେଷ ତାରିଖ : ୩୧ ଅକ୍ଟୋବର ୨୦୨୪
ଦୟାକରି ନିଜ ବିବରଣୀ
dharitriyouthconclave@gmail.com କୁ ପଠାନ୍ତୁ
ଅଧିକ ଜାଣିବା ପାଇଁ
www.dharitriyouthconclave.com କୁ ଦେଖନ୍ତୁ

 କ୍ଲାଇମେଟ ଗ୍ରାଣ୍ଟ ଆୱାର୍ଡ ତାରିଖ : ୨୪ ନଭେମ୍ବର ୨୦୨୪

APPLY NOW
https://tinyurl.com/38xd8xnz

**ଆଜିର ମନ୍ତବ୍ୟ**

ଭାରତର ପଡ଼ୋଶୀ ଦେଶଗୁଡ଼ିକରେ ହିନ୍ଦୁମାନଙ୍କ ବିରୋଧରେ ହେଉଥିବା ମାନବାଧିକାର ଉଲ୍ଲଂଘନ ଉପରେ ବିଶ୍ୱର ନୀରବତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ନୈତିକତାର ବାଣୀ ଶୁଣାଉଥିବା ମାନବାଧିକାରର ତଥାକଥିତ ରକ୍ଷକମାନଙ୍କ ବଧିରତା ସେମାନଙ୍କ ଅସଲ ମୁଖା ଖୋଲିଦେଇଛି। **–ଜଗଦୀପ ଧନକର, ଉପରାଷ୍ଟ୍ରପତି**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମହାଶକ୍ତି ଫାଉଣ୍ଡେଶନର ୨୦ତମ ବାର୍ଷିକ ଉତ୍ସବ, ସ୍ଥାନ: ହୋଟେଲ ହିନ୍ଦୁସ୍ତାନ ଇଣ୍ଟରନ୍ୟାଶନାଲ, ଖାରବେଳନଗର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ପକ୍ଷରୁ କ୍ୟାମ୍ପ 'ଜୁହାର'ର ଖାଦ୍ୟ ଉତ୍ସବ, ସ୍ଥାନ: ରାଜ୍ୟ ମୁଖ୍ୟାଳୟ, ୟୁନିଟ୍– ୩, ସମୟ: ଅପରାହ୍ନ ୨ଟା ୩୦।
- ଓଡ଼ିଶା ଡିଜାଇନର୍ସ ଆସୋସିଏଶନ ପକ୍ଷରୁ କଳିଙ୍ଗ କଳାନିକା ଫ୍ୟାଶନ ଶୋ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ୧୦ମ ଭୁବନେଶ୍ୱର ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାର, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୫ଟା ୪୫।
- କସ୍ତୁରବା ନାରୀମହଲର ବାର୍ଷିକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ହକି ଇଣ୍ଡିଆ ଲିଗ୍‌ରେ ଟିମ୍ ଗୋନାସିକାର ଲୋଗୋ ଉନ୍ମୋଚନ ଓ ଖେଳାଳି ଘୋଷଣା, ସ୍ଥାନ: ହୋଟେଲ ଫର୍ଚ୍ୟୁନ, ସମୟ: ସନ୍ଧ୍ୟା ୬ଟା

## କଟକ

- କଟକ ଜିଲାସ୍ତରୀୟ ପ୍ରଧାନଶିକ୍ଷକଙ୍କ ସମ୍ମିଳନୀ, ସ୍ଥାନ: ଡିଏଭି ସ୍କୁଲ ସମ୍ମିଳନୀ କକ୍ଷ, ଓଏମ୍‌ପି ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାହ୍ନବୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୨ତମ ଜୟନ୍ତୀ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ନବକଳିକା ପକ୍ଷରୁ ୪୫ତମ କୁମାର ଉତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ନୃତ୍ୟଶ୍ରୀର ବାର୍ଷିକ ଉତ୍ସବ ଏବଂ କୁମାର ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ଉତ୍ତରାୟଣୀ କ୍ଲବ ପରିସର, ଜଟଣୀ, ସମୟ: ଅପରାହ୍ନ ୫ଟା।
- ଗଜଲକ୍ଷ୍ମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୁରୁଜଙ୍ଗ ମେଳଣ ପଡ଼ିଆ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।
- ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଶ୍ରୀରାମଚରିତ ପାରାୟଣ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଶହୀଦ ଦିବସ ପାଳନ, ସ୍ଥାନ: ଶାନ୍ତିଆ ଶ୍ରୀନାଥ ଚନ୍ଦ୍ର ସୀମାନ୍ତ ହାଇସ୍କୁଲ, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅନୁସୂଚିତ ଜାତି ଓ ଜନଜାତି ଛାତ୍ରାବାସର ଶୁଭ ଶିଳାନ୍ୟାସ, ସ୍ଥାନ: କୁପାରୀ ସରକାରୀ ହାଇସ୍କୁଲ, ଖଇରା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଶିଶୁ ନାଟକ ମହୋତ୍ସବ ରୌପ୍ୟ ଜୟନ୍ତୀର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଲକ୍ଷ୍ମୀପୂଜା ମଣ୍ଡପ, ଆଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଶନିଙ୍କ ମନ୍ଦିରରେ ମେଳା, ଭଜନ କୀର୍ତ୍ତନ, ସ୍ଥାନ: ମୋଟରାଗଡିଆ, ଛେନାପଦି, ହାଟଡିହୀ, ସମୟ:ସକାଳ ୭ଟା ଓ ସନ୍ଧ୍ୟା ୮ଟା।
- ମା ଲକ୍ଷ୍ମୀଙ୍କ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ:ଛେନାପଦୀ, ଶାଳନିଆଁ, ହାଟଡିହୀ, ସମୟ:ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜା ଡ୍ୟାନ୍ସ ଧମାକା, ସ୍ଥାନ: ଘଟଗାଁ ବ୍ଲକ୍ ପିପିଳିଆ ଏବଂ ଚମ୍ପୁଆ ବ୍ଲକ୍‌ର ଗୋଧୂଳି, ସମୟ : ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- ଜିଲାସ୍ତରୀୟ ଶିଶୁ ଉତ୍ସବ 'ଉତ୍ସାହ ୨୦୨୪' ସ୍ଥାନ: ଖଲ୍ଲିକୋଟ ବିଶ୍ୱ ବିଦ୍ୟାଳୟ ଖେଳପଡିଆ, ସମୟ: ସକାଳ ୯ଟା ୩୦।

## ଢେଙ୍କାନାଳ

- ୭ମ ଲୋକକଳା ମହୋତ୍ସବ, ସ୍ଥାନ–ପଲ୍ଲିଶ୍ରୀ ମେଳା ପଡ଼ିଆ, ମହିଷାପାଟ, ସମୟ–ପୂର୍ବାହ୍ନ ୧୧ଟା।
- ମହାବୀର ବଜାର ପୂଜା ପ୍ରତିଷ୍ଠାନର ପ୍ଲାଟିନମ୍ ଜୁବୁଲି ଉଦଘାଟନୀ ସମାରୋହ, ସ୍ଥାନ–ମହାବୀର ବଜାର, ସଭା ମଣ୍ଡପ, ସମୟ–ସନ୍ଧ୍ୟା ସାଢେ ୬ଟା।

## ଜଗତ୍‌ସିଂହପୁର

- ଇଣ୍ଡିଆନ ଲାଇଟ୍ ହାଉସ୍ ମେରିଟାଇମ୍ ହେରିଟେଜ ଫେଷ୍ଟିଭାଲ ୨.୦ ଉଦ୍‌ଘାଟନ, ସ୍ଥାନ: ବଡିଘର ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ମଢ଼ିଆଳ, କେନ୍ଦ୍ରାପଡ଼ା ସହର, ଠାକୁରହାଟ, ଡେରାବିଶ, ଅଳପୁଆ, କେନ୍ଦ୍ରାପଡ଼ା, ନାରାୟଣପୁର, କୁହୁଡ଼ି ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଇକୋ କ୍ଲବ୍ ଶିକ୍ଷକମାନଙ୍କ ତାଲିମ କାର୍ଯ୍ୟକ୍ରମ,ସ୍ଥାନ : ଯାଜପୁର ଟାଉନ ବି.ଡି. ସରକାରୀ ହାଇସ୍କୁଲ ପରିସର, ସମୟ : ପୂର୍ବାହ୍ନ ୧୦ଟା୩୦।

## ନୟାଗଡ଼

- ଗଜଲକ୍ଷ୍ମୀ ପୂଜା ଅବସରରରେ ମେଲୋଡି ନାଇଟ୍, ସ୍ଥାନ: ନୟାଗଡ଼ ରାଜାବଗିଚା ଲକ୍ଷ୍ମୀ ବଜାର, ସମୟ:ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଗଜଗଲକ୍ଷ୍ମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନିୟୁ କଲୋନୀ, ରାୟଗଡା, ସମୟ: ସନ୍ଧ୍ୟା ୬ଟା ୩୦।

## କୋରାପୁଟ

- ଆନ୍ତର୍ଜାତିକ ଶିଶୁ ମହୋତ୍ସବ ମହକର ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ସମ୍ବଲପୁର

- ଯୋଗ କ୍ଲବ ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୭ଟା।
- ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମୁଦିପଡା, ସମୟ: ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀଙ୍କ ସ୍ୱତନ୍ତ୍ର ପୂଜା କାର୍ଯ୍ୟକ୍ରମ, ସ୍ଥାନ: ସହଯୋଗ ନଗର ଛକ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବିନିକା ବ୍ଲକ କୌଡିଆମୁଣ୍ଡାରେ ଗୋପଲୀଳା ପାରାୟଣର ଦ୍ୱିତୀୟ ଦିବସ, ସ୍ଥାନ: କୌଡିଆମୁଣ୍ଡା ଭାଗବତ ମନ୍ଦିର, ସମୟ: ସକାଳ ୮ଟା।
- ଅଷ୍ଟପ୍ରହରୀ ନମଯଜ୍ଞ ଆରମ୍ଭ, ସ୍ଥାନ: ଜନକପୁର,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ଗଜଲକ୍ଷ୍ମୀ ପୂଜାରମ୍ଭ ଓ ରାମାୟଣ ପାରାୟଣର ଦ୍ୱିତୀୟ ଦିବସ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ପୂଜାର ତୃତୀୟ ଦିବସୀୟ ପୂଜା, ସ୍ଥାନ: ଖଣ୍ଡହତା,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ପୂଜା, ସ୍ଥାନ: କୁଶାଦାଦର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନିପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ମୁରାସୁର ଦରବାରର ତୃତୀୟ ରଜନୀ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା।

## ବରଗଡ଼

- ଧନୁଯାତ୍ରା ମହୋତ୍ସବ ସମିତି କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଜିଲାପାଳ ଅଫିସ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ଇସ୍କନ ପକ୍ଷରୁ ସାମୁହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ଏସ୍‌ଟିଆଇ ଅଞ୍ଚଳ, ସମୟ: ପ୍ରାତଃ ୫ଟା ୩୦।
- ଗଜଲକ୍ଷ୍ମୀ ପୂଜାର ତୃତୀୟ ଦିବସ, ସ୍ଥାନ: ସେକ୍ଟର–୧୭, ସମୟ: ସକାଳ ୬ଟା।
- ଅଲ୍ ଇଣ୍ଡିଆ ଇଣ୍ଟର ଏନ୍‌ଆଇଟି ସ୍ପୋର୍ଟସ ମିଟ୍ ୨୦୨୪–୨୫ର ୨ୟ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ : ସକାଳ ୭ଟା।
- ଇନଷ୍ଟିଚ୍ୟୁଶନ୍ ଅଫ୍ ଇଞ୍ଜିନିୟରିଂ ଭାରତ ପକ୍ଷରୁ ସମ୍ମିଳନୀ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅକ୍ଷୟ ଏକ ଅମ୍ଲାନ ସ୍ମୃତି କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୬ଟା।
- ସ୍ୱସ୍ତି ସାହିତ୍ୟ ସଂସଦ ପକ୍ଷରୁ ମାସିକ ସାହିତ୍ୟ ଆସର, ସ୍ଥାନ: ଛେଣ୍ଡ, ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।
- ମୁକ୍ତମଞ୍ଚ ନାଟକ ମହୋତ୍ସବ–୨୦୨୪ର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସେକ୍ଟର–୬, ଦୁର୍ଗାପୂଜା ପଡିଆ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ବଣିଆ ସାହି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଅନ୍ନ ପ୍ରସାଦ ବଣ୍ଟନ, ସ୍ଥାନ: ବଣିଆ ସାହି ମଣ୍ଡପ, ସମୟ: ଅପରାହ୍ନ ୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ପେଟ୍ରୋଲ ପମ୍ପ ସାହି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପେଟ୍ରୋଲ ପମ୍ପ ସାହି, ମଣ୍ଡପ ପୁରୁଣାଗଡ, ସମୟ: ସନ୍ଧ୍ୟା ୭ଟା।
- ଜକ୍ତିପାଲି ଲକ୍ଷ୍ମୀପୂଜା କମିଟି ପକ୍ଷରୁ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଜକ୍ତିପାଲି ସାହି, ସମୟ: ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜା କମିଟି କଣ୍ଡେଲ ପକ୍ଷରୁ ପୂଜା ଓ ବିଶ୍ରାମ, ସାଂସ୍କୃତିକ କାର୍ଯ୍ୟକ୍ରମ, ଇସ୍ପାତ କଳାପରିଷଦ ରାଉଲକେଲା, ସ୍ଥାନ: ବାରକୋଟ ବ୍ଲକ, ଗଜଲକ୍ଷ୍ମୀ ପୂଜା କମିଟି, କଣ୍ଡେଲ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ଅନ୍ନ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ, ଗଜଲକ୍ଷ୍ମୀ ପୂଜା କମିଟି କଣ୍ଡେଲ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଡିଏଭି ଜୋନାଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା (ଫୁଟ୍‌ବଲ ଓ ତୀରନ୍ଦାଜ), ସ୍ଥାନ: ଲାଞ୍ଜିଗଡ଼ ବେଦାନ୍ତ ଟାଉନଶିପ ଖେଳପଡିଆ, ସମୟ: ସକାଳ ୮ଟା।
- ପ୍ରଭୁ ବୁଢ଼ାରାଜାଙ୍କ ବାର୍ଷିକ ଦଶହରା ଓ ଲାଠି ଯାତ୍ରା, ସ୍ଥାନ: ଆମପାଣି, କୋକସରା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଗଜଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ମିଛାପାଲି ପଞ୍ଚାୟତ ବିଶିବାହାଲ ଗାଁ, ସମୟ: ସକାଳ ୮ଟା ୫୦।
- ଗଜଲକ୍ଷ୍ମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ କୋନାବିରା ପଞ୍ଚାୟତ ଡୁମର୍ବାହାଲ ଗାଁ, ସମୟ: ରାତି ୧୦ଟା।

## ବୌଦ୍ଧ

- ଶ୍ରୀମଦ୍ ଦେବୀ ଭାଗବତ ନବଦିନାତ୍ମକ ପାରାୟଣ ଓ ପ୍ରବଚନର ଦ୍ୱିତୀୟ ଦିନ, ସ୍ଥାନ: ମହାନଦୀ ଆଳତି ଘାଟ, ଚନ୍ଦ୍ରଚୂଡ ମନ୍ଦିର ବୌଦ୍ଧ, ସମୟ: ସକାଳ ୮ଟା।
- ରୋପ୍ୟ ଜୟନ୍ତୀ ସମାରୋହ ଓ ଗଜଲକ୍ଷ୍ମୀ ପୂଜା ଚତୁର୍ଥ ଦିନ ଅବସରରେ ମହିଳାକଳାକାରଙ୍କ ଦ୍ୱାରା ରାମାୟଣ , ସ୍ଥାନ: ବାମଣ୍ଡା ଗ୍ରାମ, ହରଭଙ୍ଗା, ସମୟ ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପଦାଧିକାରୀଙ୍କ ଅନୁକମ୍ପାରୁ ଅର୍ଥନୈତିକ ଉତ୍କର୍ଷ ମୁହଁରେ ହସ ଫୁଟାଇବ। କିନ୍ତୁ ଏମିତି କେତେକ କାମ ରହିଛି, ଯାହାକି ମନ ଚାହୁଁଥିଲେ ମଧ୍ୟ ଆପଣ ଅସମର୍ଥ ହୋଇପଡ଼ିବେ। ପୁତ୍ରକନ୍ୟାଙ୍କ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି, କିନ୍ତୁ ପାରିବେ ନାହିଁ।

**ବୃଷ** ସହକର୍ମୀଙ୍କ ପ୍ରଭାବରେ ଅଶାନ୍ତି ଓ ଅର୍ଥାଭାବର ପରିସ୍ଥିତି ବଦଳିବାରେ ଲାଗିବ। ବନ୍ଧୁ ସାମୟିକ ସହଯୋଗକୁ ନିଜ ସ୍ୱାର୍ଥ ସାଧନ ଦିଗରେ ଲଗାଇ ପାରନ୍ତି। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କ ଭଲ ରହି ନ ପାରେ। ଆଜିର ଯାତ୍ରା, ପ୍ରଶାସନ, ଆଇନ କ୍ଷେତ୍ର ମନ୍ଦ ହେବନି।

**ମିଥୁନ** ସ୍ତ୍ରୀଙ୍କ ଅନୁପ୍ରେରଣା, ପଡ଼ୋଶୀଙ୍କ ପ୍ରତ୍ୟକ୍ଷ ସହଯୋଗ ସମସ୍ୟା ସମାଧାନ କ୍ଷେତ୍ରରେ ସାହାଯ୍ୟ କରିବ। ପରିଭ୍ରମଣ, ନୂତନ ସ୍ଥାନ ପରିଦର୍ଶନ ଓ ସତ୍‌ସଙ୍ଗ ସୁଯୋଗ ପାଇବେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥସାହାଯ୍ୟ ପାଇବେ।

**କର୍କଟ** ଆଜି ଏକାଧାରରେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଅତୁଟ ରହିବ। ବନ୍ଧୁଙ୍କ ସାହାଯ୍ୟ ଓ ବଦାନ୍ୟତା ଅର୍ଥଲାଭ କରାଇଲେ ସୁଦ୍ଧା ଶନିଙ୍କ ପ୍ରଭାବରେ ପାରିବାରିକ କ୍ଷେତ୍ର ଅସ୍ଥିରତା ରହିବ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ନିମନ୍ତ୍ରଣ ଲାଭକରି ଦୂରଯାତ୍ରା କରିପାରନ୍ତି।

**ସିଂହ** ଆଜିର ଗ୍ରହସ୍ଥିତି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କ୍ଷେତ୍ରକୁ ସରସ କରିପାରେ। ପଡ଼ୋଶୀ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କାମରେ ଆସିବ। ଯେଉଁ ଜିନିଷ ପାଇବା ପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ। ସଭାସମିତି, କଳା ସାହିତ୍ୟ, ରାଜନୀତି, ଜମିଜମା ତଥା ଗଠନମୂଳକ କାର୍ଯ୍ୟରେ ଉଚ୍ଚ ପ୍ରଶଂସିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ଉଚ୍ଚ ବର୍ଗର ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି ପତିଆରା ଜାହିର୍ କରିପାରିବେ। ରାଜନୀତିରେ ଲୋକ ସମ୍ପର୍କ ବୃଦ୍ଧି ଏବଂ ସାମାଜିକ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ। ଶନିଙ୍କ ସୂତ୍ରରୁ ରଣରେ ଅର୍ଥଲାଭ କରିବେ ଏବଂ ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ଶତ୍ରୁତା କରୁଥିବା ବ୍ୟକ୍ତି ମନ୍ଦ ଉଦ୍ଦେଶ୍ୟ ନେଇ ନାନାଦି କଥା କହିପାରନ୍ତି।

**ତୁଳା** ଆଜି ମନରେ ବହୁବିଧ ଭାବନା ଉଦ୍ରେକ ହେବ କିନ୍ତୁ ବେଶି ଆଶାକରି କିଛି ପାଇବେନାହିଁ। ନିଜ ଲୋକ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ବହୁ ପୂର୍ବର ସୁପରିକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ତଥାପି ଜିନିଷପତ୍ର ହଜିଯିବାର ସମ୍ଭାବନା ରହିଛି।

**ବିଛା** ଆଜି ଆପଣ ଯାହା କରନ୍ତୁନା କାହିଁକି ଆପଣଙ୍କର କୌଣସି ଅସୁବିଧା ହେବନାହିଁ। ଅବଶ୍ୟ ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଅଫିସରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ପ୍ରଶଂସିତ ହେବେ। ଆଇନ ସହାୟତା ଲାଭକରି ମାଲି ମକଦ୍ଦମା ଫଇସଲା ହେବାର ସମ୍ଭାବନା ରହିଛି।

**ଧନୁ** ଆଜି ଆପଣଙ୍କ ପାଇଁ ଯିଏ ଖାଲ ଖୋଳିବ ସେଥିରେ ସେ ହିଁ ପଡ଼ିବାର ଖବର ପାଇବେ। ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କଲେ ହଇରାଣରେ ପଡ଼ିପାରନ୍ତି। ନୂତନ ବନ୍ଧୁ ପ୍ରସ୍ତାବ ସମ୍ପର୍କୀୟ ଆଲୋଚନା ଫଳପ୍ରଦ ହୋଇପାରେ । ଉତ୍ତେଜନାପୂର୍ଣ୍ଣ ମାନସିକ ସ୍ଥିତିଜନିତ କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିପାରେ।

**ମକର** ଗଣତନ୍ତ୍ରର ପ୍ରତୀକ ଶନିଶ୍ଚର ଗଣମାଧ୍ୟମ ସମ୍ବନ୍ଧିତ ବ୍ୟକ୍ତିଙ୍କ ସକାଶେ ଖୁସି ଖବର ପ୍ରଦାନ କରିବ। ବୈରାଗ୍ୟକାରକ ହେତୁ ବୈଷୟିକ କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବେ। ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। କେତେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ କିନ୍ତୁ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଖୁସି ହୋଇପାରିବେ ନାହିଁ। ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଲାଗି ରହିବ। ପ୍ଲଟିଙ୍ଗ କାରବାର, ପ୍ରକାଶନ, ପ୍ରଶାସନ ଓ ଆନୁଷ୍ଠାନିକ କାମରେ ସମସ୍ୟାର ସମାଧାନ କରିପାରିବେ।

**ମୀନ** କର୍ମକ୍ଷେତ୍ରରେ ସାଧାରଣ କଥାରୁ ମନରେ ବିରକ୍ତିଭାବ ସୃଷ୍ଟି ହେବାର ଆଶଙ୍କା ରହିଛି। ପରିସ୍ଥିତି ଏପରି ହେବଯେ ଆଜି ଆପଣ କୌଣସି ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହିବା କଷ୍ଟପ୍ରଦ ହୋଇପାରେ। ଅବଶ୍ୟ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହୋଇପାରନ୍ତି।

ଆଜି ଅକ୍ଟୋବର ୧୯ ତାରିଖ, ବିଶ୍ୱ ଶୌଚାଳୟ ଦିବସ, କାର୍ତ୍ତିକ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା, ଶନିବାର, ରାଶିନକ୍ଷତ୍ର–ଦିବା ଘ.୧୦।୪୭ ମି. ଗତେ, କୃତ୍ତିକା/ମେଷ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୧୮ ଗତେ ଘ. ୦୮।୩୮ ମଧ୍ୟେ, ଘ.୧୧।୫୪ ଗତେ ଘ. ୧୨।୫୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୩୮ ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...



ବାବୁଲା ଦିଗାଲ (ଇନ୍‌ସେଟ୍)। ମାଟି ଖୋଳି ମୃତଦେହ ବାହାର କରାଯାଉଛି।

## ଘରୋଇ ହସ୍ପିଟାଲରେ ...

ଏତଲାରେ ଦର୍ଶାଯାଇଛି। ପୋଲିସ ବିଏନ୍‌ଏସ୍ ଦଫା ୨୮୧, ୧୦୬ ଅନୁଯାୟୀ ଏକ ମାମଲା (ନଂ ୨୫୭/୨୪ )ରୁଜୁ କରି ତଦନ୍ତ ଜାରି ରଖିଥିବା ବାଲିଗୁଡା ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି। ଶୁକ୍ରବାର ବାଲିଗୁଡା ମାଜିଷ୍ଟ୍ରେଟ ସହକାରୀ ଜିଲାପାଳ ହରେକୃଷ୍ଣ ରାଉତ, ବାଲିଗୁଡା ଥାନା ଭାରପ୍ରାପ୍ତ ଅଧିକାରୀ, ବାରଖମା ଫାଣ୍ଡି ଅଧିକାରୀ ବିକାଶ କୁମାର ଜାଲି, ଯୁଗଳ ନାୟକଙ୍କ ସହ ଟିକରବାଜୁ ଆସି କବରରୁ ମୃତଦେହକୁ ଖୋଳି ବାହାର କରି ବ୍ୟବଚ୍ଛେଦ କରାଇଛନ୍ତି। ବ୍ୟବଚ୍ଛଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଥାନାଧିକାରୀ ସାହୁ କହିଛନ୍ତି। ଅପରପକ୍ଷରେ ଘରୋଇ ହସ୍ପିଟାଲର ମ୍ୟାନେଜର କହିଛନ୍ତି, ମସ୍ତିଷ୍କ ଅସ୍ତ୍ରୋପଚାର ବେଳେ ମୁଣ୍ଡର ଖପୁରିକୁ ପେଟ ଭିତରେ ରଖାଯାଇଥିଲା। ତାଙ୍କ ସମ୍ପର୍କୀୟ ଜାଣି ନ ପାରି ମିଛରେ ଅଭିଯୋଗ କରିଛନ୍ତି। ସେହିପରି କଟକ ସଦର ଥାନା ପକ୍ଷରୁ ଶୁକ୍ରବାର ଉକ୍ତ ହସ୍ପିଟାଲରେ ତଦନ୍ତ କରାଯାଇଛି। ତେବେ ମୃତକଙ୍କ ଅଙ୍ଗ ଚୋରି ହୋଇ ନ ଥିବା ସମ୍ପର୍କରେ ବାଲିଗୁଡ଼ା ଆଇଆଇସି ଜଣାଇଥିବା କଟକ ସଦର ଥାନା ଆଇଆଇସି ଜଗନ୍ନାଥ ମଲ୍ଲିକ କହିଛନ୍ତି।

## ଅଙ୍ଗ ଚୋରି ତଦନ୍ତ ହେବ: ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୮।୧୦(ଅନିଲ ଦାସ)**

ଘରୋଇ ହସ୍ପିଟାଲରେ ମୃତଦେହରୁ ଅଙ୍ଗ ଚୋରି ଖବର ପ୍ରକାଶ ପରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଛି। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ସମ୍ବେଦନଶୀଳ ଘଟଣା ହୋଇଥିବାରୁ ତୁରନ୍ତ ତଦନ୍ତ ଆରମ୍ଭ ହେବ। ତଦନ୍ତ ରିପୋର୍ଟ ଆସିବା ପରେ ଦୋଷୀଙ୍କୁ ଛଡ଼ାଯିବ ନାହିଁ। ଏଭଳି ଅମାନବୀୟ କାର୍ଯ୍ୟ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। କଟକର ଏକ ଘରୋଇ ହସ୍ପିଟାଲ ବିରୋଧରେ ଅଭିଯୋଗ ଆସିଥିବାରୁ ପୋଲିସ କମିଶନରଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ କଥା ହୋଇଛନ୍ତି। ସମ୍ପୃକ୍ତ ହସ୍ପିଟାଲରେ ପୋଲିସ ତଦନ୍ତ ଆରମ୍ଭ ହୋଇଛି।

## ୫ କୋଟି ଦେଲେ ...

(ବିଏନ୍‌ଏସ୍)ରେ ମାମଲା ରୁଜୁ କରିଛି। ମୁମ୍ବାଇ ପୋଲିସ କହିବା ଅନୁଯାୟୀ, ଗୁରୁବାର ଅପରାହ୍ନରେ ଟ୍ରାଫିକ୍ କଣ୍ଟ୍ରୋଲ ରୁମ୍‌ର ହ୍ୱାଟ୍ସଆପ୍ ହେଲ୍ପଲାଇନକୁ ଏହି ଧମକପୂର୍ଣ୍ଣ ବାର୍ତ୍ତା ଆସିଥିଲା। ବିଷ୍ଣୋଇଙ୍କ ସହ ରହିଥିବା ଦୀର୍ଘଦିନର ବିବାଦକୁ ଶେଷ କରିବାକୁ ହେଲେ ଅଭିନେତା ସଲ୍‌ମାନଙ୍କଠାରୁ ୫ କୋଟି ଦାବି କରାଯାଇଥିଲା। ବାର୍ତ୍ତାରେ ଆହୁରି ଲେଖାଥିଲା, ଏହାକୁ ହାଲୁକା ଭାବେ ନିଅନ୍ତୁ ନାହିଁ। ଯଦି ସଲ୍‌ମାନ ଜୀବିତ ରହିବାକୁ ଏବଂ ବିଷ୍ଣୋଇଙ୍କ ସହ ଶତ୍ରୁତା ଶେଷ କରିବାକୁ ଚାହୁଁଥାନ୍ତି, ତେବେ ତାଙ୍କୁ ୫ କୋଟି ଟଙ୍କା ପୈଠ କରିବାକୁ ପଡ଼ିବ। ଟଙ୍କା ନ ଦେଲେ ସଲ୍‌ମାନଙ୍କ ଅବସ୍ଥା ବାବା ସିଦ୍ଦିକୀଙ୍କଠାରୁ ଆହୁରି ଖରାପ ହେବ ବୋଲି ବାର୍ତ୍ତାରେ ଲେଖାଯାଇଛି। ଏନ୍‌ସିପି ନେତା ସିଦ୍ଦିକୀଙ୍କୁ ହତ୍ୟା ଘଟଣାର ୫ ଦିନ ପରେ ସଲ୍‌ମାନଙ୍କୁ ମିଳିଥିବା ଧମକପୂର୍ଣ୍ଣ ବାର୍ତ୍ତାକୁ ପୋଲିସ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ତଦନ୍ତ ଆରମ୍ଭ କରିଛି। ସଲ୍‌ମାନଙ୍କୁ ପୂର୍ବରୁ ବିଷ୍ଣୋଇ ଗ୍ୟାଙ୍ଗ୍‌ରୁ ହତ୍ୟା ଧମକ ମିଳିଥିଲା। ଗତ ଏପ୍ରିଲରେ ଅଭିନେତାଙ୍କ ବାନ୍ଦ୍ରା ବାସଭବନ ବାହାରେ ବିଷ୍ଣୋଇ ଗ୍ୟାଙ୍ଗ୍‌ର ସଦସ୍ୟମାନେ ଗୁଳି ଚଳାଇଥିଲେ। ଜୁନ୍‌ରେ ବିଷ୍ଣୋଇ ଗ୍ୟାଙ୍ଗ୍ ସଲ୍‌ମାନଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚିଥିବାବେଳେ ନଭି ମୁମ୍ବାଇ ପୋଲିସ ଏହାର ସୁରାକ୍ ପାଇ ଶୁଟର ସୁଖବୀର ସିଂଙ୍କୁ ହରିୟାଣାରୁ ଗିରଫ କରିଥିଲା।

## ୨୪ରେ ଓଡ଼ିଶା ...

ତେବେ କେତେକ ପାଣିପାଗ ମଡେଲ ବାତ୍ୟା ନେଇ ସୂଚନା ଦେଲେଣି। ତଦନୁଯାୟୀ ଗଭୀର ଅବପାତ ଆସନ୍ତା ୨୪ ତାରିଖରେ ସାମୁଦ୍ରିକ ଝଡ଼ରେ ପରିଣତ ହୋଇପାରେ। ଏହି ଝଡ଼ ଓଡ଼ିଶା ମୁହାଁ ହେବ। ଆସନ୍ତା ୨୪ ତାରିଖ ସକାଳେ କିମ୍ବା ସନ୍ଧ୍ୟାରେ ଏହା ପୁରୀ ଏବଂ ଜଗତ୍‌ସିଂହପୁର ଦେଇ ସ୍ଥଳଭାଗ ଅତିକ୍ରମ କରିବ ବୋଲି ପୂର୍ବାନୁମାନ କରାଯାଉଛି। ସମୁଦ୍ରରେ ବାତ୍ୟାର ବେଗ ଘଣ୍ଟା ପ୍ରତି ୧୫୦ରୁ ୧୬୦ କି.ମି. ରହିବ। ସ୍ଥଳଭାଗ ଅତିକ୍ରମ କରିବା ବେଳେ ପବନର ବେଗ ୯୦ କି.ମି.କୁ ଖସି ଆସିପାରେ ବୋଲି ପାଣିପାଗ ମଡେଲ୍ ଅନୁମାନ କରୁଛି। ହେଲେ ଲଘୁଚାପ ପ୍ରଭାବରେ ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିଯୋଗୁ ରାଜ୍ୟରେ ୨୨ରୁ ୨୬ ଯାଏ ବର୍ଷା ଲାଗି ରହିବ। ୨୩ରୁ ୨୫ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ବିଶେଷକରି ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼ ଆଦି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିସହିତ ଦକ୍ଷିଣ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ୍ୟ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ।

ପାଣିପାଗ ବିଜ୍ଞାନୀଙ୍କ ମତରେ ଓଡ଼ିଶା ଏକ ବାତ୍ୟାପ୍ରବଣ ରାଜ୍ୟ। ଅକ୍ଟୋବରରେ ସାଧାରଣତଃ ରାଜ୍ୟକୁ ବାତ୍ୟାର ଭୟ ରହିଥାଏ। ୧୯୯୯ ଅକ୍ଟୋବର ୨୯ରେ ମହାବାତ୍ୟା ଉପକୂଳ ଓଡ଼ିଶାକୁ ଛାରଖାର କରିଥିଲା। ସେହିପରି ୨୦୧୩ ଅକ୍ଟୋବରରେ ସାମୁଦ୍ରିକ ଝଡ଼ ଫାଇଲିନ୍, ୨୦୧୪ରେ ହୁଡ୍‌ହୁଡ୍ ଓ ୨୦୧୮ରେ ତିତ୍‌ଲି ଉପକୂଳରେ ମାଡ଼ ହୋଇ ତାଣ୍ଡବ ରଚିଥିଲା। ଏବେ ବାତ୍ୟା ପାଇଁ ଅନୁକୂଳ ପରିବେଶ ରହିଛି। ଏଥିସହିତ ବିଭିନ୍ନ ପାଣିପାଗ ମଡେଲ ପକ୍ଷରୁ ଦିଆଯାଉଥିବା ସୂଚନା ରାଜ୍ୟ ପାଇଁ ଚିନ୍ତା ବଢ଼ାଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ବାତ୍ୟା ନେଇ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଆସନ୍ତା ୨୨ କିମ୍ବା ୨୩ ତାରିଖ ବେଳକୁ ଏ ନେଇ ଚିତ୍ର ସ୍ପଷ୍ଟ ହେବ ବୋଲି ପାଣିପାଗ ବିଶେଷଜ୍ଞ ମତ ଦେଉଛନ୍ତି।

ଆଞ୍ଚଳିକ ପାଣିପାଗ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହୋଇପାରେ।



## ରାସ୍ତା ଅବରୋଧ କଲେ ଉତ୍ତ୍ୟକ୍ତ ଲୋକେ, ଜଣେ ଅଟକ

## ବଲାଙ୍ଗୀରରେ ପୁଣି ...

ଏସ୍‌ଡିପିଓ ସଦାନନ୍ଦ ପୂଝାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଭବାନୀପାଟଣାରୁ ଆସିଥିବା ଡଗ୍ ସ୍କାଡ୍ ଏବଂ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଥିଲେ। ସନ୍ଧାନୀ କୁକୁର ସୋମନାଥଙ୍କ ମୃତଦେହ ପଡ଼ିଥିବା ଡୁଙ୍ଗୁରି ଉପରୁ ଗାଁର ସେଇ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଘରକୁ ଆସିବା ପରେ ଲୋକେ ସମ୍ପୃକ୍ତ ବ୍ୟକ୍ତି ଗୁଣିଗାରେଡ଼ି କରି ବଳି ଦେଇଥିବା ସନ୍ଦେହ କରିଥିଲେ। ଏଥିସହ ତାଙ୍କ ଗିରଫ ଦାବି କରିଥିଲେ। ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ବଲାଙ୍ଗୀର–ନୂଆପଡ଼ା ରାସ୍ତା ଅବରୋଧ କରିଥିଲେ। ଲାଠୋର ଥାନାଧିକାରୀ ରାକେଶ ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ୍ ତଦନ୍ତ ଆରମ୍ଭ କରିବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାଟଣାଗଡ଼ ହସ୍ପିଟାଲକୁ ପଠାଇଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ଏସ୍‌ଡିପିଓ ସଦାନନ୍ଦ ପୂଜାରୀ କହିଛନ୍ତି। ଲୋକେ ଯେଉଁ ଦିଗକୁ ସନ୍ଦେହ କରୁଛନ୍ତି, ସେଇ ଦିଗ ସହ ଅନ୍ୟ ସବୁ ଦିଗ ଉପରେ ତଦନ୍ତ କରାଯିବ। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଉଛି ବୋଲି ଥାନାଧିକାରୀ ବେହେରା କହିଛନ୍ତି।

# ପ୍ରାକୃତିକ ସମ୍ପଦର ସୁଯୋଗ ନେବାକୁ ପୁଞ୍ଜିନିବେଶକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ




## 'ଇଣ୍ଡିଆ କେମ୍-୨୦୨୪'ରେ ଯୋଗଦେବା ଅବସରରେ ଶିଳ୍ପପତିଙ୍କୁ ଭେଟିଲେ

ଭୁବନେଶ୍ୱର,୧୮।୧୦(ଅନିଲ ଦାସ)

ଓଡ଼ିଶା ଅପାର ସମ୍ଭାବନାର ରାଜ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶା 'ପୂର୍ବୋଦୟ ବିକାଶ'ର କେନ୍ଦ୍ରବିନ୍ଦୁ ସାଜିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ଅଧୀନସ୍ଥ କେମିକାଲ ଓ ପେଟ୍ରୋକେମିକାଲ ବିଭାଗ ଦ୍ୱାରା ଶୁକ୍ରବାର ମୁମ୍ବାଇଠାରେ ଆୟୋଜିତ ଇଣ୍ଡିଆ କେମ୍-୨୦୨୪ରେ ଯୋଗଦେଇ ସେ କହିଛନ୍ତି, ଆମ ରାଜ୍ୟ ଦେଶର ଶିଳ୍ପ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି। ପ୍ରାକୃତିକ ସମ୍ପଦଭରା ଏହି ରାଜ୍ୟରେ କେମିକାଲ ଓ ପେଟ୍ରୋକେମିକାଲ କ୍ଷେତ୍ର ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହାର ସୁଯୋଗ ନେବାକୁ ମୁଖ୍ୟମନ୍ତ୍ରୀ ନିବେଶକମାନଙ୍କୁ ଆମନ୍ତ୍ରଣ କରିବା ସହ ବିକଶିତ ଓଡ଼ିଶା ଲକ୍ଷ୍ୟରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତୀୟ ତୈଳ ନିଗମ, ପାରାଦୀପ ଫସ୍‌ଫେଟ ଏବଂ ଇଫ୍‌କୋ ଭଳି ଅନେକ କମ୍ପାନୀ ଯୋଗୁ ରାଜ୍ୟରେ ପେଟ୍ରୋକେମିକାଲ ପାଇଁ ବିସ୍ତୃତ ମାର୍ଗ ପ୍ରଶସ୍ତ ହୋଇଛି। ଆଲୁମିନିୟମ, ଇସ୍ପାତ ଏବଂ ପେଟ୍ରୋକେମିକାଲ ଶିଳ୍ପ ସହଯୋଗରେ କେମିକାଲ ଓ ପେଟ୍ରୋକେମିକାଲ କ୍ଷେତ୍ରର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଓଡ଼ିଶା ଟେକ୍ସଟାଇଲ, ପ୍ଲାଷ୍ଟିକ ଓ ପ୍ୟାକେଜିଂ, ଇଲେକ୍ଟ୍ରିକ୍ ଯାନ ଉତ୍ପାଦନ, ଗ୍ରୀନ ଏନର୍ଜୀ କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ଓଡ଼ିଶା ପ୍ରୋତ୍ସାହନ ଦେଇ ଆସୁଛି। ଓଡ଼ିଶାରେ ଗ୍ରାସିମ୍, ବରଜର ପେଣ୍ଟସ, ଶାଲିମାର ପେଣ୍ଟସ, ପ୍ଲାଷ୍ଟିକ କ୍ଷେତ୍ରରେ ସୁପ୍ରିମ୍, ଆଶୀର୍ବାଦ, ଅଷ୍ଟ୍ରାଲ, ସିଣ୍ଟେକ୍ସ, ଶ୍ରୀ ଚକ୍ର ପଲିପ୍ଲାଷ୍ଟ ଇତ୍ୟାଦି ନିଜର ପୁଞ୍ଜିନିବେଶକୁ ସମ୍ପ୍ରସାରିତ କରିଛନ୍ତି। କେମିକାଲ ଓ ପେଟ୍ରୋକେମିକାଲ କ୍ଷେତ୍ରରେ ପୁଞ୍ଜିନିବେଶ ଏକ ଉଜ୍ଜ୍ୱଳ ଭବିଷ୍ୟତକୁ ଦର୍ଶାଉଛି। ଓଡ଼ିଶାରେ କେମିକାଲ ଓ ପେଟ୍ରୋକେମିକାଲର ପରିସର ବୃଦ୍ଧି ପାଉଛି। ଏହାର ସୁଯୋଗ ନେବାକୁ ସେ ଶିଳ୍ପୋଦ୍ୟୋଗୀମାନଙ୍କୁ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୁମ୍ବାଇଠାରେ ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କୁ ସାକ୍ଷାତ କରି ରାଜ୍ୟରେ ବେଦାନ୍ତ ଆଲୁମିନିୟମର ସମ୍ପ୍ରସାରଣ ଓ ନିବେଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ରାଜ୍ୟରେ ଖୁବଶୀଘ୍ର 'ଉତ୍କର୍ଷ ଓଡ଼ିଶା ସମ୍ମିଳନୀ' ଆୟୋଜନ କରାଯିବ। ମୁମ୍ବାଇରେ ଶିଳ୍ପପତିଙ୍କୁ ଭେଟିବା ପରେ ମୁଖ୍ୟମନ୍ତ୍ରୀ ସୋସିଆଲ୍ ମିଡିଆରେ ଲେଖିଛନ୍ତି, ଓଡ଼ିଶାରେ ଇଭି, ଲିଥିୟମ୍ ଆୟନ ବ୍ୟାଟେରି ଓ ୩୨ ଏମ୍‌ଟିପିଏ ଇସ୍ପାତ ପ୍ରକଳ୍ପର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇଦେବେ। ଏହାଦ୍ୱାରା ଇସ୍ପାତ, ଇଭି କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ ହେବା ସହ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହେବ। ଓଡ଼ିଶାରେ ନିବେଶ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ସହିତ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଏଯାଏ ପିଲାଙ୍କୁ ମିଳିଲାନି ୟୁନିଫର୍ମ, ଜୋତା

## ଆନ୍ଦୋଳନ ଚେତାବନୀ ଦେଲା ଅଭିଭାବକ ସଂଘ

ଭୁବନେଶ୍ୱର,୧୮।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ଶିକ୍ଷାବର୍ଷ ଅଧା ହେଲାଣି। ହେଲେ ଏଯାଏ ପିଲାଙ୍କୁ ମିଳିଲା ନାହିଁ ସ୍କୁଲ ୟୁନିଫର୍ମ ଓ ଜୋତା। ଏହାକୁ ନେଇ ସାରା ରାଜ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପଟେ ଓଡ଼ିଶା ଅଭିଭାବକ ମହାସଂଘ ଶୁକ୍ରବାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛି, ଜୁନ ୧୭ରୁ ଆସି ଅକ୍ଟୋବର ମାସ ସରିବାକୁ ବସିଲାଣି। ଶିକ୍ଷାବର୍ଷର ଅଧା ସମୟ ସାରି ପିଲାମାନେ ଏବର୍ଷର ମାଧ୍ୟମିକ ପରୀକ୍ଷା ଦେଇ ସାରିଲେଣି। ଚିରା ଫଟା ପୋଷାକ ପିନ୍ଧି ସରକାରୀ ସ୍କୁଲରେ ପିଲାମାନେ ପାଠପଢ଼ିବାକୁ ଯାଉଛନ୍ତି। ତେଣୁ ସରକାର ତୁରନ୍ତ ପିଲାଙ୍କୁ ଜୋତା ଓ ୟୁନିଫର୍ମ ଦିଅନ୍ତୁ ବୋଲି ସଂଘ ଦାବି କରିଛି। ସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି, ବିଭାଗ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ପୋଷାକ ଯୋଗାଣ ପାଇଁ ଚିଠି ଲେଖି ବସି ପଡ଼ିଛି। ଏପର୍ଯ୍ୟନ୍ତ କୌଣସି ତତ୍ପରତା ପ୍ରକାଶ ପାଇନି। ଶିକ୍ଷକଙ୍କୁ କାର୍ଯ୍ୟବ୍ୟସ୍ତ ଓ ଦାୟିତ୍ୱରୁ ମୁକ୍ତକରି ସ୍ୱୟଂ ସହାୟକ ଗୋଷ୍ଠୀକୁ ଏ ସଂକ୍ରାନ୍ତରେ ସାମିଲ ପାଇଁ ନିଷ୍ପତ୍ତି ହେଲା। ମାତ୍ର ପୋଷାକ ମିଳିବାକୁ ୫ମାସ ଲାଗିଲାଣି। ପ୍ରାୟତଃ ସରକାରୀ ସ୍କୁଲରେ ପଢୁଥିବା ପିଲାଙ୍କ ଅଭିଭାବକ ଆର୍ଥିକ ଦୃଷ୍ଟିରୁ ଅସୁବିଧାରେ ଥାଆନ୍ତି। ତେଣୁ ପିଲାଙ୍କୁ ପାଠ ପ୍ରତି ଆକର୍ଷିତ କରିବା ଓ ବେସରକାରୀ ସ୍କୁଲ ପିଲାଙ୍କ ଭଳି ସେମାନଙ୍କୁ ସୁବିଧା ପ୍ରଦାନ ପାଇଁ ଯୋଜନା ହୋଇଥିଲା। ସରକାରୀ ତହବିଲ୍‌ରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେବ, କିନ୍ତୁ ପିଲାଙ୍କୁ ଠିକ୍ ସମୟରେ ଡ୍ରେସ୍ ଦିଆଯିବନି କାହିଁକି? ବର୍ଷ ଶେଷକୁ ଦେଲେ କ'ଣ ଲାଭ ହେବ? ଯଦି ୧୫ ଦିନ ଭିତରେ ପିଲାଙ୍କୁ ଡ୍ରେସ ଓ ଜୋତା ଦିଆ ନ ଯାଏ, ତେବେ ମହାସଂଘ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ବିଷୋୟୀ କହିଛନ୍ତି।

# ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ପେନ୍‌ସନ ଦେବାକୁ ନିର୍ଦ୍ଦେଶ

## ରାଜ୍ୟ ସରକାରଙ୍କ ପିଟିଶନ୍ ଖାରଜ କଲେ ସୁପ୍ରିମ୍‌କୋର୍ଟ

ଭୁବନେଶ୍ୱର,୧୮।୧୦ (ବନ୍ଦନା ସେଠୀ)


ସୁପ୍ରିମକୋର୍ଟଙ୍କ ରାୟ ଶୁଣିବା ପରେ ବିଡିଏ କର୍ମଚାରୀମାନେ ଖୁସି ମନାଉଛନ୍ତି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ), କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ସମେତ ରାଜ୍ୟର ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ସରକାରୀ ପେନ୍‌ସନ ପ୍ରଦାନ କରିବାକୁ ଶୁକ୍ରବାର ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଓଡ଼ିଶା ସରକାରଙ୍କ ପିଟିଶନ୍‌କୁ ଖାରଜ କରି ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକୁ କାଏମ ରଖିଛନ୍ତି। ଫଳରେ ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀଙ୍କ ଦୀର୍ଘଦିନର ଦାବି ପୂରଣ ହେବା ସହିତ କର୍ମଚାରୀଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ବିଡିଏ କର୍ମଚାରୀମାନେ ପରସ୍ପରକୁ ମିଠା ଖୁଆଇ ଖୁସି ମନାଇଛନ୍ତି।

ସିଡିଏ କର୍ମଚାରୀଙ୍କ ପକ୍ଷରୁ ପେନ୍‌ସନ ପ୍ରଦାନ ପାଇଁ ୨୦୧୫ରେ ଉଚ୍ଚ ନ୍ୟାୟାଳୟରେ କେସ୍ ନଂ.୧୮୫୫୯/୨୦୧୫ ଫାଇଲ୍ କରାଯାଇଥିଲା। ୯ବର୍ଷ ପରେ ୨୦୨୩ ଡିସେମ୍ବର ୪ରେ ଉଚ୍ଚ ନ୍ୟାୟାଳୟଙ୍କ ରାୟ ପ୍ରକାଶ ପାଇଥିଲା। କଟକ ସମେତ ଅନ୍ୟ ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀମାନଙ୍କୁ ସରକାରୀ ପେନ୍‌ସନ ନୀତି ଆଧାରରେ ୩ମାସ ମଧ୍ୟରେ ପେନ୍‌ସନ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ରାୟକୁ ଚ୍ୟାଲେଞ୍ଜ କରି ପୂର୍ବ ସରକାରଙ୍କ ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ପାଇଁ ଆଇନ ବିଭାଗରେ ନଥିପତ୍ର ଦାଖଲ କରିଥିଲେ। ତେଣୁ ପୂର୍ବ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷ ଜୁଲାଇ ୧୧ରେ ରାଜ୍ୟ ସରକାରଙ୍କ ଆଇନ ବିଭାଗ ସୁପ୍ରିମ୍‌କୋର୍ଟରେ କେସ୍ ଡାଏରି ନଂ. ୩୦୫୩୬/୨୦୨୪/ଏସ୍‌ଏଲ୍‌ପି ଦାଖଲ କରିଥିଲେ। ପରେ ଅଗଷ୍ଟ ୨୦ରେ ସୁପ୍ରିମକୋର୍ଟ ବିଚାରପତି ଅଭୟ ଏସ୍. ଓକା ଓ ଅଗୁଷ୍ଟିନ୍ ଜର୍ଜ ମାସିନ୍‌ଙ୍କ କୋର୍ଟ ମାମଲାଟିକୁ ବିଚାରକୁ ନେଇଥିଲେ। ଶୁକ୍ରବାର ଏହାର ଶୁଣାଣି କରି ପେନ୍‌ସନ ପ୍ରଦାନ କରିବାକୁ ରାୟ ଦେଇଛନ୍ତି।

## ବିବାହ କରିବାକୁ ମନା କରିବାରୁ ଯୁବତୀଙ୍କୁ ଅପହରଣ, ମାଡ଼

ଭୁବନେଶ୍ୱର,୧୮।୧୦ (ସୂର୍ଯ୍ୟକାନ୍ତ ବେହେରା)

ବିବାହ କରିବାକୁ ମନା କରିବାରୁ ଜଣେ ଯୁବତୀଙ୍କୁ ଅପହରଣ କରି ମାଡ ମାରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ଏସ୍‌କେ ବୋନି ଅମିନ। ତାଙ୍କଠାରୁ ଅପରାଧରେ ବ୍ୟବହୃତ ବୁଲେଟକୁ ଜବତ କରାଯାଇଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ପୀଡ଼ିତା ଯୁବତୀ ଓ ଅଭିଯୁକ୍ତ ବୋନିଙ୍କ ମଧ୍ୟରେ ଗତ ଚାରିବର୍ଷ ହେବ ପ୍ରେମ ସମ୍ପର୍କ ଥିଲା। ବୋନିଙ୍କୁ ବିବାହ କରିବା ଲାଗି ପୀଡ଼ିତା ତାଙ୍କ ଘରେ ଜଣାଇ ଥିଲେ ମଧ୍ୟ ଘର ଲୋକେ ଏଥିରେ ରାଜି ହୋଇ ନ ଥିଲେ। ଫଳରେ ପୀଡ଼ିତା ଜଣକ ଏନେଇ ପ୍ରେମିକ ବୋନିଙ୍କୁ ଜଣାଇବା ସହ ସମ୍ପର୍କ ନ ରଖିବା ଲାଗି କହିଥିଲେ। ଏଥିରେ ସେ ପ୍ରତିଶୋଧ ପରାୟଣ ହୋଇ ଗତ ୧୪ ତାରିଖ ରାତିରେ ପୀଡ଼ିତା ଶ୍ରିୟା ଛକରେ ଥିବା ଏକ ଜଳଖିଆ ଦୋକାନରୁ ଘରକୁ ଫେରୁଥିବାବେଳେ ତାଙ୍କୁ ଅପହରଣ କରିନେଇଥିଲେ। ତାଙ୍କୁ ବିବାହ ଲାଗି ଘରେ ମନାଇବା ଲାଗି ତାଙ୍କ ଉପରେ ଚାପ ପକାଇବା ସହିତ ତାଙ୍କୁ ମାଡ ମାରିଥିଲେ। ପୀଡ଼ିତା ଏହାର ବିରୋଧ କରିବାରୁ ଅଭିଯୁକ୍ତ ବୋନି ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ।

# ହବିଷିଆଳି ମା'ମାନେ ଆମ ସଂସ୍କୃତି, ପରମ୍ପରାର ବାର୍ତ୍ତାବହ


ବୃନ୍ଦାବତୀ ନିବାସରେ ହବିଷ ବ୍ରତର ଶୁଭାରମ୍ଭ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖଙ୍କ ସହ ହବିଷିଆଳିମାନେ। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

ପୁରୀ,୧୮।୧୦ (ଅଜିତ୍ କୁମାର ମହାନ୍ତି)

ହବିଷିଆଳି ମା'ମାନେ ଆମ ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ। ସେମାନଙ୍କର ମହାପ୍ରଭୁଙ୍କ ପ୍ରତି ସେବା ଓ ସମର୍ପଣ ମାଧ୍ୟମରେ ପ୍ରତି ଓଡ଼ିଆଙ୍କୁ ଆଶୀର୍ବାଦ ପ୍ରାପ୍ତ ହେଉଛି, ଯାହା ଆମ ଓଡ଼ିଶାକୁ ସମୃଦ୍ଧ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଶୁକ୍ରବାର ଅପରାହ୍ନରେ ବୃନ୍ଦାବତୀ ନିବାସ ପରିସରରେ ଚଳିତବର୍ଷର ହବିଷ ବ୍ରତ ବା ରାଇଦାମୋଦର ବ୍ରତ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଉପମୁଖ୍ୟମନ୍ତ୍ରୀ ପରିଡ଼ା ଏହା ପ୍ରକାଶ କରିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ଏକମାସ ଧରି ହବିଷିଆଳି ମା'ମାନେ ଶ୍ରୀକ୍ଷେତ୍ରରେ ରହି ମହାପ୍ରଭୁଙ୍କ ଦର୍ଶନ, ମହାପ୍ରସାଦ ସେବନ, ଭଜନ କୀର୍ତ୍ତନରେ ବ୍ରତୀ ହେବେ। ଏହା ସେମାନଙ୍କୁ ଯେତିକି ଆଧ୍ୟାତ୍ମିକ ଓ ଧାର୍ମିକ ଶାନ୍ତି ଦେବ, ତାଙ୍କୁ ସେବା ଓ ସହଯୋଗ ଯୋଗାଉଥିବା ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ମଧ୍ୟ ଅନୁରୂପ ଆଶୀର୍ବାଦ ପ୍ରାପ୍ତ ହେବେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମା'ମାନେ ଯେପରି ସ୍ୱଚ୍ଛନ୍ଦ ଓ ଶାନ୍ତିଶୃଙ୍ଖଳାରେ ବ୍ରତ କରିବେ ସେଥିପ୍ରତି ସରକାର ଏବଂ ପ୍ରଶାସନ ଯତ୍ନବାନ ଅଛନ୍ତି। ସେମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ପରିଡ଼ା କହିଥିଲେ। ମୁଖ୍ୟ ବକ୍ତାଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, କ୍ରୀଡ଼ା ଓ ଯୁବସେବା ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ କହିଥିଲେ, ଓଡ଼ିଆ ସଂସ୍କୃତିରେ ବାର ମାସରେ ତେର ପର୍ବ ଆମ ପରମ୍ପରାକୁ ମହାନ୍ କରିଛି। ହବିଷ ବ୍ରତ ମଧ୍ୟ ସେହିପରି ଏକ ଅନନ୍ୟ ଧାର୍ମିକ ବ୍ରତ। ଏକ ମାସ ବ୍ରତର କଠୋର ସାଧନା, ଈଶ୍ୱରଙ୍କ ପ୍ରତି ମା'ମାନଙ୍କ ତ୍ୟାଗ, ସମର୍ପଣ ଆମ ସଂସ୍କୃତିର ଅନନ୍ୟ ଉଦାହରଣ। ଚଳିତ ବର୍ଷ ସଂସ୍କୃତି ବିଭାଗ ମା'ମାନଙ୍କ ସୁଖଦ ବ୍ରତ ପାଇଁ ଅର୍ଥ ମଞ୍ଜୁର ସହ ସରକାର ସମସ୍ତ ସହଯୋଗ କରିଛନ୍ତି ବୋଲି ସେ ସୂଚନା ଦେଇଥିଲେ। ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ମା'ମାନଙ୍କ ହବିଷ ବ୍ରତ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ହବିଷ ବ୍ରତ ପାଇଁ ସମସ୍ତ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯାଇଛି ବୋଲି କହିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମଞ୍ଚ ପରିଚାଳନା କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବୃନ୍ଦାବତୀ ନିବାସରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଆକାଶଦୀପ ପ୍ରଜ୍ୱଳନ କରିଥିଲେ। ସନ୍ଧ୍ୟାରେ ପ୍ରତ୍ୟେକ ନିବାସରେ ମହାପ୍ରସାଦ ସେବନ ସହ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯାଇଥିଲା। ବିଭିନ୍ନ ନିବାସରେ ମୋଟ ୨୫୪୪ ହବିଷିଆଳି ରହିଛନ୍ତି। ସମସ୍ତ ନିବାସର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇସାରିଥିବାରୁ ଆଉ କୌଣସି ନୂତନ ହବିଷିଆଳିଙ୍କୁ ରଖାଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।




ମଣିଷ ପ୍ରକୃତିର ଦିବ୍ୟରୂପାନ୍ତର ହେବ ବୋଲି ଆମେ ଯାହା କହୁଛୁ- ତାହା ହେଲା ତା'ପ୍ରକୃତିର ଏକ ସମ୍ପୂର୍ଣ୍ଣ ଓ ସମଗ୍ରିକ ପରିବର୍ତ୍ତନ। କେହି ଭାବିବା ଉଚିତ ନୁହେଁ ଯେ, ଏହା କେବଳ ଏକପ୍ରକାର ଉଚ୍ଚସ୍ତରୀୟ ମାନବିକତା ମାତ୍ର। ଦିବ୍ୟରୂପାନ୍ତର ହେଲା ଆମ ଅଜ୍ଞାନ ପ୍ରକୃତିର ମିଥ୍ୟାରୁ ମୁକ୍ତ ହୋଇ ଦିବ୍ୟ- ପ୍ରକୃତିର ସତ୍ୟ ସହିତ ଏକାତ୍ମ ହେବା। -ଶ୍ରୀଅରବିନ୍ଦ



# ଅନିଶ୍ଚୟତାରେ ଅଧିକାରୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନା ମଧ୍ୟରେ କ୍ୟାଡର୍ ପୁନଃ ଆବଣ୍ଟନକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ଜାରି କରିଥିବା ନିର୍ଦ୍ଦେଶନାମାକୁ ନେଇ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ଦୁଇ ରାଜ୍ୟ ବିଭାଜନର ଏକ ଦଶନ୍ଧି ମଧ୍ୟରେ ପ୍ରାୟ ଦଶ ଜଣ ଅଧିକାରୀଙ୍କୁ ସେମାନଙ୍କର ମୂଳ କ୍ୟାଡର ରାଜ୍ୟକୁ ଫେରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାରମ୍ଭରେ ୨୦୧୪ରେ ପ୍ରତ୍ୟୁଷ ସିହ୍ନା କମିଟି ସୁପାରିସ କ୍ରମେ ଆନ୍ଧ୍ର କିମ୍ବା ତେଲଙ୍ଗାନାକୁ କ୍ୟାଡର୍ ଆବଣ୍ଟନ କରାଯାଇଥିଲା। ଏହି ଅଧିକାରୀମାନଙ୍କୁ ସେମାନଙ୍କ ପସନ୍ଦର ସ୍ଥାନରେ ରହିବାକୁ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ(ସିଏଟି)ଙ୍କ ମଧ୍ୟବର୍ତ୍ତିକାଳୀନ ନିଷ୍ପତ୍ତି ସାହାଯ୍ୟ କରିଥିଲା। ବର୍ତ୍ତମାନ ତେଲଙ୍ଗାନା ହାଇକୋର୍ଟଙ୍କ ରାୟ ପରେ କେନ୍ଦ୍ରର କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଏହି ଅଧିକାରୀଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରି ସେମାନଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛି। ସୂତ୍ରରୁ ଜଣାପଡ଼ିଛି, ୨୦୧୪ରେ ବିଭାଜନ ସମୟରେ ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନା ମଧ୍ୟରେ ଅନେକ ଶହ ଅଧିକାରୀଙ୍କୁ କ୍ୟାଡର ବଣ୍ଟନ କରାଯାଇଥିଲା। ଅବଶ୍ୟ କେତେଜଣ ଅଧିକାରୀ ସେମାନଙ୍କ ସ୍ଥାନ ଉପରେ ଆପତ୍ତି ଉଠାଇ ପ୍ରକ୍ରିୟାଗତ ସ୍ୱଚ୍ଛତା ଉପରେ ଚିନ୍ତାପ୍ରକଟ କରିଥିଲେ। ସିଏଟିର ମଧ୍ୟବର୍ତ୍ତିକାଳୀନ ନିଷ୍ପତ୍ତି ସେମାନଙ୍କୁ ସେମାନଙ୍କ ମନୋନୀତ ରାଜ୍ୟଗୁଡ଼ିକରେ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦେଇଥିଲା, କିନ୍ତୁ ସମ୍ପ୍ରତି ହାଇକୋର୍ଟଙ୍କ ଆଦେଶ ସିଏଟିର ଅତ୍ୟଧିକ ପଦକ୍ଷେପକୁ ସମାଲୋଚନା କରିବା ସହ ପ୍ରାରମ୍ଭିକ ଆବଣ୍ଟନକୁ ପ୍ରତ୍ୟାବର୍ତ୍ତନ କରିବାକୁ କହିଛି। ଆନ୍ଧ୍ର ପ୍ରଦେଶର ଅଧିକାରୀ ଚେଭୁରୁ ହରି କିରଣଙ୍କୁ ତେଲଙ୍ଗାନା ପଠାଯାଉଥିବାବେଳେ ତେଲଙ୍ଗାନାର ବାଣୀ ପ୍ରସାଦ ଏବଂ ରୋନାଲ୍ଡ ରୋଜଙ୍କ ଭଳି ଅଧିକାରୀମାନେ ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ରିପୋର୍ଟ କରିବାକୁ ପଡ଼ିବ। ତେବେ ଏମାନେ ଏହି ପଦକ୍ଷେପକୁ ବିରୋଧ କରୁଛନ୍ତି।

### ଆପ୍‌ର ପଦକ୍ଷେପ

ଅରବିନ୍ଦ କେଜ୍‌ରିୱାଲ ଏବେ ଜାମିନରେ ଆସିଥିଲେ ବି ହରିୟାଣା ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି(ଏଏପି ବା ଆପ୍) କୌଣସି ଆସନ ପାଇନାହିଁ। ତେବେ ଦିଲ୍ଲୀ ସହ ପଞ୍ଜାବରେ ଆପ୍ କ୍ଷମତାରେ ରହିଛି। ଏବେ ପଞ୍ଜାବରେ ଦଳ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରୁଥିବା ଦେଖାଯାଉଛି। ବଡ଼ ପରିବର୍ତ୍ତନ ହେଉଛି ପଞ୍ଜାବର ନୂତନ ମୁଖ୍ୟ ସଚିବ ଭାବରେ କେ.ଏ.ପି. ସିହ୍ନାଙ୍କ ନିଯୁକ୍ତି। ଜୁନ୍ ୨୦୨୩ ପରଠାରୁ ଏହି ପଦବୀରେ ଥିବା ଅନୁରାଗ ବର୍ମାଙ୍କ ସ୍ଥାନରେ ତାଙ୍କୁ ନିଯୁକ୍ତ କରାଯାଇଛି। ୧୯୯୨ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସିହ୍ନା ଏହା ପୂର୍ବରୁ ରାଜସ୍ୱ, କୃଷି ଓ ଜଳ ସଂରକ୍ଷଣ ବିଭାଗର ସ୍ୱତନ୍ତ୍ର ମୁଖ୍ୟ ଶାସନ ସଚିବ ଭାବରେ କାର୍ଯ୍ୟ କରିଥିଲେ। ଏହି ପୃଷ୍ଠଭୂମି ତାଙ୍କୁ ନୂତନ ପଦବୀରେ କାର୍ଯ୍ୟ କରିବାରେ ସହଯୋଗ କରିବ। ଏହାସହ ବର୍ମା ପୁନର୍ବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ରାଜସ୍ୱ, ପୁନଃଥଇଥାନ ଏବଂ ବିପର୍ଯ୍ୟୟ ପରିଚାଳନା ସମେତ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜଣିବାକୁ ମିଳୁଛି ଯେ ଦିଲ୍ଲୀରୁ ଆପ୍‌ର ନେତୃତ୍ୱ ପଞ୍ଜାବକୁ ପ୍ରତିନିଧି ପଠାଇଛନ୍ତି ଏବଂ ସେମାନେ ଚଣ୍ଡିଗଡ଼ରେ ଡେରା ପକାଇଛନ୍ତି। ପଞ୍ଜାବର ପ୍ରଶାସନ ଉପରେ ସେମାନଙ୍କ ପ୍ରଭାବ ଜାହିର କରିବା ପାଇଁ କେନ୍ଦ୍ରୀୟ ଆପ୍ ନେତୃତ୍ୱର ଏହା ଏକ କୌଶଳ ହୋଇପାରେ ବୋଲି କୁହାଯାଉଛି। ଏହି ପଦକ୍ଷେପ ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କର ଅଧିକାରକୁ ହ୍ରାସ କରିବା ପାଇଁ ଏକ ମାଧ୍ୟମ ଭାବରେ ରାଜ୍ୟରେ କ୍ଷମତା ଗତିଶୀଳତାକୁ ପୁଣି ବଢ଼ାଇଦେଇଛି। ପଞ୍ଜାବରେ ମାନ୍‌ଙ୍କ କ୍ଷମତାକୁ ସୀମିତ କରି ଆପ୍ ସ୍ଥିତି ମଜଭୁତ କରିବ ନା ନୂତନ ଉତ୍ତେଜନା ସୃଷ୍ଟି କରିବ ତାହା ଦେଖିବାକୁ ବାକି ରହିଲା।

### ଅକଳରେ ଅସ୍ଥାନା

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ବୋର୍ଡ ଅଫ୍ ରିଲିଗେର ଏଣ୍ଟରପ୍ରାଇସ୍ (ଆର୍‌ଇଏଲ୍)ରେ ରାକେଶ ଅସ୍ଥାନାଙ୍କ ନିଯୁକ୍ତି ପ୍ରସ୍ତାବକୁ ରଦ୍ଦ କରିଛି। ଅସ୍ଥାନା ହେଉଛନ୍ତି ପୂର୍ବତନ ଦିଲ୍ଲୀ ପୋଲିସ କମିଶନର ଏବଂ ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ। ଏହା ବ୍ୟତୀତ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି)ର ମହାନିର୍ଦ୍ଦେଶକ ଥିଲେ। ତାଙ୍କର ଏଭଳି ଆକର୍ଷଣୀୟ କ୍ୟାରିୟର ସତ୍ତ୍ୱେ ସେ ନୂଆ ସଂସ୍ଥାରେ ପ୍ରବେଶ କରିବାରେ ବାଧାର ସମ୍ମୁଖୀନ ହେଉଛନ୍ତି। ନଭେମ୍ବର ୨୦୨୩ରେ ଆର୍‌ଇଏଲ୍ ବୋର୍ଡ ତାଙ୍କୁ ଅତିରିକ୍ତ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରିଥିଲା, ପରେ ତାଙ୍କୁ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ଦେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଆର୍‌ଇଏଲ୍‌ରେ ନିଯୁକ୍ତି ପାଇଁ ଅଂଶୀଦାର ଓ ନିୟାମକ ଅନୁମୋଦନ ଆବଶ୍ୟକ। ଏବେ ବିଷୟଟି ଜଟିଳ ହୋଇଯାଇଛି। ଆର୍‌ବିଆଇର ସବୁଜ ସଙ୍କେତ ବିନା ବାଧ୍ୟତାମୂଳକ ତିନି ମାସ ସମୟ ପରେ ଅନୁମୋଦନ ପ୍ରକ୍ରିୟାରେ ସମସ୍ୟା ଉପୁଜିଛି। ଏବକାର ଆର୍‌ବିଆଇ ନିଷ୍ପତ୍ତି କେବଳ ଅସ୍ଥାନାଙ୍କୁ ନୂଆ ଦାୟିତ୍ୱରୁ ବିରତ କରିନାହିଁ ବରଂ ବୋର୍ଡ ନିଯୁକ୍ତି କ୍ଷେତ୍ରରେ ନିୟାମକ ମାର୍ଗଦର୍ଶିକାକୁ ପାଳନ କରାଯିବା ଦରକାର ବୋଲି ସ୍ମରଣ କରାଇ ଦେଇଛି। ଏହା କେବଳ ଉପଯୁକ୍ତ ଯୋଗ୍ୟତା ବିଷୟ ନୁହେଁ, ବରଂ ଅର୍ଥ ଭଳି ଏକ ଦୃଢ଼ ନିୟାମକ କ୍ଷେତ୍ରରେ ଆଇନର କାର୍ଯ୍ୟକାରିତା ଅତି ଗୁରୁତ୍ୱପୂର୍ଣ୍ଣ। ଆଇନ ପ୍ରବର୍ତ୍ତନରେ ହାଇ ପ୍ରୋଫାଇଲ ପଦବୀରେ ଅନେକ ବର୍ଷ କାମ କରିବା ପରେ କର୍ପୋରେଟ ସେକ୍ଟରକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଥିବାବେଳେ ଏବେ ସେ ଏକ ଭିନ୍ନ ତଥା ଅଦ୍ଭୁତ ସ୍ଥିତି ବା ଅକଳରେ ପଡ଼ିଯାଇଛନ୍ତି। ଆର୍‌ଇଏଲ୍‌ରେ ଅଭିଜ୍ଞ ନେତୃତ୍ୱ ପାଇବା ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ, ଏହା କରିବା ସବୁବେଳେ ସହଜ ନୁହେଁ।

Email: dilipcherian@gmail.com

# ଖାଦ୍ୟ ନଷ୍ଟ ଏକ ଅପରାଧ



ଡ. ସନ୍ତୋଷ କୁମାର ମହାପାତ୍ର

ବିଶ୍ୱ କ୍ଷୁଧା ସୂଚକାଙ୍କରେ (ଜିଏଚ୍‌ଆଇ) ୨୦୨୪ରେ ସ୍ଥାନ ପାଇଥିବା ୧୨୭ ଦେଶ ମଧ୍ୟରୁ ଭାରତର ସ୍ଥାନ ୧୦୫ରେ ରହିଛି। ଅର୍ଥାତ କ୍ଷୁଧା ଦୂର କରିବାରେ ୧୦୪ଟି ଦେଶ ତଳେ ଅଛି। ଗତବର୍ଷ ତାଲିକାରେ ସ୍ଥାନ ପାଇଥିବା ୧୨୫ ଦେଶ ମଧ୍ୟରେ ଭାରତ ୧୧୧ତମ ସ୍ଥାନରେ ରହିଥିଲା। ସେହିଭଳି ୨୦୨୨ରେ ୧୨୧ ଦେଶ ମଧ୍ୟରେ ଭାରତ ତାଲିକାର ୧୦୭ରେ ଥିଲା। ୨୦୨୪ ସୂଚକାଙ୍କ ଯେଉଁ ପଦ୍ଧତିରେ ହୋଇଛି ତାହା ୨୦୦୦, ୨୦୦୮, ୨୦୧୬ ସୂଚକାଙ୍କ ସହିତ ତୁଳନୀୟ। ଏହି ସୂଚକାଙ୍କରେ କ୍ରମାଗତ ଭାବେ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ଧରି ଜାରି ରହିଛି ଭାରତର ନୈରାଶ୍ୟଜନକ ପ୍ରଦର୍ଶନ। ପାକିସ୍ତାନ ଓ ଆଫଗାନିସ୍ତାନ ସ୍ଥିତି ଭାରତଠାରୁ ଖରାପ ହେଲେ ମଧ୍ୟ ନେପାଳ, ବାଂଲାଦେଶ, କାମ୍ବୋଡିଆ, ଫିଜି ଓ ଶ୍ରୀଲଙ୍କା ଭଳି ଦେଶ କ୍ଷୁଧାରୁ ନିଜ ଦେଶର ଲୋକଙ୍କୁ ବଞ୍ଚାଇବା ଲାଗି ଭାରତ ଠାରୁ ଭଲ ପ୍ରଦର୍ଶନ କରିଛନ୍ତି। ପୁନଶ୍ଚ ସୁସ୍ଥ ଖାଦ୍ୟ ପାଇବାକୁ ଅସମର୍ଥ ଭାରତୀୟଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଖାଦ୍ୟ ଅଭାବରୁ ବିଶ୍ୱରେ ୭୩.୩କୋଟି ଅପପୁଷ୍ଟି ବା କୁପୋଷଣରେ ଜର୍ଜରିତ ହେଲାବେଳେ ୨୮୦ କୋଟି ଲୋକ ସ୍ୱାସ୍ଥ୍ୟକର ଖାଦ୍ୟ ପାଇବାରୁ ବଞ୍ଚିତ। ଭାରତରେ ୨୦ କୋଟିରୁ ଉର୍ଦ୍ଧ୍ୱ ଲୋକ ଅପପୁଷ୍ଟି ବା କୁପୋଷଣରେ ଜର୍ଜରିତ ହୋଇଥିଲା ବେଳେ ୫୫.୬% ବା ୭୮.୮୨ କୋଟି ଲୋକ ସ୍ୱାସ୍ଥ୍ୟକର ଖାଦ୍ୟ ପାଇବାରୁ ବଞ୍ଚିତ।

ସୂଚକାଙ୍କରେ ଭାରତର ଦୟନୀୟ ସ୍ଥିତିକୁ ସରକାର ସ୍ୱୀକାର କରିବାକୁ ଅନିଚ୍ଛୁକ। ବାସ୍ତବରେ ଏହି ସୂଚକାଙ୍କରେ ଭୋକ ବା କ୍ଷୁଧା ଆକଳନ ହୋଇନଥାଏ ବରଂ ଅପପୁଷ୍ଟି ବା ପୁଷ୍ଟିହୀନତା ବା କୁପୋଷଣ ଆକଳନ କରାଯାଇଥାଏ। ଏହା ଖାଦ୍ୟରେ କ୍ୟାଲୋରି ଅଭାବରୁ ଜଣା ପଡିଥାଏ। ପ୍ରତିବର୍ଷ କନସର୍ନ ୱାର୍ଲ୍ଡ ୱାଇଡ ଏବଂ ୱାର୍ଲ୍ଡ ହଙ୍ଗର ହେଲ୍ପ ନାମକ ୟୁରୋପୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଶ୍ୱ କ୍ଷୁଧା ସୂଚକାଙ୍କ (ଜିଏଚଆଇ) ଏହି ତାଲିକା ପ୍ରସ୍ତୁତ କରିଥାନ୍ତି। ବିଶ୍ୱ କ୍ଷୁଧା ସୂଚକାଙ୍କ ସାଧାରଣତଃ ୪ ମାନଦଣ୍ଡ ଆଧାରରେ ପ୍ରସ୍ତୁତ କରାଯାଇଛି। ପ୍ରଥମରେ ଅପପୁଷ୍ଟି ବା କୁପୋଷଣ ବା ଅଣ୍ଡରନିୟୁଟ୍ରିଶନ। ଅର୍ଥାତ ଜନସଂଖ୍ୟାର କେତେ ପ୍ରତିଶତ ପର୍ଯ୍ୟାପ୍ତ ପରିମାଣର ପୁଷ୍ଟିକର ଆହାର ଖାଇବାକୁ ପାଆନ୍ତିନି। ଅର୍ଥାତ ୧୩.୭% ଭାରତୀୟଙ୍କୁ ସୁସ୍ଥ ବ୍ୟକ୍ତିଙ୍କୁ ଦିନସାରା ଯେତିକି କ୍ୟାଲୋରି ଖାଦ୍ୟ ଦରକାର ସେତିକି ମିଳୁନାହିଁ। ସେହିଭଳି ଶିଶୁ ଅପଚୟ ବା ଚାଇଲ୍ଡ ୱେଷ୍ଟିଙ୍ଗ (ପାଞ୍ଚ ବର୍ଷରୁ କମ ବୟସର ପିଲାଙ୍କ ମଧ୍ୟରୁ କେତେ ପ୍ରତିଶତଙ୍କ ଓଜନ ଉଚ୍ଚତା ଅନୁସାରେ କମ୍, ଯାହା ତୀବ୍ର ପୁଷ୍ଟିହୀନତା ସୂଚାଇଥାଏ। ଭାରତରେ ଏହା ୧୮.୭%। ତୃତୀୟରେ ଶିଶୁ ଗେଡା ହେବା ବା ଚାଇଲ୍ଡ ଷ୍ଟଣ୍ଟିଂ (ପାଞ୍ଚ ବର୍ଷରୁ କମ ବୟସର ପିଲାଙ୍କ ମଧ୍ୟରୁ କେତେ ପ୍ରତିଶତଙ୍କ ଉଚ୍ଚତା ବୟସ ଅନୁପାତରେ କମ୍, ଯାହା 'କ୍ରୋନିକ' ପୁଷ୍ଟିହୀନତାକୁ ପ୍ରତିଫଳିତ କରେ)। ଏହା ଭାରତରେ ୩୫.୫%। ଚତୁର୍ଥରେ ପାଞ୍ଚ ବର୍ଷରୁ କମ୍ ବୟସର ପିଲାମାନଙ୍କ ମୃତ୍ୟୁହାର)। ଭାରତରେ ଏହା ୨.୯%। ଏହା ପୁଷ୍ଟିକର ଖାଦ୍ୟର ଅଭାବ ଏବଂ ଅସ୍ୱାସ୍ଥ୍ୟକର ପରିବେଶର ସାଂଘାତିକ ମିଶ୍ରଣକୁ ବୁଝାଏ।



କେଉଁ ଦେଶରେ କ୍ଷୁଧା ସ୍ଥିତି କ'ଣ ତାହା ଏହି ରିପୋର୍ଟରୁ ସ୍ପଷ୍ଟ ଭାବେ ଜଣାପଡ଼େ। ୧୦୦ ସ୍କୋର ହେଲେ ସର୍ବାଧିକ କ୍ଷୁଧା ଏଂ ଶୂନ ହେଲେ କ୍ଷୁଧା ଜମା ନାହିଁ। କ୍ଷୁଧା ତାଲିକାର ସ୍କୋର ୯.୯ କିମ୍ବା ତା'ଠାରୁ କମ୍ ରହିଲେ ତାକୁ ସର୍ବନିମ୍ନ ବୋଲି ଧରାଯାଏ। ସେହିଭଳି ୧୦.୦ରୁ ୧୯.୯ ଭିତରେ ରହିଲେ ସ୍ୱାଭାବିକ କିମ୍ବା ନିୟନ୍ତ୍ରିତ, ୨୦.୦ରୁ ୩୪.୯ ଭିତରେ ରହିଲେ ଗମ୍ଭୀର, ୩୫.୦ରୁ ୪୯.୯ ରହିଲେ ବିପଜ୍ଜନକ ଏବଂ ୫୦.୦ କିମ୍ବା ତାଠାରୁ ଅଧିକ ରହିଛି ଅତି ବିପଜ୍ଜନକ ଭାବେ ଗଣନା କରାଯାଏ। ଭାରତର କ୍ଷୁଧା ତାଲିକା ସ୍କୋରରେ ଉନ୍ନତି ଘଟିଛି। କ୍ଷୁଧା ସ୍କୋର ୨୦୦୦ରେ ୩୮.୪ ଥିଲାବେଳେ ୨୦୦୮ରେ ୩୫.୨, ୨୦୧୬ରେ ୨୯.୨ ଏଂ ୨୦୨୪ରେ ୨୭.୩କୁ ହ୍ରାସ ପାଇଛି। କିନ୍ତୁ କ୍ଷୁଧା ସ୍ତର ସାଂଘାତିକ। କ୍ଷୁଧା କମିବା ଏକ ସ୍ୱାଭାବିକ ପ୍ରକ୍ରିୟା, କିନ୍ତୁ ବିଲୋପ ନ ହେବା ଏକ ବଡ଼ ବିଫଳତା। ୨୦୩୦ ସୁଦ୍ଧା ମିଳିତ ଜାତିସଂଘର କ୍ଷୁଧା ବିଲୋପ କରିବାର ଯେଉଁ ଲକ୍ଷ୍ୟ ରହିଛି, ତାହା ପୂରଣ ହେବାର ଆଦୌ ସମ୍ଭାବନା ନାହିଁ। କ୍ଷୁଧା ଦୂର ନ ହେବା ଏକ ଲଜ୍ଜାକର ଘଟଣା। କାରଣ ଏହା ଯୋଗୁ ଆମ ଭାବନା ଓ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼େ ବୋଲି ବିଭିନ୍ନ ଅଧ୍ୟୟନରୁ ଜଣାପଡ଼େ। ନେଦରଲାଣ୍ଡର ଗ୍ରୋନିଙ୍ଗନ ବିଶ୍ୱବିଦ୍ୟାଳୟର ମନୋବୈଜ୍ଞାନିକ ନିଏନକେ ଜୋଙ୍କର ଓ ତାଙ୍କ ସହକର୍ମୀମାନେ ୧୨୯ ମହିଳାଙ୍କ ଉପରେ ଅଧ୍ୟୟନ କରିଥିଲେ। ଅଧା ମହିଳାଙ୍କୁ ୧୪ ଘଣ୍ଟା ଧରି ଭୋକରେ ରଖାଗଲା। କ୍ଷୁଧା ସ୍ତର, ଖାଦ୍ୟ ଅଭ୍ୟାସ ଓ ମୁଡ୍ ବିଷୟରେ ସେମାନଙ୍କୁ ପଚରାଗଲା। ଭୋକରେ ଥିବା ମହିଳାଙ୍କଠାରେ ନକାରାତ୍ମକ ଭାବନା, ଅବସାଦ, କ୍ରୋଧ, ଚିନ୍ତା, ଥକ୍କାପଣ ଓ ଭ୍ରମ ଆଦି ଦେଖାଗଲା।

ଭାରତର ସମ୍ବିଧାନର ଧାରା ୪୭ ହେଉଛି ଏକ ନିର୍ଦ୍ଦେଶନାମା, ଯାହା ଅନୁଯାୟୀ କିପରି ଜନସାଧାରଣ ସାମାଜିକ ନ୍ୟାୟ ସ୍ୱରୂପ ଏକ ଉନ୍ନତ ତଥା ସୁସ୍ଥ ଜୀବନଯାପନ ପାଇପାରିବେ, ସେଥିପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେବେ। ପୁନଶ୍ଚ ଏହା ସମସ୍ତଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ତଥା ଜୀବନଧାରଣର ସ୍ତର ତଥା ଜନସ୍ୱାସ୍ଥ୍ୟର ଉନ୍ନତିକୁ ଏ ପ୍ରାଥମିକ କର୍ତ୍ତବ୍ୟ ପରି ବିବେଚନା କରିବା ସହିତ ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ତଥା ପୁଷ୍ଟିକର ଖାଦ୍ୟ ପାଇବାକୁ ସୁନିଶ୍ଚିତ କରେ। ଭାରତୀୟ ସମ୍ବିଧାନ ଧାରା୨୧ଅନୁଯାୟୀ ଖାଦ୍ୟର ଅଧିକାରକୁ ଏକ ମୌଳିକ ଅଧିକାର ଭାବରେ ସ୍ୱୀକୃତି ଦେଇ ନାହିଁ। ତଥାପି ଏହା ମାନବିକ ସମ୍ମାନ ସହିତ ବଞ୍ଚିବାର ଅଧିକାର ଅଧୀନରେ ଆସିପାରେ, ଯାହା ପରୋକ୍ଷରେ ଧାରା ୨୧ ଅନୁଯାୟୀ ଏକ ମୌଳିକ ଅଧିକାର ବୋଲି ଧରିବାକୁ ପଡ଼ିବ। ଏହି କର୍ତ୍ତବ୍ୟ ନିର୍ବାହରେ ଦେଶ ଯେ ବିଫଳ ହୋଇଛି ତାହା ସ୍ପଷ୍ଟ ଭାବରେ ଚେତେଇ ଦେଇଛି ବିଶ୍ୱ କ୍ଷୁଧା ସୂଚକାଙ୍କ ତଥ୍ୟ।

ଏହି ସମସ୍ୟାର ସମାଧାନ ପାଇଁ କେତେକ ସମ୍ଭାବ୍ୟ ପନ୍ଥା ହେଉଛି ସମସ୍ତଙ୍କୁ ଖାଦ୍ୟ ପ୍ରାପ୍ତ କରାଇବାର ବ୍ୟବସ୍ଥା କରିବା। କୃଷି ଉତ୍ପାଦିକତାରେ ବୃଦ୍ଧି, ସାମାଜିକ ନିରାପତ୍ତା ଜାଲକୁ ମଜଭୁତ କରିବା, ନିରନ୍ତର କୃଷିକୁ ପ୍ରୋତ୍ସାହିତ କରିବା, ଖାଦ୍ୟ ନଷ୍ଟ ପରିମାଣ ବା ବର୍ଜ୍ୟବସ୍ତୁକୁ ହ୍ରାସ କରିବା ଏବଂ ଭୋକର ମୂଳ କାରଣକୁ ଖୋଜି ସମାଧାନ କରିବା। ମିଳିତ ଜାତିସଂଘର ଖାଦ୍ୟ ବର୍ଜ୍ୟବସ୍ତୁ ସୂଚକାଙ୍କ ରିପୋର୍ଟ ୨୦୨୪ ଅନୁଯାୟୀ ବିଶ୍ୱରେ୨୦୨୨ରେ ୧୦୫ କୋଟି ଟନ୍ ଖାଦ୍ୟ ବର୍ଜ୍ୟବସ୍ତୁ ସୃଷ୍ଟି ହୋଇଥିଲା, ଅର୍ଥାତ ମୁଣ୍ଡପିଛା ବାର୍ଷିକ ୧୩୨ କିଲୋଗ୍ରାମ ଖାଦ୍ୟ ନଷ୍ଟ ହୋଇଛି, ଯାହା ମୁଣ୍ଡପିଛା ଉପଲବ୍ଧ ଖାଦ୍ୟର ଏକ ପଞ୍ଚମାଂଶ। ଭାରତୀୟ ପରିବାର ପ୍ରତିବର୍ଷ ୭.୮୨କୋଟି ଟନ୍ ଖାଦ୍ୟ ନଷ୍ଟ କରୁଛନ୍ତି। ଭାରତର ମୁଣ୍ଡପିଛା ବାର୍ଷିକ ଖାଦ୍ୟ ବର୍ଜ୍ୟବସ୍ତୁ ଓ ଖାଦ୍ୟ ନଷ୍ଟ ୫୫ କିଲୋଗ୍ରାମରେ ଦର୍ଶାଯାଇଛି। ଭାରତର ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଖାଦ୍ୟ ନଷ୍ଟ ପରିମାଣ ବା ବର୍ଜ୍ୟବସ୍ତୁ ଅଧିକ। ଯେତେବେଳେ କ୍ଷୁଧା ବ୍ୟାପକ, ଖାଦ୍ୟ ନଷ୍ଟ ସେତେବେଳେ ଏକ ଅପରାଧ।

ମୋ:୯୪୩୭୨୦୮୭୬୨

# ଅବୁଝା ସମବାୟ ଆଇନ



ପ୍ରତାପ ଚନ୍ଦ୍ର ସାମଲ

୧୯୯୦ରୁ ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଚୌଧୁରୀ ବ୍ରହ୍ମପ୍ରକାଶ କମିଟି, ଜଗଦୀଶ କପୁର କମିଟି, ଭି.କେ. ପାଟିଲ୍ କମିଟି, ଭି.ଏସ୍. ବ୍ୟାସ କମିଟି ଓ ପ୍ରଫେସର ବୈଦ୍ୟନାଥନ୍‌ଙ୍କ ଅଧ୍ୟକ୍ଷତାରେ ବସିଥିବା କମିଟିଗୁଡ଼ିକ ସମବାୟ ଆଇନ ସଂଶୋଧନ କରି ସମବାୟ ସଂସ୍ଥାଗୁଡ଼ିକର ପଦ୍ଧତିରେ ସୁପରିଚାଳନା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ସୁପାରିସଗୁଡ଼ିକ କାର୍ଯ୍ୟକାରୀ କରାଯାଇ ଓଡ଼ିଶା ସମବାୟ ସମିତି ଆଇନର କେତେକ ଧାରାରେ ସଂଶୋଧନ କରାଯାଇଛି। ଓଡ଼ିଶା ସମବାୟ ସମିତି ଧାରା ୩ର ଉପଧାରା (୧) ଅନୁଯାୟୀ ରାଜ୍ୟ ସରକାର ଜଣେ ସମବାୟ ସମିତି ସମୂହ ନିବନ୍ଧକଙ୍କୁ ନିଯୁକ୍ତି ଦେଇଥାନ୍ତି ଏବଂ ତାଙ୍କୁ ସାହାଯ୍ୟ କରିବା ପାଇଁ ସମବାୟ ସମିତି ନିୟମାବଳୀ ୫ରେ ବର୍ଣ୍ଣିତ ପଦବୀ ଯୁକ୍ତ ବ୍ୟକ୍ତି ଯଥା - ଅତିରିକ୍ତ, ଯୁଗ୍ମ, ଉପ, ସହକାରୀ ସମବାୟ ନିବନ୍ଧକ ଓ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ଅନ୍ୟାନ୍ୟ ପଦବୀଯୁକ୍ତ ଅଧିକାରୀମାନଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଥାନ୍ତି। ଏମାନଙ୍କୁ ସମବାୟ ଆଇନ ଧାରା ୩ର ଉପଧାରା (୨) ଅନୁଯାୟୀ ରାଜ୍ୟ ସରକାର ନିବନ୍ଧକଙ୍କ ସମସ୍ତ କ୍ଷମତା କିମ୍ବା କୌଣସି ବିଶେଷ କ୍ଷମତାପ୍ରଦ କରିଥାନ୍ତି ଏବଂ ତଦନୁଯାୟୀ ସମବାୟ ନିବନ୍ଧକ ଏହି କ୍ଷମତାପ୍ରାପ୍ତ ଅଧିକାରୀମାନଙ୍କୁ ନିବନ୍ଧକଙ୍କ ସମସ୍ତ କିମ୍ବା ଉକ୍ତ ବିଶେଷ କ୍ଷମତା ପ୍ରୟୋଗ କରିବା ପାଇଁ ସ୍ଥାନୀୟ ସୀମା ନିର୍ଦ୍ଧାରଣ କରିଥାନ୍ତି। ସମବାୟ ଆଇନ ଧାରା ୩ର ଉପଧାରା (୩) ଅନୁଯାୟୀ ରାଜ୍ୟ ସରକାର ଚାହିଁଲେ କୌଣସି ସମବାୟ ଅନୁଷ୍ଠାନ ସ୍ଥାନୀୟ ପ୍ରାଧିକରଣମାନଙ୍କୁ ନିବନ୍ଧକଙ୍କୁ ସାହାଯ୍ୟ କରିବାକୁ ନିଯୁକ୍ତି କରିବା ବ୍ୟବସ୍ଥା ମଧ୍ୟ ରହିଛି। ସେହିପରି ସମବାୟ ଆଇନ ଧାରା ୩ର ଉପଧାରା (୪) ଅନୁଯାୟୀ ସମବାୟ ଆଇନ ଧାରା ୩ର ଉପଧାରା (୨) କିମ୍ବା (୩) ଅନୁସାରେ ନିବନ୍ଧକଙ୍କୁ ସାହାଯ୍ୟ କରିବାକୁ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ବ୍ୟକ୍ତି, ସମବାୟ ସମିତି ଓ ପ୍ରାଧିକରଣମାନେ ସମବାୟ ନିବନ୍ଧକଙ୍କ ନିୟନ୍ତ୍ରଣ ଏବଂ ଦେଖାରଖାରେ କାର୍ଯ୍ୟ କରିବାକୁ ଆଇନରେ ବ୍ୟବସ୍ଥା ରହିଛି। ଯେତେ ଉଚ୍ଚ ପଦାଧିକାରୀ ବ୍ୟକ୍ତି, ଅନୁଷ୍ଠାନ ଓ ପ୍ରାଧିକରଣ ହୋଇଥିଲେ ମଧ୍ୟ ସମବାୟ ଆଇନ ଧାରା ୩ରେ ନିବନ୍ଧକଙ୍କ କ୍ଷମତା ପ୍ରୟୋଗ କରିବାକୁ ଯଦି ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥାନ୍ତି ସେମାନେ ସମବାୟ ନିବନ୍ଧକଙ୍କ ନିୟନ୍ତ୍ରଣରେ ଦାୟିତ୍ୱ ନିର୍ବାହ କରିବାକୁ ଆଇନତଃ ବାଧ୍ୟ।

ସମବାୟ ସମିତି ଧାରା ୨୮ ଅନୁସାରେ ପ୍ରତ୍ୟେକ ସମବାୟ ଅନୁଷ୍ଠାନର ପରିଚାଳନା ଭାର ପରିଚାଳନା ପରିଷଦ ଉପରେ ନ୍ୟସ୍ତ ହୋଇଥାଏ। ଏହି ଆଇନର ଧାରା ୨୮ର ଉପଧାରା (୧)ରେ ପରିଚାଳନା ପରିଷଦର କର୍ତ୍ତବ୍ୟ ଓ କ୍ଷମତା ମଧ୍ୟ ନିର୍ଦ୍ଧାରଣ କରାଯାଇଛି। ଧାରା ୨୮ର ଉପଧାରା (୨) (ଜି) (ଆଇ) ଅନୁସାରେ ରାଜ୍ୟର ସମସ୍ତ ପ୍ରାଥମିକ, କେନ୍ଦ୍ର ଓ ଶୀର୍ଷ ସମବାୟ ସମିତିମାନଙ୍କର ପରିଚାଳନା ପରିଷଦଗୁଡ଼ିକୁ ଓଡ଼ିଶା ସମବାୟ ସମିତି ସଂଶୋଧିତ ଆଇନ ୨୦୧୧ ଅନୁସାରେ ଭାଙ୍ଗି ଦିଆଯାଇ ପରିଚାଳନା ଭାର ସମବାୟ ନିବନ୍ଧକଙ୍କ ଉପରେ ନ୍ୟସ୍ତ କରାଗଲା ଏବଂ ଧାରା ୨୮ର ଉପଧାରା (୨) (ଜି) (ଆଇ) (ଆଇ) ଅନୁସାରେ ଭାଙ୍ଗିଯାଇଥିବା ସମସ୍ତ ସମବାୟ ସମିତିମାନଙ୍କ ପରିଚାଳନା ଦାୟିତ୍ୱ ସମବାୟ ନିବନ୍ଧକଙ୍କ ଉପରେ ନ୍ୟସ୍ତ ହୋଇଥିଲା ବେଳେ ନିବନ୍ଧକ ଚାହିଁଲେ ସମିତି ପାଇଁ ସମିତିର ସଭ୍ୟ କିମ୍ବା ଅନୁବନ୍ଧିତ ସମିତିର ସଭ୍ୟମାନଙ୍କ ମଧ୍ୟରୁ ଯେତେଦୂର ସମ୍ଭବ ହରିଜନ, ଆଦିବାସୀ, ମହିଳା ଓ ପଛୁଆବର୍ଗ ସଦସ୍ୟମାନଙ୍କ ମଧ୍ୟରୁ ସମିତି ପାଇଁ ଏକ ମନୋନୀତ ପରିଚାଳନା ପରିଷଦ ଗଠନ କରିପାରିବେ। ସମବାୟ ସମିତି ଆଇନ ଅନୁଯାୟୀ ପରିଚାଳନା ପରିଷଦ ଦାୟିତ୍ୱରେ ଥିବା ସମବାୟ ନିବନ୍ଧକ କିମ୍ବା ତାଙ୍କ ଦ୍ୱାରା ମନୋନୀତ ପରିଚାଳନା ପରିଷଦ ନୂତନ ସଭ୍ୟ ଗ୍ରହଣ ସମେତ ସମିତି ପରିଚାଳନା କ୍ଷେତ୍ରରେ ସମସ୍ତ ନୀତିଗତ ନିଷ୍ପତ୍ତି ନେଇପାରିବେ। ଓଡ଼ିଶା ସମବାୟ ଆଇନ ଧାରା ୩୨ ଅନୁସାରେ କୌଣସି ପରିଚାଳନା ପରିଷଦ ତାଙ୍କ ଦାୟିତ୍ୱ ଠିକ୍‌ଭାବେ ନିର୍ବାହ କରିବାରେ ଅବହେଳା କରୁଥିଲେ କିମ୍ବା ସମିତି ଓ ସଭ୍ୟମାନଙ୍କ ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଥିଲେ ସମବାୟ ନିବନ୍ଧକ ସେହି ସମିତିର ପରିଚାଳନା ପରିଷଦକୁ ଭାଙ୍ଗିଦେଇ ସମିତି ପରିଚାଳନା ପାଇଁ ଜଣେ ପ୍ରଶାସକଙ୍କୁ ନିଯୁକ୍ତି କରିପାରିବେ। ଉକ୍ତ ପ୍ରଶାସକ ସମବାୟ ନିବନ୍ଧକଙ୍କ ନିୟନ୍ତ୍ରଣରେ ତାଙ୍କ ଆଦେଶ ମୁତାବକ କାର୍ଯ୍ୟ କରିବାକୁ ଆଇନଗତ ବ୍ୟବସ୍ଥା ରହିଛି। ସୁପ୍ରିମ୍‌କୋର୍ଟଙ୍କ ହସ୍ତକ୍ଷେପ ଫଳରେ ରାଜ୍ୟର ସମସ୍ତ ସମବାୟ ସମିତିମାନଙ୍କ ପରିଚାଳନା ଭାର ସଂଶୋଧିତ ସମବାୟ ଆଇନ ୨୦୧୧ ଅନୁଯାୟୀ ରାଜ୍ୟ ସମବାୟ ନିବନ୍ଧକଙ୍କ ଉପରେ ନ୍ୟସ୍ତ ହୋଇଥିଲା। ରାଜ୍ୟ ସରକାର ଭାଙ୍ଗିଯାଇଥିବା ସମବାୟ ସମିତିଗୁଡ଼ିକର ପରିଚାଳନା ପାଇଁ ଜିଲାପାଳ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ପ୍ରଶାସକଭାବେ ନିଯୁକ୍ତି ଦେବାପାଇଁ ସମବାୟ ନିବନ୍ଧକଙ୍କୁ ପ୍ରସ୍ତାବ ଦେଇଥିଲେ। ସେହି ଏକାଧିକ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମବାୟ ନିବନ୍ଧକ ଆଦେଶରେ ସମବାୟ ଶାସନ ସଚିବଙ୍କୁ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଏବଂ ଅନ୍ୟ ୮ ଅଧିକାରୀଙ୍କୁ ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କ, ୧୧ଟି ଅର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କ ଓ ୨୧ଟି ଶୀର୍ଷ ସମବାୟ ସମିତି ଓ ଅନ୍ୟାନ୍ୟ ସମବାୟ ସଂସ୍ଥାଗୁଡ଼ିକ ପାଇଁ ଧାରା ୨୮ ଅନୁଯାୟୀ ନିବନ୍ଧକଙ୍କ କ୍ଷମତା ପ୍ରୟୋଗ କରିବାକୁ ସ୍ଥାନୀୟ ସୀମା ନିର୍ଦ୍ଧାରଣ କଲେ। ସମବାୟ ନିବନ୍ଧକଙ୍କ ଉକ୍ତ ଆଦେଶଟି ସମବାୟ ଆଇନର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି।



ସମବାୟ ନିୟମାବଳୀର ଧାରା ୫ରେ ବର୍ଣ୍ଣିତ ପଦବୀଧାରୀ ଅଧିକାରୀମାନଙ୍କୁ ସମବାୟ ନିବନ୍ଧକଙ୍କ ଧାରା ୨୮ର କ୍ଷମତା ପ୍ରୟୋଗ କରିବାକୁ ସ୍ଥାନୀୟ ସୀମା ନିର୍ଦ୍ଧାରଣ କରାଯାଇଥିବା ଉକ୍ତ ଆଦେଶରେ ଉଲ୍ଲେଖ ନ ଥିଲା। ସୁପ୍ରିମ୍ କୋର୍ଟ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସମବାୟ ନିବନ୍ଧକଙ୍କ ପରି ବୈଧାନିକ କର୍ତ୍ତୃପକ୍ଷ ରାଜ୍ୟ ସରକାର କିମ୍ବା ଉପରିସ୍ଥ କର୍ମକର୍ତ୍ତାଙ୍କ ପ୍ରରୋଚନାରେ ତାଙ୍କ ଉପରେ ନ୍ୟସ୍ତ ହୋଇଥିବା କ୍ଷମତା ପ୍ରୟୋଗ କରି ଜାରି କରିଥିବା ନିର୍ଦ୍ଦେଶନାମା ଆଇନତଃ ଅସିଦ୍ଧ ଓ ଏହା କାର୍ଯ୍ୟକାରୀ ହୋଇପାରିବ ନାହିଁ। ଏଭଳି ତ୍ରୁଟି ବିଚ୍ୟୁତି ପାଇଁ ଉକ୍ତ ଆଦେଶର କ୍ରମିକ ସଂଖ୍ୟା ୬୬ରେ ବର୍ଣ୍ଣିତ ଓଡ଼ିଶା ରାଜ୍ୟ ସମବାୟ ମହାସଂଘ ପାଇଁ ସ୍ଥାନୀୟ ସୀମା ନିର୍ଦ୍ଧାରଣ କ୍ଷେତ୍ରରେ ଉଚ୍ଚ ନ୍ୟାୟାଳୟ ରହିତାଦେଶ ଜାରି କରିଥିଲେ। ମାତ୍ର ସମବାୟ ବିଭାଗ ଶାସନ ସଚିବ ନିବନ୍ଧକଙ୍କ ଉକ୍ତ ତ୍ରୁଟିପୂର୍ଣ୍ଣ ଆଦେଶ ବଳରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ମ୍ୟାନେଜମେଣ୍ଟ ଇନ୍-ଚାର୍ଜ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସମବାୟ ଆଇନର ୧୨୩ ଧାରା ଓଡ଼ିଶା ରାଜ୍ୟ ଓ କେନ୍ଦ୍ର ସମବାୟ ବ୍ୟାଙ୍କ, ପ୍ରାଥମିକ ସେବା ସମବାୟ ସମିତିମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ। ଏହି ନିକଟ ଅତୀତରେ ରାଜ୍ୟ ସମବାୟ ନିବନ୍ଧକ ଦୁଇଗୋଟି ଶୀର୍ଷ ସମବାୟ ସମିତିର ପରିଚାଳନା ପରିଷଦକୁ ବହିଷ୍କାର ଆଦେଶ ଦେବାରୁ ସେମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବା ଫଳରେ ସ୍ଥଗିତାଦେଶ ପାଇଥିଲେ। ସମବାୟ ଆଇନ ବିଶେଷଜ୍ଞମାନଙ୍କ ପରାମର୍ଶରେ ନ ବୁଝି ପାରୁଥିବା ଆଇନକୁ ଠିକ୍ ଭାବେ ବୁଝି କାର୍ଯ୍ୟକାରୀ କରାଇଲେ ଅଦାଲତର ଆଶ୍ରୟ ନେବାକୁ ପଡ଼ନ୍ତା ନାହିଁ।

ବରିଷ୍ଠ ସମବାୟବିତ୍
ମୋ: ୯୦୯୦୩୨୫୮୦୨

## ଏଇ ଭାରତରେ

ଦେଶୀ ଧାନ ଚାଷଠାରୁ ଚାଷୀମାନେ ଦୂରେଇ ଯାଉଥିବାବେଳେ ଏହାକୁ ପୁନର୍ବାର ବ୍ୟାପକ କରାଇବାରେ ଆସାମର ମହାନ ଚନ୍ଦ୍ର ବୋରାଙ୍କ ଉଦ୍ୟମ ଖୁବ୍ ପ୍ରଶଂସନୀୟ। ଯେକୌଣସି ଚାଷରେ ବିହନର ଗୁରୁତ୍ୱ ଥିବା ସେ ଉପଲବ୍ଧି କରିଛନ୍ତି। ଏକ ରାଇସ୍ ଲାଇବ୍ରେରି ପ୍ରତିଷ୍ଠା କରିଛନ୍ତି ଏବଂ ସେଠାରେ ୫୦୦ରୁ ଉର୍ଦ୍ଧ୍ୱ ପାରମ୍ପରିକ ଧାନ ବିହନ ରଖିଛନ୍ତି। କେବଳ ଏତିକି ନୁହେଁ, ସାରା ଦେଶରେ ଚାଷୀମାନଙ୍କୁ ସେ ମାଗଣାରେ ବିହନ ଦେଉଛନ୍ତି। ଏହି ଲାଇବ୍ରେରିକୁ ସେ ତାଙ୍କ ପିତାଙ୍କ ସ୍ମୃତିରେ ପ୍ରତିଷ୍ଠା କରିଛନ୍ତି। ତାଙ୍କ ପିତା କେମିକାଲମୁକ୍ତ ଚାଷ କରିବା ଲାଗି ସବୁବେଳେ ତାଙ୍କୁ ପରାମର୍ଶ ଦେଉଥିଲେ ଓ ସେ ତାହାକୁ ଆଧାର କରି ଚାଷ ମଧ୍ୟ ଆରମ୍ଭ କରିଥିଲେ। ବୋରା ଚାଷ କରିବା ସହ ଦେଶୀ ବହନ ସଂରକ୍ଷଣ କରିବାରେ ଲାଗିଗଲେ। ତାଙ୍କ ପିତାଙ୍କ ଦେହାନ୍ତ ପରେ ବୋରା ଅନ୍ନପୂର୍ଣ୍ଣା ରାଇସ୍ ଲାଇବ୍ରେରି ଆରମ୍ଭ କରିଥିଲେ। ତାଙ୍କର ଜଣେ ସାଙ୍ଗଙ୍କ ସହ ବିଭିନ୍ନ ଗାଁକୁ ଯାଇ ସେ ୫୦୦ରୁ ଅଧିକ ଧାନ ବିହନ ସଂଗ୍ରହ କରିପାରିଛନ୍ତି। କେବଳ ଏତିକି ନୁହେଁ, ବହୁ ପରିବା ବିହନ ମଧ୍ୟ ସଂରକ୍ଷିତ କରି ରଖିଛନ୍ତି। ୨୦୦୮ରେ ସେ ଏହି ବିହନ ବ୍ୟାଙ୍କ ଗଠନ କରିଥିଲେ। ସେ ମଧ୍ୟ ଏକ ସିଡ୍ ସ୍କୁଲ ଖୋଲିଛନ୍ତି। ସେଠାରେ କିଭଳି ବହନ ସଂରକ୍ଷିତ ରଖାଯିବ, ସେ ସମ୍ପର୍କରେ ଚାଷୀ ତଥା ପିଲାମାନଙ୍କୁ ଶିକ୍ଷା ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଅକ୍ଟୋବର ୧୯୭୫

- କମରୋ ଦ୍ୱୀପପୁଞ୍ଜକୁ ଜାତିସଂଘର ୧୪୩ ତମ ସଦସ୍ୟ ରାଷ୍ଟ୍ର ରୂପେ ଗ୍ରହଣ ପ୍ରସ୍ତାବକୁ ନିରାପତ୍ତା ପରିଷଦ ସମର୍ଥନ କରିଛି।
- ସିନ୍ଧୁ ପ୍ରଦେଶର ପୂର୍ବତନ ଗଭର୍ଣ୍ଣର ମିର ରସୁଲ ବକ୍ସ ତାରପୁରଙ୍କ କ୍ଷମତାସୀନ ପାକିସ୍ତାନ ପିପୁଲ୍ସ ପାର୍ଟିରୁ ଇସ୍ତଫା ପ୍ରଦାନ।
- ଡେନମାର୍କର ଅଧ୍ୟାପକ ଆଜ ବୋହର ଓ ବେନ ସୋଟେଲସନ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଅଧ୍ୟାପକ ଜେମ୍ସ ରେନ୍‌ୱାଟରଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ।

## ଚିରନ୍ତନୀ

ଆଜି ଖାଲି କହେ କଥା
ଚଉପାଶେ ନୀରବତା
ହୃଦୟର ଦୁକୁ ଦୁକୁ ଶୁଭଇ
ନିଃଶ୍ୱାସ ଅତି ଧୀରେ ରାବଇ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | 6 | 8 | | | | 4 | |
| 9 | | | | 5 | | 2 | | 6 |
| | | 1 | | | | | | 3 |
| | 5 | | | | | | 1 | 4 |
| | | | | 9 | | | | |
| | | 7 | 1 | 4 | | | | |
| | | | | | 3 | 6 | | 2 |
| | | | | 2 | 8 | | 7 | |
| | | | | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 9 | 1 | 2 | 7 | 6 | 4 | 5 |
| 1 | 6 | 7 | 3 | 4 | 5 | 8 | 2 | 9 |
| 2 | 4 | 5 | 9 | 6 | 8 | 7 | 3 | 1 |
| 5 | 8 | 1 | 4 | 3 | 6 | 9 | 7 | 2 |
| 3 | 9 | 2 | 7 | 8 | 1 | 5 | 6 | 4 |
| 6 | 7 | 4 | 5 | 9 | 2 | 3 | 1 | 8 |
| 9 | 1 | 6 | 2 | 5 | 3 | 4 | 8 | 7 |
| 7 | 5 | 8 | 6 | 1 | 4 | 2 | 9 | 3 |
| 4 | 2 | 3 | 8 | 7 | 9 | 1 | 5 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବନ୍ଦ ଶିଳ୍ପଗୁଡ଼ିକ ପ୍ରତି ଧ୍ୟାନ ଦିଆଯାଉ

ମହାଶୟ,

ଓଡ଼ିଶାକୁ ଏକ ଶିଳ୍ପ ହବରେ ପରିଣତ କରିବାକୁ ରାଜ୍ୟ ସରକାରଙ୍କ ଉଦ୍ୟମ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିସହିତ ପ୍ରାଥମିକତା ଭିତ୍ତିରେ, ବନ୍ଦ ଶିଳ୍ପଗୁଡ଼ିକ ପ୍ରତି ଧ୍ୟାନ ଦେଇ ପୁନର୍ଜୀବିତ କରିବା ଆବଶ୍ୟକ। ଆବଶ୍ୟକତା ଅନୁଯାୟୀ, ଏହି ଶିଳ୍ପଗୁଡିକ ଅନ୍ୟ ଶିଳ୍ପରେ ମଧ୍ୟ ରୂପାନ୍ତରିତ କରାଯାଇପାରିବ। ବନ୍ଦ ଶିଳ୍ପଗୁଡ଼ିକ କାର୍ଯ୍ୟକ୍ଷମ କରାଗଲେ ନିଯୁକ୍ତି ସୃଷ୍ଟି ହେବା ସହିତ ରାଜ୍ୟର ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହୋଇପାରିବ। ଏହା ବ୍ୟତୀତ କାରଖାନା ଜମି, କଞ୍ଚାମାଲ, ନିକଟସ୍ଥ ତାଲିମପ୍ରାପ୍ତ ଶ୍ରମିକ, ଜଳ, ପରିବହନ, ଯନ୍ତ୍ରପାତି ଇତ୍ୟାଦିର ସୁବିଧା ଅନାୟାସରେ ଉପଲବ୍ଧ ହେବ। ଏହା ନିବେଶକ ଏବଂ ଉଦ୍ୟୋଗୀମାନଙ୍କୁ ଏକ ସକାରାତ୍ମକ ବାର୍ତ୍ତା ପ୍ରେରଣ କରିବ।

-ନବନିତ୍ ପାଣିଗ୍ରାହୀ, ରାୟଗଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶ୍ରୀମନ୍ଦିର ନିକଟରେ ସେବାୟତଙ୍କୁ ହାଣିଲେ

ପୁରୀ,୧୮।୧୦
(ଅଜିତ୍ କୁମାର ମହାନ୍ତି)

■ ତୁରନ୍ତ ଆକ୍ରମଣକାରୀଙ୍କୁ ଗିରଫ ପାଇଁ ଦାବି

■ ତଦନ୍ତ ଆରମ୍ଭ, ପୂର୍ବଶତ୍ରୁତାରୁ ଆକ୍ରମଣ ଅନୁମାନ

କିଛିଦିନର ବ୍ୟବଧାନ ପରେ ପୁରୀରେ ପୁଣି ଦୁର୍ବୃତ୍ତଙ୍କ ଆତଙ୍କ ଦେଖିବାକୁ ମିଳିଛି। ଶୁକ୍ରବାର ସନ୍ଧ୍ୟାରେ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ତଥା ସିନିଅର ସୁପରଭାଇଜର ବକ୍ସି ରାମଚନ୍ଦ୍ର ପ୍ରତିହାରୀଙ୍କୁ ଦୁର୍ବୃତ୍ତ ପଶ୍ଚିମଦ୍ୱାର ନିକଟରେ ଭୁଜାଲିରେ ହାଣିଛନ୍ତି। ଆକ୍ରମଣରେ ପ୍ରତିହାରୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ପୋଲିସ ଅନୁମାନ କରୁଛି।

ଆକ୍ରମଣର ଶିକାର ହୋଇଥିବା ପ୍ରତିହାରୀ କହିଛନ୍ତି, ଶ୍ରୀମନ୍ଦିର ଆନନ୍ଦ ବଜାରରେ ଅଣସେବାୟତଙ୍କ ପ୍ରବେଶ ଓ ବାହାର ଜିନିଷ ବିକ୍ରି ଉପରେ କଟକଣା ଲାଗୁ କରାଯାଇଛି। ଫଳରେ ଆନନ୍ଦ ବଜାରରେ ବସି ରାବିଡ଼ି ଏବଂ ଅନ୍ୟାନ୍ୟ ଜିନିଷ ବିକ୍ରି କରୁଥିବା ବ୍ୟକ୍ତିମାନଙ୍କୁ ହଟାଇ ଦିଆଯାଇଥିଲା। ଆନନ୍ଦବଜାରରେ ରାବିଡ଼ି ବିକ୍ରି କରୁଥିବା ଜଣେ ବ୍ୟକ୍ତି ସେହି ରାଗ ରଖି ତାଙ୍କୁ ଆକ୍ରମଣ କରିଛନ୍ତି। ସେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ଜାଣି ନ ଥିଲେ ମଧ୍ୟ ତାଙ୍କ ଘର ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଅଞ୍ଚଳରେ ବୋଲି ଜାଣିବାକୁ ପାଇଛନ୍ତି। ସନ୍ଧ୍ୟା ପ୍ରାୟ ୬ଟାରେ ସେ ପଶ୍ଚିମ ଦ୍ୱାର ନିକଟରେ ଗାଡ଼ି ରଖି ଶ୍ରୀମନ୍ଦିରକୁ ଆସୁଥିବା ବେଳେ ସମ୍ପୃକ୍ତ ବ୍ୟକ୍ତି



ଆହତ ବକ୍ସି ରାମଚନ୍ଦ୍ର ପ୍ରତିହାରୀ

ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ ବୋଲି ପ୍ରତିହାରୀ କହିଛନ୍ତି। ଆକ୍ରମଣରେ ତାଙ୍କ ଡାହାଣ ହାତ ସମେତ ଶରୀରର କେତେକ ସ୍ଥାନରେ ଗୁରୁତର ଆଘାତ ଲାଗିଛି। ପୋଲିସ ଖବର ପାଇ ପ୍ରଥମେ ଘଟଣାସ୍ଥଳ ଓ ପରେ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏସ୍‌ପି ଭିନିତ ଅଗ୍ରୱାଲ ଏବଂ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମେଡିକାଲରେ ପହଞ୍ଚି ପ୍ରତିହାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଜିଲାପାଳ ସ୍ୱାଇଁ କହିଛନ୍ତି, ଆକ୍ରମଣର ଶିକାର ହୋଇଥିବା ବକ୍ସି ରାମଚନ୍ଦ୍ର ପ୍ରତିହାରୀ ଚିକିତ୍ସାଧୀନ ଥିବାରୁ ତାଙ୍କୁ ଆକ୍ରମଣ ସମ୍ପର୍କରେ ପଚରାଯାଇନାହିଁ। ପରେ ଏନେଇ ତାଙ୍କ ସହ ଆଲୋଚନା କରାଯିବ। କେଉଁ ପରିସ୍ଥିତିରେ ଓ କ'ଣ ପାଇଁ ତାଙ୍କୁ ଆକ୍ରମଣ କରାଯାଇଛି ସେ ସମ୍ପର୍କରେ ଖୁବ୍‌ଶୀଘ୍ର ଜଣାପଡ଼ିବ ବୋଲି ଜିଲାପାଳ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରୂପଭାନୁ ମିଶ୍ର କହିଛନ୍ତି, ପ୍ରତିହାରୀଙ୍କ ଅବସ୍ଥା ସ୍ଥିର ରହିଛି। ତାଙ୍କର କହୁଣି ଓ ମଣିବନ୍ଧରେ ଆଘାତ ଲାଗିଛି। ଏହି ଦୁଇଟି ସ୍ଥାନରେ ଷ୍ଟିଚ୍ ପଡ଼ିଛି। ପିଠି ଓ ହାତରେ ମଧ୍ୟ ଆଘାତ ଲାଗିଛି, କିନ୍ତୁ ଷ୍ଟିଚ୍‌ର ଆବଶ୍ୟକତା ନାହିଁ। ତେବେ ଏକ୍ସରେ କରାଯାଉଛି। ଏକ୍ସରେ ରିପୋର୍ଟ ଆସିବା ପରେ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯିବ କି ନାହିଁ ତାହା ସ୍ପଷ୍ଟ ହେବ। ଏହା କଟ୍ ଇଞ୍ଜୁରି ବୋଲି ଆଘାତରୁ ଜଣାପଡୁଛି। ତେଣୁ ଆକ୍ରମଣରେ କୌଣସି ଧାରୁଆ ଅସ୍ତ୍ର ବ୍ୟବହାର କରାଯାଇଥାଇପାରେ ବୋଲି ଅନୁମାନ କରାଯାଉଥିବା ମିଶ୍ର କହିଛନ୍ତି। ପ୍ରତିହାରୀଙ୍କ ଉପରେ ଆକ୍ରମଣକୁ କଡ଼ା ନିନ୍ଦା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଉକ୍ତ ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆରକ୍ଷୀ ଅଧୀକ୍ଷକ ଏବଂ ଜିଲାପାଳଙ୍କୁ ଅବଗତ କରାଯାଇଛି। କୌଣସି ପ୍ରକାର ଅସାମାଜିକ ତତ୍ତ୍ୱକୁ ଶ୍ରୀମନ୍ଦିର ପରିସରରେ ବରଦାସ୍ତ କରାଯିବ ନାହିଁ। ଘଟଣାକୁ ଗୁରୁତ୍ୱର ସହ ନେଇ କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ମୁଖ୍ୟ ପ୍ରଶାସକ ପାଢ଼ୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ପ୍ରତିହାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଆକ୍ରମଣକାରୀଙ୍କୁ ପୋଲିସ ଶୀଘ୍ର ଗିରଫ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେବାୟତଙ୍କ ସମେତ ଶ୍ରୀମନ୍ଦିର ଟେମ୍ପଲ ପୋଲିସ ପକ୍ଷରୁ ଦାବି କରାଯାଇଛି।

# ମନ୍ଦିର ପଡ଼ିଆରୁ ଜବତ ହେଲା ୩ ହଜାର ବସ୍ତା କୋଇଲା

ସିମୁଳିଆ, ୧୮।୧୦
(ସନ୍ତୋଷ ନାୟକ)



ବମତିଆରୁ ଜବତ କୋଇଲା।

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତ ବମତିଆ ଜଗନ୍ନାଥ ମନ୍ଦିର ପଡ଼ିଆରେ ଥିବା ୩ ହଜାର ବସ୍ତା କୋଇଲା ଶୁକ୍ରବାର ଜବତ ହୋଇଛି। ସିମୁଳିଆ ପୋଲିସ ଓ ମାଇନିଂ ଅଫିସର ଭକ୍ତନନ୍ଦ ପାତ୍ର ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ଘଟଣାସ୍ଥଳରେ ଥିବା କୋଇଲା ବସ୍ତାଗୁଡିକର ତନଖି କରିଥିଲେ। ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ।

ସୂଚନା ଯେ, ବିଭିନ୍ନ କମ୍ପାନୀ ପରିଚାଳନା ପାଇଁ ବିଭିନ୍ନ ଦେଶର ଉଚ୍ଚ ଦହନଶୀଳଯୁକ୍ତ କୋଇଲା ଜାହାଜରେ ଆସି ଧାମରା ବନ୍ଦରରୁ ଟ୍ରେନ୍ ଯୋଗେ ଦେଶର ବିଭିନ୍ନ କମ୍ପାନୀକୁ ଚାଲାଣ ହେଉଛି। ଆଦାନୀ ଗ୍ରୁପ ଏହି ଆମଦାନୀ ଓ ରପ୍ତାନୀର ଠିକାଦାରୀ ନେଇଛି। ତେବେ ବିଭିନ୍ନ ଅସାଧୁ ଚୋରା ବ୍ୟବସାୟୀ ପ୍ରଶାସନକୁ ହାତ କରି ପ୍ରତ୍ୟେକ ଦିନ ହଜାର ହଜାର ଟ୍ରିପ କୋଇଲା ଟ୍ରେନ୍‌ରୁ ଲୁଟ୍ କରି ଭଦ୍ରକ ଜିଲାର ଦୋଳସାହି, ସାବରଙ୍ଗ ଦେଇ ବାଲେଶ୍ୱର ଜିଲାର ଅଣ୍ଡରାଇ, ବାଲିଖଣ୍ଡ, ଶ୍ୟାମସୁନ୍ଦରପୁର, ବରି ଆଦି ବିଭିନ୍ନ ଗ୍ରାମାଞ୍ଚଳ ରାସ୍ତା ଓ କେନାଲ ରାସ୍ତା ଦେଇ ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି। ଏହି କୋଇଲା ବାଲେଶ୍ୱର, ନୀଳଗିରିର ବିଭିନ୍ନ ଇଟାଭାଟି, ହୋଟେଲ ଶିଳ୍ପ ଓ କମ୍ପାନୀଗୁଡ଼ିକୁ କମ୍ ଦାମ୍‌ରେ ଚାଲାଣ ହେଉଛି। ଏହି ବ୍ୟବସାୟ ରେଳ କର୍ତ୍ତୃପକ୍ଷ, ପୋଲିସ ଓ ଅସାଧୁ ବ୍ୟବସାୟୀଙ୍କ ମିଳିତରେ ପରିଚାଳିତ ହେଉଥିବା ବେଳେ ଅଭିଯୋଗ ଅନୁସାରେ କାଁ ଭାଁ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଚଢ଼ାଉ ହେଉଛି। ସୂଚନା ଯେ, ଗତ ୭ଦିନ ପୂର୍ବରୁ ସିମୁଳିଆ ବ୍ଲକର ମଇତାପୁର ଅଞ୍ଚଳରୁ ଗୋଟାଏ ଟ୍ରିପ ଓ ଗତ ଦୁଇମାସ ପୂର୍ବରୁ ୩ଶହ ବସ୍ତା କୋଇଲା ଜାମୁଝାଡ଼ି ଅଞ୍ଚଳରୁ ଜବତ ହୋଇଥିଲା। ଏ ସମ୍ପର୍କରେ ମାଇନିଂ ଅଫିସର ପାତ୍ର କହିଛନ୍ତି, କୋଇଲାର ସାମ୍ପୁଲ ସଂଗ୍ରହ କରାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷେ ଜବତ କୋଇଲା ବସ୍ତାଗୁଡ଼ିକୁ ପୋଲିସ ଜେସିବି ଓ ପିକ୍‌ଅପ୍ ସହାୟତରେ ସିମୁଳିଆ ଥାନା ପରିସରକୁ ଆଣିଛି।

# ବାଘଛାଲ ଜବତ, ୫ ଗିରଫ

ନୂଆପଡ଼ା/ଖଡିଆଲ,୧୮।୧୦
(ମକାରୁ ବେମାଲ/ସୁଜିତ ପ୍ରଧାନ)



ଗିରଫ ୫ ଅଭିଯୁକ୍ତ, ଜବତ ବାଘଛାଲ ଓ ଅନ୍ୟ ସାମଗ୍ରୀ।

ନୂଆପଡ଼ା ଜିଲା ଖଡିଆଲ ବନ କର୍ମଚାରୀ ଶୁକ୍ରବାର ଖଡ଼ିଆଳ ବ୍ଲକ ଦାବ୍ରି ଗାଁରେ ଚଢାଉ କରି ଏକ କଲରାପତରିଆ ବାଘଛାଲ ସହ ହେଟାବାଘ ଦାନ୍ତ, ଶମ୍ବର ଶିଙ୍ଗ, ଦେଶୀ ବନ୍ଧୁକ, ଧନୁତୀର ଆଦି ଜବତ କରିଛି। ଏଥିରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଉକ୍ତ ଗ୍ରାମର ବିରଚନ ମାଝି (୨୬), ଜୟରାମ ମାଝି (୪୪), ଗୋରେଖ ଲାଲ (୬୫), ପୂର୍ଣ୍ଣ ମାଝି (୨୩) ଓ ସାଚିନ୍ଦ୍ର ମାଝି (୧୯)। ଖଡିଆଲ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ ଅଜିଜ ଖାନ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ, ଦାବ୍ରି ଗାଁର କେତେଜଣ ବ୍ୟକ୍ତି କିଛିଦିନ ପୂର୍ବରୁ ଫାଶ ପକାଇ କଲରାପତରିଆ ବାଘ ଧରିଥିଲେ। ପରେ ସେମାନେ ବାଘକୁ ଟାଙ୍ଗିଆରେ ହାଣି ହତ୍ୟାକରି ଛାଲ ବାହାର କରି ମାଂସକୁ ନଷ୍ଟ କରି ଦେଇଥିଲେ। ଏହି ଖବର ମିଳିବା ପରେ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଥିଲା। ତଦନ୍ତ ସମୟରେ ଦାବ୍ରି ଗାଁର ଅଭିଯୁକ୍ତମାନେ ଏଭଳି କାଣ୍ଡ କରିଥିବା ଜଣାପଡିଥିଲା। ତଦନୁଯାୟୀ ଶୁକ୍ରବାର କର୍ମଚାରୀମାନେ ଗ୍ରାମରେ ଚଢାଉ କରି ବାଘଛାଲ ସହ ଉପରୋକ୍ତ ସାମଗ୍ରୀ ଜବତ କରିଛନ୍ତି। ଖଡିଆଲ, ସିନାପାଲି ଅଞ୍ଚଳରେ ବନ୍ୟଜନ୍ତୁ ଶିକାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇ ବନ୍ୟଜନ୍ତୁ ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବ ବୋଲି ବନଖଣ୍ଡ ଅଧିକାରୀ ଖାନ କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସିଏଫ୍ ପ୍ରସନ୍ନଜିତ ନାଏକ, ରେଞ୍ଜର ସଂସ୍କୃତା ବଡନାଏକ ଓ ବନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# ଲକ୍ଷ୍ମୀ ମେଢ଼ ଭସାଣିକୁ କେନ୍ଦ୍ର କରି ସୀମାନ୍ତରେ ଉତ୍ତେଜନା

ଭୋଗରାଇ, ୧୮।୧୦( ପ୍ରଦୀପ ଦାସ)

**ରାସ୍ତା ଅବରୋଧ କଲେ ପଶ୍ଚିମବଙ୍ଗ ଲୋକେ**

ଲକ୍ଷ୍ମୀପୂଜା ମେଢ଼ ଭସାଣିକୁ କେନ୍ଦ୍ର କରି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତରେ ଉତ୍ତେଜନା ଦେଖାଦେଇଛି। ତାଳସାରୀ ମେରାଇନ ଥାନା ପୋଲିସ ଓ ପଶ୍ଚିମବଙ୍ଗ ଦୀଘା ଥାନା ଅଧୀନ ଅଞ୍ଚଳବାସୀ ମୁହାଁମୁହିଁ ହେବାରୁ ଏଭଳି ଉତ୍ତେଜନା ସୃଷ୍ଟି ହୋଇଛି। ତାଳସାରୀ ମେରାଇନ ଥାନାର ମାତ୍ରାଧିକ ବଳପ୍ରୟୋଗ ବିରୋଧରେ ପଶ୍ଚିମବଙ୍ଗ ଲୋକେ ଏକଜୁଟ ହୋଇ ଶୁକ୍ରବାର ସନ୍ଧ୍ୟାରେ ଚନ୍ଦନେଶ୍ୱର-ଦୀଘା ରାସ୍ତା ଅବରୋଧ କରିବାରୁ ଶତାଧିକ ଯାନବାହନ ଉଭୟ ରାଜ୍ୟରେ ଅଟକି ପଡିଛି। ସ୍ଥିତି କ୍ରମଶଃ ଜଟିଳ ହେବାରୁ ସନ୍ଧ୍ୟାରେ ଉଭୟ ରାଜ୍ୟ ପୋଲିସ ମଧ୍ୟରେ ବୈଠକ ଜାରି ରହିଛି।

ସୂଚନା ଅନୁଯାୟୀ ଓଡ଼ିଶାର ଉଦୟପୁର ସମୁଦ୍ର କୂଳରେ ସନ୍ଧ୍ୟାରେ ପଶ୍ଚିମବଙ୍ଗର ଏକ ଲକ୍ଷ୍ମୀ ପୂଜା ମେଢ଼ ଭସାଣି ହେଉଥିଲା। ଏହି ସମୟରେ ୨ଟି ରିକ୍ସା ବେଳାଭୂମିରେ ରହିଥିବାରୁ ତାଳସାରୀ ମେରାଇନ ଥାନା ପକ୍ଷରୁ ବାରଣ କରାଯାଇଥିଲା। ଏହି ଘଟଣାକୁ ନେଇ ଉଭୟ ତାଳସାରୀ ମେରାଇନ ଥାନା ପୋଲିସ ଓ ମେଢ଼ ଭସାଇବାକୁ ଆସିଥିବା ବଙ୍ଗୀୟ ଲୋକଙ୍କ ମଧ୍ୟରେ କଥା କଟାକଟି ଓ ଠେଲାପେଲା ହୋଇଥିଲା। ଏଭଳି ସ୍ଥିତିରେ ତାଳସାରୀ ମେରାଇନ ଥାନା ପୋଲିସ ପକ୍ଷରୁ ବଳପ୍ରୟୋଗ କରାଯାଇଥିବା ଅଭିଯୋଗ ହେଲା ପରେ ୩ଜଣ ବଙ୍ଗୀୟ ଲୋକଙ୍କୁ ତାଳସାରୀ ମେରାଇନ ଥାନାରେ ଅଟକ ରଖାଯାଇଛି। ପରେ ଓଡ଼ିଶା ସୀମାନ୍ତ ଗ୍ରାମ ପଶ୍ଚିମବଙ୍ଗବାସୀ ଓଡିଶା ପୋଲିସ ବିରୋଧରେ ରାସ୍ତାରୋକୋ କରିଥିବା ସୂଚନା ମିଳିଛି। ତାଳସାରୀ ମେରାଇନ ଥାନାର ମାତ୍ରାଧିକ ବଳ ପ୍ରୟୋଗରେ ୨ ବଙ୍ଗୀୟ ମହିଳାଙ୍କ ସମେତ ଜଣେ ୭ ବର୍ଷର ବାଳକ ଆହତ ହୋଇ ଦୀଘା ଜେନେରାଲ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଦୀଘା ଥାନା ପକ୍ଷରୁ କୁହାଯାଇଛି। ସେହିପରି ତାଳସାରୀ ମେରାଇନ ଥାନା ଏଏସ୍‌ଆଇ ପିଠ ହେମ୍ବ୍ରମ ମଧ୍ୟ ପଶ୍ଚିମବଙ୍ଗ ଲୋକଙ୍କ ଆକ୍ରମଣରେ ଆହତ ହୋଇଛନ୍ତି।

# ସମିତି ସଭ୍ୟଙ୍କୁ ମରଣାନ୍ତକ ଆକ୍ରମଣ

ହିଞ୍ଜିଳିକାଟୁ,୧୮।୧୦
(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ତଥା ବେଲଗାଁ ଥାନା ଅନ୍ତର୍ଗତ ଦୟାପଲ୍ଲୀ ପଞ୍ଚାୟତରେ ଶୁକ୍ରବାର ରାଜନୈତିକ ହିଂସା ଦେଖାଦେଇଛି। ଦୟାପଲ୍ଲୀ ସମିତି ସଭ୍ୟ ଇପିଲି ରାଜାରାଓଙ୍କୁ ଶୁକ୍ରବାର ବିପକ୍ଷ ଗୋଷ୍ଠୀର ଜଣେ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରକାଶ ଯେ, ସମିତି ସଭ୍ୟ ଇପିଲି ରାଜାରାଓ ମଧ୍ୟାହ୍ନରେ ବାଇକ୍‌ରେ ପଳାସି ଗାଁରୁ ଘରକୁ ଫେରୁଥିବା ବେଳେ ଯୁବକ ଜଣକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଛି।

# ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

ଭୋଗରାଇ,
୧୮।୧୦(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କଖଡ଼ା ପଞ୍ଚାୟତ ଚଣ୍ଡୀସିଂପୁର ଗାଁର ମୁଖ୍ୟରାସ୍ତାରେ ଥିବା ପଦ୍ମାବତୀ ଜୁଏଲେରୀରୁ ଦୁର୍ବୃତ୍ତମାନେ ଗୁରୁବାର ରାତିରେ ତାଲା କାଟି ଲକ୍ଷାଧିକ ଟଙ୍କାର ସୁନା ରୁପା ଅଳଙ୍କାର ଲୁଟି ନେଇଛନ୍ତି।

ସୂଚନାନୁଯାୟୀ, କଖଡ଼ା ପଞ୍ଚାୟତ ଅଧୀନରେ ଥିବା ଚଣ୍ଡୀସିଂପୁର ଗ୍ରାମରେ ସାନଡଭା ଗାଁର ହରିପଦ ରଣା ପଦ୍ମାବତୀ ଜୁଏଲେରୀ ନାମରେ ସୁନା ଅଳଙ୍କାର ଦୋକାନ କରିଥିଲେ। ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଚାଲିଯାଇଥିଲେ। ଶୁକ୍ରବାର ସକାଳ ୮ଟା ବେଳେ ଦୋକାନ ଖୋଲିବାକୁ ଆସିବା ବେଳକୁ ତାଲା କଟାଯାଇଥିବା ଦେଖିଥିଲେ। ୨୫୦ ଗ୍ରାମରୁ ଉର୍ଦ୍ଧ୍ୱ ରୁପା, ୨୦ଗ୍ରାମରୁ ଉର୍ଦ୍ଧ୍ୱ ସୁନା ଅଳଙ୍କାର ଲୁଟ୍ ହୋଇଥିବା ଜଣାପଡ଼ିଥିଲା। ଯାହାର ଆନୁମାନିକ ମୂଲ୍ୟ ୩ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜୁଏଲେରୀ ମାଲିକ କହିଛନ୍ତି। ଏନେଇ ସେ ଚନ୍ଦନେଶ୍ୱର ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ, କନଷ୍ଟେବଲ ଉଜ୍ଜ୍ୱଳ କୁମାର ମହାନ୍ତି ସେଠାରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଯାଇଛନ୍ତି। ଅନ୍ୟପକ୍ଷରେ ଭୋଗରାଇ ଥାନା ଅଧୀନ ସୁନ୍ଦରାଡ଼ି ଗ୍ରାମର ମୃତ୍ୟୁଞ୍ଜୟ ପାତ୍ରଙ୍କ ଘରେ ନ ଥିବା ବେଳେ ଦୁର୍ବୃତ୍ତମାନେ ଘରର ମୁଖ୍ୟ ଫାଟକର ୨ଟି ତାଲା କାଟି ଘରେ କଳାକନା ବୁଲାଇ ଚମ୍ପଟ ମାରିଥିବା ଭୋଗରାଇ ଥାନାରେ ଅଭିଯୋଗ ହୋଇଛି।

# ୩ ଦିନିଆ ରିମାଣ୍ଡରେ ଆସିବେ ୬ ଠକ

**ଭୁବନେଶ୍ୱରରେ ଅନ୍ତର୍ଜାତୀୟ ଫେକ୍ କଲ ସେଣ୍ଟର ଠାବ ଘଟଣା**

ଭୁବନେଶ୍ୱର,୧୮।୧୦
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଅନ୍ତର୍ଜାତୀୟ କଲ୍‌ସେଣ୍ଟର ଠାବ ଘଟଣାରେ କମିଶନରେଟ୍ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ବୁଧବାର ଗିରଫ ହୋଇଥିବା ୬ ବଙ୍ଗୀୟ ସାଇବର ଠକ ଜେଲରେ ଥିବାବେଳେ ସେମାନଙ୍କୁ ରିମାଣ୍ଡରେ ଆଣି ଜେରା କରିବାକୁ ଯୋଜନା ହୋଇଛି। ୫ ଦିନିଆ ରିମାଣ୍ଡ ପାଇଁ ପୋଲିସ କୋର୍ଟରେ ଆବେଦନ କରିଥିବାବେଳେ ୩ଦିନ ଲାଗି ଶୁକ୍ରବାର ଅନୁମତି ମିଳିଛି। ତେଣୁ ଖୁବ୍‌ଶୀଘ୍ର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଅଭିଯୁକ୍ତମାନଙ୍କୁ ଝାରପଡ଼ା ଜେଲରୁ ଆଣି ମାରାଥନ୍ ଜେରା କରିବ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 38-KUR-TRD-OT-2024-25

କାର୍ଯ୍ୟର ନାମ : ଭଦ୍ରକ/TSSରୁ କେନ୍ଦ୍ରାପଡ଼ା/TSSକୁ ଏକ ସଂଖ୍ୟକ 21.6MVA, 132/25KV, MAKE-ALSTOM ପାୱାର ଟ୍ରାନ୍ସଫର୍ମର ର ସ୍ଥାନାନ୍ତରଣ ଏବଂ କେନ୍ଦ୍ରାପଡ଼ା/TSSଠାରେ ତାହାର ପ୍ରଚଳନ।

ବିଜ୍ଞାପିତ ମୂଲ୍ୟ : ₹ 18,33,165.68, EMD : ₹ 36,700/-, ଶେଷ ହେବା ଅବଧି : 90 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.22.10.2024ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.11.2024 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-631/P/24-25



इंडियन बैंक Indian Bank — इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର**
ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ରଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ରଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ରଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୫.୧୦.୨୦୨୪ରିଖ ଅପରାହ୍ନ ୦୨.୩୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା** ସମୟ ମଧ୍ୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ରଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ। ସମ୍ପୂର୍ଣ୍ଣ ବକେୟା ରାଶି ଭରଣା ନିମନ୍ତେ ନିଲାମ ପ୍ରାପ୍ତି ରାଶି ଯଦି ଯଥେଷ୍ଟ ନ ହୁଏ ତେବେ ସମ୍ପୂର୍ଣ୍ଣ ବକେୟା ଆଦାୟ ନିମନ୍ତେ ବ୍ୟାଙ୍କ ରଣଗ୍ରହୀତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।

| କ୍ର. ନଂ. | ଶାଖାର ନାମ | ରଣ ଆକାଉଣ୍ଟ ନଂ. | ରଣଗ୍ରହୀତାଙ୍କ ନାମ | ବକେୟା ଦେୟ |
|---|---|---|---|---|
| ୧. | ମୈତ୍ରୀ ବିହାର | ୫୦୩୩୦୧୯୭୦୩୩ | ରମାକାନ୍ତ ସାହୁ | ଟ. ୩୮,୩୨୭/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ |
| ୨. | ମୈତ୍ରୀ ବିହାର | ୭୨୭୮୬୦୩୪୮୯ | ତପନ ଘଡ଼େଇ | ଟ. ୫୧,୦୦୦/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ |
| ୩. | ମୈତ୍ରୀ ବିହାର | ୫୦୫୩୩୩୦୦୭୮୮ | ସନାତନ ଜେନା | ଟ. ୫୫,୭୭୨.୯୧ + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ |
| ୪. | ମୈତ୍ରୀ ବିହାର | ୫୦୪୮୧୩୩୯୩୬୧ | ପ୍ରସନ୍ନ ନାୟକ | ଟ. ୧୯,୮୦୦/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ |
| ୫. | ବିରିଡି | ୬୯୮୬୮୫୪୭୭୫ | ସୁକାନ୍ତ କୁମାର ସ୍ୱାଇଁ | ଟ. ୩୦,୪୪୫/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ |
| ୬. | ଜଗତସିଂହପୁର | ୭୪୬୨୫୫୧୪୮୫ | ସନ୍ୟାସୀ ବେହେରା | ଟ. ୩୦,୦୦୦/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ |
| ୭. | କଳିଙ୍ଗ ବିହାର | ୭୨୫୬୪୫୧୮୮୨ | ହିମାଂଶୁ ଶେଖର ଦାସ | ଟ. ୨୩,୦୦୦/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ |
| ୮. | ସୋରଣ | ୭୧୫୬୩୫୦୮୪୩ | ନାରାୟଣ ବେହେରା | ଟ. ୧୦,୯୯୯/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ |
| ୯. | ଉତ୍ତରାଶାସନ | ୭୨୯୬୨୮୦୪୮୭ | ବିଶ୍ୱରଞ୍ଜନ ଭୋଇ | ଟ. ୧୫,୦୦୦ /- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ |
| ୧୦. | ଉତ୍ତରାଶାସନ | ୭୨୮୬୩୪୮୯୫୦ | ଅଞ୍ଜନା ଭୋଇ | ଟ. ୧୫,୦୦୦ /- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।
୧.ନିଲାମ **"ଯାହା ଯେପରି ଅଛି"** ଭିତ୍ତିରେ ପରିଚାଳିତ ହେବ। ବ୍ୟାଙ୍କ ନିଲାମ ହେବାକୁ ଥିବା ଅଳଙ୍କାରର ଗୁଣବତ୍ତା ଏବଂ ସ୍ୱତନ୍ତ୍ରତା ବିଷୟକ ଦାୟିତ୍ୱ ନିମନ୍ତେ କୌଣସି ଅଙ୍ଗୀକାରବଦ୍ଧ ନୁହେଁ। ଏହା ନିଲାମଧାରୀ / ସଫଳ କ୍ରେତାଙ୍କ ଦାୟିତ୍ୱ ଅଟେ।
୨.ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେ କୌଣସି ବିଡ୍‌କୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛି।
୩.ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ ସଙ୍ଗେ ସଙ୍ଗେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪.ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫.ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬.ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ଇଣ୍ଡିଆନ୍ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଚୂଡାନ୍ତ ହେବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଶତକଡା ୭୫ ଭାଗ ଟଙ୍କା ଜମା କରିବାକୁ ବାଧହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଶତକଡା ୨୫ ଭାଗ ଟଙ୍କା ଏବଂ ଅମାନତ ଟଙ୍କା ବାଜ୍ୟାପ୍ତି ହେବ।
୭.ଇଣ୍ଡିଆନ୍ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ / ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮.ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ଇଣ୍ଡିଆନ୍ ବ୍ୟାଙ୍କ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯.ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୮.୧୦.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ



GOVERNMENT OF INDIA
MINISTRY OF FINANCE - DEPARTMENT OF REVENUE
Office of the Competent Authority & Administrator
Smugglers and Foreign Exchange Manipulators (Forfeiture of Property), 1976 & Narcotic Drugs & Psychotropic Substances Acts, 1985
10-B, Middleton Row, 1st Floor, Income Tax Building, Kolkata-700071
Ph: (033) 2265-7373/7374, Email : competentauthoritykol@gmail.com
Adjudicating Authority under THE PROHIBITION OF BENAMI PROPERTY TRANSACTIONS ACT, 1988

BEFORE THE ADJUDICATING AUTHORITY (UNDER THE PROHIBITION OF BENAMI PROPERTY TRANSACTIONS ACT, 1988), KOLKATA

NOTICE UNDER SECTION 26(1)

Reference No. R-220/Kol/24-25/330 — Dated: 14.08.2024

Shri Pradeep Kumar Singh
ACIT & Initiating Officer, BPU, Bhubaneswar,
Room No. 506A, 5th Floor, Aayakar Bhavan, Bhubaneswar,
Email: bhubaneswar.dcit.bpu@incometax.gov.in .....Initiating Officer
[C.M.D. Ratnakar, Addl./Joint CIT & Approving Authority, BPU, Bhubaneswar]

...... Versus .......

| | | | |
|---|---|---|---|
| 1. | Benamidar | Not Known | D-1 |
| 2. | Beneficial Owner | Not Known | D-2 |
| 3. | Interested Parties, if any, including Bank, Company | NIL | D-3 |
| 4. | The person, if any, who has made claim in respect of the property during the proceedings under section 24 | NIL | D-4 |

Whereas the Initiating Officer (I.O.) has passed an Order under section 24(4)(b)(i) of the Prohibition of Benami Property Transactions Act, 1988 (hereinafter referred to as the PBPTA) dated : 25.07.2024 [Order No.1067034305(1)], and has provisionally attached the movable property representing cash of Rs. 27,49,500/- which was dropped from a number less Audi Car at Mahupani Chowk, Bisra, Sundargarh and which was subsequently seized by the ABDO, Bisra on 10.04.2019 during the Simultaneous General Election – 2019. And whereas, the Initiating Officer has made a reference to the Adjudicating Authority, under section 24(5) of the PBPTA, for adjudication of the said Provisional Attachment Order.
Now therefore, in accordance with Section 26(1) of the PBPTA, anyone having claim over the cash is hereby called upon to furnish such documents, particulars or evidences within sixty (60) days from the date of publication of this notice, as is considered necessary to prove his/her claim that the property is not benami property under the said PBPTA and is not covered by/involved in the benami transactions, within the meaning of section 2(9) of the PBPTA.
The Defendants are given this notice to explain as to why all or any of such properties should not be held to be a benami Property involved in benami transactions, under the PBPTA and why the Provisional Attachment, be not confirmed.
Please note that the case will be posted for personal hearing (PH) on 03.12.2024 at 03.30 P.M. before the Ld. Adjudicating Authority (UNDER THE PROHIBITION OF BENAMI PROPERTY TRANSACTIONS ACT, 1988) KOLKATA.
Given under my hand and the seal of the Adjudicating Authority, Kolkata, this 14th Day of August, 2024.
Sd./- Adjudicating Authority (PBPTA)
Kolkata



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
SALES & MARKETING STAFF WITH 1 TO 2 YEARS EXPERIENCE WITH GOOD COMMUNICATION SKILL.
POKHARIPUT, BHUBANESWAR
MOB – 9124069464

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଘରୋଇ ବିଶ୍ୱବିଦ୍ୟାଳୟର ବସ୍ ଓ କାର୍ ଚଳାଇବା ପାଇଁ ଯୋଗାଯୋଗ କରନ୍ତୁ:
୯୩୪୮୧୯୬୧୯୭

WALK-IN-INTERVIEW FOR FIELD ENGINEERS
Printer Service Industry Requires
(1) FIELD ENGINEER(10Nos.):Qual.- +2 Pass General Student / ITI / Diploma in Electrical with Exp. (2) RECEPTIONIST (2 Nos.) : Posting at Jajpur Road / Bhubaneswar, Qualification - Graduation.
Interview on : 20.10.24 & 27.10.24 (10AM to 02 PM)
MICRONIX SERVICES PVT. LTD.
A/132, Saheed Nagar, Bhubaneswar
Ph:7894422011

See Career Appointment on every Wednesday & Saturday

DELHI PUBLIC SCHOOL, KALINGA
(Under the aegis of The Delhi Public School Society, New Delhi)
REQUIRES PRINCIPAL
Candidates having brilliant academic record upto Post Graduation level including B.Ed. and minimum 15 years of teaching experience in Senior Secondary Classes, including 5 years in an administrative capacity only in English medium Schools may only apply.
Salary, perquisites & other benefits shall be as per the rules of the DPS Society. Higher emoluments will not be a constraint for a deserving candidates.
Application comprising comprehensive resume and a passport size photograph be sent to **The Secretary, Delhi Public School Society, F-Block, East of Kailash, New Delhi-110065 with a copy to Pro-Vice Chairperson, DPS Kalinga** on trustee.pvc@dpskalinga.edu.in within ten days of the date of the publication. Please mention 'Application for the post of **PRINCIPAL DPS Kalinga**' on the top of the envelope. Only short listed candidates will be invited for interview.

Fast Communication
An INS accredited ad agency having Pan India presence requires the following personnel for immediate recruitment :
WE ARE HIRING
**Liaison Officer :** Retired Govt. Class-1 Officers having good rapport with Govt. & Corporates. To be based at Bhubaneswar.
**Chief Accountant :** Possessing minimum 10 years exp., with expertise in Tally & GST. To be based at Cuttack.
**Translator :** Candidate having expertise in English to Hindi translation desirable. To be posted at Bhubaneswar.
**Marketing Executive :** Having adequate experience in space selling preferably in Media. To be based at Bhubaneswar.
**Social Media Handler :** Candidate having adequate exp. in handling social media accounts, min. 2 years exp. desirable.
**BTL Expert :** Candidate should be expert in handling BTL activities, with minimum 5 years exp. in similar capacity.
**Event Manager :** Candidate should be expert in handling Events independently, with minimum 5 years exp. in similar capacity.
**Electronic Media Planner :** Should have knowledge of tv commercial release
**Front Office Executive (M/F) :** Graduate. Should have good communication skill in English, knowledge of Excel, Photoshop, drafting of letters and can present PPT in front of clients. Should possess own two wheeler.
Salary : As per industry standards. All the above posts carry advantage of EPF, ESI and other perks.
Join our amazing team!
Interested candidates are requested to apply in confidence with Resume & 2 P.P size photos to : **acc.fast.2016@gmail.com** within the next 7 days. (Plz. mention post applied for in the subject)
fastcommunication.in @fastcommbbsr @fastcommunication.fc



झारखण्ड सरकार
कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, मनोहरपुर
eercdmanohar-jhr@nic.in

शुद्धि पत्र
इस कार्यालय द्वारा निकाली गई ई– निविदा आमंत्रण सूचना संख्या – RCD/MANOHARPUR /09/2024-25 दिनांक : 09.10.2024 जिसका PR 338765 (West Singhbhum) 24-25 (D) को अपरिहार्य कारण से अगले आदेश तक रद्द किया जाता है।
कार्यपालक अभियंता,
प०नि०वि०, पथ प्रमण्डल,
मनोहरपुर
PR 339255 (West Singhbhum)24-25*D

## ସଂକ୍ଷେପରେ

### ମିର୍ଜା ସାୟାନ ବେଗ୍ ଶ୍ରେଷ୍ଠ ଖେଳାଳି

**ଅନ୍ତର୍ଜାତୀୟ ଚେସ୍**



ପାଟଣାଗଡ,୧୮।୧୦(ସଚ୍ଚିଦାନନ୍ଦ ମହାକୁର)

ଖୋର୍ଦ୍ଧାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତାରେ ୫ବର୍ଷରୁ କମ୍ ବିଭାଗରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ପାଟଣାଗଡ଼ର ଛାତ୍ର ମିର୍ଜା ସାୟାନ ବେଗ୍। ଛାତ୍ରଙ୍କ ବାପା ପାଟଣାଗଡ଼ ଏସ୍‌ଡିଜେଏମ୍ କୋର୍ଟରେ ବିଚାରପତି ଭାବରେ କାର୍ଯ୍ୟରତ। ସେ ସ୍ଥାନୀୟ ଏକ ଘରୋଇ ସ୍କୁଲରେ ଷ୍ଟାଣ୍ଡାର୍ଡ ୱାନ୍ ଶ୍ରେଣୀରେ ପାଠ ପଢୁଛନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କ ପରିବାରରେ ବେଶ୍ ଖୁସି। ତାଙ୍କ ସହପାଠୀମାନଙ୍କଠାରୁ ଶୁଭେଚ୍ଛାର ବାର୍ତ୍ତା ଆସିବାରେ ଲାଗିଛି। ମିର୍ଜାଙ୍କ ଜେଜେ ମା' ଶେହେନାଜ ଓ ତାଙ୍କ ମାମୁ ଜୁନେଦ ଏହି ଚେସ୍ ଖେଳ ପାଇଁ ତାଙ୍କୁ ଉତ୍ସାହିତ କରୁଥିଲେ।

### କଟକିଆପଡ଼ାରେ ଗଜଲକ୍ଷ୍ମୀ ପୂଜା

ଟିଟିଲାଗଡ,୧୮।୧୦(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡର କଟକିଆପଡାରେ ଗଜଲକ୍ଷ୍ମୀ ପୂଜା ପାଇଁ ପରିବେଶ ଉତ୍ସବମୁଖର ହୋଇଉଠିଛି । ପୂଜା ମଣ୍ଡପରେ ସନ୍ଧ୍ୟାରେ ବଡଆଳତି ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି । ଆୟୋଜକ କମିଟିର ସଦସ୍ୟମାନେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟ ତଦାରଖ କରୁଛନ୍ତି । ପୂଜା ଆୟୋଜନରେ ମାନସ ସାହୁ, ବଂଶୀଧର ସାହୁ, ଅନନ୍ତ ସାହୁ, ବିଜୟ ସାହୁ, ଅଜୟ ସାହୁ, ସନ୍ତୋଷ ପୃଷ୍ଟି, ସୋମନାଥ ସାହୁ, ନାରାୟଣ ସାହୁ ଓ ବିଶନାଥ ସାହୁ ପ୍ରମୁଖ ସହଯୋଗ କରୁଛନ୍ତି।

### ବିଶିଷ୍ଟ କଳାକାରଙ୍କ ପରଲୋକ



ସ୍ୱର୍ଗତ ପ୍ରଦୀପ ମିଶ୍ରଙ୍କ ଫାଇଲ ଫଟୋ।

ଦେଓଗାଁ,୧୮।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହାର ବିଶିଷ୍ଟ କଳାକାର ପ୍ରଦୀପ ମିଶ୍ର(୬୧)ଙ୍କ ପରଲୋକ ହୋଇଛି । ସେ ବରିଷ୍ଠ ଶିକ୍ଷାବିତ୍ ଗୋପବନ୍ଧୁ ମିଶ୍ରଙ୍କ କନିଷ୍ଠ ପୁତ୍ର ତଥା ଅବସରପ୍ରାପ୍ତ ଜଷ୍ଟିସ ଲଳିତ ମୋହନ ମିଶ୍ରଙ୍କ ଭାଇ ଥିଲେ। ସେ ଏକାଧାରରେ ଜଣେ ବୈଦ୍ୟ, ସଙ୍ଗୀତଜ୍ଞ , ଦକ୍ଷ ମୃଦଙ୍ଗ ବାଦକ ଓ ବିଭିନ୍ନ ବାଦ୍ୟ ନିଖୁଣ ଭାବେ ବଜାଇ ପାରୁଥିଲେ। ଏହାସହ ତାଙ୍କ ପିତା ଗୋପବନ୍ଧୁ ଓ ସ୍ୱର୍ଗତ କାକାଙ୍କ ଠାରୁ ଅନୁପ୍ରାଣିତ ହୋଇ ଆୟୁର୍ବେଦ ଔଷଧ ପ୍ରସ୍ତୁତ କରି ବିଭିନ୍ନ ରୋଗ ଦୂର କରିବାରେ ସିଦ୍ଧହସ୍ତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମେଳାପି, ପରୋପକାରୀ, ସାମାଜିକ କର୍ମୀ ଭାବେ ଜଣାଶୁଣା ଥିଲେ। ଅବିବାହିତ ରହି ମାତାପିତାଙ୍କ ସେବା କରି ଆଖପାଖ ଅଞ୍ଚଳରେ ଏ ଯୁଗର ଶ୍ରବଣ କୁମାର ବୋଲି ଚର୍ଚ୍ଚିତ ଥିଲେ। ଅନେକ ବର୍ଷ ହେଲା ସ୍ଥାନୀୟ ଧବଳେଶ୍ୱର ଭଜନ ମଣ୍ଡଳୀର ନେତୃତ୍ୱ ନେଇ ଆସୁଥିଲେ। ସ୍ଥାନୀୟ ସତୀଘାଟ ଶ୍ମଶାନଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ତାଙ୍କ ପୁତୁରା ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଧାୟକ କଳିକେଶ ନରାୟଣ ସିଂ ଦେଓ, ବିଜେଡି ବ୍ଲକ ସଭାପତି ଶୁଶିଳ କୁମାର ଚାନ୍ଦ,ପୂର୍ବତନ ବିଧାୟକ ନରସିଂହ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ବରିଷ୍ଠ ବିଜେଡି ନେତା ଉମା ଶଙ୍କର ସିଂ, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ବିଏନଏଏ ସଂଘ ତରଫରୁ ମଧ ଶୋକ ପ୍ରକାଶ କରାଯାଇଛି।

# ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଥାନା ଘେରାଉ

ମୁରିବାହାଲ,୧୮।୧୦(ଶ୍ରୀବତ୍ସ ବେହେରା)



ଆଦିବାସୀମାନେ ଥାନା ଘେରାଉ କରିଛନ୍ତି।

ଆଦିବାସୀଙ୍କ ଉପରେ ଅନ୍ୟାୟ ହେଉଥିବା ପ୍ରତିବାଦ କରି ଶୁକ୍ରବାର ଦିନ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ମୁରିବାହାଲ ଥାନାକୁ ୩ ଘଣ୍ଟା ଧରି ଘେରାଉ କରାଯାଇଥିଲା। ବାରମ୍ବାର ନିର୍ଯାତନାର ଶିକାର ହୋଇ ଥାନାରେ ଅଭିଯୋଗ କଲେ ମଧ କୌଣସି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଜିଲା ଆଦିବାସୀ କଲ୍ୟାଣ ସଂଘ ମୁରିବାହଲ ଶାଖା ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଜିଲା ଆଦିବାସୀ କଲ୍ୟାଣ ସଂଘର ସଂଗଠକ ଥବିର ପୂଝାରିଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ମହିଳା ପୁରୁଷ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ବାଦ୍ୟରେ ତାଳେ ତାଳେ ଏକ ଶୋଭାଯାତ୍ରାରେ ମୁରିବାହାଲ ଶାଖା କାର୍ଯ୍ୟାଳୟରୁ ବାହାରି ଥାନା ପର୍ଯ୍ୟନ୍ତ ଯାଇଥିଲେ। ସେମାନେ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଥାନା ଅଧିକାରୀଙ୍କ ବିରୋଧରେ ନାରାବାଜି କରି ଥାନା ଘେରାଉ କରିଥିଲେ। ଗତ କିଛି ଦିନ ପୂର୍ବରୁ ମୁରିବାହାଲ ଥାନା ଅଧୀନ ସର୍ଦ୍ଦାପୁର ଗ୍ରାମର ୨ ଜଣ ଆଦିବାସୀ ମହିଳାଙ୍କୁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗ ଗ୍ରହଣ କଲା ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଥାନାରେ କୌଣସି ଆଦିବାସୀ ଲୋକ ଏତଲା ଦେଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଉ ନ ଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ଆଦିବାସୀ ମାରଣ ନୀତି ପାଇଁ ମୁରିବାହାଲ ଥାନା ଅଧିକାରୀଙ୍କୁ ତୁରନ୍ତ ବଦଳି କରିବାକୁ ଜିଲା ଆଦିବାସୀ କଲ୍ୟାଣ ସଂଘ ଦାବି କରିଛି। ଏହି ଆନ୍ଦୋଳନରେ ଜିଲା ଆଦିବାସୀ କଲ୍ୟାଣ ସଂଘ ମୁରିବାହାଲ ଶାଖା ସଭାପତି ରାଜୀବ କୁଅର, ସମ୍ପାଦକ ଭୁବନ ମାଝୀ, ନାରୀନେତ୍ରୀ ପତରଙ୍ଗ ମାଝୀ, ତେଜରି ମାଝୀ, ବୁଟୁ ମାଝୀ, ଲୀଙ୍ଗ ମାଝୀ, ଲୁଦ୍ର ମାଝୀ, ଡମ୍ବରୁ ମାଝୀ, ମୀରା ଭୋଇ, ପଙ୍କଜିନୀ କୁମରା , ଶମ୍ବାରୀ ଭୋଇ, ସଙ୍ଗତ ଭୋଇ, ଅଗସ୍ତି ଶିକା, ଦିଲୀପ ମାଝି, ହେମନ୍ତ ମାଝି, କେଶରୀ ମାଝୀ, ଲୋଚନ ଯାନି, ଅଶୋକ ଯାନୀ, ଚୈତନ୍ୟ ମାଝୀ, ଭୂମିସୁତା ସମରଥ, ପଦ୍ମା ମାଝି , ଉକିଆ ମାଝି ପ୍ରମୁଖ ସାମିଲ ଥିଲେ। ଏହି ଆନ୍ଦୋଳନ ସମୟରେ ପୋଲିସ ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁ , ମୁରିବାହାଲ ଥାନା ଅଧିକାରୀ ସୁପ୍ରିୟା ସୁରିୟା ଲୁଗୁନ୍ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧ ପ୍ଲାଟୁନ ପୋଲିସ ମୁତୟନ ହୋଇଥିଲା।

# ଜବରଦଖଲ ହଟାଇଲା ପ୍ରଶାସନ



ପ୍ରଶାସନ ଏବଂ ପୋଲିସ ଉପସ୍ଥିତିରେ ଜେସିବି ଦ୍ୱାରା ଘର ଭଙ୍ଗାଯାଉଛି।

ସଇଁତଲା,୧୮।୧୦(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ଭଦ୍ରା ପଞ୍ଚାୟତ ଅନ୍ତର୍ଗତ ଖାସବାହାଲ ଖେଳ ପଡ଼ିଆରୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି । ଦୀର୍ଘ ବର୍ଷ ହେବ ଜବରଦଖଲ କରି ସେଠାରେ ଘର କରାଯାଇଥିଲା। ସଇଁତଲା ତହସିଲଦାର ଆଶିଷ ଏକ୍କାଙ୍କ ସୂଚନା ଅନୁଯାୟୀ, ଖାସବାହାଲ ଗ୍ରାମରେ ଥିବା ଖେଳପଡ଼ିଆରେ ଦୀର୍ଘ ବର୍ଷ ହେବ ଗ୍ରାମବାସୀ ବିଭିନ୍ନ ପ୍ରକାରର ପ୍ରତିଯୋଗିତା କରିବା ସହ ଖେଳକୁଦ ଭଳି କାର୍ଯ୍ୟକ୍ରମ କରି ଆସୁଥିଲେ। ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ଖେଳ ପଡ଼ିଆର ମଧଭାଗରେ ଘର କରିବା ସହ ସେଠାରେ ରହି ଆସୁଥିଲେ। ଗ୍ରାମବାସୀ ଏ ନେଇ ବାରମ୍ବାର ଜିଲାପାଳ, ଉପ-ଜିଲାପାଳ, ତହସିଲଦାର ଏବଂ ବିଡ଼ିଓଙ୍କୁ ଅବଗତ କରି ଜବରଦଖଲ ହଟାଇବାକୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଖେଳାଳିମାନଙ୍କ ଖେଳରେ ବାଧା ଉପୁଜୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିବା ସତ୍ତ୍ୱେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିଲା। ଗତ ଦୁଇମାସ ତଳେ ଜବର ଦଖଲ ନ ହଟାଇଲେ ରାସ୍ତାରୋକୋ କରିବାକୁ ଗ୍ରାମବାସୀ ଚେତାବନୀ ଦେବା ପରେ ପ୍ରଶାସନର ନିଦ ଭାଙ୍ଗିଥିଲା। ଶୁକ୍ରବାର ଦିନ ତହସିଲଦାର ଏବଂ ସଇଁତଲା ପୋଲିସ ଘଟଣାସ୍ଥଳକୁ ଯାଇ ଏକ ଜେସିବି ମେଶିନ ଦ୍ୱାରା ଉକ୍ତ ଘରକୁ ଭାଙ୍ଗିବା ସହ ଜବରଦଖଲ ହଟାଇଥିଲେ। ଏ ବିଷୟରେ ତହସିଲଦାର ଏକ୍କାଙ୍କୁ ପଚାରିବାରେ ଆଗାମୀ ଦିନରେ ଗୋଚର ଜମିରେ ଯେଉଁମାନେ ବେଆଇନ ଭାବରେ ଘର କିମ୍ବା ଦୋକାନ ଗୃହ ନିର୍ମାଣ କରିଛନ୍ତି ସେହି ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି କହିଥିଲେ।

### ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଯୁବକ ଜେଲ ଗଲେ

ଗୁଡଭେଲା,୧୮।୧୦(ମନୋଜ କୁମାର ଜୈନ)

ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ବଲାଙ୍ଗୀର ଜିଲା ତୁଷୁରା ଥାନା ଅନ୍ତର୍ଗତ ଗୌରଗୋଠ ଗ୍ରାମର ଗୌରାଙ୍ଗ ରଣା (୨୨)ଙ୍କୁ ଶୁକ୍ରବାର ଜେଲ ହାଜତକୁ ଯିବାକୁ ପଡିଛି। ବୁଧବାର ଅଭିଯୁକ୍ତ ଯୁବକ ଜଣକ ସମ୍ପୃକ୍ତ ମହିଳାଙ୍କ ଘରେ କେହି ପୁରୁଷ ନ ଥିବାର ସୁଯୋଗ ନେଇ ଯାଇଥିଲେ। ପରେ ମହିଳାଙ୍କୁ ଜବରଦସ୍ତି ଟଣାଓଟରା କରିବା ସହ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଏ ନେଇ ସମ୍ପୃକ୍ତ ବିବାହିତ ମହିଳା ତୁଷୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ତୁଷୁରା ଥାନାରେ ନଂ ୨୯୬/୨୪ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରିଥିଲା। ପୋଲିସ ଗୌରାଙ୍ଗଙ୍କ ଡାକ୍ତରୀ ପରୀକ୍ଷା କରିବା ସହ ଗୁରୁବାର ତୁଷୁରା କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ତୁଷୁରା ଥାନାଧିକାରୀ ମନୋଜ ପ୍ରଧାନ ପ୍ରକାଶ କରିଛନ୍ତି।

## ପତିତପାବନ ଏକାଡେମୀ ହୀରକ ଜୟନ୍ତୀ କମିଟି ଗଠିତ

ବଲାଙ୍ଗୀର,୧୮।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ପତିତପାବନ ଏକାଡେମୀର ହୀରକ ଜୟନ୍ତୀ ପାଳନ ପାଇଁ ସ୍କୁଲ ହଲରେ ବୈଠକ କରାଯାଇ ବିଭିନ୍ନ କମିଟି ଗଠନ କରାଯାଇଛି। ଏହି ଶିକ୍ଷାନୁଷ୍ଠାନର କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ନିଷ୍ପତ୍ତି ଅନୁଯାୟୀ ହୀରକଜୟନ୍ତୀ କମିଟିଗଠନ କରାଯାଇଥିବା ସୂଚନା ଦିଆଯାଇଛି। ଏହି କମିଟିରେ ସଭାପତି ଭାବେ ଶଶୀଭୂଷଣ ପୁରୋହିତ, ଉପସଭାପତି ଭାବେ ହେମନ୍ତ ପଣ୍ଡା, ପ୍ରଭାସ ପାଣିଗ୍ରାହୀ ଓ ସନ୍ତକ ବହିଦାର, ସମ୍ପାଦକ ଭାବେ ପତିତପାବନ ଏକାଡେମୀ ପ୍ରଧାନ ଶିକ୍ଷକ ସିନୁ ସୁନ୍ଦର ପାଢ଼ୀ ଓ ସ୍କୁଲ ଆଲୁମିନି କମିଟି ସଭାପତି ସୟଦ ଆଫତାବ ହୁସେନ୍, କୋଷାଧକ୍ଷ ଭାବେ ଦତ୍ତାନନ୍ଦ ପଣ୍ଡା, ଯୁଗ୍ମ ସମ୍ପାଦକ ଭାବେ ପ୍ରଦୀପ ସାହୁ, ବିନୋଦ କଲସାଏ ଓ ନାସିର ଖାନ୍ ରହିଛନ୍ତି। ହୀରକ ଜୟନ୍ତୀକୁ ଧୁମଧାମରେ ପାଳନ କରାଯିବ ବୋଲି କମିଟି ପକ୍ଷରୁ ଆଫତାବ ହୁସେନ ସୂଚନା ଦେଇଛନ୍ତି।




ବଲାଙ୍ଗୀର ପିପି ଏକାଡେମୀ ହଲଠାରେ ହୀରକ ଜୟନ୍ତୀ କମିଟି ସଦସ୍ୟଙ୍କ ବୈଠକ କରାଯାଉଛି।

## ଡକାୟତି ଯୋଜନା ପଣ୍ଡ: ୫ ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ପାଟଣାଗଡ,୧୮।୧୦(ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ଼ ଅଞ୍ଚଳରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବଢି ଚାଲିଛି। ଏହାକୁ ରୋକିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଓ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ଶୁକ୍ରବାର ଏକ ବଡଧରଣର ଡକାୟତି ଯୋଜନାକୁ ପଣ୍ଡ କରିଥିବା ଜଣାଯାଇଛି। ଏହି ଘଟଣାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଟଣାଗଡ ଥାନା ରାମପୁରର ବିକ୍ରମ ମହାଲିଙ୍ଗ(୨୪), ଦୀପକ ପୁଟେଲ(୧୯), ଅଜୁ ମହାନନ୍ଦ(୧୮), ଶିଆଳବନ୍ଧ ଗାଁର ଲୁଚନ ବୁଡେକ (୩୨) ଓ ଖପ୍ରାଖୋଲ ଥାନା ଶରଗିପାଲି ଗାଁର ମିଳନ ସାହୁ(୨୦)। ଏଥିସହ ସେମାନଙ୍କ ଠାରୁ ୨ ଗୋଟି ଲୁହାରଡ, ଷ୍ଟିଲର ଏକ ମାରଣାସ୍ତ୍ର, ଲଙ୍କା ପାଉଡର ଗୁଣ୍ଡ, ମୋବାଇଲ ସହ ୨ ଗୋଟି ବାଇକ୍ ଜବତ ହୋଇଛି । ଜବତ ଦୁଇଟି ବାଇକ୍ ମଧ୍ୟରୁ ଗୋଟିଏ ନକଲି (ନଂ ଓଡି -୦୩-ଡି-୯୮୪୨ ବୋଲି ଜଣାଯାଇଛି । ପ୍ରକାଶ ଯେ, ଏହି ୫ ଜଣ ଅଭିଯୁକ୍ତ ବଲାଙ୍ଗୀରରୁ ପାଟଣାଗଡକୁ ଯାଇଥିବା ମୁଖ୍ୟ ରାସ୍ତାର ଉଲବା ହାଇସ୍କୁଲ ଖେଳପଡିଆ ଭିତରେ ଡକାୟତି ପାଇଁ ଯୋଜନା କରୁଥିଲେ। ଏହି ଖବର ବିଶ୍ୱସ୍ତ ସୂତ୍ରରୁ ଥାନା ଅଧିକାରୀ ପାଇବା ପରେ ପୂର୍ବାହ୍ନ ୧୧ଟାରେ ସଦଳବଳେ ଚଢାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ପଚରାଉଚରା ପରେ ମଧ୍ୟାହ୍ନ ସମୟରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଗଡତ୍ୟାଙ୍କଠାରୁ ଜଣାପଡିଛି ।



ଗିରଫ ଅଭିଯୁକ୍ତମାନେ।

## ଡଙ୍ଗରପଡା କାନ୍ଦୁଲବୁଢ଼ା ଯାତ୍ରା ଉଦ୍‌ଯାପିତ

ଦେଓଗାଁ,୧୮।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଧଣ୍ଡାମାଲ ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡା ଦେଶଗୁଡିଖଲାରେ ଗତ ୧୫ ତାରିଖରୁ ଚାଲିଥିବା ପ୍ରସିଦ୍ଧ କାନ୍ଦୁଲବୁଢ଼ା ଯାତ୍ରା ଶୁକ୍ରବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହି ଦିନ ବରୁଆଙ୍କ ଦେହରେ ଦେବତାଙ୍କ ଆବିର୍ଭାବ ଓ ମାନସିକଧାରୀଙ୍କୁ ବର ପ୍ରଦାନ ପରେ ପଶୁବଳି ଦିଆଯାଇଥିଲା। ଛେଳି, ମେଣ୍ଢା, କୁକୁଡା ଆଦି ପଶୁପକ୍ଷୀଙ୍କ ବଳିରେ ପୀଠ ରକ୍ତରଞ୍ଜିତ ହୋଇଥିଲା । ପ୍ରତିବର୍ଷ ଦଶହରା ଚତୁର୍ଦ୍ଦଶୀରୁ ଏହି ଯାତ୍ରା ଆରମ୍ଭ ହେଉଥିବା ବେଳେ ଜରାସିଂହାର ପ୍ରସିଦ୍ଧ ପାଟଖଣ୍ଡା ଦେବୀଙ୍କ ଯାତ୍ରା ସମ୍ପନ୍ନ ପରେ ସେଠାରୁ ପାଟସିନ୍ଦୁର ଅଣାଯାଇ କାନ୍ଦୁଲବୁଢ଼ା ଯାତ୍ରା ଅନୁଷ୍ଠିତ ହୋଇଥାଏ । ନିକଟସ୍ଥ ଧଣ୍ଡାମାଳ, ବନ୍ଧପଡା, ସିଂହାମୁଣ୍ଡା ଓ ବ୍ରାହ୍ମଣୀଯୋର ଆଦି ୪ଟି ପଞ୍ଚାୟତର ୧୬ ଖଣ୍ଡ ଗାଁର ଗଉନ୍ତିଆ, ଦେହେରିଆ, ଝାଙ୍କର, ନରିହା ଓ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। ଅମିତ କୁମାର ସିଂ ନିନାଙ୍କ ସଭାପତିତ୍ୱରେ ତଥା ବାସୁଦେବ ସିଂ ନିନାଙ୍କ ପରିଚାଳନାରେ ଚାଲିଥିବା ଏହି ଯାତ୍ରାରେ ମୁଖ୍ୟ ଦେହୁରୀ ଶିବା ପ୍ରଧାନୀ, ମୁଖ୍ୟ ପୂଜକ ଚନ୍ଦ୍ରଭାନୁ ପ୍ରଧାନୀ, ଡେବରିଆ ଗୌର ବାଗ ଓ ଭୂଜନିଆ ଚକ୍ରାନନ୍ଦ ବଗର୍ତ୍ତି ଓ ଦ୍ୱିତୀୟ ମଲ୍ଲିକ ଭାବେ ସଦାନନ୍ଦ ସିଂ ନିନା, ହରି ବଗର୍ତ୍ତି ଦାୟିତ୍ୱ ନିର୍ବାହ କରିଥିଲେ। ମହାଦେବିଆ ସୁରେନ୍ଦ୍ର ଥନାପତି, ପଣ୍ଡିତ ଚଣ୍ଡାଳ ମିଶ୍ର, ପୁରୁଷୋତ୍ତମ ସାହୁ, ରାଜେନ୍ଦ୍ର ଷାଣ୍ଢ ଓ ୧୬ ଖଣ୍ଡ ଗାଁର ସମସ୍ତ ସଭ୍ୟବୃନ୍ଦ ତଥା କାନ୍ଦୁଲବୁଢ଼ା ଦେଶ କମିଟି ଅନ୍ତର୍ଲାର କର୍ମକର୍ତ୍ତା ବୃନ୍ଦ ସହଯୋଗ କରିଥିଲେ। ଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଦେଶଗୁଡିଖଲାରେ କାନ୍ଦୁଲବୁଢ଼ା ଯାତ୍ରା ଅବସରରେ ଦେବତାଙ୍କ ପାରମ୍ପରିକ ନୃତ୍ୟ।

# ଲୋଇସିଂହା ଥାନା ପରିସରରେ ହାତାହାତି




ପ୍ରସିଦ୍ଧ ଯୋଗେଶ୍ୱର ପୀଠ।



ଥାନା ପରିସରରେ ଗଣ୍ଡଗୋଳ।

ଲୋଇସିଂହା,୧୮।୧୦(ସୁଶାନ୍ତ ବାରିକ)

- ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ ବେଳେ ଅଭାବନୀୟ ପରିସ୍ଥିତି
- ସେବାୟତ ପରିବାର ଓ ଗ୍ରାମବାସୀ ମୁହାଁମୁହିଁ

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଯୋଗୀସର୍ଡା ଗ୍ରାମର ପ୍ରସିଦ୍ଧ ଯୋଗେଶ୍ୱର ପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ କାମ ପାଇଁ ଜମି ସମସ୍ୟା ବାଧକ ସାଜିଛି। ମନ୍ଦିରର ଦେବୋତ୍ତର ଜମିକୁ ନେଇ ମନ୍ଦିର ସେବାୟତ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଲାଗି ରହିଛି। ଶୁକ୍ରବାର ଏହା ଉଗ୍ରରୂପ ଧାରଣ କରିଥିଲା। ସମ୍ବଲପୁର ଦେବୋତ୍ତର କମିଶନରଙ୍କ କାର୍ଯ୍ୟାଳୟର ଦୁଇଜଣ ଅଧିକାରୀଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ ଗୋଟିଏ ସେବାୟତ ପରିବାର ଓ ଗ୍ରାମବାସୀ ହାତାହାତି ହୋଇଥିଲେ। ଉଭୟ ପକ୍ଷ ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ସେଠାରେ ପୁଣି ହାତାହାତି ହେବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

ପ୍ରକାଶ ଯେ, ଯୋଗେଶ୍ୱର ଶୈବପୀଠକୁ ତତ୍କାଳୀନ ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରରେ ସାମିଲ କରିଥିଲେ। ଏହାକୁ ୫-ଟିରେ ରୂପାନ୍ତରଣ ପାଇଁ ୨୦୨୩ ଆର୍ଥିକ ବର୍ଷରେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ବଲାଙ୍ଗୀର ଜିଲା ପୂର୍ତ୍ତ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ବିକାଶ ଓ ସୌନ୍ଦର୍ଯ୍ୟକରଣ କାମ ହାତକୁ ନିଆଯାଇଛି। ଗତ ଜୁନ ୮ ତାରିଖ ସୁଦ୍ଧା କାର୍ଯ୍ୟ ସାରିବାକୁ ସମୟ ଧାର୍ଯ୍ୟ ହୋଇଥିଲା। ହେଲେ ସୌନ୍ଦର୍ଯ୍ୟକରଣ କାମ ପାଇଁ ପ୍ରସ୍ତୁତ ଡିପିଆରରେ ଶିଶୁ ଉଦ୍ୟାନ ଏବଂ ଗାଡି ପାର୍କିଂ ବ୍ୟବସ୍ଥା ରହିଛି। ମନ୍ଦିରର ପ୍ରାୟ ୪୨ ଏକର ଦେବୋତ୍ତର ଜମି ମଧ୍ୟରୁ ମନ୍ଦିର ସଂଲଗ୍ନରେ ୭ ଏକର ଜମି ରହିଛି । ମନ୍ଦିର ସଂଲଗ୍ନ ଜମିରେ ଶିଶୁ ଉଦ୍ୟାନ ଏବଂ ଗାଡି ପାର୍କିଂ କରିବାକୁ ଗଲେ ସେବାୟତମାନେ ବିରୋଧ କରୁଛନ୍ତି। ଫଳରେ ମନ୍ଦିର ବିକାଶ ଓ ସୌନ୍ଦର୍ଯ୍ୟକରଣ କାମ ଅଗ୍ରଗତି ହେଉନାହିଁ। ମନ୍ଦିର ବିକାଶ କାମକୁ ସାରିବା ଲାଗି ଦେବୋତ୍ତର ଜମିରୁ ଜବରଦଖଲ ହଟାଇବା ପାଇଁ ୨୦୨୪ ଜୁଲାଇ ୨୦ ତାରିଖରେ ସ୍ଥାନୀୟ ତହସିଲଦାର ଏବଂ ଜାନୁୟାରୀ ୧୮ ତାରିଖରେ ମନ୍ଦିର ପରିଚାଳନା କମିଟି ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେବାୟତ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ବଢିବାରେ ଲାଗିଥିଲା। ଏହି କାରଣ ନେଇ ଗତ ଅଗଷ୍ଟ ୨୭ରେ ଯୋଗୀସର୍ଡା ପଞ୍ଚାୟତ ପରିସରରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିରରେ ଯୋଗଦେଇଥିବା ଲୋଇସିଂହା ବିଡିଓ, ତହସିଲଦାର ଏବଂ ଅନ୍ୟ ଅଧିକାରୀଙ୍କୁ ଉତ୍ତେଜିତ ଗ୍ରାମବାସୀ ତାଲା ପକାଇ ଦୀର୍ଘ ୫ ଘଣ୍ଟାରୁ ଅଧିକ ସମୟ ଧରି ଅଟକ ରଖିଥିଲେ। ଏହି ଘଟଣା ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲାପାଳ ଏବଂ ଗ୍ରାମବାସୀ ଆଲୋଚନା କରିଥିଲେ। ଦେବୋତ୍ତର ଜମି ବିବାଦ ମାମଲା ନେଇ ଜିଲା ପ୍ରଶାସନ ପକ୍ଷରୁ ସମ୍ବଲପୁର ଦେବୋତ୍ତର କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି କ୍ରମରେ ଶୁକ୍ରବାର ସମ୍ବଲପୁର ଦେବୋତ୍ତର କମିଶନର କାର୍ଯ୍ୟାଳୟର ୨ଜଣ ଅଧିକାରୀ ଯୋଗେଶ୍ୱର ଧାମ ପରିଦର୍ଶନ କରିଥିଲେ। ସେବାୟତ ଓ ଗ୍ରାମବାସୀଙ୍କୁ ପଚରାଉଚରା କରିଥିଲେ। ଏହି ସମୟରେ ଜଣେ ସେବାୟତ କୁଆଡେ ଜଣେ ଅଧିକାରୀଙ୍କ ହାତ ଧରି ଟାଣିବାରୁ ଅଧିକାରୀ ଜଣକ ବିରକ୍ତି ଭାବ ପ୍ରକାଶ କରିଥିଲେ। ଏହାଛଡା କୌଣସି କଥାକୁ ନେଇ ଗୋଟିଏ ସେବାୟତ ପରିବାର ସଦସ୍ୟ ଗ୍ରାମର ଯୁବଗୋଷ୍ଠୀର ଜଣେ ସଦସ୍ୟଙ୍କୁ ଆକ୍ରମଣ କରିଥିଲେ। ଏପରି କି ବନ୍ଧୁକ ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଖାଇଥିଲେ। ଏହାକୁ ନେଇ ମନ୍ଦିର ପରିସରରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଦେଖାଦେଇଥିଲା। ଏହି ମାମଲା ଥାନାକୁ ଆସିଥିଲା। ଥାନା ପରିସରରେ ମଧ ଉଭୟ ପକ୍ଷ ହାତାହାତି ହୋଇଥିଲେ । ଏ ସମ୍ପର୍କରେ ଆଇଆଇସି ଯାଜ୍ଞସିନୀ ନାୟକଙ୍କୁ ପଚାରିବାରେ ପୋଲିସକୁ ସୂଚନା ନ ଦେଇ ଦେବୋତ୍ତର କାର୍ଯ୍ୟାଳୟରୁ ୨ ଜଣ ଅଧିକାରୀ ମନ୍ଦିର ପରିଦର୍ଶନ ପାଇଁ ଆସିଥିଲେ । ସେଠାରେ ଗଣ୍ଡଗୋଳ ହୋଇଥିଲା । ପରେ ଥାନାରେ ସେମାନେ ହାତାହାତି ହୋଇଥିଲେ। ଉଭୟ ପକ୍ଷରୁ ମାମଲା ରୁଜୁ ହୋଇଛି। ୪ ଜଣଙ୍କୁ ଅଟକ ରଖାଯାଇଛି। ଉଲ୍ଲେଖଯୋଗ୍ୟ, ଏହାପୂର୍ବରୁ ମଧ ସେବାୟତ ଏବଂ ଗ୍ରାମବାସୀ ମୁହାଁମୁହିଁ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ ।

**ଛାତରୁ ପଡ଼ି ଯୁବକ ମୃତ**

ବିନିକା,(ରାମଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅଧିନସ୍ଥ ଶଙ୍କରା ଦେହେରିଗୋଟ ଗ୍ରାମରେ ଛାତ ଉପରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଶଙ୍କରା ଗ୍ରାମର ବିଦ୍ୟା ଭୁଏ (୧୮) ରାତି ପ୍ରାୟ ୧୧ଟା ବେଳକୁ ଘରକୁ ଆସି ଶୋଇବା ପାଇଁ ତାଙ୍କ ଛାତ ଉପରକୁ ଯାଇଥିଲେ। ବିଳମ୍ବିତ ରାତିରେ ଛାତ ଉପରୁ ତଳକୁ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବିନିକା ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ବିଦ୍ୟାଙ୍କୁ ଦେଖିବା ପରେ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।



# ମା’ ମାଣିକେଶ୍ୱରୀଙ୍କ ବାର୍ଷିକ ମହାପୂଜା

**ସୋନପୁର,୧୮।୧୦(ମୃତ୍ୟୁଞ୍ଜୟ ଶତପଥୀ)**

କୈବର୍ତ୍ତ ସମାଜର ଇଷ୍ଟଦେବୀ ମା’ ମାଣିକେଶ୍ୱରୀଙ୍କ ବାର୍ଷିକ ମହାପୂଜା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂଜିତା ମା’ ମାଣିକେଶ୍ୱରୀଙ୍କ ବିଶେଷ ପୂଜା ହୋଇଥିଲା। ସେହିଭଳି କୈବର୍ତ୍ତ ସମାଜ ପକ୍ଷରୁ ମା’ଙ୍କୁ ଜୁଗାର ଭୋଗ ଅର୍ପଣ କରାଯାଇଛି। ପରମ୍ପରା ଅନୁସାରେ ମଧ୍ୟାହ୍ନରେ ଟିକିରିପଡାଠାରୁ ମା’ଙ୍କ ଜୁଗାର ଯାତ୍ରା ବାହାରି ଥିଲା। ଶତାଧିକ ମହିଳା ଜୁଗାର ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ମୁଣ୍ଡରେ ମୁଣ୍ଡାଇ ଏହି ଯାତ୍ରାରେ ସାମିଲ ହୋଇଥିଲେ। ତେନ୍ତୁଳିଘାଟ, ଗୁଣ୍ଡିଚା ମନ୍ଦିର, ବଡବଜାର, ନୂଆପଡା ଓ ବସଷ୍ଟାଣ୍ଡ ଆଦି ଦେଇ ମା’ମାଣିକେଶ୍ୱରୀ ମନ୍ଦିରରେ ଜୁଗାର ପହଞ୍ଚି ଥିଲା। କୈବର୍ତ୍ତ ସମାଜର ଆବାଳ ବୃଦ୍ଧ ବନିତା ବିଭିନ୍ନ ସ୍ଥାନରେ ଜୁଗାର ଯାତ୍ରାକୁ ବନ୍ଦାପନା କରିଥିଲେ। ମନ୍ଦିର ସମ୍ମୁଖରେ ପାଣି ଢାଳି, ଧୂପ, ଦୀପ, ଦେଖାଇ ଜୁଗାର୍ ଯାତ୍ରାକୁ ପାଛୋଟି ନିଆ ଯାଇଥିଲା। ପୂଜକ ଦେବଦତ୍ତ ପୁରୋହିତଙ୍କ ଦ୍ୱାରା ମନ୍ଦିରରେ ମା’ଙ୍କ ମହାପୂଜା ଅନୁଷ୍ଠିତ ହୋଇଥିଲା। ପରେ ମନ୍ଦିର ପରିସରରେ କୈବର୍ତ୍ତ ସମାଜ ପକ୍ଷରୁ



କୈବର୍ତ୍ତ ସମାଜ ପକ୍ଷରୁ ଆୟୋଜିତ ଜୁଗାର ଯାତ୍ରାରେ ସାମିଲ ମହିଳା, ପୁରୁଷ।

ପାରମ୍ପରିକ ପୂଜା ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ଏହା ପରେ ମନ୍ଦିର ପରିସରରେ କୈବର୍ତ୍ତ ସମାଜର ବାର୍ଷିକ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା ସୁବର୍ଣ୍ଣପୁର ଜିଲା ଶାଖା ସଭାପତି ପବିତ୍ର କୁମାର ସାହୁ ସଭାରେ ଅଧକ୍ଷତା କରିଥିଲେ। ଏଥିରେ ନିଖିଳ ଓଡିଶା କୈବର୍ତ୍ତ ମହାସଭାର ରାଜ୍ୟ ସଭାପତି ଡ. ଦେବେନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୈବର୍ତ୍ତ ସମାଜର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓଙ୍କ ଜିଲା ପ୍ରତିନିଧି ଶରତ କୁମାର ଶତପଥୀ ଯୋଗଦାନ କରି କୈବର୍ତ୍ତ ସମାଜର ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନାରୁ ଲାଭ ଉଠାଇବା ପାଇଁ ମତ୍ସ୍ୟ ବିଭାଗ ସହ ଯୋଗାଯୋଗ କରିବା ପାଇଁ ସେ କହିଥିଲେ। ନିଖିଳ ଓଡିଶା କୈବର୍ତ୍ତ ସମାଜର ରାଜ୍ୟ ସମ୍ପାଦକ ରାମଚନ୍ଦ୍ର ବେହେରା ଅନ୍ୟତମ ଅତିଥି ଭାବେ ଯୋଗଦେଇ କିଭଳି ନିଜ ଜାତି ମଧ୍ୟରେ ଝିଅ ପୁଅମାନେ ସୁବିଧାରେ ବିବାହ କରି ପାରିବେ ସେ ନେଇ କୈବର୍ତ୍ତ ସମାଜର ପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ। ଏହି ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଜିଲାର ୬ଟି ବ୍ଲକରୁ କୈବର୍ତ୍ତ ସମାଜର ପ୍ରତିନିଧିମାନେ

### ଜୁଗାର ଯାତ୍ରା, କୈବର୍ତ୍ତ ସମାଜର ବାର୍ଷିକ ଭେଟ୍‌ଘାଟ

ଯୋଗଦେଇ ନିଜର ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପୂଜା ଓ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଅନୁଗୋଳ, ବୌଦ୍ଧ, ବରଗଡ ଓ ସମ୍ବଲପୁର ଜିଲା କୈବର୍ତ୍ତ ସମାଜର ପ୍ରତିନିଧି ମାନେ ସାମିଲ ହୋଇଥିଲେ। ପ୍ରତିପଦା ଦିନ ଘୋଡାଘାଟପଡା ସ୍ଥିତ ପୁରୋହିତଙ୍କ ଘରୁ ମନ୍ଦିରକୁ ମା’ ମାଣିକେଶ୍ୱରୀ, ନାରାୟଣୀ, ଭୁବନେଶ୍ୱରୀ ଓ ମହାଲକ୍ଷ୍ମୀଙ୍କ ପ୍ରତିମା ବିଜେ କରିଥିଲେ। ପୂଜା ସମ୍ପନ୍ନ ପରେ ଶୁକ୍ରବାର ସନ୍ଧ୍ୟାରେ ଦେବୀ ପ୍ରତିମା ପୁଣି ମନ୍ଦିରରୁ ପୁରୋହିତଙ୍କ ଘରକୁ ବାହୁଡିଥିଲେ। କାର୍ଯ୍ୟକ୍ରମ ଓ ପୂଜା ଆୟୋଜନରେ ସମାଜର ବରିଷ୍ଠ କର୍ମକର୍ତ୍ତା ଦେବରାଜ ମହାଲିକ, କୈବର୍ତ୍ତ ସମାଜର ଜିଲା ଉପସଭାପତି ଦୁତିଆ ନାଏକ, ଗଙ୍ଗାଧର ତରିଆ, ଜିଲା ସମ୍ପାଦକ ଗିରିଧାରୀ ତରିଆ, ଶ୍ରୀଧର ତରିଆ, ମୋତିରାମ ସେଠୀ, ବୈଦ୍ୟନାଥ ସାହୁ, ସୂର୍ଯ୍ୟ ବଡେଇ, ସଞ୍ଜିବ ମଲ୍ଲିକ, ବୃଷଭ ବୁଡେକ୍, ଲିଗରାଜ ସେଠୀ, ସୁରୁବାବୁ ସାହୁ, ଅକ୍ଷୟ ସେଠୀ ଓ ନରେଶ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ମାଓବାଦୀଙ୍କ ଗତିବିଧି ଓ ଆଇନଶୃଙ୍ଖଳା ନେଇ କଲେ ସମୀକ୍ଷା



ପୋଲିସ ମହାନିର୍ଦ୍ଦେଶକ ଜିଲା ପୋଲିସ କାର୍ଯ୍ୟାଳୟ ଆଗରେ ଏସ୍‌ଓଜି ବାହିନୀ ସହ ଆଲୋଚନା କରୁଛନ୍ତି।

**ବୌଦ୍ଧ,୧୮।୧୦(ଅଜିତ କୁମାର ବାରିକ)**

### ବୌଦ୍ଧ ଗସ୍ତରେ ପୋଲିସ ମହାନିର୍ଦ୍ଦେଶକ

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଦୁଇଦିନିଆ ବୌଦ୍ଧ ଗସ୍ତରେ ଆସି ଜିଲାରେ ମାଓବାଦୀ ଗତିବିଧି ଓ ଆଇନ ଶୃଙ୍ଖଳା ନେଇ ସମୀକ୍ଷା କରିଥିବା ଜଣାପଡିଛି। ମହାନିର୍ଦ୍ଦେଶକ ଖୁରାନିଆ ଗତ ଗୁରୁବାର ଅପରାହ୍ନରେ ବୌଦ୍ଧ ଜିଲାକୁ ଆସି ପ୍ରଥମେ ଜିଲାର ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ କଣ୍ଟାମାଳ ବ୍ଲକର ଘଣ୍ଟାପଡା ଥାନାକୁ ଯାଇ ସମୀକ୍ଷା କରିଥିଲେ। ଶୁକ୍ରବାର ସକାଳେ ଖୁରାନିଆ ରିଜର୍ଭ କାର୍ଯ୍ୟାଳୟକୁ ଯାଇ ତଦାରଖ କରିବା ସହ ଜିଲା ପୋଲିସ କାର୍ଯ୍ୟାଳୟଠାରେ ଜିଲାର ପୋଲିସ ଅଧିକାରୀ, ଏସଓଜି ଅଧିକାରୀମାନଙ୍କୁ ନେଇ ସମୀକ୍ଷା ବୈଠକ କରିଥିଲେ। ଜିଲାର ମାଓବାଦୀ ଅଞ୍ଚଳରେ ଥିବା ଥାନାଗୁଡିକ ଯାଇ ତଦାରଖ କରିବା ସହ ବିଏସ୍‌ଫ କ୍ୟାମ୍ପକୁ ଯାଇ ସମୀକ୍ଷା କରିଥିଲେ। ପରେ ଜିଲା ପୋଲିସ କାର୍ଯ୍ୟାଳୟ ଠାରେ ମାଓବାଦୀ ଅପରସେନ ନେଇ ଥିବା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିବା ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏହାଛଡା ଜିଲାରେ ଗଞ୍ଜେଇ ଚାଷକୁ ରୋକିବା ନେଇ ଜିଲାପାଳ ଓ ଡିଏଫଓଙ୍କ ସହ ଆଲୋଚନା କରିଥିବା ବେଳେ ଗଞ୍ଜେଇ ଚାଷ ଅଞ୍ଚଳକୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖୁରାନିଆ କହିଥିଲେ। ପୋଲିସ ମହାନିର୍ଦ୍ଦେଶକଙ୍କ ଗସ୍ତ ସମୟରେ ଆଇଜି ଅପରେଶନ ଜୟନାରାୟଣ ପଙ୍କଜ, ବିଶାଲ ସିଂ, ଡିଆଇଜି ସାର୍ଥକ ଷଢଙ୍ଗୀ ଓ ବୌଦ୍ଧ ଏସ୍‌ପି ନାଗରାଜ ଦେଓରକୋଣ୍ଡା ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ ଜିଲାର ସମସ୍ତ ଥାନା ଅଧିକାରୀ ଓ ଉଚ୍ଚପଦସ୍ଥ ଅଧିକାରୀ ସାମିଲ ଥିଲେ।

# ୧ କୁଇଣ୍ଟାଲ ଗଞ୍ଜେଇ ଜବତ

**ବାଉଁଶୁଣୀ,୧୮।୧୦(ଦେବାଶିଷ ନେପାକ)**

ଶୁକ୍ରବାର ସନ୍ଧ୍ୟାରେ ବାଉଁଶୁଣୀ ଥାନା ପୋଲିସ ଚଢାଉ କରି ବହିରା ଗ୍ରାମ ନିକଟରୁ ୧ କୁଇଣ୍ଟାଲ ଗଞ୍ଜେଇ ଓ ଦୁଇଟି ବାଇକ୍ ଜବତ କରିଛି। ବାଇକ୍ ଯୋଗେ ଗଞ୍ଜେଇ ଚୋରା ଚାଲାଣ ନେଇ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଏହି ଚଢାଉ କରାଯାଇଥିଲା। ପୋଲିସକୁ ଦେଖି ଅଭିଯୁକ୍ତମାନେ ଗଞ୍ଜେଇ ସହ ଦୁଇଟି ବାଇକ୍ ଛାଡି ଫେରାର

### ବାଇକ୍ ଛାଡି ଅଭିଯୁକ୍ତ ଫେରାର

ହୋଇଯାଇଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବାରୁ ୧ କୁଇଣ୍ଟାଲ ହୋଇଥିଲା। ଏନେଇ ବାଉଁଶୁଣୀ ଥାନାରେ ନଂ୧୫୨/୨୦୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ କରାଯାଉଥିବା ଥାନା ଆଇଆଇସି ଅଞ୍ଜଳି ବିଶ୍ୱାଳ ସୂଚନା ଦେଇଛନ୍ତି।

# ମସିଣାଗୋରାରେ ସୀତା ଚୋରି ମଞ୍ଚସ୍ଥ

**ଖୁଣ୍ଟିଗୋରା,୧୮।୧୦(ମକରନ୍ଦ ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ମସିଣାଗୋରା ଗ୍ରାମରେ ବରୁଲ ଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କାର୍ତ୍ତିକେଶ୍ୱର ବେହେରା ମୁଖ୍ୟଅତିଥି, ବ୍ଲକ ଆଦିବାସୀ ସଂଘ ଉପସଭାପତି ପୀତାମ୍ବର ଭୋଇ, ଦେବାଧି ମଲିକ, ଖଡ଼ଙ୍ଗ ମହୋତ୍ସବ କମିଟି ସଭାପତି ମନୋଜ ଦାଶ, କୃଷି ମହୋତ୍ସବ କମିଟି ସଭାପତି ଶଙ୍କର୍ଷଣ ଭୋଇ, ନାଟ୍ୟ ନିର୍ଦ୍ଦେଶକ ପରମେଶ୍ୱର କର୍ମୀ, ମକରନ୍ଦ ସାହୁ, ବଂଶୀଧର ମାଝୀ,, ବଳରାମ ବାଘ ପ୍ରମୁଖ ଯୋଗଦେଇ ଠାକୁର ପୂଜା ଓ ପୁରାଣ ସଂସ୍କୃତି ବିଷୟରେ ମତବ୍ୟକ୍ତ କରିଥିଲେ। କମିଟି ସଭାପତି ପବିତ୍ର ଭୋଇ ପରିଚାଳନା କରିଥିଲେ। ସମ୍ପାଦକ ଦେବେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ପରେ ପାୟଲ ନୃତ୍ୟ ଗ୍ରୁପ ବଲାଙ୍ଗୀର, ଜ୍ୟୋତ୍ସ୍ନା ନୃତ୍ୟ ଗ୍ରୁପ ଆଶ୍ରେଗାଁ ଏବଂ ସ୍ଥାନୀୟ ଅଞ୍ଚଳର କଳାକାର ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ରାମଜୀ କଳାପରିଷଦ ରହେନମାଳର କଳାକାରମାନଙ୍କ ଦ୍ୱାରା ସୀତାଚୋରି ନାଟକ ମଞ୍ଚସ୍ଥ ହୋଇଥିଲା। ଦର୍ଶକମାନେ କାର୍ଯ୍ୟକ୍ରମର ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ମନଭରି ଉପଭୋଗ କରିଥିଲେ। ଶେଷଦେବ ଭୋଇ, ଲକ୍ଷ୍ମୀନାରାୟଣ ଦେହୁରିଆ ଏବଂ ଅଞ୍ଚଳବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଶାସନ କଲା ନାହିଁ, ଚାଷୀ କଲେ କେନାଲ କାମ



ଡୁଲେଶ୍ୱର ଗ୍ରାମର ଚାଷୀମାନେ କେନାଲ କାମ କରୁଛନ୍ତି।

**ଅମରପାଲି,୧୮।୧୦(ପୀତାମ୍ବର ସାହୁ)**

ପ୍ରଶାସନ କଲା ନାହିଁ, ଗ୍ରାମର ଚାଷୀମାନେ ନିଜେ କଲେ କେନାଲ କାମ। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଡୁଲେଶ୍ୱର ଗ୍ରାମରେ। ଚଳିତବର୍ଷ ଭଲ ବର୍ଷା ହୋଇଥିବାରୁ ଚାଷ କାର୍ଯ୍ୟ ମଧ୍ୟ ଭଲ ହୋଇଥିଲା। ମାତ୍ର ଏବେ ଦୀର୍ଘ ମାସେ ହେଲା ବର୍ଷା ହେଉ ନାହିଁ। ଫଳରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତେଣୁ ଲୋକେ ବାଧ ହୋଇ ପୋଖରୀ ଓ ଅନ୍ୟ ଜଳାଶୟରୁ ପାଣି କେନାଲ ଦେଇ

### ବୀରମହାରାଜପୁର ବ୍ଲକ ଡୁଲେଶ୍ୱର ଗ୍ରାମ

ଜଳସେଚନ କରୁଛନ୍ତି। ମାତ୍ର ଅନେକ ସ୍ଥାନରେ କେନାଲ ପୋତି ହୋଇ ଯାଇଛି। ବ୍ଲକର ପିତାମହୁଲ ପଞ୍ଚାୟତର ଡୁଲେଶ୍ୱର ଗ୍ରାମରେ ଚାଷୀମାନେ ନୂଆଁମୁଣ୍ଡା ଜଳାଶୟରୁ କେନାଲ ଦେଇ ଜଳସେଚନ କରିଥାନ୍ତି। ମାତ୍ର ଉକ୍ତ କେନାଲଟି ପୋତି ହୋଇ ପଡିଥିଲା। କେନାଲରୁ ମାଟି ସଫା କରିବା ପାଇଁ ଚାଷୀମାନେ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁ ନ ଥିଲେ। ଏପଟେ ପାଣି ନ ପାଇ ଗ୍ରାମର ଚାଷ ଜମିରେ ଧାନ ଫସଲ ମରୁଥିବାବେଳେ ଚାଷୀ ବାଧହୋଇ କେନାଲରୁ ମାଟି ନିଜେ ସଫା କରିଛନ୍ତି। ଗ୍ରାମର ପ୍ରାୟ ୬୦ରୁ ଅଧିକ ଚାଷୀ କୋଡି, ଶାବଳ ଧରି ମାଟି ସଫା କରିଛନ୍ତି। ଏହି ଜଳାଶୟରୁ ଗ୍ରାମର ପ୍ରାୟ ଶତାଧିକ ଏକର ଚାଷ ଜମିକୁ ଜଳ ସେଚନ ହୋଇଥାଏ। ମାତ୍ର ବାରମ୍ବାର ଅଭିଯୋଗ ପରେ ବି ବିଭାଗ କେନାଲ କାମ ନ କରିବାରୁ ଅସନ୍ତୋଷ ଦେଖାଦେଇଛି। ଗ୍ରାମର ଚାଷୀ ନିଜେ କେନାଲ ଖୋଳି ସଫା କରିବାରୁ ସାଧାରଣରେ ପ୍ରଶଂସା କରାଯାଉଛି।

# ନଭେମ୍ବର ୧୯ରୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମେଳା

**ବୌଦ୍ଧ,୧୮।୧୦(ଅଜିତ କୁମାର ବାରିକ)**

ବୌଦ୍ଧରେ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମେଳା ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଦିନ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ନଭେମ୍ବର ୧୯ ଓ ୨୦ ତାରିଖ ଦୁଇଦିନ ଧରି ବୌଦ୍ଧ କଚେରୀ ଖେଳପଡିଆଠାରେ ଏହି ମେଳା ଆୟୋଜନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପୂର୍ବବର୍ଷ ଭଳି ଚଳିତବର୍ଷ ମେଳାରେ ୩୦ ଗୋଟି ଷ୍ଟଲ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଥିବା ବେଳେ ମତ୍ସ୍ୟ ବିଭାଗ ପକ୍ଷରୁ ୮ ଗୋଟି, ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ୮ ଗୋଟି, ମିଶନ ଶକ୍ତିର ୨ ଗୋଟି ଏବଂ ନାବାର୍ଡ, କୃଷି ବିଭାଗ, ଉଦ୍ୟାନ କୃଷି, ମୃର୍ତ୍ତିକା ସଂରକ୍ଷଣ, ବ୍ୟାଙ୍କ ଓ ଅନ୍ୟାନ୍ୟ ସହାୟକ ବିଭାଗଗୁଡିକ ପକ୍ଷରୁ ଗୋଟିଏ ଲେଖାଏ ଷ୍ଟଲ ଖୋଲାଯିବାକୁ ନିଷ୍ପତ୍ତି ନିଆ ଯାଇଥିଲା। ବୈଠକରେ ଡିଡିଏମ ନାବାର୍ଡ ସତ୍ୟ ସ୍ୱରୁପ,ଏଡିଭିଓ ନିରୋଦ କହଁର,ଏଡିଭିଓ କମଳଲୋଚନ ଦାଶ, ପ୍ରକଳ୍ପ ନିର୍ଦ୍ଦେଶକ ମୃର୍ତ୍ତିକା ସଂରକ୍ଷଣ ପ୍ରଦିପ୍ତ କୁମାର ମହାନ୍ତିଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟମାନେ।

# ସମାଜ ସଂସ୍କାରରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଅମରପାଲି,୧୮।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାରେ ଶୁକ୍ରବାର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ କବିତା ପାଠ ଅନୁଷ୍ଠିତ ହୋଇଯାଇଛି। କବି ଡ.ଆର୍ତ୍ତତ୍ରାଣ ବାବୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଜୟନ୍ତୀ ଜେନା ମୁଖ୍ୟ ଅତିଥି ଭାବରେ ମଞ୍ଚାସୀନ ଥିଲେ। ସାହିତ୍ୟ ସମାଜର ଦର୍ପଣ। ସମାଜରୁ ଅନ୍ଧ ବିଶ୍ୱାସ ଓ କୁସଂସ୍କାର ଦୂରୀକରଣରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାହିତ୍ୟ ଓ ସଂସ୍କୃତିର ଅଭ୍ୟୁତ୍ଥାନ ପାଇଁ ଯୁବ ଗୋଷ୍ଠୀକୁ ଅନ୍ତର୍ଭୁକ୍ତ କରି ଦିଗ୍‌ଦର୍ଶନାଭିମୁଖୀ ସାହିତ୍ୟ ସଂରଚନା ଏକାନ୍ତ ଆବଶ୍ୟକ ବୋଲି ଅତିଥି ଓ କବିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ରାଧେଶ୍ୟାମ ମିଶ୍ର ବିବରଣୀ ପଠନ କରିବା ସହିତ ସ୍ୱାଗତ

### ଖଣ୍ଡହତାରେ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ

ସମ୍ଭାଷଣ ପ୍ରଦାନ କରିଥିଲେ। ସଭା ମଞ୍ଚକୁ ଡ.ଦ୍ୱିତୀକୃଷ୍ଣ ପଣ୍ଡା ସଂଯୋଜନା କରିଥିଲେ। ଏହି ଅବସରରେ କବୟିତ୍ରୀ ଈଶ୍ୱରୀ ବେହେରାଙ୍କ କବିତା ସଙ୍କଳନ ‘ଅମୃତା’ର ଲୋକାର୍ପଣ କରାଯାଇଥିଲା। ପରେ ରାଜ୍ୟସ୍ତରୀୟ କବିତା ଆସର ଅନୁଷ୍ଠିତ ହୋଇଥିଲା। କବିତାଗୁଡ଼ିକ ସଂଯୋଜନା କରିଥିଲେ କବି ଅଦୈତ କୁମାର ପଣ୍ଡା, ଦେବଯାନୀ ମେସୁଆ, ଲକ୍ଷ୍ମୀ ନାରାୟଣ ସାହୁ ଓ ରଞ୍ଜିତା ପଣ୍ଡା। ଏଥିରେ ଡ.ଅନିରୁଦ୍ଧ କୁରୁକୁରିଆ, ଜଳଦେବ ବେରିହା, ଯଜ୍ଞେଶ୍ୱର ବିଶି, ପ୍ରାଣବନ୍ଧୁ ସାହୁ, ବାବୁଲାଲ ମନ୍ତ୍ରା, କମ୍ବୁଧର ସୁନା, ଡ.ଦ୍ୱିତୀକୃଷ୍ଣ ପଣ୍ଡା, ଶୁଭେନ୍ଦୁ ମେହେର, ସୁବ୍ରତ କୁମାର ପଣ୍ଡା, ପ୍ରହଲ୍ଲାଦ ନାଏକ, ଆଦିକାନ୍ତ ପଣ୍ଡା, ଡ.ପ୍ରଫୁଲ୍ଲ ସାହୁ, କରୁଣାକର ଘଣ୍ଟୁଆଳ, ପର୍ତି ବୁଡେକ, ଅକ୍ଷୟ ରାଏ, ତନ୍ମୟବାଳା ମିଶ୍ର, ସନ୍ତୋଷିନୀ ନାୟକ, ଗଜିନ୍ଦ୍ର ସେଠୀ, ଶ୍ରୁତିଶିଖା ଖେତି, ବାସନ୍ତୀ ବଡମାଳି, ପ୍ରମୋଦ କୁମାର ପଣ୍ଡା, ନିରଞ୍ଜନ ପଣ୍ଡା,ତନ୍ମୟୀ ଅଗସ୍ତି, ଗଜାନନ ସାଥୁଆ, ଚମ୍ପେଶ୍ୱର ଦାନୀ, ଡ.ସୁଦାମ ନାଏକ, ରଞ୍ଜନ କୁମାର ସା, ଅଖୋଜ କୁମାର ଷାଣ୍ଢ, ସୁଶାନ୍ତ ଭୋଇ, ରାଧେଶ୍ୟାମ ପାଣ୍ଡେ, ଶୁଭ୍ରାଂଶୁ ଶେଖର ପାଢୀ, ଶ୍ରଦ୍ଧାଞ୍ଜଳି ପଣ୍ଡା, ଦୀପାନ୍ୱିତା ମାହାଣା, ବଳଦେବ ବଡେଇ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କବିତା ଆବୃତ୍ତି କରିଥିବା ସମସ୍ତ କବୟିତ୍ରୀ, କବିଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କବି ରାଧେ ଶ୍ୟାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ଯୋଗଦେଇଥିବା ଅତିଥି, କବୟିତ୍ରୀ ଓ କବି।

# ବ୍ଲକସ୍ତରରୁ ଆରମ୍ଭ ହେବ ପଏଁରୀ ତିହାର

**ସୋନପୁର,୧୮।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ଚଳିତବର୍ଷ ରୌପ୍ୟ ଜୟନ୍ତୀ ସମାରୋହ ମହାଆଡମ୍ବରେ ପାଳନ କରିବ। ସେଥିପାଇଁ ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ବିଭାରଙ୍କ ଆବାହକତ୍ୱରେ ଏବଂ ସଭାପତି ଲଡୁକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତି ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ୬ଟି ବ୍ଲକରୁ ଆସିଥିବା ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲାର ସମସ୍ତ କଳାକାର କିପରି ତାଙ୍କର ପାରମ୍ପରିକ ଲୋକକଳା ପ୍ରଦର୍ଶନ କରିପାରିବେ ସେ ବିଷୟରେ ବିଶେଷ ଭାବରେ ଆଲୋଚନା ହୋଇଥିଲା। ପ୍ରଥମେ ଜିଲାର ୬ଟି ବ୍ଲକରେ ପଏଁରୀ ତିହାର ଆୟୋଜନ କରାଯାଉ ବୋଲି ବ୍ଲକ ସଭାପତିମାନେ ପ୍ରସ୍ତାବ ରଖିଥିଲେ। ବ୍ଲକ କଳା ଓ ସଂସ୍କୃତି ସଂଘର ଉପସଭାପତିମାନଙ୍କ ଅନୁରୋଧ କ୍ରମେ ନଭେମ୍ବର ୧୭ରେ ତରଭା ବ୍ଲକ, ନଭେମ୍ବର ୨୪ରେ ଡୁଙ୍ଗୁରିପାଲି ବ୍ଲକ, ଡିସେମ୍ବର ୧ରେ ବିନିକା ବ୍ଲକ, ଡିସେମ୍ବର ୮ରେ ଉଲୁଣ୍ଡା ବ୍ଲକ, ଡିସେମ୍ବର ୧୫ରେ ସୋନପୁର ବ୍ଲକ ଓ ଡିସେମ୍ବର ୨୨ରେ ବିଏମ୍‌ପୁର ବ୍ଲକରେ ଆୟୋଜନ ହେବ ପଏଁରୀ ତିହାର। ପ୍ରତି ବ୍ଲକରୁ



ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର କର୍ମକର୍ତ୍ତା ଓ କଳାକାରମାନେ।

### ପଏଁରୀ ରୌପ୍ୟଜୟନ୍ତୀ ସମାରୋହ

୩୦୦ ଲୋକକଳାକାର ଭାଗ ନେବେ। ଜାନୁଆରୀ ୧ ରୁ ୩ ତାରିଖ ପର୍ଯ୍ୟନ୍ତ ପଏଁରୀ ତିହାର-୨୦୨୫ ସୁବର୍ଣ୍ଣପୁରରେ ଆୟୋଜିତ ହେବ। ଜିଲାସ୍ତରୀୟ ପଏଁରୀ ତିହାରରେ ବିଭିନ୍ନ ଜିଲାରୁ ଏବଂ ବାହାର ରାଜ୍ୟ ଆସାମ, ହରିୟାଣା, ମଧ୍ୟପ୍ରଦେଶ, କଲିକତା ଓ ଛତିଶଗଡ଼ର କଳାକାରମାନେ ସେମାନଙ୍କର ନୃତ୍ୟ ଓ ଗୀତ ପରିବେଷଣ କରିବେ ବୋଲି ସମ୍ପାଦକ ଚୌଧୁରୀ ବିଭାର ସୂଚନା ଦେଇଥିଲେ। ଯେଉଁମାନେ କଳା ସଂସ୍କୃତି ପାଇଁ ଜୀବନ ବ୍ୟାପି ସାଧନା କରିଛନ୍ତି ସେମାନଙ୍କୁ ପଏଁରୀ ସମ୍ମାନରେ ସମ୍ମାନିତ କରାଯିବ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଓ ସଦସ୍ୟାମାନଙ୍କୁ ମଧ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯିବ। ଏହି ବୈଠକରେ ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ ଓ ଅଭିମନ୍ୟୁ କୁଶଳଙ୍କ ସହିତ ବ୍ଲକ କଳା ଓ ସଂସ୍କୃତି ସଂଘର ଉପ ସଭାପତି ମାନଭଞ୍ଜନ ମିଶ୍ର, ରମେଶ ପ୍ରଧାନ, ନନ୍ଦକାହ୍ନା ପୂଝାରୀ, ନିରାକାର ଦେହେରୀ, ଶ୍ୟାମସୁନ୍ଦର ସୁନା, ରାମକୃଷ୍ଣ ହୋତାଙ୍କ ସହିତ ଅନୁଷ୍ଠାନର ଉପ ସଭାପତି ପ୍ରଫୁଲ୍ଲ ନାଏକ, ସହସମ୍ପାଦକ ପୃଥିରାଜ ବାଗ, କୋଷାଧକ୍ଷ ସୁଶାନ୍ତ ସାହୁ, କାର୍ଯ୍ୟକାରୀ ସଦସ୍ୟ ଗୋପାଳ ମେହେର, ସନ୍ତୋଷ କୁମାର ପାଢୀ, ସୌମ୍ୟରଞ୍ଜନ ସେଠି, ଅମିତ ସାହୁ, ରୋହନ ସାହୁ, ମହାଦେବ ବେହେରା, ଗୋକୁଳ ମାଝି, ଭୁଷଣ ଦେହୁରୀ, ବୈରାଗୀ ବାଘ, ଶ୍ରୀଧର ପେରା, ସିଦ୍ଧେଶ୍ୱର ରାଜହଂସ ଓ ଲଳିତ ମେହେର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ସଂକ୍ଷେପରେ

### ବଳାତ୍କାର ପୀଡ଼ିତା ନାବାଳିକାଙ୍କ ସନ୍ତାନ ପ୍ରସବ

ରାଉରକେଲା,୧୮।୧୦(ସଙ୍ଗୀତା ଜେନା): ରାଉରକେଲା ପୋଲିସ ଜିଲା ଅଧୀନ ସେକ୍ଟର-୭ ଥାନା ଅଞ୍ଚଳର ଜଣେ ନାବାଳିକା (୧୩) ବଳାତ୍କାରର ଶିକାର ହୋଇ ୭ ମାସର ଗର୍ଭବତୀ ଥିବାବେଳେ ଏବେ ଏକ ଶିଶୁ ସନ୍ତାନକୁ ଜନ୍ମ ଦେଇଛନ୍ତି। ଏ ନେଇ ସମ୍ପୃକ୍ତ ଥାନାରେ ଅଭିଯୋଗ ହୋଇଛି। ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ମଧ୍ୟ ଜଣେ ନାବାଳକ ବୋଲି ଜଣାପଡ଼ିଛି। ତେବେ ଡାକ୍ତରୀ ମାଇନା ସମୟରେ ପୀଡ଼ିତା ଗର୍ଭବତୀ ଥିବା ଜଣାପଡ଼ିଥିଲା।

### ଭାଲୁ ଆକ୍ରମଣରେ ଗୁରୁତର

ରାଉରକେଲା,୧୮।୧୦(ଦିନେଶ ମିଶ୍ର): ଭାଲୁ ଆକ୍ରମଣରେ ବଣାଇ ଥାନା ନରେନ୍ଦ୍ର ଅଞ୍ଚଳର ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଜୁଲିଆ ହେମ୍ବ୍ରମ୍(୫୬)। ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଜୁଲିଆ ଘର ନିକଟ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବା ପାଇଁ ଯାଇଥିବାବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସେ ଚିତ୍କାର କରିବାରୁ କିଛି ଲୋକ ଦୌଡି ଆସିବାରୁ ଭାଲୁ ପଳାଇଯାଇଥିଲା। ଭାଲୁ ଆକ୍ରମଣରେ ମହିଳାଙ୍କ ବାମଜଙ୍ଘ ଓ ଛାତିରେ ଖୁବ୍ ଜୋରରେ ଆଘାତ ଲାଗିଛି।

# କର୍ମଚାରୀ ଅଭାବ, କାର୍ଯ୍ୟ ସମ୍ପାଦନରେ ସମସ୍ୟା

**ରାଉରକେଲା ବୈଧମାପ ବିଜ୍ଞାନ ବିଭାଗ**

ରାଉରକେଲା,୧୮।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବୈଧମାପ ବିଜ୍ଞାନ ବିଭାଗ ମୁଖ୍ୟ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଅଭାବ ଦେଖାଦେଇଛି। ବର୍ଷ ବର୍ଷ ଧରି ଖାଲି ପଦବୀ ପୂରଣ କରାଯାଉନାହିଁ। ଫଳରେ ବିଭାଗୀୟ କାର୍ଯ୍ୟ ସମ୍ପାଦନରେ ନାନା ସମସ୍ୟା ସୃଷ୍ଟି ହେଉଛି।

ରାଉରକେଲା ବୈଧମାପ ବିଜ୍ଞାନ ବିଭାଗ ମୁଖ୍ୟ କାର୍ଯ୍ୟାଳୟରେ ବୈଧମାପ କାର୍ଯ୍ୟ ସମ୍ପାଦନ ପାଇଁ କ୍ଲାସ-୧, କ୍ଲାସ-୨ ପଦାଧିକାରୀଙ୍କ ସମେତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ମିଶାଇ ୨୨ଜଣ ଷ୍ଟାଫ୍ ରହିବା କଥା। ହେଲେ ୯ଜଣ ଷ୍ଟାଫ୍‌ଙ୍କ ଭରସାରେ ଜିଲାବ୍ୟାପୀ ବୈଧମାପ ଜନିତ କାର୍ଯ୍ୟ ଚାଲିଛି। ଫଳରେ ବର୍ଷ ବର୍ଷ ଧରି ହଜାର ଦୋକାନୀ, ଉଦ୍ୟୋଗୀ ଏବଂ ବ୍ୟବସାୟୀ ବିଭାଗ ନଜରକୁ ଆସିପାରୁନାହାନ୍ତି। ସ୍ୱଳ୍ପ ସଂଖ୍ୟକ କର୍ମଚାରୀରେ ବିଭାଗ ଜିଲାବ୍ୟାପୀ ବୈଧମାପ ଜନିତ କାର୍ଯ୍ୟ ସମ୍ପାଦନ କରିବା କାଠିକର ପାଠ ହେଉଛି। ୯ଜଣ ଷ୍ଟାଫ ଓ ବିନା କିରାଣୀରେ ରାଉରକେଲା-୧ ୟୁନିଟ ଅଧୀନ ବିଶ୍ରା ଛକଠାରୁ ପାନପୋଷ, ରାଉରକେଲା-୨ ୟୁନିଟ ଅଧୀନ ଆର୍‌ଏସ୍‌ପି ଶିଳ୍ପାଞ୍ଚଳ, ପାନପୋଷ



ରାଉରକେଲା ବୈଧମାପ ବିଭାଗ ଅଫିସ।

ୟୁନିଟ ଅଧୀନ ଧିରପାଣି, ଲାଠିକଟା ଓ ବୀରମିତ୍ରପୁର ଅଞ୍ଚଳ, ରାଜଗାଙ୍ଗପୁର ୟୁନିଟ ଅଧୀନ ରାଉରଗାଙ୍ଗପୁର ଟାଉନଶିପ୍ ଅଞ୍ଚଳ, ଲହୁଣୀପଡା ୟୁନିଟ ଅଧୀନ ବଣେଇ, ଯୋଡା ଅଞ୍ଚଳ ଏବଂ ସୁନ୍ଦରଗଡ ୟୁନିଟ ଅଧୀନ ବଡଗାଁରୁ ଆରମ୍ଭ କରି ଝାରସୁଗୁଡା ସୀମାନ୍ତ ଅଞ୍ଚଳ ଯାଏ ବୈଧମାପ ଜନିତ ରାଜସ୍ୱ ଆଦାୟ ଓ ତଦାରଖ କାର୍ଯ୍ୟ ଚାଲିଛି। ଜିଲାରେ ୩୦ଟି ଲାଇସେନ୍ସ ପ୍ରାପ୍ତ ବିଭିନ୍ନ ଓଜନ କଣ୍ଟା ଯନ୍ତ୍ର ବିକ୍ରି ସଂସ୍ଥା ରହିଛନ୍ତି। ଏମାନଙ୍କୁ ତାଲିମ ଦେବା ଓ ସଚେତନ କରାଇବା କାର୍ଯ୍ୟ ମଧ୍ୟ ବିଭାଗ ହାତରେ ନ୍ୟସ୍ତ। ଏଥିସହ ବୈଧମାପ ବିଭାଗର ୬ଟି ୟୁନିଟ କ୍ଷେତ୍ର ଅଧୀନ ସରକାରୀ ବେସରକାରୀ ପ୍ରତିଷ୍ଠାନମାନଙ୍କରେ ବ୍ୟବହୃତ ହେଉଥିବା ବୈଧମାପ ବିଜ୍ଞାନ ବିଭାଗ ମାନୁଆଲ ଓଜନ ମାପ ଯନ୍ତ୍ର, ଇଲେକ୍ଟ୍ରିକାଲ ଓଜନ ମାପ ଯନ୍ତ୍ର, ପାନୀୟ ମାପ ଯନ୍ତ୍ର ପଞ୍ଜୀକରଣ, ମାନୁଆଲ ରିପୋର୍ଟ ସହ ବୈଧମାପ ସଂକ୍ରାନ୍ତୀୟ କେସ୍ ପ୍ରସ୍ତୁତ କରିବା ଏବଂ କେସ୍ ଡିସ୍ପୋଜାଲ କାର୍ଯ୍ୟ ତୁଲାଇବା ମଧ ବିଭାଗ ହାତରେ ରହିଛି। ମାତ୍ର ଏତେ କାର୍ଯ୍ୟ ସତ୍ତ୍ୱେ ବର୍ଷ ବର୍ଷ ଧରି ରାଉରକେଲା ବୈଧମାପ ବିଭାଗରେ ଆବଶ୍ୟକ ପଦବୀ ଖାଲି ରହିବା ରାଜସ୍ୱ ଆଦାୟ ବୃଦ୍ଧିରେ ପ୍ରତିବନ୍ଧକ ସାଜିଛି। ସେହିପରି କର୍ମଚାରୀ ଅଭାବ ଯୋଗୁ ଅସାଧୁ ବ୍ୟବସାୟୀଙ୍କ ଉପରେ ଚଢାଉ କରାଯାଇପାରୁନାହିଁ। ଫଳରେ ଅଞ୍ଚଳର ଖାଉଟିମାନେ ଓଜନ ଜନିତ ଠକେଇର ଶିକାର ହେଉଛନ୍ତି।

ପ୍ରକାଶ ଥାଉକି, ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ବୈଧମାପ ଜନିତ ରାଜସ୍ୱ ଆୟ ଲାଗି ଜିଲା ବୈଧମାପ ବିଭାଗକୁ ୨କୋଟି ଟଙ୍କାର ଟାର୍ଗେଟ ଦିଆଯାଇଥବବା ବେଳେ ବର୍ତ୍ତମାନ ସୁଦ୍ଧା ବିଭାଗ ମାତ୍ର ୭୧ଲକ୍ଷ ୧ହଜାର ୬ଟଙ୍କା ଆଦାୟ କରିଛି। ଆଉ ୬ମାସ ମଧ୍ୟରେ ୧କୋଟି ୨୯ଲକ୍ଷରୁ ଊର୍ଦ୍ଧ୍ୱ ରାଜସ୍ୱ ଆଦାୟ ହେବାକୁ ବାକି ରହିଛି। ଏ ନେଇ ରାଉରକେଲା ବୈଧମାପ ବିଭାଗର ସିନିୟର ଆସିଷ୍ଟାଣ୍ଟ ଅମିତ କୁମାର ଟେଟେଙ୍କୁ ପଚାରିବାରୁ ସେ କହିଥିଲେ, ୯ଜଣ ଷ୍ଟାଫ୍‌ରେ ଏତେ ବଡ ଅଞ୍ଚଳରେ ବୈଧମାପ ଜନିତ ତଦାରଖ ଏବଂ ରାଜସ୍ୱ ଆଦାୟ କାର୍ଯ୍ୟ ସମ୍ପାଦନ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଖାଲି ପଦବୀ ପୂରଣ ହେଲେ ରାଜସ୍ୱ ବୃଦ୍ଧି ହୁଅନ୍ତା ବୋଲି ସେ କହିଥିଲେ।

# ଶ୍ରେୟ ନେବାକୁ ପ୍ରତିଯୋଗିତା

**ଆର୍‌ଏସ୍‌ପି ଶ୍ରମିକ ସଂଘ ସ୍ୱୀକୃତି ନିର୍ବାଚନ**

ରାଉରକେଲା,୧୮।୧୦(ସଙ୍ଗୀତା ଜେନା)

ଆସନ୍ତା ନଭେମ୍ବର ୧୨ ତାରିଖରେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ପ୍ରମୁଖ ୟୁନିଟ୍ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ଶ୍ରମିକ ସଂଘ ସ୍ୱୀକୃତି ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ଗତ ମଙ୍ଗଳବାର କେନ୍ଦ୍ରୀୟ ଶ୍ରମ ବିଭାଗ ତତ୍ତ୍ୱାବଧାନରେ ଏକ ସର୍ବଦଳୀୟ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ତେବେ ଉକ୍ତ ନିର୍ବାଚନ ନେଇ ଶ୍ରେୟ ସାଉଁଟିବାରେ ସମ୍ପ୍ରତି ବିଭିନ୍ନ ଶ୍ରମିକ ସଙ୍ଗଠନ ମଧ୍ୟରେ ପ୍ରତିଯୋଗିତା ଚାଲିଥିବା ଚର୍ଚ୍ଚାର ବିଷୟ ହୋଇଛି। କିଛି ଶ୍ରମିକ ସଙ୍ଗଠନ ନିର୍ବାଚନ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା କହୁଥିବା ବେଳେ ଆଉ କିଛି ସଙ୍ଗଠନ ମଧ ନିଜ ସପକ୍ଷରେ ପ୍ରଚାର କରୁଛନ୍ତି। ସେହିପରି ନିର୍ବାଚନ ତାରିଖ ଘୋଷଣା ହୋଇଥିବା ଯୋଗୁ ଶ୍ରମିକ ସଙ୍ଗଠନ ଗୁଡ଼ିକ ବାହ୍ୟ ସମର୍ଥନ ଯୋଗାଡ଼ କରିବାରେ ବ୍ୟସ୍ତ ହୋଇପଡ଼ିଛନ୍ତି। କିଛି ସଙ୍ଗଠନ ପୂର୍ବଭଳି ସାଂସଦ, ବିଧାୟକଙ୍କୁ ନିଜ ସମର୍ଥନରେ ଆଣିଥିବା ବେଳେ ଆଉ କିଛି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରାକ୍ତନ ବିଧାୟକଙ୍କୁ ନିଜ ପଟକୁ ଆଣିବାରେ ସଫଳ ହୋଇଥିବା କୁହାଯାଉଛି। ପ୍ରକୃତପକ୍ଷେ କିଛି ବିଧାୟକ ନିଜ ଦଳର ତିଆରି ହୋଇଥିବା ଶ୍ରମିକ ସଙ୍ଗଠନକୁ ସମର୍ଥନ ନ କରି ଅନ୍ୟ ଦଳର ଶ୍ରମ ସଙ୍ଗଠନକୁ ଖୁଲମଖୁଲା ସମର୍ଥନ ଦେବା ଲାଗି ପ୍ରସ୍ତୁତ ହେଉଛନ୍ତି। ଏପରିକି କିଛି ଶ୍ରମିକ ସଙ୍ଗଠନ ପାଇଁ ବିଜେଡ଼ି ଓ ଭାଜପା ବିଧାୟକ ସମର୍ଥନ କରୁଥିବା ମଧ୍ୟ କୁହାଯାଉଛି। ମୋଟାମୋଟି ଭାବେ ସର୍ବଦଳୀୟ ବୈଠକରେ ୧୬ଟି ଶ୍ରମ ସଙ୍ଗଠନ ଅଂଶଗ୍ରହଣ କରିଥିଲେ ମଧ୍ୟ ଗତଥର ଭଳି ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍‌ଆଇକେକେଏସ୍) ଏବଂ ଇଣ୍ଡିଆନ୍ ନ୍ୟାଶନାଲ୍ ଟ୍ରେଡ୍ ୟୁନିୟନ କଂଗ୍ରେସ (ଆଇଏନ୍‌ଟିୟୁସି) ସହବନ୍ଧିତ ରାଉରକେଲା ଶ୍ରମିକ ସଂଘ ଓ ଏହାର ମେଣ୍ଟ ଆଞ୍ଚଳିକ ଶ୍ରମିକ ସଙ୍ଗଠନ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍‌ଏମ୍) ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ ବୋଲି ଆଲୋଚନା ହେଉଛି। ବର୍ତ୍ତମାନ କାରଖାନାର ୯୪୪୧ ଭୋଟରଙ୍କ ଉପରେ ଏହି ଶ୍ରମ ସଙ୍ଗଠନ ନଜର ରଖିଛନ୍ତି।

ସୂଚନାଯୋଗ୍ୟ, ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ଆର୍‌ଏସ୍‌ଏସ୍ ଏକଛତ୍ର ଭାବେ ସ୍ୱୀକୃତି ଲାଭ କରିଥିଲା। ହଠାତ୍ ଆର୍‌ଆଇକେକେଏସ୍ ସକ୍ରିୟ ହୋଇ କ୍ରମାଗତ ଭାବେ ୨୦୧୪-୨୦୨୧ ମଧ୍ୟରେ ସ୍ୱୀକୃତି ଲାଭ କରିଥିଲା। ଆର୍‌ଏସ୍‌ଏସ୍ ଶ୍ରମିକଙ୍କ ଆସ୍ଥାଭାଜନ ପାଇଁ ଏକ ପ୍ରଥମ ଥର ପାଇଁ ଜିଏମ୍‌ଏମ୍ ସହ ମେଣ୍ଟ କରିଥିଲା। ଯେଉଁଥିରେ ସେ ସଫଳତା ହାସଲ କରିଥିଲା। ୨୦୨୪ ନିର୍ବାଚନରେ ଏହି ମେଣ୍ଟ ଦ୍ୱାରା ଶ୍ରମିକ କର୍ମଚାରୀଙ୍କ ଅଧିକ ନିକଟତର ହୋଇପାରିବ ବୋଲି ମେଣ୍ଟର ନେତାମାନେ ଆଶାପୋଷଣ କରିଛନ୍ତି। ୧୯୯୫ରେ ଆର୍‌ଏସ୍‌ଏସ୍ ଏକାକୀ ୧୭,୦୬୨ ଖଣ୍ଡ ଭୋଟ, ୧୯୯୭ରେ ୧୫,୪୯୪ ଭୋଟ, ୨୦୦୦ରେ ୧୧,୯୪୦ ଖଣ୍ଡ ଭୋଟ, ୨୦୦୩ରେ ୧୦,୫୫୭ ଖଣ୍ଡ ଭୋଟ ଓ ୨୦୧୦ରେ ୫,୨୬୨ ଭୋଟ ପାଇ ବିଜୟ ଲାଭ କରିଥିଲା। ପରେ ୨୦୧୪ ନିର୍ବାଚନରେ ଆର୍‌ଆଇକେକେଏସ୍ ୭,୩୩୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲା। ପୁଣି ୨୦୧୮ରେ ଆର୍‌ଆଇକେକେଏସ୍ ପୁନଃ ୪,୮୬୧ଟି ଭୋଟ ପାଇ ବିଜୟୀ ହୋଇଥିଲା। ଅନୁରୂପ ଭାବେ ୨୦୨୧ରେ ଆର୍‌ଏସ୍‌ଏସ୍ ମେଣ୍ଟ ବିଜୟ ହାସଲ କରି ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ରହିଥିଲା।

# ପଦ୍ମଶ୍ରୀ ଚନ୍ଦ୍ରଶେଖର ରଥଙ୍କ ଜୟନ୍ତୀ ପାଳିତ

ରାଉରକେଲା,୧୮।୧୦(ଦିନେଶ ମିଶ୍ର)

ରାଉରକେଲା ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ପଦ୍ମଶ୍ରୀ ଚନ୍ଦ୍ରଶେଖର ରଥଙ୍କ ୯୫ତମ ଜୟନ୍ତୀ ସେକ୍ଟର-୭ ସ୍ଥିତ ସଂଘ ପରିସରରେ ଶୁକ୍ରବାର ପାଳିତ ହୋଇଯାଇଛି। ଆବାହକ ଭାରତ ଭୂଷଣ ମହାନ୍ତିଙ୍କ ଆବାହକତ୍ୱ ଓ ଶିକ୍ଷାବିତ୍ ପ୍ରଫେସର ପ୍ରଭାତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କୁମରବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ରଥଙ୍କ ସାହିତ୍ୟରେ ଜୀବନଦର୍ଶନ ଅଧିକ। ଯାହା ଅଧ୍ୟାପକ ଓ ବିଦ୍ୟାର୍ଥୀମାନଙ୍କୁ ଅଧିକ ପ୍ରଭାବିତ କରିଥାଏ ବୋଲି ମତପ୍ରକାଶ କରିଥିଲେ। ଅଧ୍ୟାପିକା ମହାଶ୍ୱେତା ସାହୁ ସମ୍ମାନିତ ଅତିଥି ଭାବେ ଓ ପ୍ରଫେସର ଶଙ୍କର ପ୍ରସାଦ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ପଦ୍ମଶ୍ରୀ ରଥଙ୍କ ଲେଖା ଓଡିଆ ସାହିତ୍ୟରେ ଆତ୍ମଦର୍ଶନ ସୃଷ୍ଟି କରିଥାଏ ବୋଲି ମୁଖ୍ୟବକ୍ତା ତ୍ରିପାଠୀ କହିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରଫେସର ଦାସଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଧାମୋହନ ନାୟକ, ଅରବିନ୍ଦ ପାତ୍ର, ଲକ୍ଷ୍ମଣନାଥ ଦାସ, କିଶୋରୀ ମୋହନ କର, କୁଞ୍ଜ ବିହାରୀ ରାଉତ, ବିପିନ ବିହାରୀ ପଟ୍ଟନାୟକ, ଇନ୍ଦ୍ରମଣି ମହାପାତ୍ର, କୃପାସିନ୍ଧୁ ନାୟକ, ପୂର୍ଣ୍ଣଚନ୍ଦ୍ର ଜେନା, ପଶୁପତିନାଥ ଚାଟାର୍ଜୀ, ବିଜୟନୀ ଜେନା, ଚାରୁଲତା ପ୍ରଧାନ, ଗଦାଧର ରଥ ପ୍ରମୁଖ ଉପସ୍ଥିତ ଥିଲେ। ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।


ରାଉରକେଲା ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ଏସ୍‌ପି, ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ

**ଛଟ୍ ପୂଜା ପାଇଁ ନଦୀଘାଟରେ ପ୍ରଶାସନିକ ବ୍ୟବସ୍ଥା**

ରାଉରକେଲା,୧୮।୧୦(ବିପ୍ଳବ ରଞ୍ଜନ ଦାଶ)

ଆସନ୍ତା ଛଟ୍ ପୂଜାରେ ରାଉରକେଲା ଶିଳ୍ପାଞ୍ଚଳ ଓ ସହରାଞ୍ଚଳର ସମୁଦାୟ ୧୨ଟି ନଦୀ ଘାଟରେ ପୂଜାର୍ଚ୍ଚନା ପାଇଁ ସୁବ୍ୟବସ୍ଥା କରିବାକୁ ରାଉରକେଲା ବିହାର ସାଂସ୍କୃତିକ ପରିଷଦ ପକ୍ଷରୁ ଶୁକ୍ରବାର ରାଉରକେଲା ଏସ୍‌ପି ଓ ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆସନ୍ତା ନଭେମ୍ବର ୭ତାରିଖ ଅପରାହ୍ନ ୨ଟା ଏବଂ ୮ତାରିଖ ସକାଳ ୮ଟାରେ ୧୨ଟି ନଦୀଘାଟକୁ ଯାଇଥିବା ମୁଖ୍ୟରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ ସହ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରିବାକୁ ପରିଷଦ ଦାବି କରିଛି। ଏଥିସହ ନଦୀଘାଟ ସଫେଇ, ଘାଟ ଗୁଡିକର ସମତୁଲୀକରଣ, ଆଲୋକୀକରଣ, ନଦୀଘାଟମାନଙ୍କରୁ ଟ୍ରାକ୍ଟର ଯୋଗେ ବାଲି ଉଠାଣ କାର୍ଯ୍ୟ ବନ୍ଦ କରାଯିବାକୁ ଦାବି କରାଯାଇଥିଲା। ଏ ନେଇ ପୂଜା ପୂର୍ବରୁ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍‌ପି ନିତେଶ ୱାଧୱାନୀ ବିହାର ସାଂସ୍କୃତିକ ପରିଷଦର କର୍ମକର୍ତ୍ତାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସ୍ମାରକପତ୍ର ପ୍ରଦାନ ସମୟରେ ପରିଷଦ ସଭାପତି ଗୌରୀ ଶଙ୍କର ସିଂ, ସାଧାରଣ ସମ୍ପାଦକ ବିନ୍ଧ୍ୟାସିନୀ ସିଂ, ସାଂସ୍କୃତିକ ସମ୍ପାଦକ ସଞ୍ଜୟ ସିଂ, କୋଷାଧ୍ୟକ୍ଷ ଏ. କୁମାର ସିଂ, ରାମ ସିଂ, ସୁରେଶ ରଜକ, ବିଜୟ ସିଂ, ମହିନ୍ଦ୍ର ଶର୍ମା ଓ ଉମେଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କୁ ବିପର୍ଯ୍ୟୟ ପରିଚାଳନା ତାଲିମ



କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିପର୍ଯ୍ୟୟ ପରିଚାଳନା ଉପରେ ସୂଚନା ପ୍ରଦାନ କରୁଛନ୍ତି।

ରାଉରକେଲା,୧୮।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ବେଦବ୍ୟାସଠାରେ ଥିବା ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ରର ଡ. ଅମୂଲ୍ୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା ମୁଖ୍ୟ ଅତିଥି, କଲେଜର ଅଧ୍ୟାପକ ଡ. ପରମେଶ୍ୱର ଶତପଥୀ, ଚନ୍ଦ୍ରଧ୍ୱଜ ମାଝୀ, ଶ୍ୟାମମାଳା ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିପର୍ଯ୍ୟୟ ପରିଚାଳନାଗତ ଜ୍ଞାନ ଯେ କୌଣସି ଆପଦକାଳ ସମୟରେ ନିଜକୁ ଓ ଅନ୍ୟମାନଙ୍କୁ ଆପଦରୁ ସୁରକ୍ଷିତ କରିବାର ସତ୍‌ସାହସ ଦିଏ ବୋଲି ମୁଖ୍ୟ ଅତିଥି ମତପ୍ରକାଶ କରିଥିଲେ। ଡ. ଜେନା କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବିଭାଗ ରାଉରକେଲାର କର୍ମଚାରୀ ଶୁକଦେବ କୁମାର, ଅମିତ କୁମାର ରାଉତ, ସୁରଜ ପ୍ରସାଦ ଓ ସୁନୀଲ ମିଞ୍ଜ ପ୍ରମୁଖ ଯୋଗଦେଇ କଲେଜ ଛାତ୍ରୀଛାତ୍ରମାନଙ୍କୁ ବିପର୍ଯ୍ୟୟ ଜନିତ ମୁକାବିଲା ତାଲିମ ପ୍ରଦାନ କରିଥିଲେ। ଶେଷରେ ବରିଷ୍ଠ ସଂସ୍କୃତ ଶିକ୍ଷକ ସୁରେଶ ଚନ୍ଦ୍ର ଭୋଇ ଶାନ୍ତିପାଠ ଏବଂ ଅଧ୍ୟାପକ ଡ. ପରମେଶ୍ୱର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# କମ୍ପାନୀ ଅଫିସ୍‌ରେ ପୋଲିସର ଚଢ଼ାଉ

**ଚାକିରି ନାଁରେ ଠକେଇ ମାମଲା**

ରାଉରକେଲା, ୧୮।୧୦(ସଙ୍ଗୀତା ଜେନା)

ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ବରଟୋଲି ଜଗଦା ମଧ୍ୟବର୍ତ୍ତୀ ପଦ୍ମିନୀ ଛକରେ ଥିବା ଏକ ଘରୋଇ କମ୍ପାନୀରେ ବାହାର ରାଜ୍ୟର ୩୦ରୁ ଊର୍ଦ୍ଧ୍ୱ ଯୁବତୀ ଫସିବା ମାମଲାରେ ପୋଲିସ ଉକ୍ତ କମ୍ପାନୀ କାର୍ଯ୍ୟାଳୟ ଉପରେ ଚଢ଼ାଉ କରିଥିବା ସୂଚନା ମିଳିଛି। ଏ ନେଇ ସମ୍ପୃକ୍ତ ଥାନାରେ ଏକ ମାମଲା (ନଂ.୨୨୧/୨୪) ରୁଜୁ ହୋଇଛି। ଉକ୍ତ ମାମଲା ସମ୍ପର୍କରେ ଜୋନ୍ -୨ ଡିଏସ୍‌ପି ନିର୍ମଳ ମହାପାତ୍ର ସୂଚନା ଦେଇ କହିଛନ୍ତି, ଛତିଶଗଡ଼ ଜଗଦଲପୁରର ଜଣେ ଯୁବତୀ ସାହାଦେଇ ନାଗ(୧୯) ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଚାକିରି ଦେବା ଆଳରେ ଏକ କମ୍ପାନୀ ତାଙ୍କଠାରୁ ଟଙ୍କା ଠକେଇ କରିଥିଲା। ଏଭଳି ଅନେକ ଯୁବତୀ ଏଥିରେ ଫସିଥିବା ସେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଜଗଦା ବରଟୋଲି ଅଞ୍ଚଳରେ ଦିଲ୍ଲୀସ୍ଥିତ ଉକ୍ତ ଘରୋଇ କମ୍ପାନୀର ଶାଖା ରହିଛି। ଏଥିରେ ସେମାନେ ନିଜ ଉତ୍ପାଦଗୁଡ଼ିକ ଘରକୁ ଘର ବୁଲି ବିକ୍ରି କରନ୍ତି। ଏଠାରେ ଛତିଶଗଡ଼, ଝାଡଖଣ୍ଡ, ଓଡ଼ିଶାର କିଛି ଯୁବତୀଙ୍କୁ ଚାକିରି କରାଇବା ତଥା ଟ୍ରେନିଂ ଦେବା ପାଇଁ ସେମାନେ କିଛି ଫିସ୍ ନେଇଥିଲେ। ହେଲେ ଅଭିଯୋଗକାରିଣୀ ଦେଇଥିବା ଟଙ୍କାକୁ କମ୍ପାନୀ କର୍ତ୍ତୃପକ୍ଷ ଫେରାଇ ଦେଇଛନ୍ତି। କମ୍ପାନୀର ମ୍ୟାନେଜର କଲିକତାରେ ଥିବାବେଳେ ତାଙ୍କୁ କାଗଜପତ୍ର ସହ ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଅନ୍ୟ ଯୁବତୀମାନେ କୌଣସି ଅଭିଯୋଗ କରିନାହାନ୍ତି ବୋଲି ଡିଏସ୍‌ପି ମହାପାତ୍ର କହିଥିଲେ। ଅପରପକ୍ଷେ ରାଉରକେଲା ଏସ୍‌ପିଙ୍କୁ ଅଭିଯୋଗକାରିଣୀ ଚାକିରି ନାମରେ ଠକେଇ ଅଭିଯୋଗ କରିଥିଲେ। ପୋଲିସ କମ୍ପାନୀର ୩ ଜଣ କର୍ମଚାରୀଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିବା ବେଳେ ଉକ୍ତ କାର୍ଯ୍ୟାଳୟରେ ଥିବା ୩୦ରୁ ଊର୍ଦ୍ଧ୍ୱ ଯୁବତୀଙ୍କୁ ମଧ ପୋଲିସ ପଚରାଉଚୁରା କରିଛି। ସୂଚନାଯୋଗ୍ୟ, ସମାନ ଘଟଣାକ୍ରମରେ ଗତ ଅଗଷ୍ଟ ମାସରେ ଛତିଶଗଡ଼ ଦାନ୍ତେୱାଡ଼ାର ଜଣେ ଯୁବତୀ ବନ୍ଧମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ।

# ଭସାଣି ସରିଲା, ପୂଜା ମଣ୍ଡପରେ କୁଢ଼ କୁଢ଼ ପଲିଥିନ

ରାଉରକେଲା,୧୮।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଶିଳ୍ପାଞ୍ଚଳ ଓ ସହରାଞ୍ଚଳରେ ଶାରଦୀୟ ଦୁର୍ଗାପୂଜାର ଭସାଣି ଉତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ପୂଜା ସମୟରେ ମଣ୍ଡପ ନିକଟରେ ଖୋଲାଯାଇଥିବା ଦୋକାନ ବଜାର ମଧ ସେଠାରୁ ଉଠିଗଲାଣି। ବର୍ତ୍ତମାନ ସେଠାରେ କୁଢ କୁଢ ପଲିଥିନ ପଡିଥିବା ଦେଖିବାକୁ ମିଳିଛି। ଏହି ପଲିଥିନ ଏବେ ବୁଲା ଗାଈଗୋରୁ, ମଇଁଷି ଏବଂ କୁକୁରଙ୍କ ପାଇଁ କାଳ ସାଜିଛି। ସେହିପରି ସହରର କ୍ରୀଡ଼ାବିତ୍‌ମାନଙ୍କ ଦୈନନ୍ଦିନ ଖେଳକୁଦ ଅଭ୍ୟାସରେ ମଧ ପଲିଥିନ ବାଧକ ହୋଇଛି। ତୁରନ୍ତ ଏହି ପଲିଥିନ ହଟାଯାଇ ସହରକୁ ସ୍ୱଚ୍ଛ ସୁନ୍ଦର କରିବା ପାଇଁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ଏ ନେଇ ରାଉରକେଲା ପ୍ରଦୂଷଣ ବିଭାଗ ଅଧିକାରୀ ଅନୁପ ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ, ଏକକ ପଲିଥିନ ପରିବେଶ ପ୍ରଦୂଷଣ ମାତ୍ରା ବୃଦ୍ଧିର ମୁଖ୍ୟ କାରକ। ଏଣୁ ସହରବ୍ୟାପୀ ପୂଜା ପେଣ୍ଡାଲ ଗୁଡିକରେ ପଡିଥିବା ପଲିଥିନ ହଟାଇବା ନିତାନ୍ତ ଜରୁରୀ ବୋଲି ସେ କହିଥିଲେ।


ଶିଳ୍ପାଞ୍ଚଳର ଏକ ପୂଜା ମଣ୍ଡପ ପଡିଆସାରା ପଲିଥିନ ପଡିଛି।

# ତ୍ରିଭୁବନଦାସ ଭୀମଜି ଜାଭେରିର ଶୁଭ ଉଦ୍‌ଘାଟନ

ରାଉରକେଲା,୧୮।୧୦(ଦିନେଶ ମିଶ୍ର)

ତ୍ରିଭୁବନ ଦାସ ଭୀମଜି ଜାଭେରି (ଟିବିଜେଡ୍-ଦି ଓରିଜିନାଲ) ପକ୍ଷରୁ ଏହାର ପ୍ରଥମ ଶୋ' ରୁମ୍‌ର ଶୁଭ ଉଦ୍‌ଘାଟନ ଶୁକ୍ରବାର ରାଉରକେଲା ଉଦିତନଗର ସ୍ଥିତ ଶ୍ରୀ କମ୍ପ୍ଲେକ୍ସର ତଳ ମହଲାରେ ଅନୁଷ୍ଠିତ ହୋଇଯାଇଛି। ଭାରତର ପ୍ରତିଷ୍ଠିତ ଜୁଏଲେରି ବ୍ରାଣ୍ଡ ଟିବିଜେଡ୍-ଦି ଓରିଜିନାଲ ଓଡ଼ିଶା ପ୍ରଥମେ ଭୁବନେଶ୍ୱର ପରେ ଦ୍ୱିତୀୟ ଶୋ' ରୁମ୍ ଭାବେ ରାଉରକେଲା ବଜାରରେ ପ୍ରବେଶ କରିଛି। ୧୬୦ ବର୍ଷ ପାଇଁ ଟିବିଜେଡ୍-ଦି ଓରିଜିନାଲ ଉତ୍କର୍ଷ, ପରମ୍ପରା ଓ ଉଦ୍ଭାବନ ସହ ସମକକ୍ଷ ରହି ଦେଶବ୍ୟାପୀ ଅଳଙ୍କାର ପ୍ରେମୀଙ୍କ ହୃଦୟ ଜିତିଆସିଛି। ଏହି ଶୋ'ରୁମ୍‌ରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ଡିଜାଇନ୍‌ର ସୁନା ସାଙ୍ଗକୁ ହୀରା ଓ ବହୁ ଆକର୍ଷଣୀୟ ଅଳଙ୍କାର ସାମଗ୍ରୀ ବିଭିନ୍ନ ବର୍ଗର ଗ୍ରାହକମାନଙ୍କ ପାଇଁ ଉପଲବ୍ଧ। ସେହିପରି ସାଧାରଣ ବର୍ଗଙ୍କ ପାଇଁ ମାତ୍ର ୨୫ ହଜାର ଟଙ୍କାରୁ ସୁନା ଅଳଙ୍କାର ଆରମ୍ଭ ହୋଇଥିବାବେଳେ ମେକିଂ ଚାର୍ଜ ମାତ୍ର ୪୯୯ ଟଙ୍କା ରହିଛି। ହୀରା ଅଳଙ୍କାର ଉପରେ ମେକିଂ ଚାର୍ଜ ସମ୍ପୂର୍ଣ୍ଣ ମାଗଣା ରହିଛି ବୋଲି ଟିବିଜେଡ୍-ଦି ଓରିଜିନାଲର ଏରିଆ ମ୍ୟାନେଜର ସୋପନା ଚୌଧୁରୀ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ୧୮୬୪ ମସିହାରେ ମୁମ୍ବାଇର ବ୍ୟସ୍ତବହୁଳ ଲେନ୍ ଜବେରୀ ବଜାରରେ ଟିବିଜେଡ୍-ଦି ଓରିଜିନାଲର ଶୁଭାରମ୍ଭ ହୋଇଥିଲା। ବିଗତ ଦଶନ୍ଧିଗୁଡିକରେ ଏହି ବ୍ରାଣ୍ଡ ଅଳଙ୍କାର ଶିଳ୍ପରେ ବିଶ୍ୱାସରେ ଏକ କିରଣ ଭାବେ ବିକଶିତ ହୋଇଛି। ଆଜି ଭାରତର ୨୭ଟି ସହରରେ ୩୫ଟି ଷ୍ଟୋର ସହିତ ଟିବିଜେଡ୍-ଦି ଓରିଜିନାଲ ଗୁଣବତ୍ତା ଓ କାରିଗରି କ୍ଷେତ୍ରରେ ନୂତନ ବେଞ୍ଚ ମାର୍କ ସ୍ଥାପନ ବଜାୟ ରଖିଛି। ଉକ୍ତ ବ୍ରାଣ୍ଡ ସ୍ମାର୍ଟସିଟି ରାଉରକେଲାରେ ପ୍ରବେଶ କରିବାରୁ ଏହା ନିଜ ସହ ଅତୁଳନୀୟ ଗୁଣବତ୍ତା ଓ କାଳଜୟୀ ଡିଜାଇନଗୁଡିକ ଗ୍ରାହକଙ୍କ ପାଖରେ ପହଞ୍ଚାଇବାର ପ୍ରତିଶ୍ରୁତି ଆଣିଛି। ଟିବିଜେଡ୍-ଦି ଓରିଜିନାଲ ଶୋ' ରୁମ୍‌ର ଉଦ୍‌ଘାଟନୀ ଉତ୍ସବରେ ଏମ୍‌ଡି ଶ୍ରୀକାନ୍ତ ଜବେରୀ କହିଛନ୍ତି, ରାଉରକେଲାରେ ଆମର ପ୍ରଥମ ଷ୍ଟୋର ଏବଂ ଓଡ଼ିଶାରେ ୨ଟି ଷ୍ଟୋର ଖୋଲିବା ଆମ ପାଇଁ ଗର୍ବର ମୁହୂର୍ତ୍ତ। ଆମର ସ୍ୱତନ୍ତ୍ର କଲେକ୍ସନ ପ୍ରଦାନ କରିବା ଓ ଏକ ସ୍ୱଚ୍ଛ ଗ୍ରାହକ ଅନୁକୂଳ ଆଭିମୁଖ୍ୟ ମାଧ୍ୟମରେ ଅତୁଳନୀୟ ସପିଂ ଅନୁଭୂତି ବିକଶିତ କରିବା ପାଇଁ ସକ୍ଷମ ହୋଇଥିବାରୁ ଆମେ ଆନନ୍ଦିତ। ଏହି ଅବସରରେ ଟିବିଡେଜ୍-ଦି ଓରିଜିନାଲ ପକ୍ଷରୁ ବିବାହ ବ୍ରାଇଡାଲ ଏଡିଟ୍ କଲେକ୍ସନ-୨୦୨୪ ଉନ୍ମୋଚନ କରାଯାଇଥିଲା। ଏହି ଷ୍ଟୋର ରାଉରକେଲାର ଅଳଙ୍କାରପ୍ରେମୀଙ୍କ ପାଇଁ ଏକ ସ୍ୱର୍ଗ। ଯେଉଁଠାରେ ଅଭିନବ ଓ ଆକର୍ଷଣୀୟ ଡିଜାଇନଗୁଡିକର ଏକ ବିସ୍ତୃତ ଶୃଙ୍ଖଳା ମହଜୁଦ ରହିଛି। ଏହି କଲେକ୍ସନରେ ଆକର୍ଷଣୀୟ ଏନଗେଜ୍‌ମେଣ୍ଟ ରିଙ୍ଗ୍, ସୁନ୍ଦର ବ୍ୟାଙ୍ଗେଲ, କଙ୍ଗନ, ସୂକ୍ଷ୍ମ କାରୁକାର୍ଯ୍ୟରେ ନେକ୍‌ଲେସ୍ ଆଦି ସାମିଲ ରହିଥିବା ସିଏମ୍‌ଡି ଜାବିର ସୂଚନା ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ରାଉରକେଲାର ବିଜ୍‌ନେସ୍ ଅଂଶୀଦାର କୁଶଳ ଦଧିଚି, ରାଜ କୁମାର ଦଧିଚି, ପୁଷ୍ପାଦେବୀ ଦଧିଚି, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଶୁଭ ପଟ୍ଟନାୟକ, ମୁରାରୀଲାଲ ଶର୍ମା, ଶ୍ରବଣ ବାରିକ, ସନ୍ତୋଷ ବାରିକ, ପୀୟୁଷ ଗୋଏଲ ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରଦୀପ ପ୍ରଜ୍ୱଳନ କରି ଷ୍ଟୋରକୁ ଉଦ୍‌ଘାଟନ କରାଯାଉଛି।



ତ୍ରିଭୁବନଦାସ ଭୀମଜି ଜାଭେରି ଶୋ' ରୁମ୍।

# ୩ ଜଣିଆ ଆନ୍ତଃ ଜିଲା ଲୁଟେରା ଗ୍ୟାଙ୍ଗ୍ ଗିରଫ






ଖବରଦାତା ସମ୍ମିଳନୀରେ ଦେବଗଡ଼ ଏସ୍‌ଡିପିଓ ସୂଚନା ଦେଉଛନ୍ତି ଓ ଜବତ ବାଇକ୍।

**ଦେବଗଡ଼,୧୮।୧୦(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ଥାନା ପୋଲିସ ୩ଜଣିଆ ଆନ୍ତଃ ଜିଲା ଲୁଟେରା ଗ୍ୟାଙ୍ଗଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ଠାରୁ ୮ଟି ଚୋରି ବାଇକ୍ ଏବଂ ୭ଟି ମୋବାଇଲ ଜବତ କରାଯାଇଛି। ଗିରଫ ୩ ଯୁବକ ହେଲେ ରିଆମାଳ ଥାନା ତେଲିମୁଣ୍ଡା ଫୁଲସରନାଳୀ ଗ୍ରାମର ଗୋବିନ୍ଦ ସାହୁ ଓରଫ ଫକିର (୩୦), ମିଲଟନ ସାହୁ (୨୯) ଏବଂ ବିକାଶ ସାହୁ (୨୫)। ଏହି ୩ଜଣ ଯୁବକ ଦେବଗଡ ସମେତ ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ ଆଦି ଜିଲାର ବିଭିନ୍ନ ଥାନା ଅଞ୍ଚଳରୁ ବାଇକ୍ ଏବଂ ମୋବାଇଲ ଚୋରି କରିଥିବା ଶୁକ୍ରବାର ରିଆମାଳ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦେବଗଡ ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ସୂଚନା ଦେଇଛନ୍ତି। ଅନ୍ୟପଟେ ଏହି ରାକେଟ ପଛରେ ଆଉ କେଉଁମାନେ ସାମିଲ ଅଛନ୍ତି ପୋଲିସ ଅଧିକ ଖୋଲତାଡ କରୁଥିବା ବେଳେ ଗିରଫ ୩ଜଣ ଯୁବକଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯିବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି।

ଗତ ୧୪ ତାରିଖ ରିଆମାଳ ଥାନା କିର୍ତ୍ତନପାଲି ଗ୍ରାମରେ ପ୍ରଶାନ୍ତ ବେହେରାଙ୍କ ଘରୁ ତାଙ୍କ ସ୍ପ୍ଲେଣ୍ଡର ପ୍ଲସ (ଓଡି-୧୯-ଇ-୭୭୬୩) ବାଇକ୍ ଚୋରି ହୋଇଥିଲା। ଏ ନେଇ ପ୍ରଶାନ୍ତ ଗତ ୧୬ ତାରିଖ ରିଆମାଳ ଥାନାରେ ଅଭିଯୋଗ କରିଥିବା ବେଳେ ୨୨୮/୨୪ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ସମ୍ପୃକ୍ତ ୩ଜଣିଆ ଲୁଟେରା ଗ୍ୟାଙ୍ଗଙ୍କୁ ଠାବ କରାଯାଇଥିବା କରାଯାଇଥିବା ବେଳେ ବିଭିନ୍ନ ଥାନା ଅଞ୍ଚଳରୁ ଚୋରି ୮ଟି ବାଇକ୍ ଏବଂ ୭ଟି ଦାମି ମୋବାଇଲ ଜବତ ହୋଇଛି। ରିଆମାଳ ବଜାର ଭିତରୁ ବାଇକ ଚୋରି ନେଇ ରିଆମାଳ ଥାନାରେ ରୁଜୁ ହୋଇଥିବା ୨୧୩/୨୪ ମାମଲାର ହିରୋସ୍ପ୍ଲେଲେଣ୍ଡର, ଅନୁଗୋଳ ଜିଲା ବାଗେଡିଆ ଥାନାର ୨୦୯/୨୩ ମାମଲାରେ ହିରୋହୋଣ୍ଡା ସିଡି ଡିଲକ୍ସ ଏବଂ ମୋବାଇଲ, ତାରଙ୍ଗ ଗ୍ରାମରୁ ବାଇକ୍ ଚୋରି ନେଇ ରିଆମାଳ ଥାନାରେ ରୁଜୁ ହୋଇଥିବା ୨୩୦/୨୪ ମାମଲାର ହିରୋହୋଣ୍ଡା ସ୍ପ୍ଲେଣ୍ଡର ପ୍ରୋ, କିର୍ତ୍ତନପାଲି ଗ୍ରାମରୁ ବାଇକ ଚୋରି ନେଇ ରିଆମାଳ ଥାନାରେ ରୁଜୁ ହୋଇଥିବା ୨୨୮/୨୪ ମାମଲାର ହିରୋହୋଣ୍ଡା ସ୍ପ୍ଲେଣ୍ଡର ପ୍ଲସ, କୁଣ୍ଡେଇଗୋଳା ବଜାର ଭିତରୁ ବାଇକ ଚୋରି ନେଇ କୁଣ୍ଡେଇଗୋଳା ଥାନାରେ ରୁଜୁ ହୋଇଥିବା ୨୧୬/୨୪ ମାମଲାର ହିରୋ ସ୍ପ୍ଲେଣ୍ଡର ପ୍ରୋ, ଢେଙ୍କାନାଳ ଜିଲା ଭୁବନ ଅଂଚଳରୁ ଚୋରି ହୋଇଥିବା ହିରୋହୋଣ୍ଡା ସିଡିଡନ, ସମ୍ବଲପୁର ଜିଲା କିସିଣ୍ଡା ଅଞ୍ଚଳରୁ ଚୋରି ହୋଇଥିବା ହିରୋହୋଣ୍ଡା ଏଚଏଫ ଡିଲକ୍ସ, ଅନୁଗୋଳ ଜିଲା ଛେଣ୍ଡିପଦା ଅଞ୍ଚଳରୁ ଚୋରି ହୋଇଥିବା ହିରୋହୋଣ୍ଡା ସ୍ପ୍ଲେଣ୍ଡର ପ୍ଲସ ସମେତ ୭ଟି ଦାମି ମୋବାଇଲ ଫୋନ ଜବତ ହୋଇଛି। ଏଥିସହ ରିଆମାଳ ଏବଂ କୁଣ୍ଡେଇଗୋଳା ଥାନା ଅଞ୍ଚଳରୁ ଚୋରି ହୋଇଥିବା ବାଇକ୍ ଉଦ୍ଧାର ପରେ ଗାଡି ମାଲିକଙ୍କୁ ଥାନା ପରିସରରେ ପୋଲିସ ପକ୍ଷରୁ ସମ୍ମାନିତ କରି ବାଇକ୍ ହସ୍ତାନ୍ତର କରାଯାଇଛି। ରିଆମାଳ ଥାନା ଅଧିକାରୀ ସତ୍ୟବ୍ରତ ରାଉତଙ୍କ ନେତୃତ୍ୱରେ ଏସଆଇ ବଳରାମ ବେହେରା, ଏସଆଇ ଆଶିଷ କୁମାର ସାହୁ, ଏଏସଆଇ ସରୋଜ ପ୍ରଧାନ, ଏଏସଆଇ ରମାକାନ୍ତ ପ୍ରଧାନ, କନଷ୍ଟେବଲ ପି. ପ୍ରଧାନ ଏବଂ ହୋମଗାର୍ଡ ପ୍ରବିର କୁମାର ସେଠୀ ପ୍ରମୁଖ ବିଭିନ୍ନ ସ୍ଥାନରେ ଚଢାଉ କରି ଲୁଟେରା ଗ୍ୟାଙ୍ଗଙ୍କୁ ଠାବ କରିବା ସହିତ ଚୋରି ବାଇକ୍ ଏବଂ ମୋବାଇଲ ଜବତ କରିଥିବା ଜଣାପଡିଛି।

■୮ ଚୋରି ବାଇକ୍, ୭ଟି ମୋବାଇଲ ଜବତ

■୩ ଜିଲାର ବିଭିନ୍ନ ଥାନା ଅଞ୍ଚଳରୁ ଚୋରି କରିଥିଲେ

# ୨ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

**ଗୁଟପୁଟ ରାୟ ହତ୍ୟା ଘଟଣା**

**ବ୍ରଜରାଜନଗର,୧୮।୧୦(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଓରିଏଣ୍ଟ ଥାନା ଅନ୍ତର୍ଗତ ଝୁମ୍ପୁଡିପଡ଼ା ଅଞ୍ଚଳର ଗୁଟପୁଟ ରାୟ ହତ୍ୟାକାଣ୍ଡ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବୁଢିଆ କଲୋନୀ ଅଞ୍ଚଳର ରାଜା ନାୟକ (୩୦) ଓ ଡବ୍ଲୁ ଓରଫ ଲାଲମନୀ ଗଣ୍ଡା (୩୦)। ମୁଖ୍ୟ ଅଭିଯୁକ୍ତ ମନୋଜ ଦାସ ଏବଂ ରାଜା ନାୟକ ଫେରାର ଥିବା ବେଳେ ପୋଲିସ ଏହି ଘଟଣାରେ ବ୍ୟବହୃତ ଏକ କାର ଓ ଗୋଟିଏ ସ୍କୁଟିକୁ ଜବତ କରିଥିବା ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

ସୂଚନା ଯେ, ଗତ ୧୨ ତାରିଖ ସନ୍ଧ୍ୟାରେ ଗୁଟପୁଟ ରାୟ ମନୋଜଙ୍କ ସହିତ ଘରୁ ବାହାରି ଆଉ ଫେରି ନ ଥିଲେ। ଏ ନେଇ ଗୁଟପୁଟଙ୍କ ବାପା ହରିଶଙ୍କର ରାୟ ଓରିଏଣ୍ଟ ଥାନାରେ ନିଖୋଜ ନେଇ ଅଭିଯୋଗ କରିଥିଲେ। ପୋଲିସ ଅନୁସନ୍ଧାନରୁ ଜାଣିବାକୁ ପାଇଛି ଯେ ଗତ ୧୨ ତାରିଖ ସନ୍ଧ୍ୟାରେ ଗୁଟପୁଟ ଓ ମନୋଜ ସମଲେଶ୍ୱରୀ ଖଣି ପାର୍କି ସ୍ଥାନକୁ ଯାଇଥିଲେ। ସେଠାରେ ସେମାନେ ନିଜର ସାଙ୍ଗ ରାଜା, ଲାଲମାନି ଏବଂ ଅଜିତ ସାହୁଙ୍କ ସହ ଏକ ଭୋଜିର ଆୟୋଜନ କରିଥିଲେ। ସେପଟେ ଅଜିତ ଏବଂ ଲାଲମାନ କୌଣସି କାରଣରୁ ଗୁଟପୁଟ, ମନୋଜ ଏବଂ ରାଜାଙ୍କୁ ଛାଡି ଭୋଜି ଅଧାରୁ ଘରକୁ ଚାଲି ଯାଇଥିଲେ। ଏହା ପରେ ଗୁଟପୁଟ ଏବଂ ମନୋଜ ଓ ରାଜଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ମନୋଜ ଓ ରାଜା ଛୁରୀରେ ସାହାଯ୍ୟରେ ଗୁଟପୁଟଙ୍କୁ ହତ୍ୟା କରିଥିଲେ। ପରେ ଉଭୟ ଲାଲମାନିଙ୍କୁ ଯୋଗାଯୋଗ କରି ଗୋଟିଏ କାର ବ୍ୟବସ୍ଥା କରି ଆଣିବାକୁ କହିଥିଲେ। ପରେ ମୃତଦେହ ସାନକେଲୋ ନଦୀ ଭିତରକୁ ଫିଙ୍ଗି ଦେଇଥିଲେ। ଗତ ୧୭ ତାରିଖରେ ସକାଳେ ମୃତଦେହ ହୀରାକୁଦ ଜଳଭଣ୍ଡାରର ପାଣିରେ ଭାସୁଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।




ଗିରଫ ୨ ଅଭିଯୁକ୍ତ।

# ବଡ଼କୁଦର ଫୁଟ୍‌ବଲ କ୍ଲବ ଚାମ୍ପିୟନ

**ମା' ବିଶ୍ୱେଶ୍ୱରୀ ଫୁଟ୍‌ବଲ ଟୁର୍ନାମେଣ୍ଟ**



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ।

**ଦେବଗଡ଼,୧୮।୧୦(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ବମପରଡା ଗ୍ରାମପଞ୍ଚାୟତ ମା' ବିଶ୍ୱେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ ବମପରଡା ପକ୍ଷରୁ ସ୍ଥାନୀୟ ଖେଳ ପଡିଆରେ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୮ଟାରେ ଉଦ୍‌ଯାପିତ ହୋଇଯାଇଛି। ମୋଟ ୧୬ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିବାବେଳେ କତ୍ରାପାଲି ଓ ବଡକୁଦର ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ବାରକୋଟ ବ୍ଲକ କତ୍ରାପାଲି ଫୁଟବଲ କ୍ଲବକୁ ୫-୪ ପରାସ୍ତ କରି ବାରକୋଟ ବ୍ଲକର ବଡକୁଦର ଫୁଟବଲ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ରେଫରୀ ଭାବେ ଭୁଲେଶର ଗଗରା, ଚନ୍ଦନ କୁମାର ସାହୁ ଓ ସନାତନ ମୁର୍ମୁ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ଫୋକିର ମୋହନ ଦଳବେହେରା ମ୍ୟାଚର ଧାରା ବିବରଣି ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଉଭୟ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଆୟଜନରେ ଲକ୍ଷ୍ମଣ ସାହୁ, ପ୍ରଦୀପ ପ୍ରଧାନ, ମୁକେଶ ମହାକୁଲ, କୁଳମଣି ମହାକୁଳଙ୍କ ସହ ସମସ୍ତେ କ୍ଲବ ସଦସ୍ୟ ସହଯୋଗ କରିଥିଲେ।

# ବିଏଜିବି କର୍ମଚାରୀଙ୍କ ବନ୍ଧୁମିଳନ

**ସମ୍ବଲପୁର,୧୮।୧୦(ପ୍ରମୋଦ ବହିଦାର)**

୪୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବଲାଙ୍ଗୀର ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ(ବିଏଜିବି) କର୍ମଚାରୀଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରର ଏକ ହୋଟେଲରେ ୧୯୮୪ ମସିହା ଅକ୍ଟୋବରରେ ବିଏଜିବିରେ ନିଯୁକ୍ତ କର୍ମଚାରୀମାନେ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସମ୍ବଲପୁରର ୩୫ଜଣ କର୍ମଚାରୀଙ୍କ ସମେତ ମୋଟ ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ କର୍ମଚାରୀ ଯୋଗଦେଲ। ପ୍ରାରମ୍ଭରେ ମା' ସମଲେଇଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ ପରେ ବ୍ୟାଙ୍କର ତତ୍କାଳୀନ ଅଧ୍ୟକ୍ଷ ଭଗବାନ ଜଗନ୍ନାଥ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ସଭ୍ୟମାନେ ନିଜ ନିଯୁକ୍ତି ସମୟର ଅଭିଜ୍ଞତା ବର୍ଣ୍ଣନା କରିବା ସହିତ ଦିବଙ୍ଗତ ସଦସ୍ୟମାନଙ୍କ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିରେ ସମ୍ବଲପୁର ଓ ସୁନ୍ଦରଗଡ଼ ସମେତ ବଲାଙ୍ଗୀର, ଟିଟିଲାଗଡ଼, ଦେଓଗଡ଼ ଆଦି ବିଭିନ୍ନ ଅଞ୍ଚଳରୁ ବନ୍ଧୁମାନେ ଯୋଗ ଦେଇଥିଲେ। ଆଗାମୀ ବର୍ଷ ବନ୍ଧୁ ମିଳନକୁ ଅଧିକ ଭବ୍ୟ ଓ ବ୍ୟାପକ କରିବା ଦିଗରେ ଏଥିରେ ନିଷ୍ପତ୍ତି ହୋଇଥିଲା। ଭୋଜି ଭାତର ଆସରରେ ବନ୍ଧୁ ମିଳନ ଶେଷ ହୋଇଥିଲା।

# କାର୍‌ଗିଲ ଛକ ଲକ୍ଷ୍ମୀପୂଜା କମିଟିର ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଦେବଗଡ଼,୧୮।୧୦(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ସହରର ପ୍ରସିଦ୍ଧ ମହାଲକ୍ଷ୍ମୀ ପୂଜା ନିମନ୍ତେ ଦେବଗଡ କାରଗଲ ଛକ ଲକ୍ଷ୍ମୀପୂଜା କମିଟିର ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। କମିଟି ସଭାପତି ଅରୁଣାଞ୍ଚଳ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଡକ୍ଟର ରାମଚନ୍ଦ୍ର ମହାପାତ୍ର ଯୋଗଦେଇ ଅସ୍ଥାୟୀ କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ଏହି ଅବସରରେ କମିଟି ଉପସଭାପତି ପ୍ରକାଶ ଦେବ, ସମ୍ପାଦକ ଶାଶ୍ୱତ କୁମାର ନନ୍ଦ, ସହ ସମ୍ପାଦକ ବିକାଶ ଦେବ ଓ କୋଷାଧ୍ୟକ୍ଷ ସ୍ୱସ୍ତିକ ମହାପାତ୍ରଙ୍କ ସମେତ ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟ, ସରୋଜ କୁମାର ପାତ୍ର, ସୁବ୍ରତ କୁମାର ପାତ୍ର, ସରୋଜ କୁମାର ପାଢୀ, ରଶ୍ମି ରଞ୍ଜନ ବରାଇ, ମଣ୍ଟୁ ଦ୍ୱିବେଦୀ, ନୀଳାଦ୍ରି ଆଚାର୍ଯ୍ୟ, ରାମଲୁ ପ୍ରଧାନ, ଅନିଲ କୁମାର ପଟ୍ଟନାୟକ, ସନ୍ତୋଷ କୁମାର ଦେହୁରୀ, ମନୋଜ କୁମାର ପ୍ରଧାନ, ନିଲୁ ଦାଶ, ରାଜୀବ ମହାକୁଳ, ସଚ୍ଚି ଦାଶ, ଶେଖର ସାହୁ, ମୃଣାଳ ଶର୍ମା, ପଞ୍ଚୁ ବରାଇ, ଲୁଲୁ ଦାଶ, ସିପୁନ ନାୟକ, ରାଜା ଶଙ୍ଖାରୀ, ଟୁଲୁ ପ୍ରଧାନ, ଶୁଭମ ସାହୁ ଓ ରକି ପାଳ ପ୍ରମୁଖ ଉପସ୍ଥିତ ଥିଲେ।




ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟନୀରେ ଉପସ୍ଥିତ କମିଟି ସଦସ୍ୟବୃନ୍ଦ।

# ସମ୍ବଲପୁର ଆଥ୍‌ଲେଟିକ କ୍ଲବ୍ ପକ୍ଷରୁ ରେଖା ଦେଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର,୧୮।୧୦ (ଭବାନୀ ଶଙ୍କର ଭୋଇ)**



୩୬ତମ ମାଲେସିଆ ଅନ୍ତର୍ଜାତୀୟ ଓପନ ମାଷ୍ଟର ଆଥ୍‌ଲେଟିକ୍ ଚାମ୍ପିୟନଶିପ୍‌ରେ କୃତିତ୍ୱ ଅର୍ଜନ କରିଥିବା ରେଖା ଦେ ସମ୍ବଲପୁର ଫେରିବା ପରେ ତାଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବଲପୁର ଆଥଲେଟିକ କ୍ଲବ ପକ୍ଷରୁ ରେଖା ଦେଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ପ୍ରତିଯୋଗିତାରେ ଭାରତ ପକ୍ଷରୁ ସମ୍ବଲପୁର ରେଖା ଦେ ୪୫ବର୍ଗ ମହିଳା ବିଭାଗରେ ଅଂଶ ଗ୍ରହଣ କରିଥିଲେ। ସେ ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ, ଲମ୍ବଡ଼ିଆଁରେ ସ୍ୱର୍ଣ୍ଣ ପଦକ ଓ ଟ୍ରିପଲ ଜମ୍ପରେ କାଂସ୍ୟ ପଦକ ହାସଲ କରି ଦେଶ, ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ବୋଲି ଅନ୍ତର୍ଜାତୀୟ ମାଷ୍ଟର କ୍ରୀଡ଼ାବିତ ସୁନ୍ଦରମଣୀ ବାରିକ କହିଛନ୍ତି। ରେଖା ସମ୍ବଲପୁରର ଯୁବ କ୍ରୀଡାବିତଙ୍କ ପାଇଁ ପ୍ରେରଣା ବୋଲି ସମ୍ବଲପୁର ଆଥଲେଟିକ କ୍ଲବ ପକ୍ଷରୁ କୁହାଯାଇଛି।

# ବିଭିନ୍ନ ବିଭାଗ ଦ୍ୱାରା ନିର୍ମିତ ନୂତନ ଅଟ୍ଟାଳିକା ଗ୍ରହଣ ପାଇଁ ବୈଠକ

**ଦେବଗଡ଼,୧୮।୧୦(ଶଶାଙ୍କ ଶେଖର ଝାଙ୍କର)**

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାର ବିଭିନ୍ନ ବିଭାଗ ଦ୍ୱାରା ନୂତନ ଭାବେ ନିର୍ମିତ ହୋଇଥିବା ଅଟ୍ଟାଳିକା ଗ୍ରହଣ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଅଧିକ୍ଷଣ ଯନ୍ତ୍ରୀ (ରାସ୍ତା ଓ ଗୃହ ) ରାମଚନ୍ଦ୍ର ସେଠି ଆବାହନକ୍ରମେ ଜିଲାରେ ବିଭିନ୍ନ ବିଭାଗର ନିର୍ମିତ ହୋଇଥିବା ଅଟ୍ଟାଳିକା ଗ୍ରହଣ ପାଇଁ ଆଲୋଚନା କରିଥିଲେ। ୨୩ଗୋଟିବିଭାଗର ଗୃହଗୁଡିକ ହସ୍ତାନ୍ତର ନେବା ନିମନ୍ତେ ଜିଲାପାଳଙ୍କ ଦୃଷ୍ଟିଗୋଚରକୁ ଆଣିଥିଲେ। ଜିଲାପାଳ ସାହୁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିର୍ମିତ ଅଟ୍ଟାଳିକା ଗ୍ରହଣ କରିବା ପାଇଁ ଆଲୋଚନା କରିଥିଲେ। ଅଟ୍ଟାଳିକାର ବିଭିନ୍ନ ସମସ୍ୟାଗୁଡିକ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲ। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଉପ ଜିଲାପାଳ ପରକ୍ଷିତ ସାହୁ, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଟିପିଡବ୍ଲୁଓ ରାଜୁ ସାହା, ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ ନେତ୍ରାନନ୍ଦ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ଅସହ୍ୟ ହେଲାଣି ହାତୀ ଉପଦ୍ରବ

**ଦେବଗଡ଼,୧୮।୧୦(ଶଶାଙ୍କ ଶେଖର ଝାଙ୍କର)**

ଅସହ୍ୟ ହେଲାଣି ହାତୀ ଉପଦ୍ରବ। ନିୟମିତ ହାତୀ ଉପଦ୍ରବ ଯୋଗୁ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ସହୁଛନ୍ତି ଦେବଗଡ଼ ଜିଲା ରିଆମାଳ ବ୍ଲକ କୁଣ୍ଡେଇଗୋଳା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁରଡପୋଶି ଗ୍ରାମର ନିରୀହ ଚାଷୀ। ଫଳରେ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଏକ ଆନ୍ଦୋଳନ ଦାନା ବାନ୍ଧୁଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ଗୁରୁବାର ରାତିରେ ଗ୍ରାମବାସୀ ଏକତ୍ରିତ ହୋଇ ଏକ ସଭା କରିଥିବା ବେଳେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ କୁରଡପୋଶି ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ଗତ କିଛି ଦିନ ହେଲା ଲଗାତର ଭାବେ ହାତୀ ଉପଦ୍ରବ ଜାରି ରହିଛି। ଫଳରେ ଅମଳ ପୂର୍ବରୁ ଧାନ ଚାଷ ନଷ୍ଟ ହେଉଥିବା ବେଳେ ଚାଷୀ ବ୍ୟାପକ କ୍ଷୟକ୍ଷତିର ସମ୍ମୁଖିନ ହେବାକୁ ପଡୁଛି। ଅନ୍ୟପକ୍ଷରେ ବନବିଭାଗ ହାତୀ ଘଉଡାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ହାତୀପଲ ଉକ୍ତ ଅଞ୍ଚଳ ଛାଡୁ ନ ଥିବା ଦେଖାଦେଇଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗୁରୁବାର ରାତ୍ରିରେ ଉପରୋକ୍ତ ବୈଠକ ଆୟୋଜିତ ହେବା ପରେ ଦିନେ ଦୁଇ ଦିନ ମଧ୍ୟରେ ଦେବଗଡ ବନଖଣ୍ଡ ଅଧିକାରୀଙ୍କୁ ସାକ୍ଷାତ କରି ହାତୀ ଘଉଡାଇବା ପାଇଁ ବ୍ୟବସ୍ଥା କରିବାପାଇଁ ନିବେଦନ କରାଯିବ। ଏଥିସହ ସୌର ଚାଳିତ ବିଦ୍ୟୁତ୍ ତାରବାଡ ଦେବା ପାଇଁ ଦାବି କରାଯିବାକୁ ଉପରୋକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲେ। ଏହାସତ୍ତ୍ୱେ ବନ ବିଭାଗ ଯଦି ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରେ ତେବେ ଆଗାମୀ ଦିନରେ ସେମାନେ ବନଖଣ୍ଡ କାର୍ଯ୍ୟାଳୟ ଘେରାଉ କରାଯିବା ସହିତ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତି ନେଇଥିବା ଜଣାପଡିଛି।



ଗ୍ରାମବାସୀ ହାତୀ ଉପଦ୍ରବ ରୋକିବା ନେଇ ଆଲୋଚନା କରୁଛନ୍ତି।

■କୁରଡ଼ପୋଶି ଗାଁରେ ଚାଷୀଙ୍କ ମେଳି

■ଆନ୍ଦୋଳନ ପାଇଁ ସଜବାଜ

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଚିତ୍ତରଞ୍ଜନ


@ ହରେକୃଷ୍ଣ


@ ନିର୍ମଳ


@ ସୂର୍ଯ୍ୟନାରାୟଣ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାସ୍ତା ଅବରୋଧ କରି ଧାରଣାରେ ବସିଲେ ଚାଷୀ

ତରଭା,୧୮।୧୦ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅଧିନସ୍ଥ ଗୁଞ୍ଜିମୁଣ୍ଡା ମେଗା ଉଠାଜଳସେଚନ ପ୍ରକଳ୍ପକୁ ନେଇ ଚାଷୀ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ୨୦୧୯ ମସିହାରେ ୧୪ କୋଟି ୧୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୮ଶହ ଏକର ଜମିକୁ ଜଳସେଚନ କରାଯିବା ପାଇଁ ଏହି ପ୍ରକଳ୍ପ ନିର୍ମାଣ ହୋଇଥିଲା। ଆଜିଯାଏଁ ଏହି ପ୍ରକଳ୍ପରୁ ଚାଷୀଙ୍କ ଜମିରେ ପାଣି ଲାଗିପାରିନାହିଁ। ଏଲ୍‌ଏଣ୍ଡଟି କମ୍ପାନୀ ଦ୍ୱାରା ନିର୍ମିତ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇସାରିଛି। କମ୍ପାନୀ ମଧ୍ୟ ପ୍ରାୟ ଶତପ୍ରତିଶତ ପେମେଣ୍ଟ ନେଇସାରିଛି। ହେଲେ ନଦୀରେ ଖୋଳାଯାଇଥିବା ଇନଟେକ କୂପକୁ ପାଣି ପହଞ୍ଚି ପାରୁନି। ପାଣିର ଅଭାବ ଯୋଗୁ ପମ୍ପରୁ ପାଣି ବାହାରୁନାହିଁ। ଚଳିତବର୍ଷ ବର୍ତ୍ତମାନ ସମୟରେ ବର୍ଷାର ଅଭାବ ଦେଖାଦେଇଛି। ଜମି ଫାଟି ଆଁ କରି ଧାନ ଫସଲ ମରିବାକୁ ବସିଲାଣି। ହାତ ପାଆନ୍ତାରେ ମେଗା ଉଠାଜଳସେଚନ ପ୍ରକଳ୍ପ ଥାଇ ମଧ୍ୟ ଚାଷୀ ପାଣି ପାଇପାରିନି। ଫଳରେ ଚାଷୀ ବାଧ୍ୟ ହୋଇ ରାସ୍ତା ଅବରୋଧ କରି ଧାରଣାରେ ବସିଛନ୍ତି। ଖବରପାଇ ବିଭାଗୀୟ ଏସ୍‌ଡିଓ ରବିନାରାୟଣ ମେହେର, ଏଇ ଅମରନାଥ ପଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଧାରଣାସ୍ଥଳ ଏକ ପ୍ରମୁଖ ଯାତାୟାତ ସ୍ଥାନ ଯାହାକି ବୌଦ୍ଧ ଜିଲା କଣ୍ଟାମାଳ ଓ ତରଭା ତଥା ବଲାଙ୍ଗୀରକୁ ସଂଯୋଗ କରୁଥିବା ଛକ ହେତୁ ରାସ୍ତା ଅବରୋଧ ଫଳରେ ଗମନାଗମନ ବନ୍ଦ ହୋଇଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ତରଭା ଥାନା ଅଧିକାରୀ ଅନିତା କିଡୋ ପହଞ୍ଚିଥିଲେ। ଘଟଣାସ୍ଥଳରେ ପୋଲିସ ମୁତୟନ ସହ ସ୍ଥାନୀୟ ତହସିଲଦାର ତୁଳା ମୁଦୁଲି ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଥିଲେ। ଚାଷୀଙ୍କ ଜିଦ ପ୍ରକଳ୍ପକୁ ଚଳାଯାଉ, ନତୁବା ଅଚଳ ଘୋଷଣା କରାଯାଉ। ନ ହେଲେ ଫସଲ କ୍ଷତିପୂରଣ ଦିଆଯାଉ। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଏଠାରୁ ଉଠିବୁ ନାହିଁ ବୋଲି ଧାରଣାରତ ଚାଷୀମାନେ କହିଥିଲେ। ଏନେଇ ମେଗା ଉଠାଜଳସେଚନ ପ୍ରକଳ୍ପ ଏସ୍‌ଡିଓ ରବିନାରାୟଣ ମେହେରଙ୍କ ପ୍ରତିକ୍ରିୟା ନେବାରୁ ଆମେ ଚାଷୀଙ୍କ ସହ ଅଛୁ, ଯେତେ ଶୀଘ୍ର ପାଣି ପାଇପାରିବେ ଚେଷ୍ଟା ଜାରି ରହିଛି ବୋଲି କହିଥିଲେ। ପ୍ରକାଶ ଥାଉକି ସନ୍ଧ୍ୟାରେ ସୋନପୁର ଏଡିଏମ୍ ରାଜେନ୍ଦ୍ର ମାଝୀ, ପିଡି ଅଶ୍ୱିନି ମେହେର, ବିଡିଓ ଅନିଲ କୁମାର କୁଲୁ ଧାରଣା ସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଚାଷୀ ନିଜ ଜିଦରେ ଅଟଳ ଥିବା ଜଣାପଡ଼ିଥିଲା। ଶେଷରେ ମରୁଡି କ୍ଷତିଗ୍ରସ୍ତ ଚାଷୀଙ୍କୁ ମରୁଡି ସହାୟତା ଦେବା ପ୍ରତିଶ୍ରୁତି ପରେ ଆନ୍ଦୋଳନକାରୀ ଧାରଣାରୁ ଓହରିଥିଲେ। ଏହି ଆନ୍ଦୋଳନରେ ମରାଡୁଗୁଛା ସରପଞ୍ଚ ମନମୋହନ ସାହୁ, ସମିତି ସଭ୍ୟ ମାର୍କଣ୍ଡ ନାଗ, ସୁରଥ ଭୁଏ, ମଧ୍ୟ ସା, ଦାଶରଥି ଦୀପ, ଭାବ ଘିଭେଲା, କାର୍ତ୍ତିକ ନାଗ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ସାମିଲ ଥିଲେ।


ତରଭା ବ୍ଲକ ଗୁଞ୍ଜିମୁଣ୍ଡା ମେଗା ଉଠାଜଳସେଚନ ପ୍ରକଳ୍ପକୁ ନେଇ ଚାଷୀମାନେ ଧାରଣା ଦେଇଛନ୍ତି।

**କାମରେ ଲାଗୁନି ଗୁଞ୍ଜିମୁଣ୍ଡା ମେଗା ଉଠାଜଳସେଚନ ପ୍ରକଳ୍ପ**

# ସଡ଼କ ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ

ଅମରପାଲି,୧୮।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଫୁଲଚରା ଛକ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ମୃତ ଶିକ୍ଷକ ଜଣକ ହେଲେ ସୁବଳୟା ଥାନା ଅନ୍ତର୍ଗତ ଏକତାଲ ଗ୍ରାମର ବାମଦେବ ସାମନ୍ତରାୟ (୫୨)। ସେ କୌଣସି କାମରେ ବୀରମହାରାଜପୁର ଆସି ବିଳମ୍ବିତ ରାତିରେ ନିଜ ଘରକୁ ଫେରୁଥିଲେ। ଫୁଲଚରା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ସୁରକ୍ଷା ବାଡରେ ବାଡେଇ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ତାଙ୍କ ମୁହଁରେ ମାଡ଼ ହୋଇଥିବାବେଳେ ବାଇକ ଛିଟିକି ପଡି ରାସ୍ତା କଡରେ ପଡ଼ିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବୀରମହାରାଜପୁର ଡାକ୍ତରଖାନାକୁ ନିଆ ଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଯୋଗୁ ତାଙ୍କ ମୁହଁରୁ ପ୍ରବଳ ରକ୍ତସ୍ରାବ ହୋଇ ତାଙ୍କ ମୃତ୍ୟୁ ହୋଇଯାଇଥିବା ଆଶଙ୍କା କରାଯାଉଛି। ବୀରମହାରାଜପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକ ଟେଭାପଦର ୟୁପି ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ।


ବାମଦେବ ସାମନ୍ତରାୟ (ଫାଇଲ ଫଟୋ)

# ବ୍ୟାପୁଛି ଝାଡ଼ାବାନ୍ତି, ପାଣି ନମୁନା ସଂଗ୍ରହ


ପରୀକ୍ଷା ପାଇଁ ପାଣି ନମୁନା ସଂଗ୍ରହ କରାଯାଉଛି।

ବରଗଡ଼,୧୮।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଦ୍ୱାରି ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଏହି କ୍ରମରେ ଶୁକ୍ରବାର ସ୍ଥାନୀୟ ଦ୍ୱାରିକାଧୀଶ ହାଇସ୍କୁଲରେ ସ୍ୱାସ୍ଥ୍ୟ ଶିବିର ହୋଇଥିଲା ଏବଂ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପାଇପ୍ ଫାଟି ପାଣି ଲିକ୍ ଯୋଗୁ ପାନୀୟଜଳ ସଂକ୍ରମିତ ହେଉଥିବା ଲୋକେ ଅଭିଯୋଗ କରିଥିଲେ। ଫଳରେ ସ୍ଥାନୀୟ କୂଅ, ନଳକୂଅର ପାଣି ସଂଗ୍ରହ କରି ପରୀକ୍ଷା ପାଇଁ ନିଆଯାଇଥିଲା। ସ୍ଥାନୀୟ ବିଧାୟକ ଇରାସିସ୍ ଆଚାର୍ଯ୍ୟ ମଧ୍ୟ ଗ୍ରାମକୁ ପହଞ୍ଚି ଝାଡ଼ାବାନ୍ତି ଆକ୍ରାନ୍ତଙ୍କୁ ଭେଟିଥିଲେ ଏବଂ ବିହିତ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସୀମାନ୍ତରେ ଆଇଇଡ଼ି ବ୍ଲାଷ୍ଟ, ଜଣେ ମୃତ

ରାଉରକେଲା,୧୮।୧୦(ସଙ୍ଗୀତା ଜେନା)

ଓଡ଼ିଶା-ଝାଡଖଣ୍ଡ ସୀମାନ୍ତ ଜରାଇକେଲା ଥାନା ଅଞ୍ଚଳରେ ଗୁରୁବାର ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବ୍ଲାଷ୍ଟରେ ଜଣେ ସ୍ଥାନୀୟ ଗ୍ରାମବାସୀ ଗୁରୁତର ହୋଇଥିଲେ। ଶୁକ୍ରବାର ଅପରାହ୍ନରେ ସେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ମୃତକ ହେଲେ ମକରଣ୍ଡା ଗ୍ରାମର ସୁନୀଲ ସୁରିନ୍(୪୦)। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ସିଆର୍‌ପିଏଫ୍‌ପକ୍ଷରୁ ସୂଚନା ମିଳିଛି।

# ଭାଜପା ସର୍ବବୃହତ ରାଜନୈତିକ ଦଳର ମାନ୍ୟତା ବଜାୟ ରଖିବ


ସର୍ଲାକାନିଠାରେ ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ସାଂସଦ ବୈଜୟନ୍ତ ପଣ୍ଡା, ବିଧାୟକ ଜୟନାରାୟଣ ମିଶ୍ର ଓ ଅନ୍ୟମାନେ।

ସମ୍ବଲପୁର,୧୮।୧୦ (ଭବାନୀଶଙ୍କର ଭୋଇ)

**ସର୍ଲାକାନିଠାରେ ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ**

ସମ୍ବଲପୁର ସହରର ସର୍ଲାକାନିଠାରେ ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ନେଇ ଶୁକ୍ରବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ସାଂସଦ ତଥା ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଯୋଗ ଦେଇ ଅଞ୍ଚଳର ବହୁ ଯୁବତୀ ଯୁବକଙ୍କୁ ଦଳର ସଦସ୍ୟ କରାଇଥିଲେ। ଏମ୍‌ପି ପଣ୍ଡା ଏହି ଅବସରରେ କହିଥିଲେ ଯେ, ସାରା ଦେଶର ବର୍ତ୍ତମାନ ଭାଜପାର ସଦସ୍ୟତା ଅଭିଯାନ ଚାଲିଥିବା ବେଳେ ଚଳିତବର୍ଷ ଭାଜପାର ସଦସ୍ୟତା ସଂଖ୍ୟା ୧୧ କୋଟି ଟପିବ ବୋଲି ଆଶା କରାଯାଉଛି। ଭାଜପା ଲଗାତାର ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ଭାବେ ମାନ୍ୟତା ବଜାୟ ରଖିବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପାର ଡବଲ ଇଞ୍ଜିନ ସରକାର ରାଜ୍ୟକୁ ଆଗକୁ ବଢ଼ାଉଛି। ଭାଜପାରେ ଲୋକେ ସ୍ୱାଭାବିକ ଭାବେ ଉତ୍ସାହର ସହିତ ଯୋଡି ହେଉଛନ୍ତି। ଅନ୍ୟପକ୍ଷରେ ଭାଜପା ଦଳରେ ନୂତନ କରି ୧୦୦ ଜଣକୁ ଯୋଡ଼ିଥିବା ସକ୍ରିୟ ସଭ୍ୟ ସଭ୍ୟାଙ୍କୁ ଏମ୍‌ପି ସାକ୍ଷାତକରି ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଭାଜପା ଜିଲା ସାଧାରଣ ସମ୍ପାଦକ ଅନିଲ ବେହେରା, ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ବରିଷ୍ଠ ଭାଜପା ନେତା ଡକ୍ଟର ପ୍ରମୋଦ ରଥ, ରାଧେଶ୍ୟାମ ବାରିକ, ମାନସ ରଞ୍ଜନ ବକ୍ସି, ଗୋବିନ୍ଦ ଅଗ୍ରୱାଲ, ଫଣୀ ଭୂଷଣ ମିଶ୍ର, ଅରୁଣ କୁମାର ଦାସ, କ୍ରିଷ୍ଣା ମହାକୁଡ଼, ଶିବ ଦିୱାନ, ସୌମିତ୍ର ଯତି, ସନ୍ତୋଷ ଡାଲୁଆ, ଶ୍ୟାମ ଗୁରୁ, ପୁଷ୍ପାଞ୍ଜଳି ଜେନା, ସରୋଜିନୀ ବନଛୋର, ମଞ୍ଜୁଳା ଓରାମ, ଭବାନୀ ଦୁଷର, ରିଙ୍କି ସାହୁ, ଅଞ୍ଜଳି ଛୁରା, ସ୍ନିଗ୍ଧାଶ୍ରୀ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହିଥିଲେ।


## OFFICE OF THE SUPERINTENDING ENGINEER P.H. DIVISION, KORAPUT

No.C-732

Tel/Fax - 06852-250740
e-mail : eephkrp@nic.in / eephkrp@gmail.com

GOVERNMENT OF ODISHA "e" PROCUREMENT NOTICE
e-Procurement Notice for 2024-25
Bid Identification No.SE,P.H.KPT-2 of 2024-25 Dt.05.10.2024

| | | |
|---|---|---|
| 1 | No. of the works | 2 Nos. |
| 2 | Estimated Cost | From Rs. 79.34 lakh to Rs. 95.67 lakh (Approx.) |
| 3 | Period of completion | 6 months |
| 4 | Date & time of availability of bid document in the portal | From 11.00 A.M. of 21.10.2024 to 05.00 P.M. of 07.11.2024 |
| 5 | Last date / time of receipt of bids in the portal | 05.00 P.M. of 07.11.2024 |
| 6 | Date & time of opening of bids | 11.00 A.M. of 08.11.2024 |
| 7 | Name and address of the Officer Inviting Bid | Superintending Engineer, P.H. Division, Koraput |

Further details can be seen from the e-Procurement portal "https://www.tendersodisha.gov.in".

Sd./- (Er.Chiranjibi Mahali)
Superintending Engineer,
P.H. Division, Koraput

OIPR-13008/11/0003/2425

## ODISHA HYDRO POWER CORPORATION LTD.

(A GOVT. OF ODISHA UNDERTAKING)
CIN : U40101OR1995SGC003963
Regd. Office : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com

NOTICE INVITING TENDER NO. - 15/2024-25

No. OHPC : TECH : C&P : 13/2024-25/8942 Date : 09.10.2024

No. CAD-1382 : Sealed Tenders are invited in two parts i.e. (i) Techno Commercial Bid & (ii) Price bid in separate sealed envelopes from the intending firms fulfilling the eligibility criteria for the work mentioned below.

| Description of Services | Cost of tender papers (Non-refundable in Rs.) | EMD in shape of DD/BC only (Refundable) in Rs. |
|---|---|---|
| Cleaning & Sanitation Works of OHPC Corporate Office, Training Centre & Residential offices at Bhubaneswar | 11,800.00 (10,000.00 + GST @ 18%) | 80,000.00 |

For details of the tender documents, terms & conditions & corrigendum etc. please visit / refer our website www.ohpcltd.com from dtd. 21.10.2024

OIPR-04012/11/0015/2425 C & P Head

## ODISHA PUBLIC SERVICE COMMISSION CUTTACK

No.D-150

NOTICE

No. 5880/P.S.C., Dt. 18/10/24
(1E-05-2024/25) (DR-II)
Website - http://www.opsc.gov.in

It is for information of all concerned that the Written Examination for recruitment to the post of Assistant Professor (Board Speciality), pursuant to Advertisement No. 29 of 2023-24 will be held **on 17.11.2024 (Sunday)** as per the programme indicated below. The detailed programme along with venue shall be notified later.

PROGRAMME OF EXAMINATION

| Date | Session / Time | Disciplines |
|---|---|---|
| 17.11.2024 (Sunday) | 1st Session 9.30 A.M. to 12.30 P.M. | 01 - Anaesthesiology |
| | | 02 - Anatomy |
| | | 03 - Biochemistry |
| | | 04 - (E.N.T) Oto-Rhino Laryngology |
| | | 05 - F.M. & T |
| | | 06 - General Medicine |
| | | 07 - Microbiology |
| | | 08 - O & G |
| | | 09 - Ophthalmology |
| | | 10 - Orthopaedic Surgery |
| | | 11 - Paediatrics |
| | | 12 - Pathology |
| | | 13 - Pharmacology |
| | | 14 - Physiology |
| | | 15 - Psychiatry |
| | | 16 - Radio-diagnosis |
| | | 17 - Community Medicine (S.P.M) |
| | | 18 - Dermatology |
| | | 19 - General Surgery |
| | | 20 - T.B & C.D |
| | | 21 - Transfusion Medicine |
| | 2nd Session 2.00 P.M. to 5.00 P.M. | 01 - Emergency Medicine |

N.B. - All the candidates belonging to PWD category will be given 60 minutes extra in each sitting.

The concerned candidates are advised to visit the website of OPSC (www.opsc.gov.in) regularly for further updates.

Sd./-
Secretary (I/C)

OIPR-12002/11/0078/2425

## WORKS DEPARTMENT OFFICE OF THE SUPERINTENDING ENGINEER, RAIRANGPUR (R&B), DIVISION

No.B-457

e-mail : eerbrairangpur@yahoo.co.in
Government of Odisha "e" Procurement Notice
Bid Identification No.SE 27 OF 2024-25

| | | |
|---|---|---|
| 1 | Nature of work | Building Works |
| 2 | Number of works | 8 (Eight) |
| 3 | Amount put to Tender | Rs. 90,86,400.00 to Rs. 41,28,500.00 |
| 4 | Class of Contractor | B Class |
| 5 | Date & Time of availability of bid document in the portal | Dt. 21.10.2024 at 10.00 A.M. |
| 6 | Last Date / Time of receipt of bid in the portal | Dt. 29.10.2024 up to 04:00 P.M. |
| 7 | Date of opening of bid | Dt. 30.10.2024 at 11:00 A.M. |
| 8 | Name & address of the Office inviting bid | Superintending Engineer, Rairangpur (R&B) Division |
| 9 | The bidders have to participate in **ONLINE** bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on **ONLINE** mode only. | |

Sd./-
Superintending Engineer
Rairangpur (R&B) Division

OIPR-34041/11/0005/2425

## GOVERNMENT OF ODISHA OFFICE OF THE SUPERINTENDING ENGINEER MINOR IRRIGATION DIVISION, KEONJHAR

NOTICE INVITING TENDER e-Procurement
Bid Id No.03 SEMID (KJR/2024-2025) Dt.05.10.2024

**No.A-418:** The Superintending Engineer, Minor Irrigation Division, Keonjhar on behalf of the Governor of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.
Name of Work : Civil Construction Works.
No. of works : 3 (Two) Nos.
Estimated Cost: Rs.229.88 Lakhs.
Tender Paper Cost: Mentioned in Column No.6 of Tender Call Notice.
Period of Completion: 04 (Four) & 09 (Nine) Calendar Months.
Availability of Bid Documents: From 21.10.2024 to 02.11.2024 during office hours in website (www.tenderorissa.gov.in).
Period of receipt of Bid through online: From 21.10.2024 to 02.11.2024 through online.
Date of Opening of Technical Bid Documents: At 11.00 A.M. on 03.11.2024 in the office chamber of the Superintending Engineer, M.I. Division, Keonjhar.
Date of Opening of Financial Bid Documents: At 11.00 A.M. on 08.11.2024 in the Office chamber of the Superintending Engineer, M.I. Division, Keonjhar.
Date of Lottery : At 11.00 A.M. on 14.11.2024 in the office chamber of the Superintending Engineer, M.I. Division, Keonjhar.
Digital Signature Certificate of Bidder : The bidder must possess compatible digital signature certificate (DSC) of Class-II or Class-III.
Name and Address of the OIT: Superintending Engineer, M.I. Division, Keonjhar, Near Parkline Keonjhar, At/Po- Keonjhar, Dist- Keonjhar, Pin-758001, E-mail ID: eemikjr@yahoo.co.in.
**Further details can be seen from the website: www.tendersorissa.gov.in**

Sd./- (Er. Sudhansu Sekhar Sahoo)
Superintending Engineer
M.I.Division, Keonjhar

OIPR-32123/11/0003/2425

## ଓଡ଼ିଶା ସରକାର ଜଳ ସମ୍ପଦ ବିଭାଗ

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
ଟେଲିଫୋନ୍ ନମ୍ବର: (06856)-291081 & ଇ-ମେଲ୍: eemirgd@yamil.com

ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି

ନିଲାମ ଡାକର ସଂଖ୍ୟା ଅନ୍‌ଲାଇନ-୦୪/କ୍ଷୁ:ଜ:ବି ରାୟଗଡ଼ା/୨୦୨୪-୨୫
(BID IDENTIFICATION NO. ONLINE - 04/MID RGD/2024-25)
ପତ୍ର ସଂଖ୍ୟା: ୩୬୮୭ // କ୍ଷୁ:ଜ:ବି ରାୟଗଡ଼ା // ତାରିଖ: ୧୭।୧୦।୨୦୨୪

No. A-438: ମହାମହିମ ରାଜ୍ୟପାଳ, ଓଡ଼ିଶାଙ୍କ ତରଫରୁ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା ଦ୍ୱାରା ଶତକଡ଼ା ହାର ଚୁକ୍ତି (Percentage Rate Contract)ରେ ଯୋଡ଼ା ଆବରଣ ପଦ୍ଧତି (Double Cover System) ଦ୍ୱାରା ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି ଅନ୍‌ଲାଇନ ଜରିଆରେ ନିମ୍ନ ସାରଣୀ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଉଛି।

| | | |
|---|---|---|
| ୧ | କାମର ନାମ | ରାୟଗଡ଼ା ଜିଲ୍ଲାରେ କାପେକ୍ସ ରୋଡ୍ (CAPEX Road) ଯୋଜନାରେ ୦୩ ଗୋଟି କେନାଲ ଓ MIP ଡ୍ୟାମ୍ ରୋଡ୍‌ର ଉନ୍ନତୀକରଣ |
| ୨ | ସର୍ବମୋଟ କାମର ସଂଖ୍ୟା | ୦୩ (ତିନି) ମାତ୍ର |
| ୩ | ଅଟକଳ ମୂଲ୍ୟ | ଆନୁମାନିକ ୬୨.୪୪ରୁ ୮୨.୪୬ ଲକ୍ଷ |
| ୪ | ଠିକାଦାରଙ୍କ ଶ୍ରେଣୀ | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲେଖିତ |
| ୫ | କାର୍ଯ୍ୟର ସମାପ୍ତି କାଳ | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲେଖିତ |
| ୬ | ନିଲାମ ଉପଲବ୍ଧିର ତାରିଖ ଓ ସମୟ | ତା୨୩।୧୦।୨୦୨୪ରିଖ ଦିବା ୧୦.୦୦ ଘଟିକାଠାରୁ ତା୦୬।୧୧।୨୦୨୪ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୭ | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | ତା୦୬।୧୧।୨୦୨୪ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୮ | ଯାନ୍ତ୍ରିକ ନିଲାମ ଖୋଲିବା ତାରିଖ ଓ ସମୟ ଏବଂ ସ୍ଥାନ | ତା୦୭।୧୧।୨୦୨୪ରିଖ ଦିବା ୧୧.୦୦ ଘଟିକା ପର୍ଯ୍ୟନ୍ତ ଏବଂ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ାଙ୍କ କାର୍ଯ୍ୟାଳୟ |
| ୯ | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ାଙ୍କ କାର୍ଯ୍ୟାଳୟ |
| ୧୦ | ନିଲାମରେ ଭାଗନେବା ଓ ନିଲାମ ସୁରକ୍ଷା ଦେୟ ପୈଠ କରିବାର ପଦ୍ଧତି | ଅନ୍‌ଲାଇନ |

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା

OIPR-32524/11/0008/2425

## GOVERNMENT OF ODISHA OFFICE OF THE SUPERINTENDING ENGINEER MINOR IRRIGATION DIVISION, ANANDAPUR

AT/P.O- SALAPADA, DIST-KEONJHAR, PIN-758020
ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)
No.A-421: (WORLD BANK PROJECT ID: PI63533)
REQUEST FOR BIDS (RFB) E-Procurement Notice
NATIONAL OPEN COMPETITIVE PROCUREMENT FOR SMALL WORKS
RFB No.OIIPCRA-AND/W2-3/2024-25, Date 08.10.2024

| | |
|---|---|
| Name of Work | Modernisation to Distribution System of Sindhei MIPs under M.I. Division, Anandapur |
| No. of Works | 01 Minor Irrigation Tanks |
| Estimated Cost | Rs.916.56 Lakhs Approx (Total estimated cost of 01 tanks Rs.916.56) |
| Cost of Bid Document | Free of Cost |
| Period of Completion | As per DTCN |
| Availability of bid documents | From 21.10.2024 from 10.00 Hrs. to 20.11.2024 upto 15.00 Hrs. in the e-procurement website (https://tendersodisha.gov.in) |
| Date of Pre-Bid Meeting | 28.10.2024 As per Para-7 of DTCN |
| Last date & time of receipt of bid | Upto 20.11.2024, 15.00 Hrs. through online |
| Period of receipt of bid security | To be paid online alongwith the bid. Bank Guarantees also acceptable subject to verification |
| Date of Opening of technical bid | On dt.20.11.2024 at 15.30 Hrs. |
| Date of Opening of financial bid | To be intimated online after off-line evaluation of Technical Bid |
| Digital Signature Certificate of Bidder | The Bidder must possess compatible digital signature certificate (DSC) of Class-II or III. |
| The detail tender call notice can also be seen in the DOWR website | https://dowrodisha.gov.in https://octdms.in |
| Name & Address of the OIT | Superintending Engineer, M.I. Division, Anandapur,At/Po-Salapada, Dist-Keonjhar, PIN-758020, E-mail:mianandapur@yahoo.co.in |
| Further details can be seen from the e-procurement market place in | https://tendersodisha.gov.in |
| | Superintending Engineer, M.I.Division, Anandapur |

Sd./- Superintending Engineer,
M.I.Division, Anandapur

OIPR-32108/11/0009/2425

## ସଂକ୍ଷେପରେ

### ଗୁଜରାଟରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ନର୍ଲା, ୧୮।୧୦ (ସନ୍ତୋଷ ପାତ୍ର):** ଦାଦନ ଖଟିବାକୁ ଗୁଜରାଟ ଯାଇଥିବା କଳାହାଣ୍ଡି ଜିଲାର ଜଣେ ଦାଦନ ଶ୍ରମିକଙ୍କ ଦୁଇଦିନ ପୂର୍ବେ ମୃତ୍ୟୁ ଘଟିଛି। ସେ ହେଲେ ନର୍ଲା ବ୍ଲକ ନିଶାନପୁର ଗ୍ରାମର ଥବିର ଗଉଡ (୨୩)। ଗରିବ ଶ୍ରେଣୀର ଯୁବକ ଥବିର ପରିବାର ପ୍ରତିପୋଷଣ ପାଇଁ ପାଞ୍ଚମାସ ତଳେ ଗୁଜରାଟର ରାଜକୋଟକୁ ଯାଇ ଶ୍ରମିକ ଭାବେ ନିୟୋଜିତ ଥିଲେ। କିଛିଦିନ ପୂର୍ବେ ହଠାତ୍ ତାଙ୍କୁ ଭୀଷଣ ଜ୍ୱର ହୋଇଥିଲା। ସେଠାରେ ଥିବା ତାଙ୍କ ସାଙ୍ଗ ଲୋକନାଥ ରଣା ତୁରନ୍ତ ତାଙ୍କୁ ଏକ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଗତ ବୁଧବାର ତାଙ୍କର ମୃତ୍ୟୁ ଘଟିଥିଲା। ଲୋକନାଥ ଏ ବିଷୟରେ ତାଙ୍କ ପରିବାରକୁ ଜଣାଇଥିଲେ। ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ଲୋକନାଥଙ୍କୁ ହସ୍ତାନ୍ତର କରାଯାଇଥିଲା। ଲୋକନାଥ ଆମ୍ବୁଲାନ୍ସ ଯୋଗେ ତାଙ୍କ ମୃତଦେହ ଜନ୍ମମାଟିକୁ ଆଣୁଥିବା ଜଣାପଡିଛି। ଶନିବାର ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

### ଦୁର୍ଘଟଣାରେ ଚାଷୀଙ୍କ ମୃତ୍ୟୁ

**କୋକସରା, ୧୮।୧୦ (ଦୁଷ୍ମନ୍ତ କୁମାର ପାଢୀଯୋଷୀ):** କଳାହାଣ୍ଡି ଜିଲା କୋକସରା ଥାନା ଛିଲିପାମାଲରୁ ଢ଼ହଗାଁ ରାସ୍ତା ମଝିରେ ଶୁକ୍ରବାର ସକାଳେ ଏକ ବାଇକ୍ ଧକ୍କା ଦେବାରୁ ଚାଷଜମିକୁ ଯାଉଥିବା ଛିଲିପାମାଲ ଗ୍ରାମର ଚାଷୀ ବିଳାମ୍ବର ନାଗ (୫୫) ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ କୋକସରା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ସଦର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଆମ୍ବୁଲାନ୍ସରେ ବିଶାଖାପାଟଣା ନେବା ବେଳେ କୋକସରା ନିକଟରେ ମୃତ୍ୟୁ ହୋଇ ଯାଇଥିଲା। ପରେ ପରିବାର ଲୋକେ କୋକସରା ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଫେରାର ହୋଇଯାଇଛନ୍ତି। ପରିବାର ଲୋକେ କୋକସରା ଥାନାର ଦ୍ୱାରସ୍ଥ ହୋଇ କ୍ଷତିପୂରଣ ଦାବି କରିଛନ୍ତି। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

### କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଖାରବନ୍ଧ, ୧୮।୧୦ (ଦେବେନ୍ଦ୍ର ସାହୁ):** ଖାରବନ୍ଧ ବ୍ଲକ ଅନ୍ତର୍ଗତ ବିଜାଢୋଲ ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଉତ୍ସବକୁ ମୁଖ୍ୟଅତିଥି ଭାବେ ଖାରବନ୍ଧ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭମ କୁମାର ପତି ଯୋଗଦାନ କରି ଉଦ୍ଘାଟନ କରିଥିଲେ। ଖାରବନ୍ଧ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୟାନିଧି ସାହୁ, ସିଆରସିସି ଦିବ୍ୟକିଶୋର ପଣ୍ଡା, ଖାରବନ୍ଧ ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ହୃଷୀକେଶ ପୋଡ଼, ଧ୍ରୁବଚରଣ ହାତୀ, ଲକ୍ଷ୍ମଣ ଶଗର, ଏବିଓ ଦୟାନିଧି କୈବର୍ତ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବରେ ଖାରବନ୍ଧ କ୍ଲଷ୍ଟରରୁ ଆସିଥିବା ୧୪ଟି ସ୍କୁଲରୁ ପ୍ରାୟ ୨୫୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ମୁଖ୍ୟ ଅତିଥି ପତି ତାଙ୍କ ଅଭିଭାଷଣରେ କହିଥିଲେ, କୁନି କୁନି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ସହିତ କଳା ପ୍ରତି ରହିଥିବା ମନୋବଳକୁ ସ୍କୁଲ, କ୍ଲଷ୍ଟର, ବ୍ଲକ ଓ ଜିଲାରୁ ରାଜ୍ୟ ସ୍ତରରେ ପହଞ୍ଚି ସୁନାମ ଅର୍ଜନ କରିପାରିବେ, ଏହା ହେଉଛି ସୁରଭିର ସୁନ୍ଦର ମାଧ୍ୟମ। ଶିକ୍ଷକ ଦିବ୍ୟ କିଶୋର ପାଣ୍ଡେ ମଞ୍ଚ ପରିଚାଳନା କରିଥିବା ବେଳେ ସିଆରସିସି ଗୋପାଳ ହରିଜନ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଲୁ ଆକ୍ରମଣରେ ଗୁରୁତର

**ରାଉରକେଲା, ୧୮।୧୦ (ଦିନେଶ ମିଶ୍ର):** ଭାଲୁ ଆକ୍ରମଣରେ ବଣାଇ ଥାନା ନରେନ୍ଦ୍ର ଅଞ୍ଚଳର ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଜୁଲିଆ ହେମ୍ରମ୍(୫୬)। ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଜୁଲିଆ ଘର ନିକଟ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବା ପାଇଁ ଯାଇଥିବାବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସେ ଚିତ୍କାର କରିବାରୁ କିଛି ଲୋକ ଦୌଡ଼ି ଆସିବାରୁ ଭାଲୁ ପଳାଇଯାଇଥିଲା। ଭାଲୁ ଆକ୍ରମଣରେ ମହିଳାଙ୍କ ବାମଜଙ୍ଘ ଓ ଛାତିରେ ଖୁବ୍ ଜୋରରେ ଆଘାତ ଲାଗିଛି।

# ତଦନ୍ତରେ ବିଳମ୍ବ ନେଇ ଅସନ୍ତୋଷ

## ସଫେଇ ଟେଣ୍ଡରରେ କେଳେଙ୍କାରୀ

**ଭବାନୀପାଟଣା, ୧୮।୧୦ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ପୌରପାଳିକାରେ ସଫେଇ ଟେଣ୍ଡର କେଳେଙ୍କାରୀ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏ ନେଇ ଅଭିଯୋଗ ପରେ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତଦନ୍ତ ବିଳମ୍ବ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଭବାନୀପାଟଣା ପୌରପାଳିକାରେ ଗତ ଜୁନ ୨୬ରେ ସଫେଇ କାର୍ଯ୍ୟକୁ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଚୟନ କମିଟିର ଅନୁମୋଦନ କ୍ରମେ ଗ୍ରିନ ସର୍କଲ ଏନ୍‌ଭାଇରନ୍‌ମେଣ୍ଟ ପ୍ରାଇଭେଟ




ଲିମିଟେଡକୁ ଏଲ- ୧ ବିବେଚନା କରାଯାଇଥିଲା। ପୌରପାଳିକା ପକ୍ଷରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ଅଗଷ୍ଟ ୧ରୁ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଟେଣ୍ଡର ନିୟମାବଳିକୁ ଉଲ୍ଲଂଘନ କରାଯାଇ ଏଲ- ୧ ବିବେଚିତ ସଂସ୍ଥାକୁ ଏକବର୍ଷ ନିମନ୍ତେ ଏଗ୍ରିମେଣ୍ଟ ପରିବର୍ତ୍ତେ ୧ମାସ ପାଇଁ ଏଗ୍ରିମେଣ୍ଟ କରାଯାଇଥିଲା। ପୌରପାଳିକା ସଂସ୍ଥାର କାର୍ଯ୍ୟ ଉପରେ ଅସନ୍ତୋଷ ପ୍ରକାଶ କରି ଗତ ଅଗଷ୍ଟ ୯ରେ କାରଣଦର୍ଶାଅ ନୋଟିସ ଜାରି କରିଥିଲା। ଏହାପରେ ଅଗଷ୍ଟ ୨୯ରେ ଏହି ସଂସ୍ଥାର କାର୍ଯ୍ୟାଦେଶକୁ ବାତିଲ କରାଯାଇଥିଲା। ପରେ ନୂଆ ଟେଣ୍ଡର ଆହ୍ୱାନ କରା ନ ଯାଇ ସେହି ଅଗଷ୍ଟ ୨୯ରେ ଚନ୍ଦନ ସିକ୍ୟୁରିଟିକୁ ଟେଣ୍ଡର ଦିଆଯାଇଥିଲା। ଏ ବାବଦରେ ପୂର୍ବତନ ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଜିଲାପାଳ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଡୁଡ଼ା ପିଡିଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତଦନ୍ତରେ ବିଳମ୍ବ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିଲେ ମଧ୍ୟ କେହି ମୁହଁ ଖୋଲୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଜିଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ କଳାହାଣ୍ଡି ଡୁଡା ପିଡି ମୁନୀନ୍ଦ୍ର ହୋନାଗାଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି, ଖୁବ୍‌ଶୀଘ୍ର ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ।

# ଉଦ୍ୟାନ ବିଭାଗ ବଗିଚା ଅସାମାଜିକଙ୍କ ଆଡ୍ଡାସ୍ଥଳୀ



ଉଦ୍ୟାନ ବଗିଚାରେ ଗଛ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି।

**କର୍ଲାମୁଣ୍ଡା, ୧୮।୧୦ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ସରଗୁଲ ମାଲପଡ଼ା ଚିନାଭାଠାରେ ଥିବା ଉଦ୍ୟାନ ବିଭାଗ ବଗିଚା ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ୧୯୯୪-୯୫ରେ ଉଦ୍ୟାନ ବିଭାଗ ପକ୍ଷରୁ ୫ ଏକର ଜାଗାରେ ଆମ୍ବ ବଗିଚା ହୋଇଥିଲା। ତେବେ ବିଭାଗୀୟ ଅଧିକାରୀଙ୍କ ଅନ୍ତରିକତା ଅଭାବରୁ ଏହି ବଗିଚା ନିଶାସକ୍ତଙ୍କ ପାଇଁ ଉପଯୁକ୍ତ ସ୍ଥାନ ପାଲଟିଛି। ଅନ୍ୟପଟେ ଏଠାରେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ନିର୍ମାଣ ହୋଇଥିଲେ ମଧ୍ୟ ବିଭାଗ ପକ୍ଷରୁ କେହି ନ ରହିବାରୁ ଗୃହଟି ଭଗ୍ନ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ଏହାବ୍ୟତୀତ ରକ୍ଷଣାବେକ୍ଷଣ ଅଭାବରୁ ବଗିଚାରେ ଥିବା ଅନେକ ଆମ୍ବଗଛ ମରିଗଲାଣି। ଏ ନେଇ ଉଦ୍ୟାନ ବିଭାଗ ଏଏଚ୍‌ଓ ରିଙ୍କୁ ପ୍ରଧାନଙ୍କୁ ପଚାରିବାରୁ ଉଦ୍ୟାନ ବଗିଚାର ପୁନରୁଦ୍ଧାର କରାଯିବ। ବର୍ତ୍ତମାନ ବଗିଚାରେ ପାଚେରି ନିର୍ମାଣ ପାଇଁ ଅନୁଦାନ ଆସିଛି, ଜାନୁଆରୀ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।



ମା' ସୁନାଦେଈଙ୍କ ଛତରକୁ ଗ୍ରାମ ପରିକ୍ରମା କରାଯାଉଛି।

# ଭଡ଼ାଘରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

**ଭବାନୀପାଟଣା, ୧୮।୧୦ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସହର ବାହାଦୁର ବଗିଚାପଡ଼ାର ଏକ ଭଡ଼ାଘରୁ ଶୁକ୍ରବାର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ଟାଉନ ଥାନା ପୋଲିସ ଜବତ କରିଛି। ମୃତା ଯୁବତୀ ହେଲେ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଜନକପୁର ଗ୍ରାମର ମନୀଷା ଗୌଡ (୨୩ )। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ମିଳିଥିବା ସୂଚନା ଅନୁଯାୟୀ, ମନୀଷା ସ୍ଥାନୀୟ ଏକ ବାଇକ୍ ଶୋ'ରୁମରେ କାମ କରୁଥିବାବେଳେ ନିଜ ଭାଣିଜୀଙ୍କ ସହ ବାହାଦୁର ବଗିଚାପଡ଼ାର ଏକ ଭଡାଘରେ ରହୁଥିଲେ। ଶୁକ୍ରବାର ସକାଳୁ ଭାଣିଜୀଙ୍କୁ ଟ୍ୟୁଶନ ପଠାଇ ସେ ଘରେ ଏକାକୀ ରହିଥିଲେ। ଭାଣିଜୀ ୯ଟାରେ ଟ୍ୟୁଶନ ସାରି ଘରକୁ ଫେରିବା ବେଳକୁ ବେକରେ ଓଢ଼ଣି ଲଗାଇ ମନୀଷା ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ମୃତା ଯୁବତୀଙ୍କ ଭାଇ ତାଙ୍କ ଭଉଣୀଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଦେହରେ ଜଣେ ଯୁବକଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଏକ ମାମଲା (ନଂ.୪୨୫/୨୪) ରୁଜୁ ହୋଇଛି।

# ମା' ସୁନାଦେଈଙ୍କ ଛତରଯାତ୍ରା ସମ୍ପନ୍ନ

**କୋମନା, ୧୮।୧୦ (ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନା ବ୍ଲକ୍ ସୁନାବେଡ଼ା ଅଭୟାରଣ୍ୟରେ ଅବସ୍ଥିତ ମା' ସୁନାଦେଈଙ୍କ ପ୍ରସିଦ୍ଧ ଛତରଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ମା'ଙ୍କ ମନ୍ଦିର ପୂଜକ ବିଶ୍ରାମ ଛତ୍ରିଆଙ୍କ ଦ୍ୱାରା ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ମା' ଭକ୍ତମାନଙ୍କୁ ଦର୍ଶନ ଦେବା ପରେ ମନ୍ଦିରରୁ ଛତର ବାହାରି ଲିଙ୍ଗଭଟାକୁ ଯାଇଥିଲେ। ଏହି ସମୟରେ ଘଣ୍ଟ, ଶଙ୍ଖ, ବାଜାରେ ଗାଁ ପ୍ରକମ୍ପିତ ହୋଇଉଠିଥିଲା। ଲିଙ୍ଗଭଟାରେ ଛତରପୂଜା ପରେ ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର ତଥା ପଡ଼ୋଶୀ ରାଜ୍ୟ ଛତିଶଗଡ଼ରୁ ଆସିଥିବା ମାନସିକଧାରୀ ମା'ଙ୍କ ନିକଟରେ ବଳି ଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ। ଲିଙ୍ଗଭଟା ପୂଜା ସରିବା ପରେ ଛତର ଗାଁ ପରିକ୍ରମା କରି ମନ୍ଦିରକୁ ଆସିଥିଲେ। ଯାତ୍ରା କମିଟି ସଦସ୍ୟ ହରିସିଂ ପୂଜାରୀ, ସଦନ ବର୍ଗେ, ଗୋପାଳ ସିଂ ବର୍ଗୀ, ଭୁଜବଳ ମାଝି, ବୀରବଲ ବାରିକ, ବିଜୟ ସିଂ ଝାଙ୍କର, ଉମା ଛତ୍ରିଆ, ଯୁବରାଜ ଛତ୍ରିଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ: ବିନୋପୁର ଚାମ୍ପିୟନ

**ବୋଡ଼େନ, ୧୮।୧୦ (ଟିକେଶ୍ୱର ନାଗ)**

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଖଇରା ପଞ୍ଚାୟତ ଶୁକଳପୁରଠାରେ ଯୁବକ ସଂଘ ଦ୍ୱାରା ଆୟୋଜିତ ମା' ମୁଙ୍ଗେଦେବୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ବିନୋପୁର ଓ ଟେମରି ମଧ୍ୟରେ ହୋଇଥିବାବେଳେ ଟାଇବ୍ରେକର ଶୁଟ୍ ଜରିଆରେ ବିନୋପୁର ବିଜୟୀ ହୋଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ବିଜେତା ଦଳକୁ ଟ୍ରଫି ସହ ୧୪ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ସଭାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଲମ୍ବୋଦର ନିଆଲ ମୁଖ୍ୟ ଅତିଥି ଓ ସାମାଜିକ କର୍ମୀ ମଝିଆ ମାଝି, ଭୁବନେଶ୍ୱର ରାଉତ, ସତ୍‌ପାଲ ସିଂ ଛାବଡା, ଭୁବନେଶ୍ୱର ମାଝି, ସ୍ଥାନୀୟ ସରପଞ୍ଚ କୈଳାସ ଚନ୍ଦ୍ର ଦଲ, ପୋଲିସ ଏଏସ୍‌ଆଇ ବିଘ୍ନରାଜ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଖେଳ ପରିଚାଳନାରେ ସୁବାସ ଯୋଷୀ, ପ୍ରଭୁଦତ୍ତ ଦୀପ, ଶୈଳେନ୍ଦ୍ର ଦୀପ ସହଯୋଗ କରିଥିଲେ। ଶେଷରେ ତୁଳସୀରାମ ମାଝି ଧନ୍ୟବାଦ ଦେଇଥିଲେ।

# ବଡଭାଇ ଟାଙ୍ଗିଆ ଚୋଟରେ ସାନଭାଇ, ଭାଇବୋହୂ ଲହୁଲୁହାଣ

**ବଲାଙ୍ଗୀର/ଟିଟିଲାଗଡ, ୧୮।୧୦ (ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)**

## ଜମି ବିବାଦକୁ କେନ୍ଦ୍ର କରି ଭାଇ-ଭାଇ ଭିତରେ ଗଣ୍ଡଗୋଳ

ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଛତାଭଟା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବଡଭାଇର ଟାଙ୍ଗିଆ ଚୋଟରେ ସାନଭାଇ ଓ ଭାଇବୋହୂ ଲହୁଲୁହାଣ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ଛତାଭଟା ଗ୍ରାମର ଧ୍ରୁବ ଆଡଯୁଏଡ (୪୧) ଓ ତାଙ୍କ ସ୍ତ୍ରୀ ଦୀପାଞ୍ଜଳି ଚାଷ ଜମିରେ କାମ କରୁଥିଲେ । ଏହି ସମୟରେ ଧ୍ରୁବଙ୍କ ବଡ଼ଭାଇ ପ୍ରସନ୍ନ ଆଡଯୁଏଡ (୫୭) ଓ ତାଙ୍କ ସ୍ତ୍ରୀ ସେଠାରେ ପହଞ୍ଚି ସେହି ଜମିରେ କାହିଁକି ଚାଷ କାମ କରୁଛ ବୋଲି ପ୍ରଶ୍ନ କରିଥିଲେ। ଏହାପରେ ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ଉତ୍ତ୍ୟକ୍ତ ହୋଇ ବଡ଼ଭାଇ ପ୍ରସନ୍ନ ଏକ ଟାଙ୍ଗିଆରେ ସାନଭାଇ ଓ ଭାଇବୋହୂଙ୍କୁ ଆକ୍ରମଣ କରିଥିଲେ। ରକ୍ତାକ୍ତ ଅବସ୍ଥାରେ ଧ୍ରୁବ ଓ ଦୀପାଞ୍ଜଳି ସିନ୍ଧେକେଲା ଥାନାକୁ ଆସି ଅଭିଯୋଗ କରିଥିଲେ। ପରେ ଉଭୟଙ୍କୁ ସିନ୍ଧେକେଲା ଡାକ୍ତରଖାନା ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ଟିଟିଲାଗଡ ହସ୍ପିଟାଲ ନିଆଯାଇଥିଲା। ଦୀପାଞ୍ଜଳୀଙ୍କୁ ଭବାନୀପାଟଣା ସ୍ଥାନାନ୍ତରିତ କରାଯାଇଥିବା ବେଳେ ଧ୍ରୁବ ଟିଟିଲାଗଡ଼ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ସିନ୍ଧେକେଲା ପୋଲିସ ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (୨୯୫/୨୪) ରୁଜୁ କରି ପ୍ରସନ୍ନ ଓ ତାଙ୍କ ସ୍ତ୍ରୀଙ୍କୁ ଅଟକ ରଖିଥିଲା। ପରେ ପ୍ରସନ୍ନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ପ୍ରସନ୍ନଙ୍କ ସ୍ତ୍ରୀ ପୁଷ୍ପବତୀଙ୍କୁ ଆଘାତ ଲାଗିଥିବାରୁ ଗିରଫ କରାଯାଇ ନ ଥିବା ଜଣାପଡିଛି। ସିନ୍ଧେକେଲା ଆଇଆଇସି ବସନ୍ତ କୁମାର ଦଳାଇ ଘଟଣାର ତଦନ୍ତ କରାଯାଉଛି ବୋଲି କହିଛନ୍ତି। ପ୍ରସନ୍ନଙ୍କ ନାଁରେ ପୂର୍ବରୁ ମଧ୍ୟ ଅନେକ ମାମଲା ରହିଥିବା ଜଣାପଡିଛି।

# ଜ୍ୟୋତିବା ରାଓ ଫୁଲେଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଧର୍ମଗଡ଼, ୧୮।୧୦ (ଆକାଶ କୁମାର ଜଗତ)**

## ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଗୋଡ଼ଭଞ୍ଜା ଗୋଲେଇ ଛକ ନିକଟରେ ଜ୍ୟୋତିବା ରାଓ ଫୁଲେଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ଜାଗା ପ୍ରଦାନ ନିମନ୍ତେ ଶୁକ୍ରବାର ଏସ୍‌ସି, ଏସ୍‌ଟି, ଓବିସି ମିଳିତ ମହାସଂଘ ପକ୍ଷରୁ ସ୍ଥାନୀୟ ଉପଜିଲାପାଳ ଧିମାନ ଚକମାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଯାଦବ ମହାସଭା ପୂର୍ବତନ ସଭାପତି ଡମ୍ବରୁଧର ଲହଜଲଙ୍କ ଆହ୍ୱାନ କ୍ରମେ ସରପଞ୍ଚ ସଂଘ ସଭାପତି ହାତୀରାମ ଦୁର୍ଗା, ଜିଲାପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ବ୍ରାହ୍ମଣ ଛେଣ୍ଡିଆ ସରପଞ୍ଚ ମନୋଜ ନାଏକ, ଗଡିଆଯୋର ସରପଞ୍ଚ ଉଦିତ କୁମାର ନାଏକ, ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ, ବଗାଡ଼ ସରପଞ୍ଚ ପ୍ରତିନିଧି ଜଗଦୀଶ ଚନ୍ଦ୍ର ଗଉଡ଼, ଢଗ ନାଏକ, ଡାକେ ଲହଜଲ ପ୍ରମୁଖ ଉପସ୍ଥିତ ଥିଲେ।

# କଳାହାଣ୍ଡିରେ ତ୍ରୈସିଦ୍ଧାନ୍ତ ଭଗବଦ୍ ଗୀତା ପ୍ରଚାର

**ଭବାନୀପାଟଣା, ୧୮।୧୦ (ଉତ୍ତମ କୁମାର ଦାଶ)**

ଶ୍ରୀ ଶ୍ରୀ ଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱରଙ୍କର ଦିବ୍ୟ ଆଶୀର୍ବାଦ ସହିତ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ଗତ ୮ ଦିନ ଧରି ତ୍ରୈସିଦ୍ଧାନ୍ତ ଭଗବଦ୍ ଗୀତାର ପ୍ରଚାର କରାଯାଇଥିଲା। ଏଥିରେ ସୁଦୂର ଆନ୍ଧ୍ରପ୍ରଦେଶ ରାଜ୍ୟ ଓ ପଡୋଶୀ ରାୟଗଡା ଜିଲାର ୨ ଶହରୁ ଊର୍ଦ୍ଧ୍ୱ ତ୍ରୈସିଦ୍ଧାନ୍ତ ପ୍ରବୋଧ ସେବା ସମିତି, ଇନ୍ଦୁ ଜ୍ଞାନ ବେଦିକ କମିଟି, ତଳାସାମୁଦ୍ରା, ଖୁରଦା, ସତ୍ୟରାମ, ବୋଡାମ, ଆନନ୍ଦଶ୍ରମର ସଦସ୍ୟମାନେ ସାମିଲ ହୋଇଥିଲେ। ଏହି ଅବସରରେ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ବୋଧିତ ଭାବନାକୁ ଭଗବଦ୍ ଗୀତାରେ ଉପସ୍ଥାପନା କରାଯାଇଥିବା ପଙ୍‌କ୍ତିଗୁଡିକୁ ଲୋକଙ୍କୁ ବୁଝାଯାଇଥିଲା।



ଭଗବଦ୍ ଗୀତା ପ୍ରଚାର କରାଯାଉଛି।

# ଗେଟ୍‌ରେ ତାଲା, ରାସ୍ତାରେ ବସିଲେ ଛାତ୍ରୀଛାତ୍ର

**କେସିଙ୍ଗା, ୧୮।୧୦ (ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍‌ର ବାଲସିସ୍ଥିତ ଜବାହର ଉଚ୍ଚ ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ ବଂଶୀଧର ରାଉତଙ୍କୁ ଶିକ୍ଷା କମିଟି ଯୋଗଦାନ କରାଇ ନ ଦେବା ଜିଦ୍‌ରେ ୫ଦିନ ହେଲା ସ୍କୁଲ ଆଗରେ ଗଣଧାରଣା ଦେଇଛି। ଦଶହରା ଛୁଟି ପରେ ଶୁକ୍ରବାର ସ୍କୁଲ ଖୋଲିଥିଲେ ବି ଧାରଣା ଜାରି ରହିଥିବାରୁ ଛାତ୍ରୀଛାତ୍ର ସ୍କୁଲ ସମ୍ମୁଖ ମୁଖ୍ୟ ରାସ୍ତାରେ ବସିରହିଥିବା ଦେଖିବାକୁ ମିଳିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାର ପ୍ରଶାନ୍ତି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ପିଲାଙ୍କୁ ଛୁଟି କରିଦେଇଥିଲେ। ପରେ ପ୍ରଶାସନ ପକ୍ଷରୁ ତହସିଲଦାର ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା ଶିକ୍ଷା କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନାକରି ଧାରଣାରୁ ଓହରିଯିବା ପାଇଁ କହିଥିଲେ



ଜବାହର ଉଚ୍ଚ ବିଦ୍ୟାପୀଠ ଆଗରେ ଶିକ୍ଷା କମିଟି କର୍ମକର୍ତ୍ତାଙ୍କ ସହ ଛାତ୍ରୀଛାତ୍ର।

ମଧ୍ୟ ସୁଫଳ ମିଳି ନ ଥିଲା। ସୂଚନାକ୍ରମେ ୩ ବର୍ଷ ପୂର୍ବେ ଉକ୍ତ ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ ବଂଶୀଧର ରାଉତଙ୍କୁ ଏହି ବ୍ଲକର କଟେଶର ଗ୍ରାମସ୍ଥିତ

## ଛୁଟି ପରେ ଖୋଲିଲା ସ୍କୁଲ

କପିଳେଶ୍ୱର ହାଇସ୍କୁଲକୁ ଡେପୁଟେଶନରେ ପଠାଯାଇଥିଲା। ତାଙ୍କୁ ପୁନଶ୍ଚ ଜବାହର ଉଚ୍ଚ ବିଦ୍ୟାପୀଠକୁ ଫେରାଇ ଆଣିବା ପାଇଁ ଜିଲାପାଳ ତାଙ୍କ ଚିଠି ସଂଖ୍ୟା ୬୩୮୯/୭।୧୦।୨୪ରେ ଆଦେଶ ଦେଇଛନ୍ତି। ତଦନୁଯାୟୀ ଗତ ସୋମବାର ପ୍ରଧାନ ଶିକ୍ଷକ ଉକ୍ତ ବିଦ୍ୟାପୀଠକୁ ଯୋଗଦାନ କରିବାକୁ ଆସିଥିଲେ। ହେଲେ ଶିକ୍ଷା କମିଟି ସଭାପତି ଗୋପାଳ ସାହୁଙ୍କ ନେତୃତ୍ୱରେ ସଦସ୍ୟମାନେ ତାଲା ପକାଇ ଧାରଣା ଦେଇଥିବାରୁ ସେ ଯୋଗଦେଇପାରି ନ ଥିଲେ। ଏ ସଂକ୍ରାନ୍ତରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବେହେରାଙ୍କୁ ପଚାରିବାରୁ ଡିଇଓଙ୍କ ସହ କଥା ହୋଇଛି, ଜିଲାପାଳଙ୍କ ସହ ଆଲୋଚନା ପରେ ଶନିବାର ଏହା ଉପରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ବିଷ ଖାଇ ଯୁବକଙ୍କ ଆତ୍ମହତ୍ୟା

**ପାଇକମାଲ, ୧୮।୧୦(ବଡ ଶତପଥୀ):** ପାଇକମାଲ ଥାନା ଅଧୀନ ମୁଣ୍ଡେଲା ଗ୍ରାମର ଜଣେ ଯୁବକ ବିଷ ଖାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଜୟପାଲ ବାରିକ (୫୦)। ପାଇକମାଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଡାକ୍ତରଖାନା ପଠାଇଛି। ଏ ନେଇ ପାଇକମାଲ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୪) ରୁଜୁ ହୋଇଛି।

### ନାବାଳିକାଙ୍କୁ ଅସଦାଚରଣ, ଯୁବକ ଗିରଫ

**ପାଇକମାଲ, ୧୮।୧୦(ବଡ ଶତପଥୀ):** ବରଗଡ଼ ଜିଲା ପାଇକମାଲ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ମୁଣ୍ଡେଲା ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପିଉସ ପଟେଲ (୨୪) । ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପାଇକମାଲ ଥାନାରେ ଏକ ମାମଲା (ନଂ.୨୫୪/୨୪) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ପିଉସ ଉକ୍ତ ନାବାଳିକାଙ୍କ ଘରକୁ ଯାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ କରିଥିଲେ। ଶାରୀରିକ ସମ୍ପର୍କ ନ ରଖିଲେ ନିଜ ମୋବାଇଲରେ ଥିବା ଉଲଗ୍ନ ଭିଡିଓ ଓ ଫଟୋ ଭାଇରାଲ କରିବା ପାଇଁ ଯୁବକ ଜଣଙ୍କ ଉକ୍ତ ନାବାଳିକାଙ୍କୁ ଧମକ ଦେଇଥିଲେ। ଏହାସହିତ ନାବାଳିକାଙ୍କ ପିତାଙ୍କୁ ଜୀବନରୁ ମାରି ଦେବା ଧମକ ଦେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ପାଇକମାଲ ଥାନାଧିକାରୀ ସୁଶାନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# କଂସ ଅଭିନେତାଙ୍କ ବିରୋଧରେ ବଢୁଛି ବିତର୍କ

## ଅଢ଼େଇ ମାସ ପରେ ବରଗଡ଼ ଧନୁଯାତ୍ରା

**ବରଗଡ଼, ୧୮।୧୦(ପ୍ରେମାନନ୍ଦ ଖମାରୀ):** ଆଉ ଅଢ଼େଇ ମାସ ପରେ ବରଗଡ଼ ଧନୁଯାତ୍ରା ମହୋତ୍ସବ। ଶନିବାର ସନ୍ଧ୍ୟାରେ ଧନୁଯାତ୍ରା ମହୋତ୍ସବ ସମିତି କାର୍ଯ୍ୟକାରିଣୀ ବୈଠକ ବସିବ। କିନ୍ତୁ ଏହା ପୂର୍ବରୁ ମହାପ୍ରୟାଣ ଗାଡ଼ିରେ ମୃତଦେହ ପରିବହନ ବାବଦକୁ ଟଙ୍କା ଆଣିବା ନେଇ ଧନୁଯାତ୍ରା କଂସ ଅଭିନେତା ହୃଷୀକେଶ ଭୋଇଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ନେଇ ବରଗଡ଼ ଜିଲାରେ ଚର୍ଚ୍ଚା ଜୋର୍ ଧରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମହାପ୍ରୟାଣ ଗାଡ଼ି ଚଳାଉଥିବା ହୃଷୀକେଶଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ନେଇ ବିଭାଗୀୟ ତଦନ୍ତ ଚାଲିଛି। କିନ୍ତୁ ସେ କଂସ ଅଭିନେତା ହୋଇଥିବା ଯୋଗୁ ଆସନ୍ତା ଧନୁଯାତ୍ରାକୁ ନେଇ ବିତର୍କ ଆରମ୍ଭ ହୋଇଯାଇଛି। ଧନୁଯାତ୍ରାରେ ହୃଷୀକେଶଙ୍କୁ ଏଥର ଅଭିନୟ ସୁଯୋଗ ଦିଆଯିବା ଉଚିତ୍ କି ନୁହେଁ, ତାକୁ ନେଇ ସବୁଠି ଚର୍ଚ୍ଚା। ଏ ନେଇ ବରଗଡ଼ ଜିଲାର ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ଏକ ମତାମତ ଭିତ୍ତିକ ଉପସ୍ଥାପନା।

### କଳାକାର ଯତ୍ନଶୀଳ ହେବା କଥା



“କଂସ ଭୂମିକା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଭିନୟ। ବରଗଡ଼ରେ ଯଦି ଏହା ଅଭିନୀତ ହେଉଛି, ଏହା ସାରା ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଛି। ଅଭିନୟ ହେଲେ ବି ବାସ୍ତବିକ କ୍ଷେତ୍ରରେ କଂସ ଅଭିନେତାଙ୍କଠାରୁ ସେଭଳି ଅଭାବନୀୟ କାର୍ଯ୍ୟ ଆଶା କରାଯାଇ ନ ପାରେ। ତେବେ ଏହାର ସ୍ପଷ୍ଟୀକରଣ ହୋଇଯିବା ଉତ୍ତମ ହେବ। ଘଟଣାକୁ ନେଇ କାଁ ଭାଁ ଚର୍ଚ୍ଚା ଚାଲିଛି। ଏଭଳି ଘଟଣା ଉତ୍ତର ପିଢ଼ିକୁ ସଂକ୍ରମିତ କରିବ ଏବଂ ଯେଉଁମାନେ କଂସ ଅଭିନୟ କରୁଛନ୍ତି, ସେମାନଙ୍କ ଗାରିମା କ୍ଷୁର୍ଣ୍ଣ ହେବା ଆଶଙ୍କା ରହିଛି। ଅଭିନୟ ହେଲେ ମଧ୍ୟ ଏଭଳି ଗୁରୁତ୍ୱପୂର୍ଣ୍ଣ ଚରିତ୍ରର ଅଭିନେତାଙ୍କୁ ଗଭୀର ସମ୍ମାନ ଦିଆଯାଏ। ଏଥିପ୍ରତି କଳାକାରମାନେ ଯତ୍ନଶୀଳ ହେବା କଥା।

—କିରଣ କୁମାର ମିଶ୍ର, ଆଡ୍‌ଭୋକେଟ, ବରଗଡ଼

### ବେଆଇନ କାମ କଲେ ବାହାର କରାଯାଉ



“ହୃଷୀକେଶଙ୍କୁ ଗତବର୍ଷ ଧନୁଯାତ୍ରା କଳାକାର ସଂଘର ସଭ୍ୟ ଭାବେ ଗ୍ରହଣ କରାଯାଇଛି। ସେତେବେଳେ ସେ କିଛି ଭୁଲ୍ କାମ କରିବେ ନାହିଁ ବୋଲି ଶପଥ ନେଇଥିଲେ। ତାଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଛି, ସତ ହେଲେ ତାହା ସାଂଘାତିକ। କଂସ ଅଭିନେତା ଭଳି ଜଣେ କଳାକାରଙ୍କଠାରୁ ତାହା କେବେ ଆଶା କରାଯାଇ ନ ପାରେ। ଧନୁଯାତ୍ରା ସରିବା ପରେ ମଧ୍ୟ କଂସ ମହାରାଜ ଭାବେ ଲୋକଙ୍କଠାରୁ ସମ୍ମାନ ମିଳେ। ଏହାସତ୍ତ୍ୱେ ତାଙ୍କ ବିରୋଧରେ ସେଭଳି ଅଭିଯୋଗ ଅତି ନିନ୍ଦନୀୟ। ଧନୁଯାତ୍ରା କଳାକାର ହୁଅନ୍ତୁ କିମ୍ବା କମିଟି କର୍ମକର୍ତ୍ତା ଯିଏ ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ପ୍ରମାଣ ମିଳିଲେ ଧନୁଯାତ୍ରାରୁ ସେମାନଙ୍କୁ ବାହାର କରାଯାଉ।

—ଦୟାନିଧି ପ୍ରଧାନ, ସଭାପତି, ଧନୁଯାତ୍ରା କଳାକାର ସଂଘ

### ଧନୁଯାତ୍ରା କମିଟି ସୁବିଚାର କରୁ



“ହୃଷୀକେଶ ଭୋଇ ମହାପ୍ରୟାଣ ଗାଡ଼ିର ଡ୍ରାଇଭର ଭାବେ ନିୟୋଜିତ ହେବା ଏକ ମହତ୍ କାର୍ଯ୍ୟ। କିନ୍ତୁ ଉକ୍ତ ପଦର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରି ଯେଉଁଭଳି ଭାବେ ସେ ନିଜ ଆଚରଣ ଦେଖାଇଛନ୍ତି ତାହା ସମାଜ ପାଇଁ କଳଙ୍କ। ଅପରପକ୍ଷେ ହୃଷୀକେଶ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବରେ କଂସ ଭୂମିକାରେ ଅଭିନୟ କରିଆସୁଛନ୍ତି। ଏଭଳିସ୍ଥଳେ ମହାପ୍ରୟାଣ ଗାଡ଼ିରେ ମୃତଦେହ ପରିବହନ ବାବଦକୁ ବେଆଇନ ଭାବେ ମୃତକଙ୍କ ପରିବାର ଲୋକଙ୍କଠାରୁ ଟଙ୍କା ଆଣିବା କାର୍ଯ୍ୟକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇବା ସୁନିଶ୍ଚିତ। ପ୍ରକୃତରେ କଂସ ଜ୍ଞାନୀ, ପଣ୍ଡିତ ଥିଲେ। କିନ୍ତୁ ପୌରାଣିକ ଏବଂ ଆଧୁନିକ କଂସ ମହାରାଜ ମଧ୍ୟରେ ବହୁତ ଫରକ୍ ରହୁଛି। ଏହାକୁ ଦୃଷ୍ଟିରେ ରଖି ଧନୁଯାତ୍ରା କମିଟି ସୁବିଚାର କରିବା ଉଚିତ୍।

—ସୁରେନ୍ଦ୍ର ପଣ୍ଡା, କୋଶଳ ସଂଗ୍ରାମୀ, ବରଗଡ଼

### ଅଭିଯୋଗ ସତ ହେଲେ ଅବ୍ୟାହତି ନେବା କଥା



“ବରଗଡ଼ ଧନୁଯାତ୍ରା ସବୁବେଳେ ନିଷ୍କଳଙ୍କ କଂସ ଖୋଜେ। ବର୍ତ୍ତମାନ ଯାହା ଶୁଣାଯାଉଛି, ତାହା ଯଦି ସତ୍ୟ, ଧନୁଯାତ୍ରାର ଗାରିମା ଦୃଷ୍ଟିରୁ କଂସ ମହାରାଜ ନିଜେ ଅବ୍ୟାହତି ନେଇଯିବା କଥା। ସେହିପରି କମିଟିର ପୁନର୍ଗଠନ ନିହାତି ଆବଶ୍ୟକ। କାହାରି କଥାକୁ ଭ୍ରୂକ୍ଷେପ ନ କରି ପ୍ରଶାସନ ଗୋଟିଏ କମିଟିକୁ ବିଶ୍ୱାସ କରିଆସୁଛି। ସାଧାରଣ ଜନତା ସମସ୍ତେ ଚାହୁଁଛନ୍ତି, କମିଟି ପରିବର୍ତ୍ତନ ହେଉ। କମିଟିରେ କଳାକାର ସଙ୍ଗଠନକୁ ସାମିଲ କରି ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ବାଦ୍ ଦିଆଯାଉ। କମିଟି ପରିବର୍ତ୍ତନ ହେଲେ ଧନୁଯାତ୍ରାର ମାନ ଉଚ୍ଚରୁ ଉଚ୍ଚକୁ ପହଞ୍ଚିବ ବୋଲି ଆଶା। ନଚେତ୍ ଯଥା ପୂର୍ବଂ, ତଥା ପରଂ।

—ଜୟନ୍ତ କୁମାର ମହାରଣା, ମଞ୍ଚ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ

### ଘଟଣା ଅତି ନିନ୍ଦନୀୟ



“ସରକାରୀ ଡାକ୍ତରଖାନାରୁ ମୃତକଙ୍କ ଘରକୁ ମୃତଦେହ ବିନାଖର୍ଚ୍ଚରେ ପହଞ୍ଚାଇବା ପାଇଁ ସରକାର ମହାପ୍ରୟାଣ ଯୋଜନା କରିଛନ୍ତି। କିନ୍ତୁ ଏଭଳି ଯୋଜନାରେ ମୃତକଙ୍କ ପରିବାର ଲୋକଙ୍କଠାରୁ ଟଙ୍କା ଆଣିବା ଘଟଣା ଅତି ନିନ୍ଦନୀୟ। ଯଦି ହୃଷୀକେଶ ସେଭଳି କରିଛନ୍ତି, ତାହା ଆଦୌ ଠିକ୍ ନୁହେଁ। ବରଗଡ଼ ଧନୁଯାତ୍ରାର କଂସ ମହାରାଜ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ହୋଇଛି। ତେବେ ହୃଷୀକେଶଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଛି, ତାହା ଉପରେ ସ୍ୱାସ୍ଥ୍ୟ ବିଭାଗ ତଦନ୍ତ କରୁଥିବା ଶୁଣିବାକୁ ପାଇଛି। ଅନ୍ୟପଟେ ଧନୁଯାତ୍ରାରେ ତାଙ୍କୁ ସାମିଲ୍ କରାଯିବ କି ନାହିଁ, ତାହା ଧନୁଯାତ୍ରା ମହୋତ୍ସବ ସମିତି ହିଁ ନିଷ୍ପତ୍ତି ନେବ।

—ଶିବାନନ୍ଦ ମଟାରୀ, ସମାଜସେବୀ, ବରଗଡ଼

### ଧନୁଯାତ୍ରାରୁ ବାଦ୍ ଦିଆଯାଉ



“ହୃଷୀକେଶଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଯାହା ହେବା କଥା, ତାହା ତ ହେବ। ତଥାପି ସେ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା। ହୃଷୀକେଶଙ୍କ ବିରୋଧରେ ଯେଭଳି ଅଭିଯୋଗ ଆସିଛି, ଧନୁଯାତ୍ରା ଇତିହାସରେ କୌଣସି କଂସ ଅଭିନେତାଙ୍କ ବିରୋଧରେ ତାହା ହୋଇ ନ ଥିଲା। ମହାପ୍ରୟାଣ ଗାଡ଼ିରେ ମୃତଦେହ ନେଇ ମୃତକଙ୍କ ପରିବାରଠାରୁ ଟଙ୍କା ଆଣି ସେ ଯେଉଁ ଘୃଣ୍ୟ କାମ କରିଛନ୍ତି ତାହା ଅକ୍ଷମଣୀୟ। ତାଙ୍କ ଭୁଲକୁ ନେଇ ବର୍ତ୍ତମାନ ଯେଉଁ ବିତର୍କ ଚାଲିଛି, ସେଥିପାଇଁ ସମଗ୍ର ବରଗଡ଼ବାସୀଙ୍କ ମୁଣ୍ଡ ନଇଁ ଯାଉଛି। ତେଣୁ ଏଭଳି ବିବାଦୀୟ ବ୍ୟକ୍ତିଙ୍କୁ ଧନୁଯାତ୍ରାରୁ ଅନ୍ତର କରାଗଲେ ଭଲ ହେବ।

—ସୁରେଶ ମହାପାତ୍ର, ଅମ୍ବାପାଲି, ବରଗଡ଼

### ଡକାୟତି ଯୋଜନା ପଣ୍ଡ: ୫ ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

**ପାଟଣାଗଡ, ୧୮।୧୦(ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ଼ ଅଞ୍ଚଳରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବଢି ଚାଲିଛି। ଏହାକୁ ରୋକିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଓ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ଶୁକ୍ରବାର ଏକ ବଡଧରଣର ଡକାୟତି ଯୋଜନାକୁ ପଣ୍ଡ କରିଥିବା ଜଣାଯାଇଛି। ଏହି ଘଟଣାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଟଣାଗଡ ଥାନା ରାମପୁରର ବିକ୍ରମ ମହାଲିଙ୍ଗ(୨୪), ଦୀପକ ପୁଟେଲ(୧୯), ଅଜୁ ମହାନନ୍ଦ(୧୮), ଶିଆଲବନ୍ଧ ଗାଁର ଲୁଚନ ବୁଡେକ (୩୨) ଓ ଖପ୍ରାଖୋଲ ଥାନା ଶରଗିପାଲି ଗାଁର ମିଳନ ସାହୁ(୨୦)। ଏଥିସହ ସେମାନଙ୍କ ଠାରୁ ୨ ଗୋଟି ଲୁହାରଡ, ଷ୍ଟିଲର ଏକ ମାରଣାସ୍ତ୍ର, ଲଙ୍କା ପାଉଡର ଗୁଣ୍ଡ, ମୋବାଇଲ ସହ ୨ ଗୋଟି ବାଇକ୍ ଜବତ ହୋଇଛି। ଜବତ ଦୁଇଟି ବାଇକ୍ ମଧ୍ୟରୁ ଗୋଟିଏ ନକଲି (ନଂ ଓଡି -୦୩-ଡି-୯୮୪୨ ବୋଲି ଜଣାଯାଇଛି। ପ୍ରକାଶ ଯେ, ଏହି ୫ ଜଣ ଅଭିଯୁକ୍ତ ବଲାଙ୍ଗୀରରୁ ପାଟଣାଗଡକୁ ଯାଇଥିବା ମୁଖ୍ୟ ରାସ୍ତାର ଉଲବା ହାଇସ୍କୁଲ ଖେଳପଡିଆ ଭିତରେ ଡକାୟତି ପାଇଁ ଯୋଜନା କରୁଥିଲେ। ଏହି ଖବର ବିଶ୍ୱସ୍ତ ସୂତ୍ରରୁ ଥାନା ଅଧିକାରୀ ପାଇବା ପରେ ପୂର୍ବାହ୍ନ ୧୧ଟାରେ ସଦଳବଳେ ଚଡାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ପଚରାଉଚରା ପରେ ମଧ୍ୟାହ୍ନ ସମୟରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଗଡତ୍ୟାଙ୍କଠାରୁ ଜଣାପଡିଛି।



ଅଧିବେଶନରେ ଯୋଗ ଦେଇଥିବା ଅତିଥି ଏବଂ ସଂକୀର୍ତ୍ତନ ପ୍ରେମୀଗଣ।

## ନିତ୍ୟାନନ୍ଦ ସଂକୀର୍ତ୍ତନ ମଣ୍ଡଳର ଜିଲାସ୍ତରୀୟ ଅଧିବେଶନ

**ବରପାଲି, ୧୮।୧୦(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ଯୋଗେଶର ମନ୍ଦିର ପରିସରରେ ଶୁକ୍ରବାର ଶ୍ରୀ ଶ୍ରୀ ନିତ୍ୟାନନ୍ଦ ଉଦଣ୍ଡ ସଂକୀର୍ତ୍ତନ ମଣ୍ଡଳ ବରଗଡ଼ର ସଭାପତି ଅଭୟ ଚରଣ ହୋତାଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଚତୁର୍ଥ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ମହନ୍ତ ସନ୍ଥ ଚରଣ ଦାସ ଏବଂ ପୁରୀ ବଡ଼ ଆଖଡ଼ା ମଠର ବାବାଜୀ ରାମନାରାୟଣ ଦାସ ଯୋଗଦାନ କରି ସଂକୀର୍ତ୍ତନର ଉପକାରିତା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ସଂକୀର୍ତ୍ତନରେ ଅଶ୍ଳୀଳ ସ୍ୱର ଏବଂ ନୃତ୍ୟକୁ ବାଦ ଦେବା ସହ ବିରୋଧ କରିବା ପାଇଁ ଅତିଥି ଦ୍ୱୟ ପରାମର୍ଶ ଦେଇଥିଲେ। ଅଧିବେଶନରେ ୧୯୨୦ରୁ ହରିନାମ ପ୍ରଚାର ପ୍ରସାର ଆରମ୍ଭ କରିଥିବା ବାବାଜୀ ସ୍ୱର୍ଗତ ପ୍ରାଣବନ୍ଧୁ ଦାସଙ୍କ ଜୀବନୀ ଗ୍ରନ୍ଥ ଲୋକଲୋଚନକୁ ଆଣିବା ସହ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ ଗୃହୀତ ହୋଇଗଲା। ସେହିପରି କମିଟିର ଉପସଭାପତି ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ଏସ୍. ଡୁମ୍ବେରପାଲିର ସଂକୀର୍ତ୍ତନ ଗାୟକ ମକରଧ୍ୱଜ ସାହୁଙ୍କୁ ମନୋନିତ କରାଯାଇଥିଲା। ଏହି ଅଧିବେଶନରେ ବଲାଙ୍ଗୀର, ସୋନପୁର, ବରଗଡ଼, ସମ୍ବଲପୁର ଜିଲାର ସଂକୀର୍ତ୍ତନ ପ୍ରେମୀମାନେ ଯୋଗ ଦେଇଥିଲେ। ସମ୍ପାଦକ ସଞ୍ଜୀବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ଖାଉଟି ଜିନିଷ ବାହାରେ ବିକ୍ରି

**ବରପାଲି, ୧୮।୧୦(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ଏନ୍ଏସି ଓ ବ୍ଲକ ଅଞ୍ଚଳରେ ସରକାରୀ ରାସନ ସାମଗ୍ରୀ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ସରକାର ଲୋକମାନଙ୍କୁ ରାସନ କାର୍ଡ ପିଛା ୭ କେଜି ଲେଖାଏଁ ମାଣ୍ଡିଆ ମାଗଣାରେ ଦେଉଛନ୍ତି। ହେଲେ କିଛି ଅସାଧୁ ବ୍ୟବସାୟୀ ଉକ୍ତ ମାଣ୍ଡିଆକୁ କେଜି ପିଛା ୧୫ରୁ ୨୦ ଟଙ୍କାରେ କିଣୁଥିବା ଦେଖିବାକୁ ମିଳିଛି । ତେବେ ଅସାଧୁ ବ୍ୟବସାୟୀ ରାସନ କାର୍ଡଧାରୀ କିମ୍ବା ଡିଲରଙ୍କଠାରୁ ମାଣ୍ଡିଆ କିଣୁଛନ୍ତି ସେ ନେଇ ତଦନ୍ତ ହେଲେ ଜଣାପଡିବ ବୋଲି ମତପ୍ରକାଶ ପାଇଛି। ବରପାଲି ବ୍ଲକର ୨୩ଟି ପଞ୍ଚାୟତରେ ଏଭଳି ଚାଲିଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ବରପାଲି ଯୋଗାଣ ଅଧିକାରୀ ମନିକା ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ, ବାହାରେ ମାଣ୍ଡିଆ କିଣାବିକା ନେଇ ମୋ ପାଖକୁ କୌଣସି ଅଭିଯୋଗ ଆସିନାହିଁ। ଯଦି ଲୋକେ ବାହାରେ ଏଭଳି ଭାବେ ମାଣ୍ଡିଆ କିଣାବିକା କରିବେ ତେବେ ମୁଁ କ’ଣ କରିପାରିବି ବୋଲି ସେ କହିଥିଲେ।



ଜରି ବସ୍ତାରେ ମାଣ୍ଡିଆ ।

## ପ୍ରତିଭା ପ୍ରଦର୍ଶନର ମାଧ୍ୟମ ସୁରଭି

**ଝାରବନ୍ଧ, ୧୮।୧୦(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବ୍ଲକ ଅନ୍ତର୍ଗତ ବିଜାଢୋଲ ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଉତ୍ସବକୁ ମୁଖ୍ୟଅତିଥି ଭାବେ ଝାରବନ୍ଧ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭମ କୁମାର ପତି ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ଝାରବନ୍ଧ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୟାନିଧି ସାହୁ, ସିଆରସିସି ଦିବ୍ୟକିଶୋର ପଣ୍ଡା, ଝାରବନ୍ଧ ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ହୃଷୀକେଶ ପୋଢ଼, ଧ୍ରୁବଚରଣ ହାତୀ, ଲକ୍ଷ୍ମଣ ଶଗର, ଏବିଓ ଦୟାନିଧି କୈବର୍ତ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବରେ ଝାରବନ୍ଧ କ୍ଲଷ୍ଟରରୁ ଆସିଥିବା ୧୪ଟି ସ୍କୁଲରୁ ପ୍ରାୟ ୨୫୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ମୁଖ୍ୟ ଅତିଥି ପତି ତାଙ୍କ ଅଭିଭାଷଣରେ କହିଥିଲେ, କୁନି କୁନି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ସହିତ କଳା ପ୍ରତି ରହିଥିବା ମନୋବଳକୁ ସ୍କୁଲ, କ୍ଲଷ୍ଟର, ବ୍ଲକ ଓ ଜିଲାରୁ ରାଜ୍ୟ ସ୍ତରରେ ପହଞ୍ଚି ସୁନାମ ଅର୍ଜନ କରିପାରିବେ, ଏହା ହେଉଛି ସୁରଭିର ସୁନ୍ଦର ମାଧ୍ୟମ। ଶିକ୍ଷକ ଦିବ୍ୟ କିଶୋର ପାଣ୍ଡେ ମଞ୍ଚ ପରିଚାଳନା କରିଥିବା ବେଳେ ସିଆରସିସି ଗୋପାଳ ହରିଜନ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।



ମୁରାସୁର ଦରବାରରେ ଲୀଳା ନାଟକର ଏକ ଦୃଶ୍ୟ।

## ଦେବତାଗଣଙ୍କ ବୈକୁଣ୍ଠପୁର ଗମନ

**ଅମରପାଲି, ୧୮।୧୦(ପୀତାମ୍ବର ସାହୁ)**

**ମୁର୍ଷୁଣୀ ଗଜଲକ୍ଷ୍ମୀ ପୂଜାରେ ମୁରାସୁର ଦରବାର**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣୀ ଠାରେ ଗୁରୁବାରଠାରୁ ଆରମ୍ଭ ହୋଇ ଯାଇଛି ୪୨ତମ ଗଜଲକ୍ଷ୍ମୀ ପୂଜା। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହେଉଛି ମୁରାସୁର ଦରବାର। ଏଥିରେ ବିନିକାର ଗୋପାଳ ପଣ୍ଡା ମୁରାସୁର ଭୂମିକାରେ ଅଭିନୟ କରୁଛନ୍ତି। ଶୁକ୍ରବାର ଥିଲା ମୁରାସୁର ଦରବାରର ଦ୍ୱିତୀୟ ସନ୍ଧ୍ୟା। ଏକ ଶୋଭାଯାତ୍ରାରେ ପାତ୍ରମନ୍ତ୍ରୀଙ୍କ ସହିତ ମୁରାସୁର ନଗର ପରିକ୍ରମା କରିଥିଲେ। ମଞ୍ଚରେ ପହଞ୍ଚିଲା ପରେ ଆରମ୍ଭ ହୋଇଥିଲା ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଲିଳା ନାଟକ। ନାଟ୍ୟାଭିକ୍ରମରେ ଦେବତାମାନେ ପରାସ୍ତ ହୋଇ ବୈକୁଣ୍ଠପୁରକୁ ଗମନ, ଦେବଗଣ ଗୋଲକପତି ବିଷ୍ଣୁଙ୍କୁ ସ୍ତୁତି, ବିଷ୍ଣୁ ଦେବତାମାନଙ୍କୁ ଅଭୟ ପ୍ରଦାନ, କୃଷ୍ଣ ବଲ୍ଲବ ବ୍ରାହ୍ମଣ ଘରେ ଶେଷ ନରସିଂହ ରୂପେ ଜନ୍ମି ମୁରା ଦାରୁଣଙ୍କୁ ମାରିବି ବୋଲି ଦେବତାଙ୍କଠାରେ ପ୍ରକାଶ ଆଦି ପର୍ଯ୍ୟାୟକ୍ରମେ ପରିବେଷଣ ହୋଇଥିଲା।

ଏହା ସହିତ ମଞ୍ଚରେ ପର୍ଯ୍ୟାୟକ୍ରମେ ରାଜ ଅତିଥି ଭାବେ ବିଦ୍ୟୁତ୍ ବିଭାଗ ଅଧିକାରୀ ଅରବିନ୍ଦ ଛତ୍ରିଆ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ଲବ କୁମାର ସାହୁଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ଅତିଥିମାନଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ମଞ୍ଚରେ ସମ୍ବଲପୁରୀ, ଆଧୁନିକ ଓ ଦଳଗତ ଲୋକନୃତ୍ୟ ପରିବେଷଣ ହୋଇଥିଲା। ଦିନବେଳା ଗଜଲକ୍ଷ୍ମୀଙ୍କ ପୂଜା, ହୋମ, ଯଜ୍ଞ, ପୁଷ୍ପାଞ୍ଜଳୀ ହୋଇଥିବା ବେଳେ ସନ୍ଧ୍ୟାରେ ଆଳତି ହୋଇଥିଲା। ଏହା ସମେତ ରାମାୟଣ ପାରାୟଣର ଶୁକ୍ରବାର ଦ୍ୱିତୀୟ ଦିବସ ଥିଲା। ମୀନାବଜାରରେ ବେଶ ଭିଡ ହୋଇଥିଲା।

# ୨୦ରୁ ବରଗଡ଼ରେ ସି. କେ. ନାଇଡୁ ଟ୍ରଫି

**ବରଗଡ଼, ୧୮।୧୦(ପ୍ରେମାନନ୍ଦ ଖମାରୀ)**



ଖବରଦାତା ସମ୍ମିଳନୀରେ ସି.କେ. ନାଇଡୁ ଟ୍ରଫି ଆୟୋଜନ କମିଟିର ପ୍ରତିନିଧିବୃନ୍ଦ।



ମ୍ୟାଚ୍ ପୂର୍ବରୁ ପିଚ୍ ପ୍ରସ୍ତୁତ।

- ବରଗଡ଼ରେ ଓଡ଼ିଶା ଏବଂ ମହାରାଷ୍ଟ୍ର ଦଳ
- ମ୍ୟାଚ୍ ପୂର୍ବରୁ ଖେଳାଳିଙ୍କ ଅଭ୍ୟାସ ଆରମ୍ଭ

ବରଗଡ଼ କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡରେ ଆସନ୍ତା ୨୦ରୁ ୨୩ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଏବଂ ମହାରାଷ୍ଟ୍ର ମଧ୍ୟରେ ୨୩ବର୍ଷରୁ କମ୍ ସି. କେ. ନାଇଡୁ କ୍ରିକେଟ ଟ୍ରଫି ଅନୁଷ୍ଠିତ ହେବ। ଶୁକ୍ରବାର କ୍ରୀଷ୍ଣା ବିକାଶ ସ୍କୁଲରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାରଠାରୁ ଉଭୟ ଦଳର ଖେଳାଳିମାନେ ବରଗଡ଼ରେ ପହଞ୍ଚି ସ୍ଥାନୀୟ ହୋଟେଲ ନିକି ରେସିଡେନ୍ସି ଏବଂ ହୋଟେଲ ଗଣପତିରେ ଅବସ୍ଥାନ କରୁଛନ୍ତି। ଶୁକ୍ରବାର ସକାଳେ ବିକାଶ ଗ୍ରାଉଣ୍ଡରେ ମହାରାଷ୍ଟ୍ର ଦଳ ଅଭ୍ୟାସ କରିଥିବାବେଳେ ଅପରାହ୍ନରେ ଓଡ଼ିଶା ଦଳର ଖେଳାଳିମାନେ ଅଭ୍ୟାସ କରିଥିଲେ। ଉକ୍ତ ମ୍ୟାଚ୍ ପାଇଁ ବିସିସିଆଇ ପକ୍ଷରୁ ହେମନ୍ତ କୁମାର (ତାମିଲନାଡୁ କ୍ରିକେଟ ଆସୋସିଏଶନ) ମ୍ୟାଚ ରେଫରି ନିଯୁକ୍ତ ହୋଇଛନ୍ତି। ନୀତିନ ପଣ୍ଡିତ (ବିଦର୍ଭ କ୍ରିକେଟ ଆସୋସିଏଶନ) ଏବଂ କେ. ପ୍ରଭାକର ରାଓ (କେରଳ କ୍ରିକେଟ ଆସୋସିଏଶନ) ଆମ୍ପାୟାର କାର୍ଯ୍ୟ ତୁଲାଇବେ। ବିରବର ନାୟକ ଅନ୍‌ଲାଇନ ସ୍କୋରର ଏବଂ ସନ୍ଦୀପ ଜି. ମାନୁଆଲ ସ୍କୋରର, ତାପସ କୁମାର ନାୟକ ଭିଡ଼ିଓ ଆନାଲିଷ୍ଟ ଏବଂ ଶୁଭାଶିଷ ଜେନା ଆସିଷ୍ଟାଣ୍ଟ ଭିଡ଼ିଓ ଆନାଲିଷ୍ଟ କାର୍ଯ୍ୟ ନିର୍ବାହ କରିବେ। ପ୍ରତ୍ୟେକ ଦିନ ମ୍ୟାଚ୍ ସକାଳ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ଯାଏ ଚାଲିବ। ଦିନ ୧୧ଟା ୩୦ମିନିଟ୍‌ରୁ ଦିନ ୧୨ଟା ୧୦ମିନିଟ୍ ପର୍ଯ୍ୟନ୍ତ ଭୋଜନ ବିରତି ରହିବ।

ଉଭୟ ଦଳ ପାଇଁ ଉଚ୍ଚମାନର ପଡ଼ିଆ, ପ୍ରାକ୍ଟିସ୍ ପିଚ୍, ବକ୍ସ ନେଟ୍ ଆଦି ବ୍ୟବସ୍ଥା ରହିଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ପ୍ରତିଯୋଗିତା ପାଇଁ ଏକ କମିଟି ଗଠନ କରାଯାଇଛି। ଓଡ଼ିଶା ଦଳର ମ୍ୟାନେଜର ଭାବେ ସୁଜିତ କୁମାର ପ୍ରଧାନ ରହିଥିବାବେଳେ ପ୍ରୀତେଶ କୋଠାରୀ ମହାରାଷ୍ଟ୍ର ଦଳର ମ୍ୟାନେଜର ରହିଛନ୍ତି। ଆୟୋଜନ କମିଟିରେ ପ୍ରଦୀପ ସାହୁ ଓଡ଼ିଶା ଦଳର ମ୍ୟାନେଜର ଏବଂ ପ୍ରଦୀପ ନନ୍ଦ ମହାରାଷ୍ଟ୍ର ଦଳର ମ୍ୟାନେଜର ରହିଛନ୍ତି। ସଚ୍ଚିଦାନନ୍ଦ ପଣ୍ଡାଙ୍କ ଉପରେ ଅମ୍ପାୟାରମାନଙ୍କ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଗୁରୁଦତ୍ତ ଦାଶ ଟିମ୍ ଗୁଡ଼ିକର ଦାୟିତ୍ୱ ବୁଝୁଥିବାବେଳେ ରଜତ ଦାଶଙ୍କୁ ଭିଡ଼ିଓ ଆନାଲିଷ୍ଟମାନଙ୍କ ଦାୟିତ୍ୱ ଦିଆଯାଇଛି। କ୍ୟୁରେଟର ଦାୟିତ୍ୱରେ ଓସିଏର ମୁରଲୀ ପାତ୍ର ଏବଂ ଅଶୋକ ସିଂ ଗ୍ରାଉଣ୍ଡ ଦାୟିତ୍ୱରେ ରହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା କ୍ରିକେଟ ଆସୋସିଏଶନର ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ନାରାୟଣ ପଣ୍ଡା, କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଡି. ବିବେକ, ନିର୍ଦ୍ଦେଶକ ଡଃ ସମରେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ବିଭାଗ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, କ୍ରୀଡ଼ା ବିଭାଗ ମୁଖ୍ୟ ପୀତାମ୍ବର ପ୍ରଧାନ, କ୍ରିକେଟ କୋଚ୍ ଅଶୋକ ସିଂ ମଧ୍ୟ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଷ ଖାଇ ଯୁବକଙ୍କ ଆତ୍ମହତ୍ୟା

**ପାଇକମାଳ, ୧୮।୧୦(ବଡ ଶତପଥୀ):** ପାଇକମାଳ ଥାନା ଅଧୀନ ମୁଣ୍ଡେଲା ଗ୍ରାମର ଜଣେ ଯୁବକ ବିଷ ଖାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଜୟପାଲ ବାରିକ (୫୦)। ପାଇକମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଡାକ୍ତରଖାନା ପଠାଇଛି। ଏ ନେଇ ପାଇକମାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୪) ରୁଜୁ ହୋଇଛି।

### ନାବାଳିକାଙ୍କୁ ଅସଦାଚରଣ, ଯୁବକ ଗିରଫ

**ପାଇକମାଳ, ୧୮।୧୦(ବଡ ଶତପଥୀ):** ବରଗଡ଼ ଜିଲା ପାଇକମାଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ମୁଣ୍ଡେଲା ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପିଉସ ପଟେଲ (୨୪) । ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୨୫୪/୨୪) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ପିଉସ ଉକ୍ତ ନାବାଳିକାଙ୍କ ଘରକୁ ଯାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ କରିଥିଲେ। ଶାରୀରିକ ସମ୍ପର୍କ ନ ରଖିଲେ ନିଜ ମୋବାଇଲରେ ଥିବା ଉଲଗ୍ନ ଭିଡିଓ ଓ ଫଟୋ ଭାଇରାଲ କରିବା ପାଇଁ ଯୁବକ ଜଣଙ୍କ ଉକ୍ତ ନାବାଳିକାଙ୍କୁ ଧମକ ଦେଇଥିଲେ। ଏହାସହିତ ନାବାଳିକାଙ୍କ ପିତାଙ୍କୁ ଜୀବନରୁ ମାରି ଦେବା ଧମକ ଦେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ପାଇକମାଳ ଥାନାଧିକାରୀ ସୁଶାନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

### ବ୍ୟାଡ୍‌ମିଣ୍ଟନରେ ଛାତ୍ରୀଙ୍କ ଦ୍ୱିତୀୟ ସ୍ଥାନ ହାସଲ

**ରାଉରକେଲା,୧୮।୧୦(ଦିନେଶ ମିଶ୍ର):** ରୋଟାରୀ କ୍ଲବ ଦ୍ୱାରା ଆୟୋଜିତ ସ୍କୁଲସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଡିସୌଜା ସ୍କୁଲର ଛାତ୍ରୀ ଅର୍ପିତା ବର୍ମାଙ୍କୁ ସଫଳତା ମିଳିଛି। ଏହି ପ୍ରତିଯୋଗିତା ରାଉରକେଲା ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଇଥିଲା। ଅର୍ପିତା ବ୍ୟାଡ୍‌ମିଣ୍ଟନ ଖେଳରେ ଉତ୍ତମ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟରେ ଖୁସିର ଲହରି ଖେଳି ଯାଇଛି। ତାଙ୍କୁ ଭବିଷ୍ୟତରେ ଜଣେ ଭଲ ଖେଳାଳି ହେବା ପାଇଁ ବିଦ୍ୟାଳୟ ପକ୍ଷରୁ ପ୍ରୋତ୍ସାହିତ କରାଯାଇଛି।

### ଉତ୍କଳ ରଜକ ମହାସଂଘର ପୂର୍ବତନ ସଭାପତିଙ୍କ ବିୟୋଗରେ ଶୋକ

**ସୁନ୍ଦରଗଡ଼,୧୮।୧୦(ଜୟ ନାରାୟଣ ମେଣ୍ଡୁଲି):** ଉତ୍କଳ ରଜକ ମହାସଂଘର ପୂର୍ବତନ ସଭାପତି ତଥା ସେବା ନିବୃତ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ବନ୍ଧୁ ସେଠୀଙ୍କ ବିୟୋଗରେ



ରଜକ ସେବା ସଂଘର କେନ୍ଦ୍ରୀୟ କମିଟି ଗଭୀର ଶୋକବ୍ୟକ୍ତ କରିଛନ୍ତି। କମିଟି ସଭାପତି ଉମେଶ କୁମାର ସେଠ, ସମ୍ପାଦକ ଜୟକୃଷ୍ଣ ସେଠଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ବନ୍ଧୁ ଅନୁସୂଚିତ ଜାତି ଓ ଜନଜାତି ପରିବାର ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରି ଆସୁଥିଲେ। ବୁଧବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ବାସଭବନରେ ତାଙ୍କର ବିୟୋଗ ଘଟିଥିଲା।

# ୧୮ ବନ ସୁରକ୍ଷା ସମିତିରେ ଦେଶୀ କୁକୁଡ଼ା ପାଳନ

**ସୁନ୍ଦରଗଡ,୧୮।୧୦(ଜୟ ନାରାୟଣ ମେଣ୍ଡୁଲି)**

- ସ୍ୱାବଲମ୍ବୀ ହେବେ ୪୯୯ ଗରିବ ମହିଳା
- ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ତରଫରୁ ୨୫.୬୦ ଲକ୍ଷ ଋଣ ସହାୟତା
- ଗୋଟିଏ ବର୍ଷରେ ୧ କୋଟିରୁ ଊର୍ଦ୍ଧ୍ୱ ଆୟର ଯୋଜନା

ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଦେଶୀ କୁକୁଡାର ଚାହିଦା ଅଧିକ ଥିବା ବେଳେ ଗରିବ, ଆଦିବାସୀ, ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀଙ୍କ ଦ୍ୱାରା ପାରମ୍ପରିକ କୁକୁଡା ପାଳନର ପ୍ରଥା ଧୀରେ ଧୀରେ ବିଲୁପ୍ତ ହେବାକୁ ବସିଲାଣି। ଏହାକୁ ଆଖି ଆଗରେ ରଖି ମହିଳାମାନଙ୍କୁ ସଙ୍ଗଠିତ କରି ସୁନ୍ଦରଗଡ ବନଖଣ୍ଡରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ମାଧ୍ୟମରେ ବନ ସୁରକ୍ଷା ସମିତିର ଆବର୍ତ୍ତନ ପାଣ୍ଠି ସହାୟତାରେ କୁକୁଡା ପାଳନ ବ୍ୟବସାୟ ଆରମ୍ଭ କରାଯାଇଛି। ଉଜ୍ଜଳପୁର ବନାଞ୍ଚଳରେ ୧୮ଟି ବନ ସୁରକ୍ଷା ସମିତିର ୪୯୯ ଜଣ ମହିଳାମାନେ କୁକୁଡା ପାଳନ ଦ୍ୱାରା ନିଜକୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ଦିଗରେ ସଫଳତାର ସହିତ ଅଗ୍ରସର ହେଉଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଉଜ୍ଜଳପୁର ବନାଞ୍ଚଳରେ ବନ ସୁରକ୍ଷା ସମିତିର ଆବର୍ତ୍ତନ ପାଣ୍ଠିରୁ ୨୫.୬୦ ଲକ୍ଷ ଟଙ୍କା ଋଣ ନେଇ ୪୯୯ ଜଣ ମହିଳା ଦେଶୀ ଓ ସୋନାଳୀ ପ୍ରଜାତିର କୁକୁଡା ପାଳନ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ଗତ ୬ ମାସ ମଧ୍ୟରେ ୧୮.୬୫ ଲକ୍ଷ ଟଙ୍କାର କୁକୁଡା ବିକ୍ରି କରିବାରେ ସଫଳ ହୋଇଛନ୍ତି ୨୨୮ ଜଣ ମହିଳା। ଅଦମ୍ୟ ଆଗ୍ରହ, ନୂଆଁ କିଛି କରିବାର ନିଶା, ସାମୂହିକ ସହଭାଗିତା ତଥା ନିଷ୍ଠା ଏବଂ



ମହିଳାଚାଷୀମାନେ କୁକୁଡ଼ାକୁ ଦାନା ଦେଉଛନ୍ତି।

ଉଦ୍ୟମ ବଳରେ ଗରିବ, ଆଦିବାସୀ ଓ ଜଙ୍ଗଲ ଉପରେ ନିର୍ଭରଶୀଳ ମହିଳା ମାନେ କୁକୁଡା ଚାଷରୁ ଲକ୍ଷାଧିକ ଟଙ୍କା ରୋଜଗାର କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ପାରସ୍ପରିକ ସାହାଯ୍ୟ ଏବଂ ସହଯୋଗରେ ଦେଶୀ କୁକୁଡା ପାଳନରୁ ଅଭୂତପୂର୍ବ ସଫଳତା ପାଇବା ସହିତ ଭଲ ଦୁଇପଇସା ରୋଜଗାର କରି ପରିବାରର ଆର୍ଥିକ ସ୍ଥିତି ମଜଭୁତ କରିବା ସହିତ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ତରଫରୁ ଆନ୍ତଃବିଭାଗୀୟ ସଂଯୋଗୀକରଣ ଦ୍ୱାରା ନିୟମିତ ଭାବେ ଟିକାକରଣ, ବଜାର ବ୍ୟବସ୍ଥା ତଥା ଋଣ ସଂଯୋଗୀକରଣ କରାଯାଉଛି। ବନ ସୁରକ୍ଷା ସମିତି ତରଫରୁ କରାଯାଇଥିବା ବ୍ୟବସାୟିକ ଯୋଜନାର ତଥ୍ୟ ଅନୁଯାୟୀ ଆଗାମୀ ୧ ବର୍ଷ ମଧ୍ୟରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ରୋଜଗାର ଏହି ଗୋଷ୍ଠୀମାନେ ପାଇବାର ଲକ୍ଷ୍ୟ ରଖାଯାଇଛି ବୋଲି ସୂଚନା ଦେଇଛନ୍ତି ଉଜ୍ଜଳପୁର କ୍ଷେତ୍ର ପରିଚାଳନା ଏକକର ଟିମ ଲିଡର ଦିଗାମ୍ବର ଉପାଧ୍ୟାୟ। ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ କହିଛନ୍ତି, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ଆବର୍ତ୍ତନ ପାଣ୍ଠିର ସହାୟତାରେ ବିଭିନ୍ନ ଆୟଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ସୁନ୍ଦରଗଡ ବନଖଣ୍ଡରେ ଥିବା ଗରିବ, ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାର ସ୍ୱାବଲମ୍ବୀ ହୋଇପାରିଛନ୍ତି ତଥା ଏକ ବିକଳ୍ପ ରୋଜଗାରର ପନ୍ଥା ପାଇପାରିଛନ୍ତି। ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଓ ଦୁର୍ଗମ ଅଞ୍ଚଳରେ ଲୋକଙ୍କ ପାରମ୍ପରିକ ସଂସ୍କୃତି ଓ ବୃତ୍ତି ହେଉଛି ଏହି ଦେଶୀ କୁକୁଡା ପାଳନ, ଯାହାକି ସୁନ୍ଦରଗଡ ବନଖଣ୍ଡର ଅନେକ ଅଭାବୀ, ଗରିବ ମହିଳାଙ୍କୁ ଏକ ଚିରସ୍ଥାୟୀ ଜୀବିକା ଯୋଗାଇବାରେ ସହାୟକ ହେବ।

## ଗୋପବନ୍ଧୁ ଭେଣ୍ଡିଂ ଜୋନ୍‌ରେ ଗଜଲକ୍ଷ୍ମୀ ପୂଜା

**ରାଉରକେଲା,୧୮।୧୦(ଦିନେଶ ମିଶ୍ର)**

ଜେଲ୍ ରୋଡ୍ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଭେଣ୍ଡିଂ ଜୋନ୍ ପରିସରରେ ଦ୍ୱିତୀୟ ବାର୍ଷିକ ଗଜଲକ୍ଷ୍ମୀ ପୂଜା ଯୁବ ସମ୍ପାଦକ କହରା ଜେନାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଗୋପବନ୍ଧୁ ମାର୍କେଟ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଆୟୋଜିତ ପୂଜା ଉତ୍ସବରେ ପଣ୍ଡିତ ଭାବେ ପ୍ରଶାନ୍ତ କୁମାର ଦାସ ଯୋଗଦେଇ ମା' ଗଜଲକ୍ଷ୍ମୀଙ୍କ ଘଟ ସ୍ଥାପନ ସହ ପାର୍ଶ୍ୱଦେବାଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। ପୂଜା କାର୍ଯ୍ୟରେ କର୍ତ୍ତା ଭାବେ ମାନଗୋବିନ୍ଦ ମଲ୍ଲିକ ଓ କର୍ତ୍ତ୍ରୀ ଭାବେ ସୁକାନ୍ତିଲତା ମଲ୍ଲିକ ଯୋଗ ଦେଇଥିଲେ। ଏହି ଅବସରରେ ଯୁବ ସମ୍ପାଦକ କହରା ଜେନା ସ୍ଥାନୀୟ ଶ୍ରଦ୍ଧାଳୁମାନଙ୍କୁ ମା'ଙ୍କ ପ୍ରସାଦ ବିତରଣ କରିବା ପରେ ବିଶ୍ୱଶାନ୍ତି ଲାଗି ହୋମଯଜ୍ଞ କରାଯାଇଥିଲା। ଗୋପବନ୍ଧୁ ମାର୍କେଟ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଶନିବାର ପୂର୍ବାହ୍ନରେ ସାମୂହିକ ପ୍ରସାଦ ସେବନ ସାଙ୍ଗକୁ ସନ୍ଧ୍ୟାରେ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି କୋଷାଧ୍ୟକ୍ଷ ସୁକାନ୍ତି ମଲ୍ଲିକ ସୂଚନା ଦେଇଛନ୍ତି। ପୂଜା କମିଟି ସଭାପତି ଦେବବ୍ରତ ସିଂ, ସୁବାଷ ନାୟକ, ସୁରେନ୍ଦ୍ର ବାରିକ, ଅମୀୟ ପୋଥାଳ, ଚୁନୁ କର, କାବୁ କର, ବାସୁଦେବ ବରାଳ, ଜିତୁ ସାମଲ, କବିତା ଜେନା, ରଞ୍ଜନ ସାହୁ, ପଦ୍ମାବତି ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଆର୍ଥିକ,ଡିଜିଟାଲ ସ୍ୱାକ୍ଷରତା କାର୍ଯ୍ୟକ୍ରମ



ବୈଠକରେ ବ୍ୟାଙ୍କ ପରିଚାଳିକା ଲୋକଙ୍କୁ ବୁଝାଉଛନ୍ତି।

**ବଡ଼ଗାଁ,୧୮।୧୦(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବରଙ୍ଗାକଛାର ପଞ୍ଚାୟତର ମିଶନ ଶକ୍ତି ଗୃହରେ ଶୁକ୍ରବାର ଆର୍ଥିକ ଓ ଡିଜିଟାଲ ସ୍ୱାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଜରଙ୍ଗଲୋଇର ଶାଖା ପରିଚାଳିକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବ୍ୟାଙ୍କ ମିତ୍ର, ଏମ୍‌ବିକେ, ସିଆର୍‌ପି, ସିଏସ୍‌ପିର ସଦସ୍ୟ ଓ ଆଖପାଖ ଗ୍ରାମର ଲୋକେ ଯୋଗଦେଇଥିଲେ। ବ୍ୟାଙ୍କ ପରିଚାଳିକା ଦୁର୍ଗେସେନି ମହାପାତ୍ର ଆର୍ଥିକ ସ୍ୱାକ୍ଷରତା ବିଷୟରେ ବୁଝାଇଥିଲେ। ଡିଜିଟାଲ ସେବା, ଏଟିଏମ୍‌ର ବ୍ୟବହାର କିପରି କରିବେ, ଟଙ୍କା ସଞ୍ଚୟ ଓ ଉଠାଣ, ଠକେଇ ସଂସ୍ଥାଠାରୁ ସତର୍କ ରହିବା ଓ ସମସ୍ତଙ୍କୁ ବିମାଭୁକ୍ତ ହେବା ପାଇଁ ବୁଝାଇ ବ୍ୟାଙ୍କ ସେବା ଉପରେ ଆଲୋଚନା କରିଥିଲେ। ବୈଠକ ପରେ ସେଠାରେ ଲୋକଙ୍କ ପାସ୍‌ବୁକ୍ ଖୋଲାଯିବା ସହ କେୱାଇସି, ଏଟିଏମ୍ ଓ ବୀମା କରାଯାଇଥିଲା। ସିଆର୍‌ପି ତେଜମୟୀ ପଟେଲ, ମାଳତୀ ପୃଷେଟ, ବିମଳା ନାଏକ, ସୁସ୍ମିତା ପ୍ରଧାନ, ଉମାବତି ତନସନା, ଆରତୀ କୁମାରୀ ବାଗ, ପୁଷ୍ପାଞ୍ଜଳି ନାଏକ, ଗୀତାଞ୍ଜଳି ସାଙ୍କ ସହିତ ଗ୍ରାମବାସୀ ବୈଠକରେ ଯୋଗଦେଇ ବ୍ୟାଙ୍କ ସେବା କିପରି ପାଇବେ ଓ ଡିଜିଟାଲ କାର୍ଯ୍ୟ ପ୍ରଣାଳୀ ଉପରେ ଅବଗତ ହୋଇଥିଲେ।



ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ସଦର ପଞ୍ଚାୟତରେ ଗଜଲକ୍ଷ୍ମୀଙ୍କୁ ପୂଜା କରାଯାଉଛି।

## ଡକାୟତି ଯୋଜନା ପଣ୍ଡ: ୫ ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

**ପାଟଣାଗଡ,୧୮।୧୦(ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ଼ ଅଞ୍ଚଳରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବଢି ଚାଲିଛି। ଏହାକୁ ରୋକିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଓ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ଶୁକ୍ରବାର ଏକ ବଡଧରଣର ଡକାୟତି ଯୋଜନାକୁ ପଣ୍ଡ କରିଥିବା ଜଣାଯାଇଛି। ଏହି ଘଟଣାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଟଣାଗଡ ଥାନା ରାମପୁରର ବିକ୍ରମ ମହାଲିଙ୍ଗ(୨୪), ଦୀପକ ପୁଟେଲ(୧୯), ଅଜୁ ମହାନନ୍ଦ(୧୮), ଶିଆଳବନ୍ଦ ଗାଁର ଲୁଚନ ବୁଡେକ (୩୨) ଓ ଖପ୍ରାଖୋଲ ଥାନା ଶରଗିପାଲି ଗାଁର ମିଳନ ସାହୁ(୨୦)। ଏଥିସହ ସେମାନଙ୍କ ଠାରୁ ୨ ଗୋଟି ଲୁହାରଡ, ଷ୍ଟିଲର ଏକ ମାରଣାସ୍ତ୍ର, ଲଙ୍କା ପାଉଡର ଗୁଣ୍ଡ, ମୋବାଇଲ ସହ ୨ ଗୋଟି ବାଇକ୍ ଜବତ ହୋଇଛି । ଜବତ ଦୁଇଟି ବାଇକ୍ ମଧ୍ୟରୁ ଗୋଟିଏ ନକଲି (ନଂ ଓଡି -୦୩-ଡି-୯୮୪୨ ବୋଲି ଜଣାଯାଇଛି । ପ୍ରକାଶ ଯେ, ଏହି ୫ ଜଣ ଅଭିଯୁକ୍ତ ବଲାଙ୍ଗୀରରୁ ପାଟଣାଗଡକୁ ଯାଇଥିବା ମୁଖ୍ୟ ରାସ୍ତାର ଉଲବା ହାଇସ୍କୁଲ ଖେଳପଡିଆ ଭିତରେ ଡକାୟତି ପାଇଁ ଯୋଜନା କରୁଥିଲେ। ଏହି ଖବର ବିଶ୍ୱସ୍ତ ସୂତ୍ରରୁ ଥାନା ଅଧିକାରୀ ପାଇବା ପରେ ପୂର୍ବାହ୍ନ ୧୧ଟାରେ ସଦଳବଳେ ଚଡାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ପଚରାଉଚରା ପରେ ମଧ୍ୟାହ୍ନ ସମୟରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଗଡତ୍ୟାଙ୍କଠାରୁ ଜଣାପଡିଛି ।

## ଦେବତାଗଣଙ୍କ ବୈକୁଣ୍ଠପୁର ଗମନ

**ଅମରପାଲି,୧୮।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ଠାରେ ଗୁରୁବାରଠାରୁ ଆରମ୍ଭ ହୋଇ ଯାଇଛି ୪୨ତମ ଗଜଲକ୍ଷ୍ମୀ ପୂଜା। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହେଉଛି ମୁରାସୁର ଦରବାର। ଏଥିରେ ବିନିକାର ଗୋପାଳ ପଣ୍ଡା ମୁରାସୁର ଭୂମିକାରେ ଅଭିନୟ କରୁଛନ୍ତି। ଶୁକ୍ରବାର ଥିଲା ମୁରାସୁର ଦରବାରର ଦ୍ୱିତୀୟ ସନ୍ଧ୍ୟା। ଏକ ଶୋଭାଯାତ୍ରାରେ ପାତ୍ରମନ୍ତ୍ରୀଙ୍କ ସହିତ ମୁରାସୁର ନଗର ପରିକ୍ରମା କରିଥିଲେ। ମଞ୍ଚରେ ପହଞ୍ଚିଲା ପରେ ଆରମ୍ଭ ହୋଇଥିଲା ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଲିଳା ନାଟକ। ନାଟ୍ୟାଭିକ୍ରମରେ ଦେବତାମାନେ ପରାସ୍ତ ହୋଇ ବୈକୁଣ୍ଠପୁରକୁ ଗମନ, ଦେବଗଣ ଗୋଲକପତି ବିଷ୍ଣୁଙ୍କୁ ସ୍ତୁତି, ବିଷ୍ଣୁ ଦେବତାମାନଙ୍କୁ ଅଭୟ ପ୍ରଦାନ, କୃଷ୍ଣ ବହ୍ଲବ ବ୍ରାହ୍ମଣ ଘରେ ଶେଷ ନରସିଂହ ରୂପେ ଜନ୍ମି ମୁରା ଦାରୁଣଙ୍କୁ ମାରିବି ବୋଲି ଦେବତାଙ୍କଠାରେ ପ୍ରକାଶ ଆଦି ପର୍ଯ୍ୟାୟକ୍ରମେ ପରିବେଷଣ ହୋଇଥିଲା। ଏହା ସହିତ ମଞ୍ଚରେ ପର୍ଯ୍ୟାୟକ୍ରମେ ରାଜ ଅତିଥି ଭାବେ ବିଦ୍ୟୁତ୍ ବିଭାଗ ଅଧିକାରୀ ଅରବିନ୍ଦ ଛତ୍ରିଆ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ଲବ କୁମାର ସାହୁଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ଅତିଥିମାନଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ମଞ୍ଚରେ ସମ୍ବଲପୁରୀ, ଆଧୁନିକ ଓ ଦଳଗତ ଲୋକନୃତ୍ୟ ପରିବେଷଣ ହୋଇଥିଲା।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦାନ୍ୟତା



**ସୁନ୍ଦରଗଡ,୧୮।୧୦(ଜୟ ନାରାୟଣ ମେଣ୍ଡୁଲି)**

ଚଳିତବର୍ଷ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ସୁନ୍ଦରଗଡ଼ର ଜଣେ ଶିକ୍ଷୟିତ୍ରୀ କଳ୍ପନା ନାଏକ ତାଙ୍କର ପୁରସ୍କାର ରାଶିକୁ ଛାତ୍ର ଶିକ୍ଷକ ମଙ୍ଗଳ ପାଣ୍ଠିକୁ ଦାନ କରିଛନ୍ତି। ସୁନ୍ଦରଗଡ ପୌରାଞ୍ଚଳ ଅନ୍ତର୍ଗତ ଶଙ୍କରା ଗୌଡପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଭାବେ କାର୍ଯ୍ୟରତ ନାଏକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବାବଦକୁ ପାଇଥିବା ୨୫ହଜାର ଟଙ୍କା ସୁନ୍ଦରଗଡ ଜିଲା ଶିକ୍ଷା ଅଧିକାରୀଙ୍କ ସୁନିରୀକ୍ଷଣରେ ପରିଚାଳିତ ଛାତ୍ର ଶିକ୍ଷକ ମଙ୍ଗଳ ପାଣ୍ଠିକୁ ଦାନକରି ନିଜର ବଦାନ୍ୟତା ଦେଖାଇଛନ୍ତି। ଏହି ପାଣ୍ଠି ବର୍ତ୍ତମାନ ଅସହାୟ,ସୁସ୍ଥ ଓ ଗରିବ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ଚିକିତ୍ସା ତଥା ଉନ୍ନତିକରଣ ଦିଗରେ ବ୍ୟବହୃତ ହେବ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ଏଭଳି କାର୍ଯ୍ୟକୁ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ସାଧୁବାଦ ଜଣାଇଛନ୍ତି।

## ସରକାରୀ ଖାଉଟି ଜିନିଷ ବାହାରେ ବିକ୍ରି

**ବରପାଲି,୧୮।୧୦(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ଏନ୍‌ଏସି ଓ ବ୍ଲକ ଅଞ୍ଚଳରେ ସରକାରୀ ରାସନ ସାମଗ୍ରୀ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ସରକାର ଲୋକମାନଙ୍କୁ ରାସନ କାର୍ଡ ପିଛା ୭ କେଜି ଲେଖାଏଁ ମାଣ୍ଡିଆ ମାଗଣାରେ ଦେଉଛନ୍ତି। ହେଲେ କିଛି ଅସାଧୁ ବ୍ୟବସାୟୀ ଉକ୍ତ ମାଣ୍ଡିଆକୁ କେଜି ପିଛା ୧୫ରୁ ୨୦ ଟଙ୍କାରେ କିଣୁଥିବା ଦେଖିବାକୁ ମିଳିଛି । ତେବେ ଅସାଧୁ ବ୍ୟବସାୟୀ ରାସନ କାର୍ଡଧାରୀ କିମ୍ୱା ଡିଲରଙ୍କଠାରୁ ମାଣ୍ଡିଆ କିଣୁଛନ୍ତି ସେ ନେଇ ତଦନ୍ତ ହେଲେ ଜଣାପଡିବ ବୋଲି ମତପ୍ରକାଶ ପାଇଛି। ବରପାଲି ବ୍ଲକର ୨୩ଟି ପଞ୍ଚାୟତରେ ଏଭଳି ଚାଲିଥିବା ଜଣାପଡିଛି। ଏ ସଂକ୍ରାନ୍ତରେ



ଜରି ବସ୍ତାରେ ମାଣ୍ଡିଆ ।

ବରପାଲି ଯୋଗାଣ ଅଧିକାରୀ ମନିକା ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ, ବାହାରେ ମାଣ୍ଡିଆ କିଣାବିକା ନେଇ ମୋ ପାଖକୁ କୌଣସି ଅଭିଯୋଗ ଆସିନାହିଁ। ଯଦି ଲୋକେ ବାହାରେ ଏଭଳି ଭାବେ ମାଣ୍ଡିଆ କିଣାବିକା କରିବେ ତେବେ ମୁଁ କ'ଣ କରିପାରିବି ବୋଲି ସେ କହିଥିଲେ।

# ୨୦ରୁ ବରଗଡ଼ରେ ସି. କେ. ନାଇଡୁ ଟ୍ରଫି

**ବରଗଡ଼,୧୮।୧୦(ପ୍ରେମାନନ୍ଦ ଖମାରୀ)**

- ବରଗଡ଼ରେ ଓଡ଼ିଶା ଏବଂ ମହାରାଷ୍ଟ୍ର ଦଳ
- ମ୍ୟାଚ୍ ପୂର୍ବରୁ ଖେଳାଳିଙ୍କ ଅଭ୍ୟାସ ଆରମ୍ଭ

ବରଗଡ଼ କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡରେ ଆସନ୍ତା ୨୦ରୁ ୨୩ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଏବଂ ମହାରାଷ୍ଟ୍ର ମଧ୍ୟରେ ୨୩ବର୍ଷରୁ କମ୍ ସି. କେ. ନାଇଡୁ କ୍ରିକେଟ ଟ୍ରଫି ଅନୁଷ୍ଠିତ ହେବ। ଶୁକ୍ରବାର କ୍ରୀଷ୍ଣା ବିକାଶ ସ୍କୁଲରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାରଠାରୁ ଉଭୟ ଦଳର ଖେଳାଳିମାନେ ବରଗଡ଼ରେ ପହଞ୍ଚି ସ୍ଥାନୀୟ ହୋଟେଲ ନିକି ରେସିଡେନ୍ସି ଏବଂ ହୋଟେଲ ଗଣପତିରେ ଅବସ୍ଥାନ କରୁଛନ୍ତି। ଶୁକ୍ରବାର ସକାଳେ ବିକାଶ ଗ୍ରାଉଣ୍ଡରେ ମହାରାଷ୍ଟ୍ର ଦଳ ଅଭ୍ୟାସ କରିଥିବାବେଳେ ଅପରାହ୍ନରେ ଓଡ଼ିଶା ଦଳର ଖେଳାଳିମାନେ ଅଭ୍ୟାସ କରିଥିଲେ। ଉକ୍ତ ମ୍ୟାଚ୍ ପାଇଁ ବିସିସିଆଇ ପକ୍ଷରୁ ହେମନ୍ତ କୁମାର (ତାମିଲନାଡୁ କ୍ରିକେଟ ଆସୋସିଏଶନ) ମ୍ୟାଚ ରେଫରି ନିଯୁକ୍ତ ହୋଇଛନ୍ତି। ନୀତିନ ପଣ୍ଡିତ (ବିଦର୍ଭ କ୍ରିକେଟ ଆସୋସିଏଶନ) ଏବଂ କେ. ପ୍ରଭାକର ରାଓ (କେରଳ କ୍ରିକେଟ ଆସୋସିଏଶନ) ଆମ୍ପାୟାର କାର୍ଯ୍ୟ ତୁଲାଇବେ। ବିରବର ନାୟକ ଅନ୍‌ଲାଇନ ସ୍କୋରର ଏବଂ ସନ୍ଦୀପ ଜି. ମାନୁଆଲ ସ୍କୋରର, ତାପସ କୁମାର ନାୟକ ଭିଡ଼ିଓ ଆନାଲିଷ୍ଟ ଏବଂ ଶୁଭାଶିଷ ଜେନା ଆସିଷ୍ଟାଣ୍ଟ ଭିଡ଼ିଓ ଆନାଲିଷ୍ଟ କାର୍ଯ୍ୟ ନିର୍ବାହ କରିବେ। ପ୍ରତ୍ୟେକ ଦିନ ମ୍ୟାଚ୍ ସକାଳ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ଯାଏ ଚାଲିବ। ଦିନ ୧୧ଟା ୩୦ମିନିଟ୍‌ରୁ ଦିନ ୧୨ଟା ୧୦ମିନିଟ୍ ପର୍ଯ୍ୟନ୍ତ ଭୋଜନ ବିରତି ରହିବ।

ଉଭୟ ଦଳ ପାଇଁ ଉଇମାନର ପଡ଼ିଆ, ପ୍ରାକ୍ଟିସ୍ ପିଚ୍, ବକ୍ସ ନେଟ୍ ଆଦି ବ୍ୟବସ୍ଥା ରହିଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ପ୍ରତିଯୋଗିତା ପାଇଁ ଏକ କମିଟି ଗଠନ କରାଯାଇଛି। ଓଡ଼ିଶା ଦଳର ମ୍ୟାନେଜର ଭାବେ ସୁଜିତ କୁମାର ପ୍ରଧାନ ରହିଥିବାବେଳେ ପ୍ରୀତେଶ କୋଠାରୀ ମହାରାଷ୍ଟ୍ର ଦଳର ମ୍ୟାନେଜର ରହିଛନ୍ତି। ଆୟୋଜନ କମିଟିରେ ପ୍ରଦୀପ ସାହୁ ଓଡ଼ିଶା ଦଳର ମ୍ୟାନେଜର ଏବଂ ପ୍ରଦୀପ ନନ୍ଦ ମହାରାଷ୍ଟ୍ର ଦଳର ମ୍ୟାନେଜର ରହିଛନ୍ତି। ସଚ୍ଚିଦାନନ୍ଦ ପଣ୍ଡାଙ୍କ ଉପରେ ଅମ୍ପାୟାରମାନଙ୍କ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଗୁରୁଦତ୍ତ ଦାଶ ଟିମ୍ ଗୁଡ଼ିକର ଦାୟିତ୍ୱ ବୁଝୁଥିବାବେଳେ ରଜତ ଦାଶଙ୍କୁ ଭିଡ଼ିଓ ଆନାଲିଷ୍ଟମାନଙ୍କ ଦାୟିତ୍ୱ ଦିଆଯାଇଛି। କ୍ୟୁରେଟର ଦାୟିତ୍ୱରେ ଓସିଏର ମୁରଲୀ ପାତ୍ର ଏବଂ ଅଶୋକ ସିଂ ଗ୍ରାଉଣ୍ଡ ଦାୟିତ୍ୱରେ ରହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା କ୍ରିକେଟ ଆସୋସିଏଶନର ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ନାରାୟଣ ପଣ୍ଡା, କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଡି. ବିବେକ, ନିର୍ଦ୍ଦେଶକ ଡଃ ସମରେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ବିଭାଗ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, କ୍ରୀଡ଼ା ବିଭାଗ ମୁଖ୍ୟ ପୀତାମ୍ବର ପ୍ରଧାନ, କ୍ରିକେଟ କୋଚ୍ ଅଶୋକ ସିଂ ମଧ୍ୟ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ବିଦ୍ୟାଳୟ ସୁସ୍ଥତା ପ୍ରଶିକ୍ଷଣ

ସମ୍ବଲପୁର,୧୮।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଶୁକ୍ରବାର ଆୟୁଷ୍ମାନ ଭାରତ ଅଧୀନରେ ବିଦ୍ୟାଳୟ ସୁସ୍ଥତା କାର୍ଯ୍ୟକ୍ରମ ଉପଲକ୍ଷେ ଜିଲାସ୍ତରୀୟ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକସ୍ତରୀୟ ଅଧିକାରୀ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ବିଦ୍ୟାଳୟ ସ୍ୱାସ୍ଥ୍ୟକର ପରିବେଶ ଉପରେ ଆଲୋଚନା କରାଯାଇଥିଲା। ଏହାସହ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଛାତ୍ର କିପରି ନିଜର ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେବେ ସେ ଉପରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତା ରାଣୀ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବହୁ ରାଜ୍ୟସ୍ତରୀୟ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

## ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥାର ଉନ୍ନତୀକରଣ ଦାବି

ସମ୍ବଲପୁର,୧୮।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ଅଞ୍ଚଳରେ ନର୍ଦ୍ଦମା ଜଳ ନିଷ୍କାସନ ପାଇଁ ଡ୍ରେନେଜ ମାଷ୍ଟର ପ୍ଲାନ ଓ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ପାଇଁ ସମ୍ବଲପୁର ମହାନଗର ନିଗମ(ଏସ୍ଏମ୍ସି) ପକ୍ଷରୁ ୱାର୍ଡସ୍ତରୀୟ ନାଗରିକ ପରାମର୍ଶ ବୈଠକ ଆୟୋଜିତ ହେଉଛି। ଗତ ସେପ୍ଟେମ୍ବର ୧୧ରୁ ଆରମ୍ଭ ହୋଇଥିବା ୱାର୍ଡ ସ୍ତରୀୟ ନାଗରିକ ପରାମର୍ଶ ବୈଠକ ଦୁର୍ଗାପୂଜା ପାଇଁ ଗତ ଅକ୍ଟୋବର ୪ରୁ ସାମୟିକ ଭାବେ ସ୍ଥଗିତ ରହିଥିଲା। ଏହି ଅବଧି ମଧ୍ୟରେ ମହାନଗର ଅଞ୍ଚଳର ମୋଟ ୧୧ଟି ୱାର୍ଡରେ ପରାମର୍ଶ ବୈଠକ ଶେଷ ହୋଇ ସ୍ଥାନୀୟ ବାସିନ୍ଦାଙ୍କ ପରାମର୍ଶ ଗ୍ରହଣ କରାଯାଇଥିଲା। ଉକ୍ତ ୱାର୍ଡସ୍ତରୀୟ ନାଗରିକ ପରାମର୍ଶ ବୈଠକ ଶୁକ୍ରବାରଠାରୁ ପୁଣିଥରେ ଆରମ୍ଭ ହୋଇ ଏସ୍ଏମ୍ସି ପକ୍ଷରୁ ସ୍ଥାନୀୟ ସମସ୍ୟା ସମ୍ପର୍କିତ ତଥ୍ୟ ସହିତ ଏହାର ପ୍ରତିକାର ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ବହୁ ମୂଲ୍ୟ ପରାମର୍ଶ ଗ୍ରହଣ କରିବା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସମ୍ବଲପୁର ମହାନଗର ଅନ୍ତର୍ଗତ ୱାର୍ଡ ନମ୍ବର ୧୭ରେ ନାଗରିକ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ୱାର୍ଡ ଅଧିକାରୀ ଗୌରୀ ଛୁରିଆଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅଙ୍ଗନୱାଡ଼ି କେନ୍ଦ୍ରରେ ଅନୁଷ୍ଠିତ ପରାମର୍ଶ ବୈଠକରେ ରାଜେନ୍ଦ୍ର ସତନାମୀ, କବିତା ଛତ୍ରୀ, ପ୍ରମୋଦିନୀ ବର୍ଡିଆ, ସ୍ୱର୍ଣ୍ଣ ପ୍ରକାଶ ନାଏକ, କବିତା ବଉାଗ, ଜ୍ୟୋତ୍ସ୍ନା ବାରିକ, ବିକ୍ରମ ସୁର, ଦେବକୀ ପ୍ରଧାନ, ସନ୍ତୋଷିନୀ ବେହେରା ପ୍ରମୁଖ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ। ସେମାନେ ବଡ଼ବଜାର, ତଳିପଡ଼ା, ହାତୀଛକ, ପାଟଣେଶ୍ୱରୀ ମନ୍ଦିର ଅଞ୍ଚଳ, ଅମରିପଡ଼ା, ଦଳଦଳିପଡ଼ା, ପୁରୁଷୋତ୍ତମପୁର, କାଳିବାଡ଼ି ଆଦି ଅଞ୍ଚଳର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା, ଡ୍ରେନ୍‌ର ସ୍ଥିତି ଆଦିକୁ ନେଇ ଏସ୍ଏମ୍ସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଅଞ୍ଚଳରେ ନିୟମିତ ସଫେଇ ସହ ଭାଙ୍ଗିଯାଇଥିବା ଡ୍ରେନ୍‌ଗୁଡ଼ିକର ମରାମତି, ଛୋଟ ଡ୍ରେନ୍‌କୁ ବଡ଼ ଡ୍ରେନ୍‌ରେ ସଂଯୋଗ କରିବା ଆଦି ବିଭିନ୍ନ ଉପାଦେୟ ପରାମର୍ଶ ମଧ୍ୟ ଦେଇଥିଲେ।

# ଟାଉନ ହଲ ସଂଗ୍ରହାଳୟରେ ରୂପାନ୍ତରିତ

ସମ୍ବଲପୁର,୧୮।୧୦(ଭବାନୀ ଶଙ୍କର ଭୋଇ)



ବୀର ସୁରେନ୍ଦ୍ର ସାଏ ଟାଉନ ହଲ ବିଲଡିଂ।

- ୧୨୦ ବର୍ଷକର ପୁରୁଣା ବିଲ୍‌ଡିଂରେ ପୁରାତନ ସାମଗ୍ରୀ, କଳାକୃତି ସଜ୍ଜିତ କରାଯାଉଛି
- ଇନଟାକ ସଂଗ୍ରହାଳୟ ନିର୍ମାଣ କାର୍ଯ୍ୟରେ ସହଯୋଗ କରୁଛି

ସମ୍ବଲପୁର ସହର ମଝିରେ ଥିବା ବୀର ସୁରେନ୍ଦ୍ର ସାଏ ଟାଉନ୍ ହଲ୍‌କୁ ଚଳିତବର୍ଷ ଡିସେମ୍ବର ସୁଦ୍ଧା ସଂଗ୍ରହାଳୟରେ ବିକଶିତ କରାଯାଇ ଲୋକଙ୍କ ପରିଦର୍ଶନ ପାଇଁ ଖୋଲାଯିବାର ଯୋଜନା ରହିଛି। ବୀର ସୁରେନ୍ଦ୍ର ସାଏ ଟାଉନ ହଲ ଶହେ ବର୍ଷରୁ ଅଧିକ ପୁରୁଣା ଏବଂ ସମ୍ବଲପୁରର ଇତିହାସ ଏବଂ ସଂସ୍କୃତି ସହ ଜଡିତ। ପୂର୍ବରୁ ଏହା ଭିକ୍ଟୋରିଆ ଟାଉନ୍ ହଲ୍ ନାମରେ ଦୀର୍ଘଦିନ ପର୍ଯ୍ୟନ୍ତ ପରିଚିତ ରହିଥିଲା। ବହୁ ବର୍ଷ ହେବ ଏହାକୁ ଏକ ସଂଗ୍ରହାଳୟ ଭାବେ ବିକଶିତ କରିବାକୁ ଯୋଜନା କରାଯାଇ ଆସୁଥିଲା। ୨୦୨୨ ମସିହାରୁ ଏହି ବିଲ୍‌ଡିଂର ନବୀକରଣ କାର୍ଯ୍ୟ ଶେଷ ହୋଇଥିବାବେଳେ ବର୍ତ୍ତମାନ ସଂଗ୍ରହାଳୟ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଉଛି। ଟାଉନ ହଲ୍‌କୁ ସଂଗ୍ରହାଳୟ ଭାବେ ବିକଶିତ କରିବା ପାଇଁ ଇନଟାକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଇନଟାକ ସମ୍ବଲପୁର ଚେପଟରର ବରିଷ୍ଠ ସଦସ୍ୟ ଐତିହାସିକ ଦୀପକ ପଣ୍ଡା କହିଛନ୍ତି, ସଂଗ୍ରହାଳୟରେ ପୁରାତନ ସମ୍ବଲପୁରୀ ଶାଢୀର ଡିଜାଇନ୍, ପାରମ୍ପାରିକ ବାନ୍ଧକଳା, ସମ୍ବଲପୁରୀ କପଡା ବୁଣିବା ପାଇଁ ବ୍ୟବହାର କରାଯାଉଥିବା ମଙ୍ଗା, ସମ୍ବଲପୁର ଅଞ୍ଚଳର ପାରମ୍ପାରିକ ଅଳଙ୍କାର, ପଶ୍ଚିମ ଓଡ଼ିଶାର ବାଦ୍ୟଯନ୍ତ୍ର ଏବଂ ଘରୋଇ ଉପକରଣ ଏବଂ ବିଲୁପ୍ତ ହେବାକୁ ଯାଉଥିବା ଅଞ୍ଚଳର ଖେଳ ସାମଗ୍ରୀ, ପ୍ରାଚୀନ ମୂର୍ତ୍ତୀ, ଐତିହାସିକ ସାମଗ୍ରୀଗୁଡିକ ସଂଗ୍ରହାଳୟରେ ପ୍ରଦର୍ଶିତ ହେବ। ସମ୍ବଲପୁରର ବିଭିନ୍ନ ସ୍ଥାନରୁ ପୁନରୁଦ୍ଧାର ହୋଇଥିବା ପୁରାତନ କଳାକୃତିଗୁଡିକ ମଧ୍ୟ ଏହି ସଂଗ୍ରହାଳୟରେ ସ୍ଥାନିତ ହେବ। ଏହାସହ ପଡ଼ିଆବାହାଲ ନିକଟସ୍ଥ ମୁଣ୍ଡେର ଅଞ୍ଚଳର ଡୋକରା କଳା, ଯୁଯୋମୁରା ଅଞ୍ଚଳର ଧନୁତୀର, ବରପାଲି ଅଞ୍ଚଳର ମୃତ୍ତିକା କାମ ଆଦି ସଂଗୃହିତ ହୋଇ ସଂଗ୍ରହାଳୟରେ ସଜ୍ଜିତ କରାଯାଉଛି। ସୂଚନାଯୋଗ୍ୟ ଯେ, ବ୍ରିଟିଶ ମହାରାଣୀ ଭିକ୍ଟୋରିଆଙ୍କ ସ୍ମୃତିରେ ୧୯୦୨ ମସିହାରେ ଭିକ୍ଟୋରିଆ ଟାଉନ୍ ହଲର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସେଣ୍ଟ୍ରାଲ ପ୍ରଭିନ୍ସର ଅଧୀକ୍ଷଣ ଯନ୍ତ୍ରୀ ଜେବି ଲେଭେନ୍ ଥର୍ପି ଏହି ବିଲ୍‌ଡିଂର ପରିକଳ୍ପନା କରିଥିଲେ। ୧୯୦୪ ମସିହାରେ ସେଣ୍ଟ୍ରାଲ ପ୍ରଭିନ୍ସର ମୁଖ୍ୟ କମିଶନର ଜେପି ହେୱାଥିଙ୍କ ଦ୍ୱାରା ଏହି ବିଲଡିଂ ଉଦ୍‌ଘାଟିତ ହୋଇଥିଲା। ଏହି ବିଲଡିଂ ନିର୍ମାଣ ପାଇଁ ସମ୍ବଲପୁର ଅଞ୍ଚଳର ରାଜା, ଜମିଦାର ଏବଂ ବ୍ୟବସାୟୀମାନେ ପାଣ୍ଠି ଯୋଗାଇଥିଲେ। ବିଲଡିଂରେ ଏକଦା ଜିଲା ସ୍କୁଲ, ମହିଳା କଲେଜ ଏବଂ ଟ୍ରଷ୍ଟ ଫଣ୍ଡ କଲେଜ ସହ ଜିଲା ପାଠାଗାର କାର୍ଯ୍ୟ କରୁଥିଲା। ଏହି ସଂଗ୍ରହାଳୟ ଚଳିତବର୍ଷ ଡିସେମ୍ବର ସୁଦ୍ଧା ସରକାରଙ୍କୁ ହସ୍ତାନ୍ତର କରାଯିବାର ଯୋଜନା ରହିଛି ବୋଲି ଇନଟାକର ଦିପକ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସମ୍ବଲପୁର ମହାନଗର କମିଶନର ବେଦଭୂଷଣ କହିଛନ୍ତି, ଏହି ସଂଗ୍ରହାଳୟ ଉଦ୍‌ଘାଟିତ ହେବା ପରେ ସମ୍ବଲପୁର ଅଞ୍ଚଳର ଜୀବନ, ପରମ୍ପରା ଏବଂ ସଂସ୍କୃତି ବିଷୟରେ ଆଗନ୍ତୁକମାନେ ଜାଣିବାର ସୁଯୋଗ ପାଇପାରିବେ। ସମ୍ବଲପୁରକୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ଏହା ନିଶ୍ଚିତ ଭାବେ ଏକ ଆକର୍ଷଣର କେନ୍ଦ୍ର ପାଲଟିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

## କାର୍ଯ୍ୟ ଦିବସରେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ବନ୍ଦ

କୁଚିଣ୍ଡା,୧୮।୧୦(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ କର୍ମଚାରୀଙ୍କ ମର୍ଜିରେ ଚାଲୁଥିବା ଅଭିଯୋଗ ହୋଇଛି। କର୍ମଚାରୀଙ୍କ ଇଚ୍ଛାରେ କାର୍ଯ୍ୟାଳୟ ଖୋଲୁଛି ନ ହେଲେ କାର୍ଯ୍ୟ ଦିବସରେ ବି ବନ୍ଦ ରହୁଛି। ସବୁ ଜାଣି ମଧ୍ୟ ବିଭାଗୀୟ ଅଧିକାରୀ ଚୁପ ରହୁଥିବା ସାଧାରଣରେ ଆଲୋଚନା ହେଉଛି। ସୂଚନା ଅନୁଯାୟୀ, ଗୁରୁବାର ଦିନଟି କାର୍ଯ୍ୟ ଦିବସ ଥିଲା। ବକ୍ସମା ପଞ୍ଚାୟତର କେତେଜଣ ବ୍ୟକ୍ତି ନିଜ ସମସ୍ୟା ବିଷୟରେ ଜଣାଇବାକୁ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟକୁ ଆସିଥିଲେ। ତେବେ ଅଫିସ ବନ୍ଦ ରହିଥିବା ଦେଖି ନିରାଶ ହୋଇ ଫେରିଯାଇ ଏ ସମ୍ପର୍କରେ କେତେଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଥିଲେ। ସତ୍ୟତା ଜାଣିବା ପାଇଁ ଖବରଦାତାମାନେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଦିନ ୧୨ଟା୫ରେ କାର୍ଯ୍ୟାଳୟ ବନ୍ଦ ରହି ଗେଟରେ ତାଲା ଝୁଲୁଥିବା ଦେଖିବାକୁ ପାଇଥିଲେ। ଏହା ପରେ ସହକାରୀ ନିର୍ବାହୀ ଯନ୍ତ୍ରୀ ନବୀନ ବାଗେଙ୍କୁ ଅଫିସ ବନ୍ଦ ଥିବା ବାବଦରେ ପଚାରିବାରୁ ସେ କାର୍ଯ୍ୟ ପରିଦର୍ଶନ ପାଇଁ ଫିଲଡରେ ଥିବା କହି ଅଫିସ ବନ୍ଦ ହେବା କଥା ନୁହେଁ, ମୁଁ ବୁଝୁଛି ବୋଲି କହିଥିଲେ। ତେବେ ଯନ୍ତ୍ରୀ ବାଗେ ଆଉ ଫୋନ ଉଠାଇ ନ ଥିଲେ। କିନ୍ତୁ ଏହାର କିଛି ସମୟ ପରେ ସାଢେ ୧୨ଟାରେ କାର୍ଯ୍ୟାଳୟ ଖୋଲାଯାଇଥିବା ଦେଖିବାକୁ ମିଳିଥିଲା। ଏଣୁ ସମସ୍ତଙ୍କର ଜ୍ଞାତସାରରେ ଏଭଳି ମନୋମୁଖି କାର୍ଯ୍ୟ ଚାଲୁଥିବା ଅଭିଯୋଗ ହେଉଛି। ଏଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।




ଗୁରୁବାର କାର୍ଯ୍ୟ ଦିବସରେ ପୂର୍ତ୍ତବିଭାଗ କାର୍ଯ୍ୟାଳୟରେ ତାଲା ଝୁଲୁଛି।

## ଭଡ଼ାଘରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ଭବାନୀପାଟଣା,୧୮।୧୦ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ବାହାଦୁର ବଗିଚାପଡ଼ାର ଏକ ଭଡ଼ାଘରୁ ଶୁକ୍ରବାର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ଟାଉନ ଥାନା ପୋଲିସ ଜବତ କରିଛି। ମୃତା ଯୁବତୀ ହେଲେ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଜନକପୁର ଗ୍ରାମର ମନୀଷା ଗୌଡ (୨୩ )। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ମିଳିଥିବା ସୂଚନା ଅନୁଯାୟୀ, ମନୀଷା ସ୍ଥାନୀୟ ଏକ ବାଇକ୍ ଶୋ'ରୁମରେ କାମ କରୁଥିବାବେଳେ ନିଜ ଭାଣିଜୀଙ୍କ ସହ ବାହାଦୁର ବଗିଚାପଡ଼ାର ଏକ ଭଡାଘରେ ରହୁଥିଲେ। ଶୁକ୍ରବାର ସକାଳୁ ଭାଣିଜୀଙ୍କୁ ଟ୍ୟୁଶନ ପଠାଇ ସେ ଘରେ ଏକାକୀ ରହିଥିଲେ। ଭାଣିଜୀ ୯ଟାରେ ଟ୍ୟୁଶନ ସାରି ଘରକୁ ଫେରିବା ବେଳକୁ ବେକରେ ଓଢ଼ଣି ଲଗାଇ ମନୀଷା ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ମୃତା ଯୁବତୀଙ୍କ ଭାଇ ତାଙ୍କ ଭଉଣୀଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଦେହରେ ଜଣେ ଯୁବକଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଏକ ମାମଲା(ନଂ.୪୨୫/୨୪) ରୁଜୁହୋଇଛି।

## ବିପଦପୂର୍ଣ୍ଣ କୋଠାକୁ ଭାଙ୍ଗିବାକୁ ଦାବି

ସମ୍ବଲପୁର,୧୮।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସହରର ରୋହିଦାସ ନଗର ବାସିନ୍ଦା ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ରାସ୍ତା କଡରେ ଥିବା ବିପଦପୂର୍ଣ୍ଣ କୋଠାକୁ ଭାଙ୍ଗିବାକୁ ଦାବି କରିଛନ୍ତି। ଏନେଇ ଜିଲାପାଳଙ୍କୁ ଦେଇଥିବା ଦାବିପତ୍ରରେ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ରୋହିଦାସ ନଗରକୁ ଯିବାକୁ ଥିବା ଦ୍ୱିତୀୟ ପ୍ରବେଶ ପଥକୁ ଲାଗି କୃଷି କାର୍ଯ୍ୟାଳୟର ଏକ ପୁରୁଣା ଗୋଦାମ ଗୃହଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି ଗୋଦାମ ଗୃହ ଯେକୌଣସି ସମୟରେ ଭାଙ୍ଗିଯିବାର ଆଶଙ୍କା ରହିଛି। ପୁଣି ଯଦି କାଠା ଭାଙ୍ଗି ଯାତାୟତ କରୁଥିବା ଲୋକଙ୍କ ଉପରେ ପଡ଼ିଯାଏ ତେବେ ବଡ଼ଧରଣର ଅଘଟଣ ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ଏହି କୋଠାକୁ ଭାଙ୍ଗିବା ପାଇଁ ପୂର୍ବରୁ କୃଷି ବିଭାଗକୁ ଅନୁରୋଧ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହି ବିପଦଶଙ୍କୁଳ ଅବସ୍ଥାରେ ଥିବା କୋଠାକୁ ଭଙ୍ଗାଗଲେ ରୋହିଦାସନଗର ବାସିନ୍ଦାଙ୍କ ଯାତାୟତରେ ବ୍ୟବହୃତ ହେଉଥିବା ଦ୍ୱିତୀୟ ପ୍ରବେଶପଥ ଅଧିକ ପ୍ରଶସ୍ତ ହେବା ସହ ଅଞ୍ଚଳବାସୀଙ୍କ ପାଇଁ ଅନେକ ସୁବିଧା ହେବ। ଏଥିପାଇଁ ଅଞ୍ଚଳବାସୀ ଏକଜୁଟ ହୋଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସତ୍ୟ ମେହେର, ଉମା ମେହେର, ଅଜୟ ମେହେର ପ୍ରମୁଖ ଉପସ୍ଥିତ ରହିଥିଲେ।



ରୋହିଦାସ ନଗର ରାସ୍ତାରେ ରହିଥିବା ବିପଦପୂର୍ଣ୍ଣ କୋଠା।

# ପିଲାଙ୍କ ଭବିଷ୍ୟତ ସହିତ ଖେଳୁଛି ନର୍ସିଂ କଲେଜ

ସମ୍ବଲପୁର,୧୮।୧୦(ପ୍ରମୋଦ ବହିଦାର)

- ଏନ୍ଓସି ନ ଥାଇ ମୋଟା ଅଙ୍କର ଅର୍ଥ ନେଇ ନାମଲେଖା
- ବୈଷୟିକ ତ୍ରୁଟି ଯୋଗୁ ଏନ୍ଓସି ନବୀକରଣ ବିଳମ୍ବ: କର୍ତ୍ତୃପକ୍ଷ

ସମ୍ବଲପୁର ଜମାଦାରପାଲିସ୍ଥିତ ଗାୟତ୍ରୀ ନର୍ସିଂ କଲେଜ ପିଲାଙ୍କ ଭବିଷ୍ୟତ ସହ ଖେଳୁଥିବା ଅଭିଯୋଗ ହୋଇଛି। କଲେଜରେ ପାଠପଢ଼ା ଯାଉ ନ ଥିବାବେଳେ ଏଠାରେ ଦାଖଲ କରିଥିବା ପିଲାଙ୍କ ଅରିଜିନାଲ୍ ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟ ମଧ୍ୟ ଦେବାକୁ କୁଣ୍ଠାବୋଧ କରୁଛନ୍ତି କଲେଜ କର୍ତ୍ତୃପକ୍ଷ। ଏହା ସହ ନାମଲେଖା ବାବଦକୁ ଦାଖଲ କରିଥିବା ମୋଟା ଅଙ୍କର ଫିସ ମଧ୍ୟ ଫେରସ୍ତ କରା ଯାଉନାହିଁ। ଏହାକୁ ନେଇ ଶୁକ୍ରବାର ଛାତ୍ରୀ ସମ୍ବଲପୁର ଜିଲା ଜମନକିରାର ଡୋଳାପ୍ରତିମା ସ୍ୱାଇଁଙ୍କ ପିତା ଓ ଅନ୍ୟତମ ଛାତ୍ର ବରଗଡ଼ ଜିଲା ଆମ୍ବାଭୋନା ଅଞ୍ଚଳର ହେମନ୍ତ ପଟେଲ ନିଜେ ହୀରାକୁଦ ଥାନାରେ ପୃଥକ ଭାବେ ଦୁଇଟି ଏତଲା ଦେଇଛନ୍ତି। ଉଭୟ ଛାତ୍ରୀ ଓ ଛାତ୍ରଙ୍କ ଅଭିଯୋଗ ଅନୁସାରେ ସେମାନେ ଗାୟତ୍ରୀ ନର୍ସିଂ କଲେଜରେ ବିଏସ୍ସି ନର୍ସିଂ ଶିକ୍ଷା ପାଇଁ ନାମ ଲେଖାଇଥିଲେ। ଏହି ସମୟରେ କଲେଜ ପକ୍ଷରୁ ନାମଲେଖା ବାବଦକୁ ଛାତ୍ରୀ ସ୍ୱାଇଁଙ୍କ ଠାରୁ ୧୦,୫୦୦ ଟଙ୍କା ଓ ଛାତ୍ର ପଟେଲଙ୍କ ଠାରୁ ୩୦ ହଜାର ଟଙ୍କା ନିଆ ଯାଇଥିଲା। ମାତ୍ର ଏଠାରେ ଦୁଇମାସ ପରେ ଆଗକୁ ପାଠପଢ଼ା ହେଲା ନାହିଁ। ତେଣୁ କଲେଜ କର୍ତ୍ତୃପକ୍ଷଙ୍କ ପରାମର୍ଶ କ୍ରମେ ଉଭୟ ଛାତ୍ରୀ ଓ ଛାତ୍ର ୨ ମାସ ପରେ ନିଜ ଘରକୁ ଚାଲି ଯାଇଥିଲେ। ପରବର୍ତ୍ତୀକାଳରେ ଏହି ଗାୟତ୍ରୀ ନର୍ସିଂ କଲେଜକୁ ଏନ୍ଓସି ମିଳି ପାରୁ ନ ଥିବାରୁ ଏହି ସମସ୍ୟା ହୋଇଥିବା ଉଭୟ ଛାତ୍ରୀ ଓ ଛାତ୍ର ଜାଣିବାକୁ ପାଇଥିଲେ। ତେଣୁ ସେମାନେ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପରିଚାଳିତ ନର୍ସିଂ ଶିକ୍ଷା ପାଇଁ ରାଜ୍ୟସ୍ତରୀୟ ପ୍ରବେଶିକା ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିଲେ। ଏଥିରେ ଉତ୍ତୀର୍ଣ୍ଣ ହୋଇ ଉଭୟେ ଦୁଇଟି ଭିନ୍ନଭିନ୍ନ କଲେଜରେ ନାମଲେଖା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ତେଣୁ ଉକ୍ତ କଲେଜରେ ନାମ ଲେଖା ପାଇଁ ଉଭୟ ଛାତ୍ରୀ ଓ ଛାତ୍ରଙ୍କୁ ଅରିଜିନାଲ ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟ୍ ଆବଶ୍ୟକ ହେବାରୁ ଏଥିପାଇଁ ସେମାନେ ଗାୟତ୍ରୀ ନର୍ସିଂ କଲେଜର ଦ୍ୱାରସ୍ଥ ହୋଇଥିଲେ। ମାତ୍ର କଲେଜ ପକ୍ଷରୁ ସାର୍ଟିଫିକେଟ୍ ଫେରସ୍ତ କରିବାକୁ କୁଣ୍ଠାବୋଧ କରିଥିଲେ ବୋଲି ସେମାନେ ଏତଲାରେ ଦର୍ଶାଇଛନ୍ତି। ଶୁକ୍ରବାର ସେମାନେ ହୀରାକୁଦ ଥାନାର ଦ୍ୱାରସ୍ଥ ହେଲା ପରେ କଲେଜ କର୍ତ୍ତୃପକ୍ଷ କେବଳ ଅରିଜିନାଲ ସାର୍ଟିଫିକେଟ୍‌ଗୁଡ଼ିକୁ ଫେରସ୍ତ କରିଛନ୍ତି। ମାତ୍ର ନାମ ଲେଖା ପାଇଁ ନେଇଥିବା ଅର୍ଥକୁ ଫେରସ୍ତ କରିନାହାନ୍ତି ବୋଲି ଉଭୟ ଛାତ୍ରୀ ଓ ଛାତ୍ର ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଗାୟତ୍ରୀ ନର୍ସିଂ କଲେଜର ନିଯୁକ୍ତି ଅଧିକାରୀ ଅସୀତ ଶତପଥୀ କହିଛନ୍ତି ଯେ, ବୈଷୟିକ ତ୍ରୁଟି ଯୋଗୁ ଏନ୍ଓସି ନବୀକରଣରେ ସାମାନ୍ୟ ବିଳମ୍ବ ହୋଇଛି। ମାତ୍ର କଲେଜକୁ ଏନଓସି ମିଳିନାହିଁ ବୋଲି ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ଚଳିତ ମାସ ଶେଷ ସୁଦ୍ଧା ଏନ୍ଓସି ନବୀକରଣ ହୋଇଯିବ। ତେବେ ଏଠାରେ ନାମ ଲେଖାଇଥିବା ଛାତ୍ରୀ ଓ ଛାତ୍ର ଆଶଙ୍କାର ବଶବର୍ତ୍ତୀ ହୋଇ ସାର୍ଟିଫିକେଟ୍ ନେଇ ସାରିଛନ୍ତି। ମାତ୍ର ସେମାନେ ନାମଲେଖା ବାବଦକୁ ଦାଖଲ କରିଥିବା ଅର୍ଥ ଫେରସ୍ତ କରାଯିବ ବା ଫେରସ୍ତ କରାଯିବ ନାହିଁ ଅଥବା କେତେ ଅର୍ଥ ଫେରସ୍ତ କରାଯିବ ସେନେଇ କଲେଜର ପରିଚାଳନା କମିଟିର ଅନୁମୋଦନ କ୍ରମେ ନିଷ୍ପତ୍ତି ନିଆଯିବ। ଏବାବଦରେ ଉଭୟ ଛାତ୍ରୀ ଓ ଛାତ୍ରଙ୍କ ଅଭିଭାବକ କଲେଜର ନିର୍ଦ୍ଦେଶକଙ୍କ ସହିତ ଆଲୋଚନା ମଧ୍ୟ କରି ସାରିଛନ୍ତି ବୋଲି କହିଛନ୍ତି ନିଯୁକ୍ତି ଅଧିକାରୀ ଶତପଥୀ।

## ୮ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତିପତ୍ର ପ୍ରଦାନ



କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସ୍ଥାୟୀ ସହକାରୀ ଶିକ୍ଷକ ନିଯୁକ୍ତିପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଉଛି।

ସମ୍ବଲପୁର,୧୭।୧୦(ବି.ଶଙ୍କର)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଶୁକ୍ରବାର ସ୍ଥାୟୀ ସହକାରୀ ଶିକ୍ଷକ ନିଯୁକ୍ତିପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏନେଇ ମାନେଶ୍ୱର ବ୍ଲକ ଅଫିସରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ସ୍ୱାଗତ କାର୍ଯ୍ୟକ୍ରମ ହୋଇଥିଲା । ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ବରିଷ୍ଠ ଶିକ୍ଷକ ଅନିରୁଦ୍ଧ ବିଶ୍ୱାଳ, ପାଞ୍ଚଫୁଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ପାଣିଗ୍ରାହୀ ଓ ମହୁଲପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ କାହ୍ନୁଚରଣ ଦାଶ ସମ୍ମାନିତ ଅତିଥି ଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀତାରାମ ଭୋଇଙ୍କ ସମେତ ଅତିଥିମାନେ ନିୟମିତ ହୋଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବା ସହ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ବ୍ଲକର ସାଧନ କର୍ମୀ, କାର୍ଯ୍ୟାଳୟର କର୍ମଚାରୀ, ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ଥିଲେ।

## କାମରେ ଆସୁନି ମେଗା ଉଠା ଜଳସେଚନ ପ୍ରକଳ୍ପ

କୁଚିଣ୍ଡା,୧୮।୧୦(ବିରଞ୍ଚି ଦର୍ଶା)

**ଅଧିକାଂଶ ପଏଣ୍ଟ ଅଚଳ**

ସମ୍ବଲପୁର ଜିଲା ଅଣଜଳସେଚିତ କୁଚିଣ୍ଡା ଉପଖଣ୍ଡରେ ମରୁଡି ସମସ୍ୟା ଦୂର ପାଇଁ ୨୦୧୫ରେ ୬ଗୋଟି ବୃହତ ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ ହୋଇଥିଲା। ଏହାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଥିଲେ। ହେଲେ ବିପୁଳ ଅର୍ଥ ବ୍ୟୟରେ ହୋଇଥିବା ଏହି ପ୍ରକଳ୍ପ ଗୁଡିକରେ ବ୍ୟତିକ୍ରମ ସହ ବ୍ୟାପକ ଅବ୍ୟବସ୍ଥା ଦେଖା ଦେଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆବଶ୍ୟକୀୟ ତଦାରଖ ଓ ମରାମତି ଅଭାବ ଯୋଗୁଁ ଚାଷୀ ପାଣି ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଫଳରେ ଖଜଣା ପଇଠ କରି ମଧ୍ୟ ଚାଷୀ ମରୁଡିର ଶିକାର ହେଉଥିବା କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, କୁଚିଣ୍ଡା ଉପଖଣ୍ଡର ସଇଡା, ଚନ୍ଦନିମାଲ, ବୁଦ୍ଧୁଲାପାଲି, ଜନକଡିହି (ଗୋଛରା), ମନାପାଲି ଓ ନୂଆଗାଁ ଏଭଳି ୬ଗୋଟି ବୃହତ ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ ହୋଇଛି। ପ୍ରତ୍ୟେକ ପ୍ରକଳ୍ପର ଆୟକଟ ଏରିଆ ମୁତାବକ ଡେଲିଭରି ପଏଣ୍ଟ ବସାଯାଇଥିଲେ ହେଁ ସମସ୍ତ ପଏଣ୍ଟକୁ ପାଣି ପହଞ୍ଚି ପାରୁନାହିଁ। ଫଳରେ ଜଳସେଚନ ଖଜଣା ଦେଉଥିବା ଚାଷୀ ମରୁଡିର ଶିକାର ହେଉଛି। ଏହାଛଡା ଗତବର୍ଷଠାରୁ ବିଭିନ୍ନ ଗ୍ରାମରେ ଡେଲିଭରି ପଏଣ୍ଟ ଅଚଳ ହୋଇଥିବାବେଳେ କେତେକ ସ୍ଥାନରେ ପାଇପ ଫାଟି ଶେଷ ମୁଣ୍ଡକୁ ପାଣି ଯାଉ ନ ଥିବା ଅଭିଯୋଗ ହୋଇଛି। ଏହାରି ଯୋଗୁ ନଇପାଣି ପୁଣି ନଇକୁ ବୋହି ଯାଉଥିବା ଦେଖିବାକୁ ମିଳୁଛି। କେତେକ ପ୍ରକଳ୍ପରେ ଡ୍ରାଇଭରମାନେ ଠିକ ଭାବେ ପମ୍ପ ଚଳାଉ ନ ଥିବା ଯୋଗୁ ଜଳାଭାବ ଜନିତ ମରୁଡି ସମସ୍ୟା ସୃଷ୍ଟି ହୋଇଛି। ଜଳସେଚନ ବିଭାଗ ପକ୍ଷରୁ ପ୍ରକଳ୍ପ ଗୁଡିକର ସୁପରିଚାଳନା ନିମନ୍ତେ ଚାଷୀଙ୍କୁ କୌଣସି ଠିକ ସୂଚନା ପ୍ରଦାନ କରୁ ନ ଥିବାରୁ ଏଭଳି ସମସ୍ୟା ଉପୂନ୍ନ ହେଉଥିବା ଚାଷୀମାନେ କହନ୍ତି। ସଇଡା ପ୍ରକଳ୍ପର ଆୟକଟ ଏରିଆରେ ଆସୁଥିବା ରାମତିଲେଇମାଲ, ପଣ୍ଡରିକଟା ଓ ସାନଜଟିଆପାଲି ଗ୍ରାମ ଆଦିରେ ସ୍ଥାପିତ ଡେଲିଭରି ପଏଣ୍ଟମାନଙ୍କରେ ଆଦୌ ପାଣି ଆସୁନାହିଁ। ଅନ୍ୟ ପକ୍ଷରେ ବୁଦ୍ଧୁଲାପାଲି, ଜନକଡିହି, ମନାପାଲି ଓ ନୂଆଗାଁ ପ୍ରକଳ୍ପ ଅଞ୍ଚଳରେ ବର୍ଷା ଅଭାବରୁ ଆସନ୍ନ ମରୁଡି ପରିସ୍ଥିତି ଦେଖାଦେଇଥିଲେ ହେଁ ଆବଶ୍ୟକତା ଅନୁଯାୟୀ ପାଣି ପମ୍ପ ଚାଳନା ହେଉ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସମ୍ବଲପୁର ବୃହତ ଉଠାଜଳସେଚନ ବିଭାଗ ସବଡିଭିଜନ ଅଫିସର ଏଲିନା ଲାକ୍ରାଙ୍କୁ ପଚାରିବାରେ ପ୍ରତି ପ୍ରକଳ୍ପରେ ସୁପର ଭାଇଜରମାନେ କାମ କରୁଛନ୍ତି। ଅଭିଯୋଗ ଆସିଲେ ସେମାନେ ମରାମତି କାମ କରୁଛନ୍ତି। ଅନେକ ସମୟରେ ଲୋ-ଭୋଲେଟଜ ଯୋଗୁ ପାଣି ପମ୍ପ ଚଳାଇବାରେ ସମସ୍ୟା ହେଉଥିବା କହିଛନ୍ତି।

# ପିଲାଙ୍କୁ ସ୍କୁଲ ଛାଡ଼ିଲେନି ଅଭିଭାବକ

## ଜିଲାଭିତ୍ତିକ ନିଯୁକ୍ତି ଦାବି

**ନବରଙ୍ଗପୁର, ୧୮।୧୦**
**(ସଦାଶିବ ପ୍ରହରାଜ)**


ଉମରକୋଟ୍‌ର ଏକ ସ୍କୁଲରେ ଜଣେ ଶିକ୍ଷୟିତ୍ରୀ ଶ୍ରେଣୀଗୃହରେ ପିଲାମାନଙ୍କୁ ଅପେକ୍ଷାକରି ବସିଛନ୍ତି।

ନବରଙ୍ଗପୁରରେ ଜିଲାଭିତ୍ତିକ ନିଯୁକ୍ତି ଦାବି ଜୋର ଧରିବାରେ ଲାଗିଛି। ଗୁରୁବାର ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଦାବିପୂରଣ ନ ହେବା ପର୍ଯ୍ୟନ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ସ୍କୁଲକୁ ନ ପଠାଇବାକୁ ଅଭିଭାବକଙ୍କୁ ନିବେଦନ କରାଯାଇଥିଲା। ପୂଜାଛୁଟି ପରେ ଶୁକ୍ରବାର ସ୍କୁଲ ଖୋଲିଥିବାବେଳେ ଜିଲାର ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ସ୍କୁଲକୁ ଛାତ୍ରୀଛାତ୍ର ଆସି ନ ଥିଲେ। ଠିକ୍ ସମୟରେ ଶିକ୍ଷୟିତ୍ରୀ ଶିକ୍ଷକ ସ୍କୁଲକୁ ଆସିଥିଲେ ମଧ୍ୟ କୌଣସି ଛାତ୍ରୀଛାତ୍ର ସ୍କୁଲକୁ ଆସି ନ ଥିବା ସୂଚନା ମିଳିଛି। ପିଲାମାନେ ସ୍କୁଲକୁ ନ ଆସିବାକୁ ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ଶିକ୍ଷକମାନେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟାଳୟରେ ଅପେକ୍ଷା କରିଥିଲେ। ଜିଲାଭିତ୍ତିକ ନିଯୁକ୍ତି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସ୍କୁଲକୁ ପିଲାଙ୍କୁ ଛାଡ଼ିବୁ ନାହିଁ ବୋଲି ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍କୁଲ ପ୍ରଧାନଶିକ୍ଷକମାନଙ୍କୁ ପ୍ରଦାନ କରାଯାଇଛି। ଜିଲାଭିତ୍ତିକ ନିଯୁକ୍ତିକୁ ଅଭିଭାବକମାନେ ସମର୍ଥନ କରିଛନ୍ତି। ନବରଙ୍ଗପୁର ଏକ ଆଦିବାସୀ ଅଧ୍ୟୁଷିତ ଜିଲା। ବାହାର ଜିଲାର ଶିକ୍ଷକମାନେ ଏଠାକାର ପିଲାଙ୍କୁ ପଢ଼ାଇଲେ ସେମାନଙ୍କର ପାଠ ବୁଝିବାରେ ଅସୁବିଧା ହେଉଛି। ତେଣୁ ଜିଲାର ସାକ୍ଷରତା ହାର କମିବାରେ ଲାଗିଛି ବୋଲି ଅଭିଭାବକ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ କହିଛନ୍ତି। ଯୋଗ୍ୟତା ଥାଇ ମଧ୍ୟ ଯଦି ନିଜ ଅଞ୍ଚଳରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ପଦବୀ ଚାକିରି ମିଳିବ ନାହିଁ ତେବେ କାହିଁକି ପିଲାମାନେ ପଢ଼ିବେ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ସରକାର ଯଦି ଦାବି ପୂରଣ ନ କରନ୍ତି ତେବେ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି ଜୋର ଧରିବ ବୋଲି ଅଭିଭାବକ ଓ ଗ୍ରାମବାସୀ କହିଛନ୍ତି।

## ଖାନ୍‌ନଗର ଦୁର୍ଗାପୂଜା ତୋରଣ ଭୁଶୁଡ଼ିଲା

**କଟକ, ୧୮।୧୦**
**(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଖାନ୍‌ନଗର ଅଞ୍ଚଳରେ ଦୁର୍ଗାପୂଜା ପାଇଁ ନିର୍ମାଣ ହୋଇଥିବା ତୋରଣ ଶୁକ୍ରବାର ଅପରାହ୍ନରେ ଭୁଶୁଡି ପଡିଛି। ନେତାଜୀ ବସ୍ ଟର୍ମିନାଲ ନିକଟରେ ଖପୁରିଆ ଖାନ୍‌ନଗର ଶିଳ୍ପାଞ୍ଚଳ ପୂଜା କମିଟି ପକ୍ଷରୁ ନିର୍ମିତ ପ୍ରାୟ ୪୦ ଫୁଟ୍ ଉଚ୍ଚତାର ଏହି ଲାଇଟ ଗେଟ୍ ତୋରଣ ଭାଙ୍ଗି ପଡିବାରୁ ଏହା ତଳେ ଥିବା ୩ଟି ବାଇକ୍, ଗୋଟିଏ କାର ଓ ୨ଟି ଅଟୋ ଚାପି ହୋଇଯାଇଛି। ଏଥିଯୋଗୁ ପ୍ରାୟ ୩୦ ମିନିଟ୍ ଧରି ଖାନ୍‌ନଗର ରିଂରୋଡ଼ ଜାମ୍ ହୋଇଯିବା ଫଳରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଛି। ସ୍ଥାନୀୟ ଲୋକଙ୍କ ସମେତ ପୂଜା କମିଟିର ସଦସ୍ୟମାନେ ଭିଡ଼ ନିୟନ୍ତ୍ରଣ କରିଥିଲେ। ହେଲେ ସୌଭାଗ୍ୟବଶତଃ ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡିଛି। ପରେ କ୍ରେନ୍ ଓ ଜେସିବି ସହାୟତାରେ ତୋରଣକୁ ହଟାଯାଇଥିଲା। ତେବେ କେଉଁ କାରଣ ଯୋଗୁ ଏଭଳି ଘଟଣା ଘଟିଲା ତାହା ସ୍ପଷ୍ଟ ହୋଇପାରିନାହିଁ। ଏଭଳି ଅଘଟଣ ଘଟିବା ପରେ ପୋଲିସ, ଜିଲା ପ୍ରଶାସନ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡିଛି। ଏନେଇ ପୂଜା କମିଟି ସମ୍ପାଦକ ପ୍ରଫୁଲ୍ଲ ସାହୁ କହିଛନ୍ତି, କୌଣସି ଏକ ଭାରିଯାନ ତୋରଣକୁ ଧକ୍କା ଦେବାରୁ ଏଭଳି ଅଘଟଣ ଘଟିଥିବା ଅନୁମାନ କରାଯାଉଛି।

## ଆମ ଭାଷା ହେଉଛି 'ଭାରତୀୟତା'ର ପ୍ରାଣ: ଧର୍ମେନ୍ଦ୍ର



**ଭୁବନେଶ୍ୱର, ୧୮।୧୦ (ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ନିକଟରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ପାଲି, ପ୍ରାକୃତ, ମରାଠୀ, ଅସମିଆ (ଅହମିୟା) ଏବଂ ବଙ୍ଗଳା ଭାଷାରେ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେବାକୁ ମଞ୍ଜୁର ମିଳିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିବା ଏହି ସବୁ ଭାଷାର ଭାଷାବିତ୍‌ମାନଙ୍କୁ ଭେଟି ସାକ୍ଷାତ ଆଲୋଚନା କରିଛନ୍ତି। ଏହି ଭାରତୀୟ ଭାଷାଗୁଡ଼ିକୁ ଶାସ୍ତ୍ରୀୟ ଭାଷା ତାଲିକାରେ ଅନ୍ତର୍ଭୁକ୍ତ କରିଥିବାରୁ ଭାଷାବିତ୍‌ମାନେ ଖୁସି ବ୍ୟକ୍ତ କରିବା ସହ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହିସବୁ ଭାଷାକୁ ପ୍ରୋତ୍ସାହିତ ଓ ସୁସମୃଦ୍ଧ କରିବା ଦିଗରେ ସମସ୍ତେ ନିଜର ସମର୍ଥନ ଜଣାଇଛନ୍ତି। ଏ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆମ ଭାଷାଗୁଡିକ ହେଉଛି 'ଭାରତୀୟତା'ର ପ୍ରାଣ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସରକାର ସବୁ ଭାରତୀୟ ଭାଷା ବା ମାତୃଭାଷାରେ ଶିକ୍ଷାକୁ ପ୍ରୋତ୍ସାହିତ କରୁଛନ୍ତି। ଜାତୀୟ ଶିକ୍ଷାନୀତିର କଳ୍ପନା ଅନୁସାରେ ଆମର ଭାଷାଗତ ଐତିହ୍ୟକୁ ସମ୍ମାନ ଜଣାଇବା ସହ ସଂରକ୍ଷଣ କରିବା ପାଇଁ ସେ ସବୁ ପ୍ରକାର ପ୍ରୟାସ କରୁଛନ୍ତି। ମାତୃଭାଷା ଶିକ୍ଷାକୁ ସୁଗମ କରିବା, ସମସ୍ତ ଭାରତୀୟ ଭାଷା ଉପରେ ସମାନ ଗୁରୁତ୍ୱ ଦେବା ସହ ବହୁଭାଷାଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ଉଲ୍ଲେଖନୀୟ ଯେ, ଭାରତ ସରକାର ପୂର୍ବରୁ ତାମିଲ, ସଂସ୍କୃତ, ତେଲୁଗୁ, କନ୍ନଡ, ମାଲୟାଲମ୍ ଏବଂ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଇସାରିଛନ୍ତି। ଶାସ୍ତ୍ରୀୟ ଭାଷାକୁ ପ୍ରୋତ୍ସାହିତ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି।

## ଟ୍ରେନ୍‌ରୁ ଓହ୍ଲାଇବାବେଳେ ଖସିପଡ଼ି ମା' ଝିଅ ଗୁରୁତର

**ରାୟଗଡ଼ା, ୧୮।୧୦**
**(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ସିଙ୍ଗାପୁର ରୋଡ୍ ରେଳଷ୍ଟେଶନରେ ଶୁକ୍ରବାର ଭୋର ସମୟରେ ଚଳନ୍ତା ଟ୍ରେନ୍‌ରୁ ଓହ୍ଲାଇବାବେଳେ ଅଘଟଣ ଘଟିଛି। କୋର୍ବା–ବିଶାଖାପାଟଣା ଏକ୍ସପ୍ରେସ୍‌ରୁ ଓହ୍ଲାଇବାବେଳେ ଖସିପଡ଼ିବାରୁ ଟ୍ରେନ୍ ଚକ ତଳେ ଚାପିହୋଇ ମା' ଓ ୪ ବର୍ଷର ଝିଅ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଜିଆର୍‌ପି ପୋଲିସ ଉଦ୍ଧାରକରି ପ୍ରଥମେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ ମା' ରତିକା ଚନ୍ଦନାଙ୍କ ଦୁଇଟି ହାତ ଏବଂ ଗୋଟିଏ ଗୋଡ଼ କଟିଯାଇଥିବାବେଳେ ବାମ ଗୋଡ଼ ଭାଙ୍ଗିଯାଇଛି। ତାଙ୍କ ୪ ଝିଅ ହସିନା ଚନ୍ଦନାଙ୍କ ଡାହାଣ ହାତ ଓ ଗୋଡ଼ କଟିଯାଇଛି।

ସୂଚନାଯୋଗ୍ୟ, ସ୍ୱାମୀ ଚୈତନ୍ୟ ଚନ୍ଦନା ସ୍ତ୍ରୀ ପିଲାଙ୍କୁ ଧରି ଟିଟିଲାଗଡ଼ କାନିଝୁରିରୁ ରାୟଗଡ଼ା ବ୍ଲକ ପେଷ୍ଟୋ ପଞ୍ଚାୟତ ଅନ୍ତର୍ଗତ ଜିଞ୍ଜିଲିବାଡ଼ି ସମ୍ପର୍କୀୟଙ୍କ କାର୍ଯ୍ୟରେ ଯୋଗଦେବା ନିମନ୍ତେ ଆସୁଥିଲେ। ଟ୍ରେନ୍‌ରୁ ଓହ୍ଲାଇବା ସମୟରେ ଅସାବଧାନତା ଯୋଗୁ ଏହି ଦୁର୍ଘଟଣାର ଶିକାର ହୋଇଥିବା କୁହାଯାଉଛି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାହିଁଦେଲେ ଚୋରଣୀ**
**ଲୁଚିଗଲେ ଘରଣୀ।**

ଘରଣୀ ଗୃହର ମର୍ଯ୍ୟାଦା ଦାୟିନୀ। ସେ ପରପୁରୁଷକୁ ଦେଖିଲେ ମୁହଁ ଲୁଚାଇ ରଖେ। କିନ୍ତୁ ବିଶୃଙ୍ଖଳ ଚରିତ୍ରର ବା ଚୋରଣୀ ପ୍ରକୃତିର ନାରୀ ନିଜ ସ୍ୱଭାବକୁ ଲୁଚାଇବା ପାଇଁ ଅପର ଲୋକକୁ ସବୁବେଳେ ନଜର ପକାଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚଇତ୍ରରେ ପଡ଼େ ଯେବେ**
**ପାଞ୍ଚ ଶନିବାର,**
**ମଡ଼କ ହେତୁରୁ ପୃଥ୍ୱୀ**
**ବହେ ଅସ୍ଥିଭାର।**

ଚଇତ୍ର ମାସରେ ପାଞ୍ଚଟି ଶନିବାର ପଡ଼ିବା ଧରାପୃଷ୍ଠ ପାଇଁ ଅନିଷ୍ଟକାରୀ ହୋଇଥାଏ। ଯେଉଁ ବର୍ଷ ଚଇତ୍ର ମାସରେ ପାଞ୍ଚଟା ଶନିବାର ପଡ଼େ ସେହିବର୍ଷ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟିବା ଅନେକ ସମ୍ଭାବନା ରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ


**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: OPTCL TECH TOWER, Janpath, Saheed Nagar, Bhubaneswar-751007
CIN:U40102OR2004SGC007553
Lifeline of Odisha

No.CAD-1387 **TENDER ALERT**

**1)Tender Call Notice No. 01/2024-25:** Construction of cable trench slabs for replacement of damaged slabs at Grid Sub-Station, Bhograi Under EHT (O&M) Division, Balasore.
**2)Tender Call Notice No. 03/2024-25:** Procurement of different types of identification Boards required for GSS under EHT (O&M), Division, Dhenkanal.
**3)Tender Call Notice No.04/2024-25:** Procurement of Telescopic FRP Discharge Rod required for GSS Under EHT (O&M) Division, Dhenkanal.
**4)Tender Call Notice No. 04 of 2024-25:** Tenders are invited from experienced bidders for Sl. No. 01 & 09 Under Civil Works Division No-II, Burla.
**5)Tender Call Notice No. 03/KHU/2024-25:** Painting of 01 no. 40MVA Power Transformer (P TFR No. 4) at Grid Sub-Station, Khurda Under EHT (O&M) Division, Khurda.
**6)Tender Call Notice No. 07/2024-25:** Cleaning, uprooting of grasses, wild shurbs including cutting of bushes,trees and unwanted plants at Salipur, Nuapatna & 132kV ICCL S/W Station, Choudwar Under EHT (O&M) Division, Choudwar.
**7)Tender Call Notice No. OT-06/2024-25:** Procurement of different types consumable items required for annual mentenance works in various Grids Substations Under EHT (O&M) Division, Rayagada.
For more details please visit OPTCL's website: **www.optcl.co.in.**
OIPR-04011/11/0055/2425 FIPR-29/2024-25
/optcl.odisha /optcl_odisha

**ADVERTISEMENT**
**TENDER CALL NOTICE FOR PROCUREMENT OF DENTAL CONSUMABLES**
**S.C.B. DENTAL COLLEGE & HOSPITAL, CUTTACK**
**No.E-404** : Sealed tender is invited from registered firms / agencies / company / having relevant experience for providing Dental Consumables at SCB Dental College and Hospital, Cuttack.
For details of tender paper, terms & conditions etc., visit the website www.odisha.gov.in., www.dmetorissa.gov.in, www.scbdental.nic.in in ADVERTISEMENTS section.
Sd./- Principal
S.C.B. Dental College & Hospital, Cuttack
OIPR-10027/11/0007/2425

**GOVERNMENT OF ODISHA**
**OFFICE OF THE PROJECT ADMINISTRATOR, ITDA, TH.RAMPUR AT BHAWANIPATNA**
**e-Procurement Notice**
**Letter No. 1752** **Date: 15.10.2024**
No. CAD-1381: The Project Administrator, ITDA, Thuamul Rampur at Bhawanipatna invites percentage rate of BIDs through e-Procurement for various civil works. BID documents consisting of details of work, estimated cost, cost of tender paper, EMD, time of completion, class of contractor, set of terms and conditions of contract and other necessary documents can be seen in the website **www.tendersodisha.gov.in**. The bidder should have necessary portal enrolment with his/her own Digital Signature Certificate (DSC).
1. No. of Works : 2
2. Nature of Work : Civil Construction
3. BID Identification No. : ITDA, THR-01/2024-25
4. Date and time of availability of Bid document in portal : From 10.00 A.M. of 18.10.2024 to 25.10.2024 upto 5.00 P.M. for online bidding
5. Last date & time for receipt of BIDs in portal : 25.10.2024 upto 5.00 P.M.
6. BIDs received online shall be opened on : 30.10.2024 at 11.00 A.M.
7. Name and address of the Officer : Project Administrator, ITDA, Th.Rampur at Bhawanipatna
Sd./- Project Administrator, ITDA, Th.Rampur Bhawanipatna
OIPR-19113/11/0001/2425

**OFFICE OF THE ROURKELA MUNICIPAL CORPORATION : ROURKELA**
**INVITATION FOR BID**
**No. 12644 Dated 15.10.24**
**Bid Identification No. : MC/RMC/31/2024**
**No.C-779** : The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode. Bid Identification **No. MC/RMC/31/2024** for **01** nos. Civil work with value of **Rs. 3.74 Cr.**
1. Bid documents will be available in website www.tendersorissa.gov.in from **15.10.2024**.
2. Bids must be submitted on "online" on or before **29.10.2024 by 17.00 hours**.
3. Bids shall be opened at 11.00 hours on **30.10.2024** in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in
Sd./- Municipal Commissioner, Rourkela Municipal Corporation
OIPR-13131/11/0036/2425

**OFFICE OF THE SUPERINTENDENT, SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT**
Tel. No. : 06852 252121, E-mail : supdtslnmchkpt.od@gov.in slnmchkpt18@gmail.com
**No. 5900/2024** **Date : 09.10.2024**
**Corrigendum**
**No.E-402** : Accordingly to the decision taken in the Pre bid meeting held on 05.10.2024 against Tender Call Notice No. 5542 dated 25.09.2024 of SLN MCH, Koraput, some terms and conditions has been revised. The details information of corrigendum can be obtained from SLNMCH website : slnmch.nic.in and koraput.odisha.gov.in in the all working days after publication in newspapers. The bidder can also download the tender papers directly from the above website.
Sd./- Medical Superintendent SLNMCH, KORAPUT
OIPR-10121/11/0015/2425

**OFFICE OF THE MEDICAL SUPERINTENDENT FAKIR MOHAN MEDICAL COLLEGE AND HOSPITAL, BALASORE**
**Corrigendum Notice**
No.4883/S FMMC&HB Date:09.10.2024
**No.E-401:**With reference to the tender No.4175 dated 27.08.2024 for Supply of Orthopedic Implants (Set as per Demand) of this office, some modification in Term and condition and selection procedure has been made which is available in this college website https://blsmch.nic.in and District official website https://balasore.odisha.gov.in. Hence interested bidders and already applied bidders may submit their fresh bid proposals or revised bid proposals respectively within 29.10.2024 by 5.00 PM through Speed Post/ Courier. The bid will be opened on 30.10.2024 at 11.00 AM in O/o of the Superintendent, FM-MCH, Balasore.
Sd./- Medical Superintendent FM-MCH, Balasore
OIPR-10134/11/0022/2425

**ODISHA BIGYAN ACADEMY**
**ADVERTISEMENT**
No. U-15: Nominations in the prescribed proforma are invited by the Odisha Bigyan Academy, Science & Technology Department, Government of Odisha, Bhubaneswar for the following Awards and Honours **for the Award Year 2024** based on **scientific contributions upto 31st December, 2023.**
1. **Biju Patnaik Award for Scientific Excellence.** (Age of Scientists must be 60 years & above on 31st December, 2023)
2. **Samanta Chandra Sekhar Award.** (Upper age of Scientists must not exceed 60 years on 31st December, 2023)
3. **Odisha Young Scientists Award.** (Upper age of Young Scientists must not exceed 35 years on 31st December, 2023)
4. **Pranakrushna Parija Popular Science Book Award.** (For authors of Odia Popular Science Books in General & Children category)
5. **Felicitation of Senior Scientists of Odisha.** (Age must be 65 years or above on 31st December, 2023) For detail guidelines and nomination proforma, please login to Odisha Bigyan Academy website: **www.odishabigyanacademy.nic.in.**

The nomination proforma can be downloaded from the above website. Duly filled-in proforma (as per guidelines) along with all particulars & documents to be sent to the Secretary, Odisha Bigyan Academy in the address given below. Nominees for Biju Patnaik Award for Scientific Excellence, Samanta Chandra Sekhar Award & Odisha Young Scientists Award are required to mention Thomson Reuter Impact Factor against the list of publications and should mention number of total Citations, ***h***-index & ***i*10**-index at the top of the publications list. A nominator can nominate only **one person** for a **particular category of award for a year.** As Pranakrushna Parija Popular Science Book Award is a single award, a nominee can apply **either in General Category or Children Category** in an award year.
The last date for receipt of nominations is **06.12.2024 (upto 5.00 pm). Nominations received after due date shall not be taken into consideration.**
**Secretary, Odisha Bigyan Academy, B/2, Saheed Nagar, Bhubaneswar-751 007, Odisha (INDIA)**
OIPR-28002/11/0003/2425

**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING)
PANTHANIVAS (OLD BLOCK), LEWIS ROAD, BHUBANESWAR - 14
**INVITATIONS FOR BIDS (IFB)**
Letter No. 1290 Date: 14.10.2024
No. CAD:-
**NOTICE INVITATION FOR BIDS (NIFB)**
**E-Procurement Notice No. BP-I/06/2024-25 Dt.14.10.2024**
1. Nature of Work : Organization of Fairs & Festiavals
2. Total No. of Works : 2 Nos.
3. Bid Security : As per NIT
4. Class of Contractor : Firms/Agencies having experience and expertise in making logistic arrangements for similar kind of events and festivals
5. Period of Completion : 1 (One) Month
6. Other details as follows :

| Procurement Officer | Bid Identification No. | Availability of Bid Online | | Date, Time & Place of opening of Tender |
|---|---|---|---|---|
| Supt. Engineer, OTDC Ltd. | BP-I/06/2024-25 Dt.14.10.2024 | From 17.10.2024 | To 28.10.2024 | The technical bids will be opened in the Office of the Superintending Engineer, OTDC Ltd., Bhubaneswar at 11.00 hours of Dt.29.10.2024 (As detailed in NIT) |

Further details can be seen from the Govt. Website: **www.etendersodisha.gov.in.**
OIPR-37002/11/0027/2425 Sd./- Supt. Engineer, O.T.D.C. Ltd., BBSR

**DISTRICT PROJECT OFFICE, SAMAGRA SHIKSHA (SS), SAMBALPUR**
(2nd Floor, Collectorate, Sambalpur- 768001)
No.1794/2024 Date:14.10.2024
**NOTICE INVITING TENDER (NIT)**
**No.n-114:**Sealed tenders are invited from the reputed & credible printers/ firms/ agencies for **printing & supply of "Holistic Progress Card for Class-I to VIII** Students in two bid systems (Technical & Commerical Bid) as detailed below.

| Name of the Tender | Bid Processing Fees | Amount of EMD | Last Date & Time of receipt of Bid | Date & Time of opening of Technical Bid |
|---|---|---|---|---|
| Printing & Supply of Holistic Progress Card 2024-25 for Class-I to VIII Students | Rs.1,000/- | Rs.8,800/- | 05/11/2024 upto 5 PM | 06/11/2024 at 11.30 AM |

The detailed BID document is available in the website, www.sambalpur.odisha.gov.in & www.osepa.odisha.gov.in. Interested and eligible agency/firm may download BID DOCUMENT from the above websites and apply accordingly. Corrigendum/ addendum, if required, will be uploaded in the above website. Hence potential bidders are requested to be in continuous touch with the above website. The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.
By Order of the Collector-cum-Chairman, SS, Sambalpur
OIPR-24174/11/0007/2425 Sd./- District Project Coordinator, SS, Sambalpur

**OFFICE OF THE SUPERINTENDENT BHIMA BHOI MEDICAL COLLEGE & HOSPITAL**
At/PO/Dist- Balangir, PIN- 767001 (Odisha)
E-mail:gmchospitalbalangir1@gmail.com
Letter No.IX-F-29/2024/6474/Store (BBMC&H)/24 Balangir Date:17.10.24
**Cancellation of Tender Notice**
**No.E-409:**Tender Notice regarding Providing of Commercial Vehicles (Petrol) including driver to the BBMC&H, Balangir via bid system which was published in the newspapers on 24.08.2024 and uploaded in our website https://bbmchbalangir.nic.in, www.banlgir.nic.in, https://dmetodisha.gov.in may be treated as cancelled due to non-submission of EMD, tender cost fee and adequate tender documents from the bidders for the tender for "Providing of Commercial Vehicles (Petrol), including drivers.
Sd./- Superintendent
Bhima Bhoi Medical College & Hospital, Balangir
OIPR-10141/11/0022/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଜେଡିରୁ ଆସି ମିଶିବେ ବହୁ ନେତା

## ଭାଜପା, କଂଗ୍ରେସର ଦାବି

ଭୁବନେଶ୍ୱର, ୧୮।୧୦(ସୁନିତ୍ ମିଶ୍ର)/ କଟକ (ଶିଳ୍ପା ପ୍ରିୟଦର୍ଶିନୀ)


ଜୟନାରାୟଣ ମିଶ୍ର


ମହମ୍ମଦ ମୋକିମ୍


ଲେନିନ୍ ମହାନ୍ତି

- ବିଜେଡିର ଆୟୁଷ ଖୁବ୍ କମ୍ : ଜୟନାରାୟଣ
- ୨ ଦଳର କୋଣଠେସା ନେତା କଂଗ୍ରେସରେ ମିଶିବେ: ମୋକିମ୍
- ଜୟନାରାୟଣଙ୍କ ମନ୍ତ୍ରୀ ଲାଳସା, ମୋକିମ୍‌ଙ୍କ ପିସିସି ଆକାଂକ୍ଷା ଯୋଗୁ ଏଭଳି ମତ: ଲେନିନ୍

ରାଜ୍ୟରେ ବିଜେଡି ଲଗାତର ୨୪ ବର୍ଷ ଧରି କ୍ଷମତାରେ ରହିଥିଲା। ହେଲେ କ୍ଷମତାରୁ ଯିବାପରେ ସେମାନଙ୍କ ଦଳର ଅନେକ ନେତା ଭାଜପା କିମ୍ବା କଂଗ୍ରେସରେ ମିଶିଯିବେ ବୋଲି ଚର୍ଚ୍ଚା ହେଉଛି। ଉଭୟ ଭାଜପା ଓ କଂଗ୍ରେସ ନେତା ଦାବି କରିବା ଆରମ୍ଭ କରିଦେଲେଣି, ବିଜେଡିର ବହୁ ନେତା ସେମାନଙ୍କ ଦଳରେ ଖୁବ୍‌ଶୀଘ୍ର ମିଶିଯିବେ। ହେଲେ ବିଜେଡି ଏନେଇ ପାଲଟା ପ୍ରତିକ୍ରିୟା ରଖି ଭାଜପା ଓ କଂଗ୍ରେସ ପ୍ରଥମେ ନିଜ ଘର ସଜାଡ଼ନ୍ତୁ ବୋଲି କହିଛି।

ଭାଜପା ବିଧାୟକ ଜୟନାରାୟଣ ମିଶ୍ର ସମ୍ବଲପୁରଠାରେ ଗଣମାଧ୍ୟମକୁ କହିଛନ୍ତି, ବିଜେଡିର ଆୟୁଷ ବହୁତ କମ୍। ବିଜେଡି ଭାଙ୍ଗି ଛିନ୍ନଛତ୍ର ହୋଇଯିବ। ଖୁବ୍‌ଶୀଘ୍ର ସେହି ଅବସ୍ଥା ଦେଖିବାକୁ ମିଳିବ। କାରଣ ବିଜେଡି ପାଖରେ ଆଉ ନେତୃତ୍ୱ ନାହିଁ। ସମସ୍ତଙ୍କୁ ଚାକର ଭଳିଆ କରି ରଖୁଥିଲେ। ଯେଉଁ ନେତାମାନେ ଥିଲେ, ସେମାନେ ଦରି ପକାଇବା, ଟେଷ୍ଟ କରିବା, ଗାତ ଖୋଳିବା କାମ କରୁଥିଲେ। ସେମାନେ ଏବେ ପ୍ରତିଶୋଧ ପରାୟଣା ହୋଇ ରହିଛନ୍ତି। ଧୀରେ ଧୀରେ ବିଜେଡିର ଆହୁରି ଗୁମର ଖୋଲିବ। ଆମ ନେତୃତ୍ୱ ଆଉ ଟିକେ ସୁଦୃଢ଼ ହେବାର ଅଛି। ଦୁଇରୁ ଚାରି ଥର ସିବିଆଇ ଚଢ଼ାଉ ହେଲେ ଆଉ ଟିକେ ବଢ଼ିଆ ହୁଅନ୍ତା । ବହୁ ବିଜେଡି ନେତା ଭାଜପାରେ ଯୋଗଦେବାନେଇ ଯୋଗାଯୋଗରେ ଅଛନ୍ତି। ହେଲେ ସେମାନଙ୍କୁ ନେବ କିଏ। ତଥାପି ଯେଉଁମାନେ ଦୁର୍ନୀତିରୁ ମୁକ୍ତ ଥିବେ, ସେମାନଙ୍କ କଥା ବିଚାର କରାଯିବ ବୋଲି ଜୟନାରାୟଣ କହିଛନ୍ତି।

କଂଗ୍ରେସର ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ କହିଛନ୍ତି, ଓଡ଼ିଶାରେ ନୂଆ ପିସିସି ସଭାପତି ଚୟନ ହେଲା ପରେ ବହୁ ବିଜେଡି ନେତା ତାଙ୍କ ଦଳରେ ସାମିଲ ହେବେ। ବର୍ତ୍ତମାନ ସେମାନେ କଂଗ୍ରେସ ସହ ଯୋଗାଯୋଗରେ ଅଛନ୍ତି। ଏହାଛଡ଼ା ଯେଉଁ ନେତାମାନେ କଂଗ୍ରେସ ଛାଡ଼ି ବିଜେଡି ଓ ଭାଜପା ଯାଇ ସେଠାରେ କୋଣଠେସା ହୋଇ ରହିଛନ୍ତି, ସେମାନେ ମଧ୍ୟ କଂଗ୍ରେସରେ ମିଶିବାକୁ ଚାହୁଁଛନ୍ତି। ପିସିସି ଗଠନ ହେବା ପରେ ସେମାନେ ଦଳରେ ସାମିଲ ହେବେ ବୋଲି ମୋକିମ୍ କହିଛନ୍ତି। ଶୁକ୍ରବାର କଟକ ସଇଦାନି ବଗିଚାସ୍ଥିତ କାର୍ଯ୍ୟାଳୟଠାରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ମୋକିମ କହିଛନ୍ତି, ଓଡ଼ିଶାରେ କଂଗ୍ରେସ ଦଳ ବିଗତ ଦିନରେ ଭଲ ପ୍ରଦର୍ଶନ କରିପାରିନାହିଁ। ସେଥିପାଇଁ କେନ୍ଦ୍ରୀୟ ନେତୃତ୍ୱ ଚିନ୍ତାବ୍ୟକ୍ତ କରିଛନ୍ତି। ସମସ୍ତ ସ୍ଥିତିକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଓଡ଼ିଶାର ଜଣେ ମଙ୍ଗୁଆଳଙ୍କୁ ଦାୟିତ୍ୱ ଦେବା ପାଇଁ ବିଚାରବିମର୍ଶ ଚାଲିଛି। ସେ ସଂକ୍ରାନ୍ତରେ ସମସ୍ତ ରିପୋର୍ଟ ସଂଗ୍ରହ କରାଯାଉଛି। ତାହାକୁ ତର୍ଜମା କରାଯାଇ ପିସିସି ସଭାପତି ଚୟନ କରାଯିବ। ଦଳର ହାଇକମାଣ୍ଡ ଖୁବ୍‌ଶୀଘ୍ର ଏନେଇ ନିଷ୍ପତ୍ତି ନେବେ।

ତେବେ ଏ ସଂକ୍ରାନ୍ତରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ପ୍ରତିକ୍ରିୟା ଦେଇ କହିଛନ୍ତି, ଜୟନାରାୟଣ ମିଶ୍ରଙ୍କ ମନ୍ତ୍ରୀ ହେବାର ଲାଳସା ଏବଂ ମହମ୍ମଦ ମୋକିମ୍‌ଙ୍କ ପିସିସି ଚୌକି ପାଇଁ ଆକାଂକ୍ଷା ଉଭୟଙ୍କୁ ଏଭଳି ମନ୍ତବ୍ୟ ଦେବା ଲାଗି ବାଧ୍ୟ କରିଛି। ସେମାନେ ଦିବାସ୍ୱପ୍ନ ନ ଦେଖି ନିଜ ଘର ସଜାଡ଼ନ୍ତୁ ନ ହେଲେ ଲୋକହସା ହେବେ ବୋଲି ଲେନିନ୍ କହିଛନ୍ତି।

## ନଭେମ୍ବର ସୁଦ୍ଧା ନୂଆ ପିସିସି ସଭାପତି: ଅଜୟ କୁମାର

ଭୁବନେଶ୍ୱର, ୧୮।୧୦(ସୁନିତ୍ ମିଶ୍ର)

ଓଡ଼ିଶାର ପିସିସି(ପ୍ରଦେଶ କଂଗ୍ରେସ କମିଟି) ସଭାପତି ଚୟନ ପ୍ରକ୍ରିୟା ଖୁବ୍‌ଶୀଘ୍ର ଶେଷ ହେବ। ୨ ଜଣ ବରିଷ୍ଠ ନେତାଙ୍କୁ ଏନେଇ ଦାୟିତ୍ୱ ପ୍ରଦାନ କରାଯାଇଛି। ମୀନାକ୍ଷୀ ନଟରାଜନ ଏବଂ ଛତିଶଗଡ଼ ବିଧାୟକ ଦଳ ନେତା ଚରଣ ଦାସ ମହନ୍ତଙ୍କୁ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଉଭୟ ନେତା ଖୁବ୍‌ଶୀଘ୍ର ଓଡ଼ିଶା ଆସି ସମସ୍ତଙ୍କୁ ଭେଟିବେ। ସମସ୍ତଙ୍କ ସହିତ ଭେଟି ମତାମତ ସଂଗ୍ରହ କରିବା ପରେ ରାଜ୍ୟର ନୂଆ ସଭାପତିଙ୍କ ନାଁ ଘୋଷଣା କରାଯିବ। ନଭେମ୍ବର ମଧ୍ୟଭାଗ ସୁଦ୍ଧା ସଭାପତିଙ୍କ ନାଁ ଘୋଷଣା ହୋଇଯିବ ବୋଲି ଓଡ଼ିଶା ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଅଜୟ କୁମାର କହିଛନ୍ତି। ତେବେ ରାଜ୍ୟରେ ପିସିସି ସଭାପତି ଏବଂ କମିଟି ଘୋଷଣା ନେଇ ବିଳମ୍ବ ହେଉଥିବା ଯୋଗୁ ନାନା ପ୍ରକାର ଚର୍ଚ୍ଚା ଆଲୋଚନା ଲାଗି ରହିଛି। ଏହାକୁ ଦୃଷ୍ଟିରେ ରଖି ଏଆଇସିସି ପକ୍ଷରୁ ଗୁରୁବାର ଛତିଶଗଡ଼ କଂଗ୍ରେସର ବିଧାୟକ ଦଳ ନେତା ଚରଣ ଦାସ ମହନ୍ତିଙ୍କୁ ଓଡ଼ିଶା ସଭାପତି ଚୟନ ନେଇ ଦାୟିତ୍ୱ ପ୍ରଦାନ କରାଯାଇଛି।

## ହୋହଲ୍ଲାରେ ସରିଲା କାକଟପୁର ପଞ୍ଚାୟତ ସମିତି ବୈଠକ

### ଚିଠିରେ ବିଡିଓଙ୍କ ବିନା ଦସ୍ତଖତ ଘଟଣାକୁ ନେଇ ବାକ୍‌ଯୁଦ୍ଧ

କାକଟପୁର/ ଅସ୍ତରଙ୍ଗ,୧୮।୧୦ (ଶୁଭଦର୍ଶନ ମିଶ୍ର/ ମମତା ଜେନା)

ପୁରୀ ଜିଲା କାକଟପୁର ପଞ୍ଚାୟତ ସମିତିର ଷଷ୍ଠ ବୈଠକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରୁ ଯୁକ୍ତିତର୍କ ଓ ହୋହଲ୍ଲା ଚାଲିଥିଲା।

ପୂର୍ବ ବୈଠକର ବିବରଣୀ ପଠନ ସମ୍ପର୍କିତ ଘଟଣାକୁ ନେଇ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପୂର୍ବ ବୈଠକ ବିବରଣୀ ପଠନ କରିବାକୁ ଦାବି କରିଥିବା ବେଳେ ଏହାକୁ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ପ୍ରତ୍ୟାଖ୍ୟାନ କରିଥିଲେ। ଫଳରେ ଏହାକୁ ନେଇ ବାକ୍‌ଯୁଦ୍ଧ ଆରମ୍ଭ ହୋଇଥିଲା। ପରେ ଜିଲା ପରିଷଦ ଉପାଧ୍ୟକ୍ଷଙ୍କ କହିବା ମୁତାବକ ପଞ୍ଚାୟତ ସମିତି ପକ୍ଷରୁ ଲୋକ ପ୍ରତିନିଧିଙ୍କୁ ଦିଆଯାଇଥିବା ପତ୍ରରେ ନମ୍ବର ପଡ଼ି ବିଡିଓଙ୍କ ବିନା ଦସ୍ତଖତରେ କିପରି ଜିଲା ପ୍ରଶାସନ ପାଖକୁ ତାହା ଗଲା। ସମିତିର ଉକ୍ତ ଚିଠି ଆଇନଗତ କି ନୁହେଁ ସେ ନେଇ ପ୍ରଶ୍ନ ଉଠିଥିଲା। ଏହି ଘଟଣାକୁ ନେଇ କାକଟପୁର ପଞ୍ଚାୟତ ସମିତି ସଭାଗୃହରେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଓ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଦୀର୍ଘ ସମୟ ଆରୋପ ପ୍ରତ୍ୟାରୋପ ପରେ ବିଡିଓ ବିଷ୍ଣୁ ଗୋବିନ୍ଦଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତ ସମିତି କାର୍ଯ୍ୟ ଆରମ୍ଭ ହୋଇଥିଲା।

ବୈଠକରେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଉପାଧ୍ୟକ୍ଷ ସନ୍ଧ୍ୟାରାଣୀ ସାହୁ, ବିଡିଓ ବିଷ୍ଣୁ ଗୋବିନ୍ଦ, ତହସିଲ୍‌ଦାର ଅଙ୍କିତା ଅନିନ୍ଦିତା, କାକଟପୁର ଥାନାଧିକାରୀ ବିଜୟ କେତନ ବେହେରା ପ୍ରମୁଖଙ୍କ ସହ ସମସ୍ତ ଲୋକ ପ୍ରତିନିଧି, ବ୍ଲକ ଓ ଜିଲାର ବିଭିନ୍ନ ବିଭାଗର ଅଧିକାରୀ, ଅଧିକାରିଣୀ ଉପସ୍ଥିତ ଥିଲେ।



ବୈଠକରେ ଜଗତସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇଙ୍କ ସମେତ ଅନ୍ୟ ନେତୃବୃନ୍ଦ।

## ପୂର୍ବ ସରକାରର ଦୁର୍ନୀତିକୁ ଇଙ୍ଗିତକଲେ ଯୋଗାଣମନ୍ତ୍ରୀ


କାର୍ଯ୍ୟକ୍ରମରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମେତ ଭାଜପା ନେତାମାନେ।

### ବିଞ୍ଝାରପୁର ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ

ସିଂହପୁର,୧୮।୧୦ (ଅନଙ୍ଗ ଉଦୟ ବେଉରିଆ)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ କାଳୀପଡ଼ିଆଠାରେ ଶୁକ୍ରବାର ଅପରାହ୍ନରେ ବିଞ୍ଝାରପୁର ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ବିଞ୍ଝାରପୁରରେ ବିଗତ ସରକାରରେ ହୋଇଥିବା ଦୁର୍ନୀତିର କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ସରକାର ପରିବର୍ତ୍ତନ ହୋଇଛି। ଏବେ ସରକାରୀ ଅଧିକାରୀମାନେ ନିଜର ମାନସିକତା ବଦଳାନ୍ତୁ। ଏଥିସହିତ ନୂତନ ସରକାର ଲୋକଙ୍କ ହିତ ପାଇଁ ଯେଉଁସବୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ସେଗୁଡିକ ଠିକ୍ ଢଙ୍ଗରେ ବିନା ପକ୍ଷପାତିତାରେ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅନ୍ୟତମ ଅତିଥି ଭାବେ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ବବିତା ମଲ୍ଲିକ, ବରିଷ୍ଠ ନେତା ଆଶୁତୋଷ ପରିଡା, ସୁଦୀପ୍ତ ପଣ୍ଡା, ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଭାଜପା ସଂଯୋଜକ ନିରଞ୍ଜନ ବେଉରିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ଭୁବନାନନ୍ଦ ସାମଲ, ଜ୍ୟୋତିପ୍ରକାଶ ନାୟକ ପ୍ରମୁଖ ଯୋଗଦେଇ ବିଞ୍ଝାରପୁରରେ ଖାଦ୍ୟ ସୁରକ୍ଷା ଯୋଜନାରେ ଶହଶହ ଯୋଗ୍ୟ ବ୍ୟକ୍ତି ରାଜନୈତିକ ଆକ୍ରୋଶରୁ ବାଦ୍ ପଡ଼ିଥିବା କହିଛନ୍ତି। ସେହିପରି ଯୋଗାଣ ଅଧିକାରୀ ୧୪ ବର୍ଷ ଧରି ଗାଦି ମାଡ଼ି ବସିଥିବା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମନ୍ତ୍ରୀ ପାତ୍ର କର୍ମୀମାନଙ୍କୁ ଉତ୍ସାହିତ କରିବା ସହିତ ନୂତନ ଭାବେ ସଦସ୍ୟତା ଗ୍ରହଣ କରାଇଛନ୍ତି। ମହିଳାମାନେ ସୁଭଦ୍ରା ଯୋଜନାରେ ସାମିଲ ହୋଇ ଯେଉଁ ଲାଭ ପାଉଛନ୍ତି ତାକୁ ମନ୍ତ୍ରୀ ନିଜ ବକ୍ତବ୍ୟରେ ପ୍ରକାଶ କରିବା ସହିତ ଭାଜପା ସରକାରକୁ ଅଧିକ ମଜଭୁତ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ବହୁସଂଖ୍ୟାରେ କର୍ମୀ ଯୋଗଦେଇଥିଲେ।

## ବାଲ୍‌ସି ସରପଞ୍ଚଙ୍କ ନାମରେ ଅନାସ୍ଥା ପ୍ରସ୍ତାବ

### ଉପଜିଲାପାଳଙ୍କୁ ଅଭିଯୋଗ କଲେ ୧୦ ୱାର୍ଡସଭ୍ୟ

କେସିଙ୍ଗା,୧୮।୧୦(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲ୍‌ସି ଗ୍ରାମ ପଞ୍ଚାୟତର ସରପଞ୍ଚ ଭାରତୀ ସୁନାଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ପାଇଁ ୧୦ ୱାର୍ଡସଭ୍ୟ ଉପଜିଲାପାଳଙ୍କୁ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ୧୨ ୱାର୍ଡ ବିଶିଷ୍ଟ ପଞ୍ଚାୟତର ୧୦ ସଭ୍ୟାସଭ୍ୟ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସଙ୍କ ବାସଭବନକୁ ଯାଇ କଂଗ୍ରେସରେ ମିଶିଥିଲେ। ସେମାନଙ୍କ ଅଭିଯୋଗକ୍ରମେ ପଞ୍ଚାୟତର ସରପଞ୍ଚ, ପିଇଓ ଏବଂ ଜିଆର୍‌ଏସ୍ ମିଳିତ ଭାବେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସାଢ଼େ ତିନିଲକ୍ଷ ଟଙ୍କାର ମିଥ୍ୟା ବିଲ୍ କରି ଆତ୍ମସାତ୍ କରିଥିଲେ। ବିଡିଓଙ୍କ ଅଭିଯୋଗ ପରେ ଏହାର ଭିଜିଲାନ୍ସ ତଦନ୍ତ କରାଯାଇଥିଲା। ଏହାପରେ ପିଇଓ, ଜିଆର୍‌ଏସ୍ ସରକାରଙ୍କୁ ଟଙ୍କା ଫେରସ୍ତ କରିଥିଲେ। କିନ୍ତୁ ସରପଞ୍ଚ ଟଙ୍କା ଫେରସ୍ତ କରିନାହାନ୍ତି। ସେହିଭଳି ଅଢେଇବର୍ଷ ବିତିଥିଲେ ମଧ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ କରୁନାହାନ୍ତି। ଫଳରେ ଲୋକଙ୍କ ଦାବି ଅସମ୍ପୂର୍ଣ୍ଣ ରହିଯାଉଛି। ଏସବୁ କାରଣ ନେଇ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ସମସ୍ତେ ଏକଜୁଟ ହୋଇଥିବା ୱାର୍ଡ ସଭ୍ୟାସଭ୍ୟ ନାମ ଗୋପନ ରଖି କହିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଭାରତୀ ସୁନାଙ୍କୁ ପଚାରିବାରୁ ତାଙ୍କୁ ବଦ୍‌ନାମ କରିବା ପାଇଁ ଏଭଳି ଷଡଯନ୍ତ୍ର କରାଯାଉଛି ବୋଲି ପ୍ରକାଶ କରିଛନ୍ତି।


କଂଗ୍ରେସ ବିଧାୟକଙ୍କ ବାସଭବନରେ ୱାର୍ଡ ସଭ୍ୟାସଭ୍ୟ।


# Classified Everyday
0674-2580101, 2549949


REAL ESTATE
SALE

3/4BHK ready to move speious duplex with amenities at Balianta near Syphon Sqr. Contact No.-8457085107. D-1535

Reputed Construction Company Wanted 2 Acre Gharabari Yellowzone Land with 30' Road on Sharing Basis for Duplex Projects. 9938219397, 9861022055. D-1675

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9937846404, 9437192512. D-1683

Duplex project at Retang Medical, Station, CV Raman University, Apartment near Sum Hospital, Bhubaneswar. 7008459987. D-75995

Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226. D-1469

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810. D-1682

କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grandbazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତା ଥାଇ ଘରବାରି plot କିଣନ୍ତୁ। 9078699286. D-75998




Newly open Jyoti SPA positively health benefits (Expert therapist). 8458067955. D-76162

Kerala Massage Therapy Gents/ Ladies pain relief Bhubaneswar. 9337672475. D-1659

Newly open health benefits SPA special offer @ 799 Bapujinagar. 8018429809. D-76164

AFFIDAVIT

By virtue of an affidavit No.- 42AA 558851, dated- 02.06.2018, sworn before Executive Magistrate, Bhanjanagar, I Manobina Sabat, Wife of Sudhansu Kumar Padhy, daughter of Ratikanta Sabat, At/P.O.- Pandarakhalli, P.S.- Purushottampur, Dist.- Ganjam, declare that Manobina Padhy & Manobina Sabat both are one & same person that is myself and Henceforth shall be known as Manobina Sabat for all purpose in future. D-1688

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Geetanjali Jena, W/o- Sharat Chandra Jena, resident of Suelpur, P.O./P.S.- Baleshwar, Dist.- Baleshwar, PIN- 756003, Odisha declare by this affidavit No.- 64/17.10.2024 dtd.- 17.10.2024, that now onwards I shall be known as Geetanjali Pradhan for all future purposes. D-1690

By virtue of an affidavit sworn before Executive Magistrate, Darpan, Dhanmandal, dated- 18.10.2024. I Mrs. Jiratun Bibi (34yrs), W/o- Sarajuddin Saha, Address- Vill-Patarajpur, P.O./P.S.-Balichandrapur, Dist.- Jajpur, PIN- 754205, declare that I have changed my daughters name from Amratun to Saira Begum. Henceforth She shall be known as SAIRA BEGUM for all purposes. D-1687

ମୁଁ ଦେବାଶିଷ ରଞ୍ଜନ ମହାନ୍ତି, ମାତା- ସଂଯୁକ୍ତା ମହାନ୍ତି, ପ୍ଲଟ୍ ନମ୍ବର- ୪୦୦/୪୦୭୯, ଗଳି ସଂଖ୍ୟା-୯, ସୁଶାନ୍ତି ବିହାର, ସାଇ ମନ୍ଦିର ନିକଟ, ପୋ- ବଡ଼ଗଡ଼ ବ୍ରିଟ୍ କଲୋନୀ, ଥାନା- ବଡ଼ଗଡ଼, ଜିଲ୍ଲା- ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା- ୭୫୧୦୧୮, ଏହି ଆଫିଡେଭିଟ୍ ନଂ.-65AA512314, ତାରିଖ- ୧୭।୧୦।୨୦୨୪, ଦ୍ୱାରା ଯାହା ବର୍ତ୍ତମାନଠାରୁ ମୁଁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ଦେବାଶିଷ ମହାନ୍ତି ଭାବରେ ଜଣାଶୁଣା। ଧ-୧୬୮୯

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ


ଏକିଶୋର କୁମାର ଦେହୁରୀ
ଅନୁଗୋଳ ଖଲାରୀ
ଆବିର୍ଭାବ: ୧୪।୦୨।୧୯୫୬
ତିରୋଧାନ: ୩୦।୧୦।୨୦୨୩
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ ପରିବାରବର୍ଗ
ଧ-୧୬୮୪

# ଓଡ଼ିଶାରେ ୧ ଲକ୍ଷ କୋଟି ନିବେଶ କରିବ ବେଦାନ୍ତ

## ୨ ଲକ୍ଷ ନୂଆ ନିଯୁକ୍ତି ଆଶା




ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ବେଦାନ୍ତ ଗତ ୨୦ ବର୍ଷ ମଧ୍ୟରେ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ କରିବା ସହ ରାଜ୍ୟରେ ୧ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିଛି। ଆଗାମୀ ଦିନରେ ଆଉ ୧ଲକ୍ଷ କୋଟି ଟଙ୍କାର ନୂତନ ପୁଞ୍ଜି ବିନିଯୋଗ କରିବ। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ ରୋଡ୍ ଶୋ'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ପ୍ରତିନିଧି ଦଳ ସହ ଆଲୋଚନାବେଳେ ବେଦାନ୍ତ ଲିମିଟେଡ୍ ଏହି ପୁଞ୍ଜିନିବେଶ ଘୋଷଣା କରିଛି। ସୂଚନା ଥାଉକି, ବେଦାନ୍ତ ଟେଣ୍ଡର ମାଧ୍ୟମରେ ସିଜିମାଳି ଖଣି ପାଇଛି ଯେଉଁଠାରେ ବିପୁଳ ପରିମାଣର ବକ୍ସାଇଟ୍ ଗଚ୍ଛିତ ରହିଛି। ଅକ୍ଷୟ ଶକ୍ତି ଦ୍ୱାରା ପରିଚାଳିତ ସବୁଜ ଆଲୁମିନିୟମ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇ ବାର୍ଷିକ ୬ ନିୟୁତ ଟନ୍ ଆଲୁମିନିୟମ ରିଫାଇନେରି ଓ ୩ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ଆଲୁମିନିୟମ କାରଖାନା ପ୍ରତିଷ୍ଠା ଦିଗରେ ଏହି ପୁଞ୍ଜିନିବେଶକୁ ଆଗେଇନିଆଯିବ। ଅଟୋ, ଶକ୍ତି, ନିର୍ମାଣ ଏବଂ ରେଲୱେ ଭଳି ଶତାଧିକ କ୍ଷେତ୍ରରେ ବ୍ୟବହୃତ ହେଉଥିବା ଆଲୁମିନିୟମର ଅଧିକ ପ୍ରୟୋଗ ହେଉଥିବାରୁ ଏହା ଆନୁଷଙ୍ଗିକ ଶିଳ୍ପ ପାଇଁ ଏକ ବିଶାଳ ଶିଳ୍ପ କମ୍ପ୍ଲେକ୍ସ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ବେଦାନ୍ତ ଝାରସୁଗୁଡ଼ା ଭଳି ରାୟଗଡ଼ାକୁ ଏକ ଉଚ୍ଚ ବିକଶିତ ଅଞ୍ଚଳ ଭାବେ ଉଭାହେବାକୁ ଲକ୍ଷ୍ୟ ରଖିଥିବା ବେଦାନ୍ତ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସରକାରଙ୍କ ସହଯୋଗରେ ବେଦାନ୍ତ ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ଦକ୍ଷତା ବିକାଶ କେନ୍ଦ୍ର ଓ ନନ୍ଦଘର ପ୍ରତିଷ୍ଠା କରିବ। ଏହି ପୁଞ୍ଜିନବେଶ ଦ୍ୱାରା ୧ ହଜାର ଏମ୍ଏସ୍ଏମ୍ଇ ସହିତ ୨ ଲକ୍ଷ ନିଯୁକ୍ତି ସୃଷ୍ଟି କରିବ। ୨୦୩୦ ସୁଦ୍ଧା ଆଲୁମିନିୟମ୍‌ର ଚାହିଦା ସମାନ ଭାବରେ ବୃଦ୍ଧି ପାଇବ।

ଏ ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ୨୦୩୦ ସୁଦ୍ଧା ଓଡ଼ିଶାକୁ ଅଧା ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଥିବାରୁ ଆମେ ନୂଆ ଓଡ଼ିଶାରେ ପୁଞ୍ଜିନିବେଶ କରିବାକୁ ବିଶ୍ୱକୁ ଆମନ୍ତ୍ରଣ କରୁଛୁ। ଜାନୁଆରୀ ୨୦୨୫ରେ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଉତ୍କର୍ଷ ଓଡ଼ିଶା ଆୟୋଜନ କରୁଛୁ ଏବଂ ପ୍ରି-ଇଭେଣ୍ଟ ରୋଡ୍ ଶୋ' ସମୟରେ ବେଦାନ୍ତ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲଙ୍କ ସହ ଫଳପ୍ରଦ ଆଲୋଚନା କରିଛୁ।

ବେଦାନ୍ତ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ କହିଛନ୍ତି, ବେଦାନ୍ତର ଅଭିବୃଦ୍ଧିରେ ଓଡ଼ିଶା ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବେଦାନ୍ତର ପୁଞ୍ଜିନିବେଶ ରାଜ୍ୟର ସାମଗ୍ରିକ ଅଭିବୃଦ୍ଧି ଏବଂ ବୃହତ ଶିଳ୍ପାୟନ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା ଅଗ୍ରୱାଲ କହିଛନ୍ତି। ରାଜ୍ୟର ଅର୍ଥନୈତିକ ପ୍ରଗତିରେ ଯୋଗଦାନ ଦେଇ ରାଜ୍ୟବାସୀଙ୍କୁ ସଶକ୍ତ କରିବୁ ଏବଂ ଓଡ଼ିଶାର କୋଟି କୋଟି ଲୋକଙ୍କ ଜୀବନର ଗୁଣବତ୍ତା ବୃଦ୍ଧି କରିବୁ ବୋଲି ସେ କହିଛନ୍ତି।

# ଦୀପାବଳିରେ ଚାନ୍ଦି ଭଣ୍ଡାରର ବ୍ଲିଙ୍ଗ୍ କଲେକ୍ସନ



ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ଆଲୋକର ପର୍ବ ଦୀପାବଳି ଓ ଧନ୍‌ତେରସ୍ ଅବସରରେ ରୁପା ଗହଣାର ଅଗ୍ରଣୀ ଷ୍ଟୋର 'ଚାନ୍ଦି ଭଣ୍ଡାର' ଏହାର ସ୍ୱତନ୍ତ୍ର 'ବ୍ଲିଙ୍ଗ୍ କଲେକ୍ସନ'ଆଣିଛି। ଏହି କଲେକ୍ସନରେ ୯୨.୫% ଶୁଦ୍ଧତାଯୁକ୍ତ ଷ୍ଟର୍ଲିଂ ସିଲ୍‌ଭରରେ ଜିର୍‌କନ୍ ଖଚିତ ଏହି ଆକର୍ଷଣୀୟ ତଥା ଷ୍ଟାଇଲିଶ୍ ଗହଣା ଉପଲବ୍ଧ କରାଯାଇଛି। ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଏହି କଲେକ୍ସନ ଉଦ୍ଦିଷ୍ଟ ରହିଛି। ଚାନ୍ଦି ଭଣ୍ଡାରର ବ୍ରାଣ୍ଡ ଆମ୍ବାସାଡର ଶୈଳେନ୍ଦ୍ର ସାମନ୍ତରାୟ ଏବଂ ଶିବାନୀ ସଙ୍ଗୀତାଙ୍କୁ ନେଇ ଏକ ଦୀପାବଳି କ୍ୟାମ୍ପେନ ପ୍ରସ୍ତୁତ କରାଯାଇଛି। ଏଥିରେ ଉଭୟ ବ୍ରାଣ୍ଡ ଆମ୍ବାସାଡର ବ୍ଲିଙ୍ଗ୍ ଏବଂ ଆମୋଘ କଲେକ୍ସନକୁ ପ୍ରଦର୍ଶିତ କରିବେ। ଗ୍ରାହକଙ୍କୁ ସ୍ୱତନ୍ତ୍ର ଅଫର ପ୍ରଦାନ ପୂର୍ବକ ଚାନ୍ଦି ଭଣ୍ଡାର ପକ୍ଷରୁ ରୁପା ଗହଣା ଏବଂ ଆର୍ଟିଫାକ୍ଟର ଗଢ଼ା ମଜୁରି ଉପରେ ୫୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହି ଅଫର ଅକ୍ଟୋବର ୧୮ରୁ ୩୧ ଉପଲବ୍ଧ ରହିବ। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶକ ମାଣିକ ହଂସ ୨୦୧୩ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଚାନ୍ଦି ଭଣ୍ଡାରର ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟରେ ଚାନ୍ଦି ଭଣ୍ଡାରର ମୋଟ ୧୭ଟି ଷ୍ଟୋର ରହିଥିବାବେଳେ ଆଗକୁ ଆହୁରି ୩ଟି ଷ୍ଟୋର ଉଦ୍‌ଘାଟନ ଅପେକ୍ଷାରେ ଥିବା ମାଣିକ କହିଛନ୍ତି। ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଥିଲେ, ଏଥର ଦୀପାବଳିରେ ଚାନ୍ଦି ଭଣ୍ଡାରର ସ୍ୱତନ୍ତ୍ର ଦୀପାବଳି କ୍ୟାମ୍ପେନ୍ ମାଧ୍ୟମରେ ଉଭୟ ଏହି କଲେକ୍ସନର ମ୍ୟାଜିକ୍‌କୁ ଲୋକଙ୍କ ଜୀବନରେ ଅଣାଯିବ।

# ବୈଦେଶିକ ମୁଦ୍ରା ଭଣ୍ଡାର ୧୦.୭୪ ବିଲିୟନ ଡଲାର ହ୍ରାସ

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ବୈଦେଶିକ ପୋର୍ଟଫୋଲିଓ ନିବେଶକମାନଙ୍କ ଦ୍ୱାରା ବିକ୍ରୟ ହେତୁ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରେ ହ୍ରାସ ଘଟିଛି। ଅକ୍ଟୋବର ୧୧ରେ ଶେଷହେବାକୁ ଥିବା ସପ୍ତାହରେ ବୈଦେଶିକ ମୁଦ୍ରା ଭଣ୍ଡାର ୧୦.୭୪ ବିଲିୟନ ଡଲାର ହ୍ରାସ ପାଇ ୭୦୦ ବିଲିୟନ ଡଲାରରୁ ୬୯୦ ବିଲିୟନ ଡଲାରରେ ପହଞ୍ଚିଛି। ଏହାର ପ୍ରଥମ ସପ୍ତାହରେ, ଫରେକ୍ସ ରିଜର୍ଭ ୭୦୧.୧୭୬ ବିଲିୟନ ଡଲାର ଥିଲା ଅକ୍ଟୋବର ୪ ରେ, ଫୋରେକ୍ସ ସଂରକ୍ଷଣ ସର୍ବକାଳୀନ ୭୦୪.୮୮ ବିଲିୟନ ଡଲାରରେ ପହଞ୍ଚିଥିଲା। ଅକ୍ଟୋବର ୧୮ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଫରେକ୍ସ ରିଜର୍ଭ ତଥ୍ୟ ପ୍ରକାଶ କରିଛି। ଏହି ତଥ୍ୟ ଅନୁଯାୟୀ, ବୈଦେଶିକ ମୁଦ୍ରା ଭଣ୍ଡାର ୧୦.୭୪ ବିଲିୟନ ହ୍ରାସ ହୋଇ ୬୯୦.୪୩ ବିଲିୟନ ଡଲାରରେ ପହଞ୍ଚିଛି। ବିଦେଶୀ ମୁଦ୍ରା ସମ୍ପତ୍ତି ମଧ୍ୟ ୧୦.୫୪ ବିଲିୟନ ଡଲାରରେ ହ୍ରାସ ପାଇ ୬୦୨.୨୧୦ ବିଲିୟନ ଡଲାରରେ ପହଞ୍ଚିଛି। ଆର୍‌ବିଆଇର ସୁନା ଭଣ୍ଡାର ୯୮ ମିଲିୟନ ଡଲାରରୁ ୬୫.୬୫ ବିଲିୟନ ଡଲାରକୁ ହ୍ରାସ ପାଇଛି। ଏସ୍‌ଡିଆର୍ ୮୬ ମିଲିୟନ ଡଲାରରୁ ୧୮.୩୩ ବିଲିୟନ ଡଲାରକୁ ହ୍ରାସ ପାଇଛି ଏବଂ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିରେ ଜମା ହୋଇଥିବା ଭଣ୍ଡାର ୨୦ ମିଲିୟନ ଡଲାରରୁ ୪.୩୩ ବିଲିୟନ ଡଲାରକୁ ହ୍ରାସ ପାଇଛି। ବୈଦେଶିକ ମୁଦ୍ରା ଭଣ୍ଡାରରେ ଏହି ହ୍ରାସର କାରଣ ହେଉଛି ଭାରତୀୟ ଷ୍ଟକ ମାର୍କେଟରେ ବିଦେଶୀ ନିବେଶକଙ୍କ ବିକ୍ରୟ ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ସେମାନଙ୍କର ଟଙ୍କା ଭାରତୀୟ ବଜାରରୁ ପ୍ରତ୍ୟାହାରକରି ଚାଇନାରେ ବିନିଯୋଗ କରିଛନ୍ତି। ଏହି କାରଣରୁ ବୈଦେଶିକ ମୁଦ୍ରା ଭଣ୍ଡାରରେ ଏପରି ପରିସ୍ଥିତ ଦେଖିବାକୁ ମିଳିଛି। ତଥ୍ୟ ଅନୁଯାୟୀ, ଅକ୍ଟୋବର ପ୍ରଥମ ୧୫ ଦିନରେ ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ୬୬,୩୦୦ କୋଟିରୁ ଅଧିକ ଟଙ୍କା ବିକ୍ରି କରିଛନ୍ତି। ବିଦେଶୀ ନିବେଶକଙ୍କ ଦ୍ୱାରା ଏହି ବିକ୍ରୟ ସତ୍ତ୍ୱେ ବ୍ୟାଙ୍କ ଅଫ୍ ଆମେରିକା ଏହାର ରିପୋର୍ଟରେ କହିଛି, ମାର୍ଚ୍ଚ ୨୦୨୬ ସୁଦ୍ଧା ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୭୪୬ ବିଲିୟନ ଡଲାରକୁ ବୃଦ୍ଧି ପାଇବ, ଯାହା ଆର୍‌ବିଆଇକୁ ଟଙ୍କା ଦୁର୍ବଳତାକୁ ରୋକିବାରେ ସାହାଯ୍ୟ କରିବ।

# ତନିସ୍କର ୩ ନୂଆ ଷ୍ଟୋର ଉଦ୍‌ଘାଟିତ



ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ଟାଟାର ଗହଣା ରିଟେଲ ବ୍ରାଣ୍ଡ ତନିସ୍କ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ୩ଟି ନୂଆ ଷ୍ଟୋରର ଶୁଭାରମ୍ଭ କରିଛି। ଶୁକ୍ରବାର ଭୁବନେଶ୍ୱରର ପାତ୍ରପଡ଼ା ଓ କଟକ ସିଡିଏସ୍ଥିତ ସେକ୍ଟର-୧ ଷ୍ଟୋରକୁ ପୂର୍ବାଞ୍ଚଳ ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ସୋମପ୍ରଭ ସିଂହ, ପୂର୍ବ କ୍ଲଷ୍ଟର ବ୍ୟବସାୟ ମୁଖ୍ୟ ଆଲୋକ ରଞ୍ଜନ, ବିଜ୍‌ନେସ୍ ଆସୋସିଏଟ ମନଜିତ ସିଂହ ଓ ବିଜ୍‌ନେସ୍ ଆସୋସିଏଟ ଅବିନାଶ ଛପୋଲିଆ ଉଦ୍‌ଘାଟନ କରିଛନ୍ତି। ସେହିପରି ଗୁରୁବାର ଢେଙ୍କାନାଳ କୁଞ୍ଜକାନ୍ତ ନିକଟ କଲେଜ ରୋଡ୍‌ସ୍ଥିତ ଷ୍ଟୋରକୁ ପୂର୍ବାଞ୍ଚଳ ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ସୋମପ୍ରଭ ସିଂହ, ପୂର୍ବ କ୍ଲଷ୍ଟର ବ୍ୟବସାୟ ମୁଖ୍ୟ ଆଲୋକ ରଞ୍ଜନ ଓ ବିଜ୍‌ନେସ୍ ଆସୋସିଏଟ ଅଙ୍କିତ ପୋଦ୍ଦାର ଉଦ୍‌ଘାଟନ କରିଥିଲେ। ନୂଆ ଷ୍ଟୋର ଖୋଲିବା ଅବସରରେ କମ୍ପାନୀ ପକ୍ଷରୁ ସ୍ୱତନ୍ତ୍ର ଅଫର ପ୍ରଦାନ କରାଯାଉଛି।

## ସ୍ୱତନ୍ତ୍ର ଅଫର ଘୋଷଣା

ଗ୍ରାହକମାନେ ସୁନା ଅଳଙ୍କାର ଏବଂ ହୀରା ଗହଣା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ଏବଂ ଭାରତର କୌଣସି ଗହଣା ବ୍ୟବସାୟୀଙ୍କଠାରୁ କିଣାଯାଇଥିବା ପୁରୁଣା ସୁନା ଉପରେ ୧୦୦% ମୂଲ୍ୟ ପାଇପାରିବେ ବୋଲି ଘୋଷଣା କରାଯାଇଛି। ଅତିରିକ୍ତ ଭାବେ ଗ୍ରାହକମାନେ ସୁନା ଅଳଙ୍କାର କ୍ରୟ ଉପରେ ପ୍ରତି ଗ୍ରାମରେ ୧୦୧ ଟଙ୍କା ରିହାତି ପାଇପାରିବେ। ଏହି ଅଫର ୨୦୨୪ ଅକ୍ଟୋବର ୧୮ରୁ ନଭେମ୍ବର ୩ ପର୍ଯ୍ୟନ୍ତ ବୈଧ ରହିବ। ମୋଟ ୧୪,୨୦୦ ବର୍ଗଫୁଟ ପରିମିତ ଏହି ବୃହତ୍ ଫର୍ମାଟ ଷ୍ଟୋରଗୁଡ଼ିକରେ ସୁନା, ହୀରା, କୁନ୍ଦନ ଏବଂ ପୋଲକି ସମେତ ସ୍ୱତନ୍ତ୍ର ଡିଜାଇନର ଗହଣା ଉପଲବ୍ଧ ହୋଇଛି। ଏହି ଷ୍ଟୋରଗୁଡ଼ିକରେ 'ଦୋର' ଓ 'ନବ-ରାନୀ' ଭଳି କଲେକ୍ସନ ରହିଛି। ଏହାବ୍ୟତୀତ ଏହି ଷ୍ଟୋରଗୁଡ଼ିକରେ 'ଷ୍ଟ୍ରିଙ୍ଗ୍ ଇଟ୍' ସହିତ 'ଗ୍ଲାମଡେଜ' ସହ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ଗହଣା 'ଅବୀର' ଏବଂ ବିବାହ ଉତ୍ସବ ପାଇଁ ସ୍ୱତନ୍ତ୍ର ଅଳଙ୍କାର ସବ୍-ବ୍ରାଣ୍ଡ 'ରିଭା' କଲେକ୍ସନ ରହିଛି।

ଉଦ୍‌ଘାଟନୀ ଅବସରରେ ପୂର୍ବାଞ୍ଚଳ ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ସୋମପ୍ରଭ ସିଂହ କହିଛନ୍ତି, ତନିସ୍କରେ ଗ୍ରାହକ ସନ୍ତୋଷ ଆମର ସର୍ବୋଚ୍ଚ ପ୍ରାଥମିକତା ଏବଂ ଓଡ଼ିଶାରେ ଏକ ପ୍ରିୟ ଗହଣା ବ୍ରାଣ୍ଡ ଭାବେ ଆମେ ଆମର ଉତ୍କୃଷ୍ଟ ସଂଗ୍ରହକୁ ଅଧିକ ସୁଲଭ କରିବା ପାଇଁ ସମର୍ପିତ।

# ୫ଜି କଭରେଜ୍‌ରେ ଜିଓ ଶ୍ରେଷ୍ଠ

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

୫ଜି କଭରେଜ୍ ଉପଲବ୍ଧତା ଏବଂ ଡାଉନଲୋଡ୍ ସ୍ପିଡ୍ ଅନୁଭୂତି ପ୍ରଦାନ କରିବାରେ ରିଲାଏନ୍ସ ଜିଓ ସର୍ବାଗ୍ରେ ରହିଛି। ବିଶ୍ୱର ଅନ୍ୟତମ ପ୍ରମୁଖ ମାନକ ବିଶ୍ଳେଷଣ ସଂସ୍ଥା ଓପନ ସିଗ୍‌ନାଲ ପକ୍ଷରୁ ପ୍ରକାଶିତ ମୋବାଇଲ ନେଟ୍‌ୱର୍କ ଅନୁଭୂତି ରିପୋର୍ଟରୁ ଏହା ଜଣାପଡିଛି। ଏହି ରିପୋର୍ଟରେ ଉଲ୍ଲେଖ ରହିଥିବା ତଥ୍ୟ ଅନୁଯାୟୀ ଓ ୫ଜି ଉପଲବ୍ଧତା ସମୟ ସ୍କୋରରେ ଜିଓ ୫୭.୬% ସ୍କୋର ସହିତ ସର୍ବାଗ୍ରେ ରହିଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ମାତ୍ର ୨୨% ସ୍କୋର ସହିତ ଦ୍ୱିତୀୟ ସ୍ଥାନରେ ରହିଛି ୫ଜି ନେଟ୍‌ୱର୍କର ବ୍ୟାପକ ଉପଲବ୍ଧତା କାରଣରୁ ଜିଓ ୫ଜି ଉପଭୋକ୍ତା ୫ଜିରେ ସଂଯୁକ୍ତ ସମୟର ପ୍ରାୟ ଦୁଇ ତୃତୀୟାଂଶ ସମୟ ଅତିବାହିତ କରୁଥିବା ବେଳେ, ଏୟାରଟେଲ ବ୍ୟବହାରକାରୀମାନେ ୫ଜି କଭରେଜ୍ ହେତୁ ୫ଜି ସମୟର କେବଳ ଏକ ଚତୁର୍ଥାଂଶ ସମୟ ଅତିବାହିତ କରୁଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ସେହିଭଳି ସାମଗ୍ରିକ ଡାଉନ୍‌ଲୋଡ ସ୍ପିଡ୍ ଅଭିଜ୍ଞତା କ୍ଷେତ୍ରରେ ଜିଓର ପ୍ରଦର୍ଶନ ମଧ୍ୟ ଉତ୍କୃଷ୍ଟ ରହିଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜିଓ ଉପଭୋକ୍ତାଙ୍କ ହାରାହାରି ଡାଉନଲୋଡ୍ ସ୍ପିଡ୍ ପ୍ରାୟ ୬୨ ଏମ୍‌ବିପିଏସ୍ ରହିଥିବା ବେଳେ ଏୟାରଟେଲ କ୍ଷେତ୍ରରେ ଏହା ୪୪.୭ ଏମ୍‌ବିପିଏସ୍, ଭୋଡାଫୋନ ଆଇଡିଆ କ୍ଷେତ୍ରରେ ୧୫.୨ ଏମ୍‌ବିପିଏସ୍ ଏବଂ ବିଏସ୍‌ଏନ୍‌ଏଲ୍ କ୍ଷେତ୍ରରେ ୩.୫ ଏମ୍‌ବିପିଏସ୍ ରହିଥିଲା। ସୂଚନାଯୋଗ୍ୟ, ଇଣ୍ଟରନେଟ୍ ସର୍ଫିଂ, ବଡ଼ ଫାଇଲ ଡାଉନ୍‌ଲୋଡ୍ କରିବା, ଭିଡିଓ ଦେଖିବା ଏବଂ ସଙ୍ଗୀତ ଶୁଣିବା ପାଇଁ ଡାଉନ୍‌ଲୋଡ୍ ସ୍ପିଡ୍ ଗୁରୁତ୍ୱପୂର୍ଣ୍ଣ। ସାମଗ୍ରିକ କଭରେଜ ଅଭିଜ୍ଞତା ବର୍ଗରେ ମଧ୍ୟ ରିଲାଏନ୍ସ ଜିଓ ସର୍ବାଧିକ ୯୯.୩% ସହିତ ଆଗରେ ରହିଛି। ଜାତୀୟ ସ୍ତରରେ ମଧ୍ୟ ଜିଓ ୫ଜି ଉପଲବ୍ଧତା ବର୍ଗରେ ବେଶ୍ ଆଗରେ ରହିଛି। ଜିଓ ବ୍ୟବହାରକାରୀମାନେ ସେମାନଙ୍କର ଦୁଇ ତୃତୀୟାଂଶ ସମୟ ୫ଜି ସହିତ ସଂଯୁକ୍ତ ବୋଲି ଓପନ ସିଗ୍‌ନାଲ ରିପୋର୍ଟରେ କହିଛି। ଜିଓ ନେଟ୍‌ୱର୍କରେ ୫ଜି ଉପଭୋକ୍ତା ୬୬.୭% ସମୟ ସଂଯୁକ୍ତ ରହିଛନ୍ତି, ଯାହା ଏୟାରଟେଲ ତୁଳନାରେ ୩ ଗୁଣା ଅଧିକ। ସେହିପରି ଜିଓ ବ୍ୟବହାରକାରୀଙ୍କର ସର୍ବାଧିକ ସ୍ଥିର ଅଭିଜ୍ଞତା ରହିଛି କାରଣ ଜିଓ ସର୍ବାଧିକ ୬୬.୫% ସ୍କୋର ସହିତ ସ୍ଥିର ଗୁଣବତ୍ତା ବଜାୟ ରଖିଛି।

# ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ ଆରମ୍ଭ



ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

'ସିଲ୍କ ଇଣ୍ଡିଆ-ୱେଡିଂ କଲେକ୍ସନ୍' ଥିମ୍ ସହିତ ଭୁବନେଶ୍ୱର ଜନପଥସ୍ଥିତ ହୋଟେଲ ଦ ନ୍ୟୁ ମାରିୟନଠାରେ ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ ଶୁକ୍ରବାର ଆରମ୍ଭ ହୋଇଛି। ଅକ୍ଟୋବର ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀକୁ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଉଦ୍‌ଘାଟନ କରିଛନ୍ତି। ବିଭିନ୍ନ ରାଜ୍ୟର ବୁଣାକାରମାନେ ଚଳିତ ବର୍ଷର ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବାବେଳେ ବନାରସି ସିଲ୍କ, ଗଡ୍‌ୱାଲ, ଧରମାଭରମ୍, ଜମାୱାର ଓ ସମ୍ବଲପୁରୀ ଆଦି ଉତ୍ପାଦ ପ୍ରଦର୍ଶିତ ତଥା ବିକ୍ରୟ ହେଉଛି। ଏଠାରେ ଦେଶର ପ୍ରତ୍ୟେକ ଅଞ୍ଚଳରୁ ଶାଢ଼ିଠାରୁ ଆରମ୍ଭକରି ଡ୍ରେସ୍ ମ୍ୟାଟେରିଆଲ, ସିଲ୍କ ଓ କଟନ ଶାଢ଼ି, ସୁଟ୍ ଡ୍ରେସ୍ ମ୍ୟାଟେରିଆଲ, ଫ୍ୟାଶନ ଜୁଏଲେରି,ହୋମ୍ ଫର୍ନିସିଂ ଡିଜାଇନର ପୋଷାକ ଆଦି ସାମିଲ କରାଯାଇଛି। ଏହି ପ୍ରଦର୍ଶନୀ ଗ୍ରାହକମାନଙ୍କୁ ଭାରତର ରଙ୍ଗ, ବିବିଧତା ଓ ପ୍ରତିଭାର ଏକ ଉନ୍ନତ ସୁଯୋଗ ପ୍ରଦାନ କରିଛି। ୧୪ଟି ହସ୍ତତନ୍ତ ବୁଣାକାର ରାଜ୍ୟ ଯେପରିକି ଆସାମ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ବିହାର, ଓଡ଼ିଶା, ଛତିଶଗଡ଼, ଗୁଜରାଟ, ଜମ୍ମୁ ଓ କଶ୍ମୀର, ପଶ୍ଚିମବଙ୍ଗ ଏବଂ ବୁଣାକାରମାନଙ୍କ ସହ ସହଭାଗିତାରେ କାର୍ଯ୍ୟ କରୁଥିବା ମେଟ୍ରୋ ସହରଗୁଡିକର ଅନେକ ଡିଜାଇନର ଏଠାରେ ନିଜ କାର୍ଯ୍ୟର ୫୦ ହଜାରରୁ ଅଧିକ ବିବିଧତା ପ୍ରଦର୍ଶନ କରିଛନ୍ତି। ସିଲ୍କ ଇଣ୍ଡିଆ-ୱେଡିଂ କଲେକ୍ସନର ଆୟୋଜକ ମାନସ ଆଚାର୍ଯ୍ୟ କହିଛନ୍ତି, ଏହି ହସ୍ତତନ୍ତ ପ୍ରଦର୍ଶନୀର ମୁଖ୍ୟ ସାମାଜିକ ଉଦ୍ଦେଶ୍ୟ ହେଉଛି ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ହସ୍ତତନ୍ତ ଶିଳ୍ପକୁ ଏକ ବଜାର ପ୍ରଦାନ କରିବା।

# ୨୫ ରାଜ୍ୟ, ୧୩ ଦେଶର ଉତ୍ପାଦ ଗୋଟିଏ ସ୍ଥାନରେ

## ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଉଦ୍‌ଘାଟିତ



ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଦଶମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୪ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପକ୍ଷରୁ ଶୁକ୍ରବାର ଉଦ୍‌ଘାଟନ ହୋଇଯାଇଛି। ଏହି ମେଳାର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ଉପସଭାପତି ଗୋଳକ ମହାପାତ୍ର ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସଜନ ଶର୍ମା, ଭାଜପା ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା ଏବଂ ନିର୍ଦ୍ଦେଶକ ପାୟଲ ଆଚାର୍ଯ୍ୟଙ୍କ ସହ ଏମ୍ଏସ୍ଏମ୍ଇର ନିର୍ଦ୍ଦେଶକ ପି. କେ .ମିଶ୍ର ଯୋଗଦେଇଥିଲେ। ଏହି ମଲ୍ଟି ସେକ୍ଟର ବିଟୁବି ଏବଂ ବିଟୁସି ପ୍ରଦର୍ଶନୀରେ ୨୫ଟି ରାଜ୍ୟ ଏବଂ ୧୩ଟି ଦେଶରୁ ବ୍ୟବସାୟୀ ଓ ପ୍ରଦର୍ଶନକାରୀ ଯୋଗ ଦେଇଛନ୍ତି। ରିଏଲ ଇଷ୍ଟେଟ, ଷ୍ଟାର୍ଟ ଅପ୍ କମ୍ପାନୀ, ଉତ୍ପାଦକ, ବିକାଶକାରୀ, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାର୍ଡୱେର, ଆସବାବପତ୍ର, ଆଭ୍ୟନ୍ତରୀଣ, ଶିକ୍ଷା, ଘର ସାଜସଜ୍ଜା ଉତ୍ପାଦମାନ ପାଇପାରିବେ। ଥାଇ ଫୁଲ, ଆଫଗାନିସ୍ତାନ ଡ୍ରାଏ ଫ୍ରୁଟସ୍, ପାକିସ୍ତାନୀ ଡ୍ରେସ୍, ରାଜସ୍ଥାନୀ ମାର୍ବଲ, ଇରାନୀ ପର୍ସିଆନ କାର୍ପେଟ, ତୁର୍କୀ ମିଠା, କଶ୍ମୀରୀ ଫର୍ନିଚର, ଇରାନୀ ଗହଣା, ମାଲେସିଆର ପାଉଣ୍ଟେନ୍ ଏବଂ ବାଂଲାଦେଶୀ ହ୍ୟାଣ୍ଡଲୁମ ସହ ଭାରତୀୟ ହସ୍ତତନ୍ତ ଭଳି ଉତ୍ପାଦମାନ ଏହି ମେଳାରେ ଅଛି। ଫୁଡ୍ ଜୋନ୍‌ରେ ଗ୍ରାହକ ସୁସ୍ୱାଦୁ ଖାଦ୍ୟ ମଜା ପାଇପାରିବେ। ୫୦ହଜାରରୁ ଅଧିକ ପରିଦର୍ଶକ ଏହି ୧୧ ଦିନିଆ ଇଭେଣ୍ଟର ଭରପୂର ଲାଭ ଉଠାଇବା ସହ ଅନେକ କ୍ଷେତ୍ରରୁ ଗୁଣାତ୍ମକ ଉତ୍ପାଦମାନ ଏହି ପ୍ରଦର୍ଶନୀରେ ସୁଲଭ ମୂଲ୍ୟରେ ପାଇପାରିବ ବୋଲି କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା କହିଛନ୍ତି।

ଫୁର୍‌ସତ୍



ଶାହରୁଖ ଖାନ୍

# ଶୁଟିଂସେଟ୍‌ରେ ମୃତ୍ୟୁ ଶାହାରୁଖଙ୍କ ସ୍ୱପ୍ନ

**ମୁମ୍ବାଇ:** ଶାହରୁଖ ଖାନ୍‌ଙ୍କୁ ବଲିଉଡର କିଙ୍ଗ୍ ଖାନ୍ କୁହାଯାଏ। ସେ ଜଣେ ଏଭଳି ବ୍ୟକ୍ତି ଯିଏ ସାରା ବିଶ୍ୱରେ ଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କ ଅଭିନୟ ବଳରେ ସେ ଆଜି ସାରା ବିଶ୍ୱରେ ପରିଚିତ ହୋଇପାରିଛନ୍ତି। ବଲିଉଡର କିଙ୍ଗ୍ ବୋଲାଉଥିବା ଶାହରୁଖଙ୍କୁ ଏବେ ତାଙ୍କ କାମ ପାଇଁ ଜୀବନବ୍ୟାପୀ ସାଧନା ପୁରସ୍କାର ମିଳିଛି। ଲୋକାର୍ଣ୍ଣୋ ଫିଲ୍ମ ଫେଷ୍ଟିଭାଲରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

ଏତେବଡ଼ ସମ୍ମାନ ମିଳିବା ପରେ ଶାହରୁଖଙ୍କୁ ପଚରାଯାଇଥିଲା ଯେ, ସେ ସବୁଦିନ ପାଇଁ ଅଭିନୟ କରିବାକୁ ଚାହାନ୍ତି କି? ଉତ୍ତରରେ ଶାହରୁଖ କହିଥିଲେ, 'ମୁଁ ସବୁଦିନ ପାଇଁ ଅଭିନୟ କରିପାରିବି କି? ହଁ, ମୃତ୍ୟୁ ପର୍ଯ୍ୟନ୍ତ ନିଶ୍ଚିତ। ମୋର ସ୍ୱପ୍ନ ହେଲା ଶୁଟିଂ ସେଟ୍‌ରେ କିଏ ଜଣେ ଆକ୍ସନ କହିବ ଏବଂ ମୁଁ ମରିଯିବି। କଟ୍ କହିବା ପରେ ବି ଆଉ ଉଠିବିନି।' ତେବେ ତାଙ୍କର ଏହି ପ୍ରତିକ୍ରିୟା ଏବେ ଭାଇରାଲ ହେବାରେ ଲାଗିଛି। ଶାହରୁଖ ତାଙ୍କ ଆଗାମୀ ଫିଲ୍ମ 'କିଙ୍ଗ୍'ରେ ନଜର ଆସିବାକୁ ଯାଉଛନ୍ତି। ଏଥିରେ ତାଙ୍କ ଝିଅ ତାଙ୍କ ସହ ପ୍ରଥମ କରି କାମ କରିବେ ବୋଲି ଜଣାପଡିଛି।

# ବିଗ୍ ବସ୍ ଶୁଟିଂ ଆରମ୍ଭ କଲେ ସଲ୍‌ମାନ




ମୁମ୍ବାଇ

ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ଧମକ ସତ୍ତ୍ୱେ ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍ ଟିଭି ରିଏଲିଟି ଶୋ' ବିଗ୍ ବସ୍ ଅଷ୍ଟାଦଶ ସଂସ୍କରଣର ଶୁଟିଂ ଆରମ୍ଭ କରିଛନ୍ତି। ୫୮ ବର୍ଷୀୟ ସଲ୍‌ମାନ ଗୁରୁବାର ରାତିରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶୁଟିଂ ସେଟ୍‌ରେ ପହଞ୍ଚିଥିଲେ। ତାଙ୍କ ସହ ୬୦ରୁ ଊର୍ଦ୍ଧ୍ୱ ସୁରକ୍ଷା କର୍ମୀ ଥିଲେ। ସେଟ୍‌ରେ ପ୍ରବେଶ ଲାଗି ଆଧାର କାର୍ଡ ଯାଞ୍ଚ ବ୍ୟବସ୍ଥା କରାଯାଇଥିଲା। ଶୁକ୍ରବାରର ଶୁଟିଂ ପାଇଁ ସୁରକ୍ଷା ଦୃଷ୍ଟିରୁ ତାଙ୍କୁ ଉକ୍ତ କମ୍ପାଉଣ୍ଡ ଭିତରେ ଏକ ନିର୍ଦ୍ଦିଷ୍ଟ ଚାଲେଟ୍‌ରେ ରଖାଯିବାର ବ୍ୟବସ୍ଥା ହୋଇଥିଲା। ବିନା ଆଧାର କାର୍ଡ ଯାଞ୍ଚରେ କୌଣସି ବାହାର ବ୍ୟକ୍ତିଙ୍କୁ ଉକ୍ତ ସେଟ୍ ଭିତରକୁ ପ୍ରବେଶ ଅନୁମତି ନାହିଁ। ଶୁଟିଂ ଶେଷ ହେବା ପର୍ଯ୍ୟନ୍ତ ବିଗ୍ ବସ୍-୧୮ର କ୍ରିଉମାନଙ୍କୁ ସେଠାରେ ଉପସ୍ଥିତ ରହିବା ପାଇଁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ଏନ୍‌ସିପି ନେତା ବାବା ସିଦ୍ଦିକିଙ୍କୁ ହତ୍ୟା ଘଟଣା ପରେ ସଲ୍‌ମାନଙ୍କୁ ୱାଇ ପ୍ଲସ୍ ସୁରକ୍ଷା ଯୋଗାଇ ଦିଆଯାଉଛି। ତାଙ୍କ ଗାଡ଼ି ଉଭୟ ପାର୍ଶ୍ୱରେ ପୋଲିସର ଏସ୍କର୍ଟ ଗାଡ଼ି ଯାଉଛି।





ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶତକ ହାସଲ ପରେ ନ୍ୟୁଜିଲାଣ୍ଡର ରାଚିନ ରବୀନ୍ଦ୍ର।

# ଟେଷ୍ଟରେ କୋହଲିଙ୍କ ୯୦୦୦ ରନ

■ ରବୀନ୍ଦ୍ରଙ୍କ ଶତକ: ନ୍ୟୁଜିଲାଣ୍ଡ ୪୦୨
■ ଭାରତର ସଂଘର୍ଷ: ୨୩୧/୩

ବେଙ୍ଗାଲୁରୁ, ୧୮।୧୦

ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ କ୍ରିକେଟ ଟେଷ୍ଟରେ ଭାରତର ସଂଘର୍ଷ ଜାରି ରହିଛି। ରାଚିନ ରବୀନ୍ଦ୍ରଙ୍କ ଶତକ ସହାୟତାରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୪୦୨ ରନର ବୃହତ୍ ସ୍କୋର ଛିଡ଼ା କରିଛି। ପ୍ରଥମ ଇନିଂସରେ ଲଜ୍ଜାଜନକଭାବେ ମାତ୍ର ୪୬ ରନ କରିଥିବା ଭାରତ ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ବେଳକୁ ଦ୍ୱିତୀୟ ଇନିଂସରେ ୩ ଉଇକେଟ ହରାଇ ୨୩୧ ରନ କରି ସଂଘର୍ଷ ଜାରି ରଖିଛି। ଓପନର ଯଶସ୍ୱୀ ଜୟସ୍ୱାଲ ୩୫ ରନରେ ଆଉଟ ହୋଇଥିବାବେଳେ ଅଧିନାୟକ ରୋହିତ ଶର୍ମା (୫୨), ବିରାଟ କୋହଲି (୭୦) ଓ ସର୍ଫରାଜ ଖାଁ (୭୦*) ଅର୍ଦ୍ଧଶତକ ହାସଲ କରିଛନ୍ତି। ଦିବସର ଶେଷ ବଲ୍‌ରେ ଦୁର୍ଭାଗ୍ୟଜନକଭାବେ ଆଉଟ ହୋଇଥିବା କୋହଲି ନିଜ ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଟେଷ୍ଟରେ ୯୦୦୦ ରନ ପୂରଣ କରିଛନ୍ତି। ଏଥିସହ ସେ ସଚିନ ତେନ୍ଦୁଲକର (୧୫୯୨୧), ରାହୁଲ ଦ୍ରାବିଡ (୧୩୨୬୫) ଓ ସୁନୀଲ ଗାଭାସ୍କର (୧୦୧୨୨)ଙ୍କ ପରେ ଚତୁର୍ଥ ଭାରତୀୟ ଭାବେ ଟେଷ୍ଟରେ ୯୦୦୦ ରନ ଅତିକ୍ରମ କରିଛନ୍ତି। ନିକଟରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜ ଅବସରରେ କୋହଲି ଅନ୍ତର୍ଜାତୀୟ କ୍ରିକେଟରେ ୨୭,୦୦୦ ରନ ପୂରଣ କରିଥିଲେ। ମାତ୍ର ୫୯୪ ଇନିଂସରୁ ସେ ଏହି ମାଇଲଖୁଣ୍ଟ ସ୍ପର୍ଶ କରି ଦ୍ରୁତତମ ସାବ୍ୟସ୍ତ ହୋଇଥିଲେ। ବେଙ୍ଗାଲୁରୁ ଟେଷ୍ଟ



ବିରାଟ କୋହଲି

୨ ଦିନ ବାକିଥିବାବେଳେ ହାତରେ ୭ ଉଇକେଟ ଥାଇ ଭାରତ ନ୍ୟୁଜିଲାଣ୍ଡର ପ୍ରଥମ ଇନିଂସ ସ୍କୋରଠାରୁ ଆହୁରି ୧୨୫ ରନ ପଛରେ ରହିଛି। କୋହଲି ଓ ସର୍ଫରାଜ ତୃତୀୟ ଉଇକେଟରେ ୧୩୬ ରନ ଯୋଗ କରିଥିଲେ। ମାତ୍ର କୋହଲି ଆଉଟ ହୋଇଯାଇଥିବାରୁ ଅନ୍ୟ ବ୍ୟାଟରଙ୍କୁ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ କରିବାକୁ ହେବ। ଶନିବାର ୪ର୍ଥ ଦିବସ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସତର୍କତାର ସହ ବ୍ୟାଟିଂ କରି ମ୍ୟାଚ ବଞ୍ଚାଇବାକୁ ହେଲେ ଭାରତକୁ ବଡ଼ ଅଗ୍ରଣୀ ନେବାକୁ ପଡ଼ିବ।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୧୮୦/୩ରୁ ଖେଳ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ଇନିଂସର ମେରୁଦଣ୍ଡ ସାଜିଥିଲେ ରାଚିନ ରବୀନ୍ଦ୍ର। ସେ ଭାରତୀୟ ବୋଲରଙ୍କୁ ସଫଳ ମୁକାବିଲା କରି ହାସଲ କରିଥିଲେ କ୍ୟାରିୟରର ଦ୍ୱିତୀୟ ଟେଷ୍ଟ ଶତକ। ୧୫୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରବୀନ୍ଦ୍ର ୧୩ ଚୌକା ଓ ୪ ଛକା ସହାୟତାରେ ୧୩୪ ରନକରି କୁଲଦୀପ ଯାଦବଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଶେଷ ଭାଗରେ ଟିମ୍ ସୌଦୀ ୬୫ ରନର ମୂଲ୍ୟବାନ ଇନିଂସ ଖେଳି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ରବୀନ୍ଦ୍ର ଓ ସୌଦୀ ୮ମ ଉଇକେଟରେ ୧୩୨ ବଲ୍‌ରୁ ୧୩୭ ରନର ଭାଗୀଦାରି ଗଢ଼ିଥିଲେ। ସୌଦୀଙ୍କୁ ଆଉଟ କରି ମହମ୍ମଦ ସିରାଜ ଯୋଡ଼ି ଭାଙ୍ଗିଥିଲେ। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ୩ଟି ଲେଖାଏ, ମହମ୍ମଦ ସିରାଜ ୨ଟି ଏବଂ ଯଶପ୍ରୀତ୍ ବୁମ୍‌ରା ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୪୬। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୪୦୨/ଅଲ୍‌ଆଉଟ (ରାଚିନ ରବୀନ୍ଦ୍ର-୧୩୪, ଡେଭନ କନୱେ-୯୧, ଟିମ୍ ସୌଦୀ-୬୫, ରବୀନ୍ଦ୍ର ଜାଡେଜା-୩/୭୨, କୁଲଦୀପ ଯାଦବ-୩/୯୯, ମହମ୍ମଦ ସିରାଜ-୨/୮୪, ଯଶପ୍ରୀତ୍ ବୁମ୍‌ରା-୧/୪୧, ରବିଚନ୍ଦ୍ରନ ଅଶ୍ୱିନ-୧/୯୪)। ଭାରତ ଦ୍ୱିତୀୟ ଇନିଂସ: ୨୩୧/୩ (ସର୍ଫରାଜ ଖାଁ-୭୦*, ବିରାଟ କୋହଲି-୭୦, ରୋହିତ ଶର୍ମା-୫୨, ଏଜାଜ ପଟେଲ-୨/୭୦, ଗ୍ଲେନ ଫିଲିପ୍ସ-୧/୩୬)।

**ଭାରତ ମାଟିରେ ଗୋଟିଏ ଦିନରେ ସର୍ବାଧିକ ସ୍କୋର**

୪୭୦: ଭାରତ ବନାମ ଶ୍ରୀଲଙ୍କା, ବ୍ରାବୋର୍ନ, ୨୦୦୯ (ଦ୍ୱିତୀୟ ଦିବସ)
୪୫୩: ଭାରତ ବନାମ ନ୍ୟୁଜିଲାଣ୍ଡ, ବେଙ୍ଗାଲୁରୁ, ୨୦୨୪ (ତୃତୀୟ ଦିବସ)
୪୩୭: ଭାରତ ବନାମ ବାଂଲାଦେଶ, କାନପୁର, ୨୦୨୪ (ଚତୁର୍ଥ ଦିବସ)
୪୧୮: ଭାରତ ବନାମ ଅଷ୍ଟ୍ରେଲିଆ, ମୋହାଲି, ୨୦୧୩ (ତୃତୀୟ ଦିବସ)
୪୧୭: ଭାରତ ବନାମ ଶ୍ରୀଲଙ୍କା, କାନପୁର, ୨୦୦୯ (ପ୍ରଥମ ଦିବସ)

## କୋରାପୁଟ-ମୟୂରଭଞ୍ଜ ଫାଇନାଲ

**ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ କ୍ରିକେଟ**

ଭୁବନେଶ୍ୱର, ୧୮।୧୦ (ବିଜୟ ରଣା)

ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ସଂଘ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ, ମିଳିତ ଆନୁକୂଲ୍ୟରେ ହାଇଟେକ ମେଡିକାଲ କଲେଜର ସହଯୋଗରେ ଆୟୋଜିତ ନବମ ରାଜ୍ୟସ୍ତରୀୟ ଦୃଷ୍ଟିହୀନ ପୁରୁଷ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ମାରଙ୍ଗବୁରୁ ଦୃଷ୍ଟିବାଧିତ କ୍ରିକେଟ କ୍ଲବ, ମୟୂରଭଞ୍ଜ ଓ କୋରାପୁଟ ଦୃଷ୍ଟିବାଧିତ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍‌ରେ ମାରଙ୍ଗବୁରୁ ଦୃଷ୍ଟିହୀନ କ୍ରିକେଟ କ୍ଲବ ବାବା ଆଖଣ୍ଡଳମଣି କ୍ରିକେଟ କ୍ଲବକୁ ଏବଂ ଦ୍ୱିତୀୟ ସେମିଫାଇନାଲ୍‌ରେ କୋରାପୁଟ ଦୃଷ୍ଟିହୀନ କ୍ରିକେଟ କ୍ଲବ, ବାଲେଶ୍ୱର ବ୍ଲାଇଣ୍ଡ କ୍ରିକେଟ ଦଳକୁ ହରାଇ ଦେଇଛି। ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ବିଜୟୀ ଦଳର ଶୁକଦେବ ସୋରେନ ଏବଂ ଦ୍ୱିତୀୟ ସେମି ଫାଇନାଲ୍‌ରେ କୋରାପୁଟର ରଘୁରାମ ନାୟକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଶନିବାର ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ। ଶୁକ୍ରବାର ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ, ହାଇଟେକ୍ ମେଡିକାଲ କଲେଜର କ୍ରୀଡ଼ା ନିର୍ଦ୍ଦେଶକ ଲଳିତ କୁମାର ମହାନ୍ତି, ମୁଖ୍ୟ ଅତିଥି ଏବଂ ରେ' ଅଫ୍ ହୋପ୍ ଫାଉଣ୍ଡେଶନ୍‌ର ଅଧ୍ୟକ୍ଷ ନିଶିକାନ୍ତ ତାରିଣିଆ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।



ରଘୁରାମ ନାୟକଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

## ଜାପାନକୁ ଭେଟି ଅଭିଯାନ ଆରମ୍ଭ କରିବ ଭାରତ

**ଜୋହର, ୧୮।୧୦ (ପି.ଟି.):** ଭାରତର ୨୧ ବର୍ଷରୁ କମ୍ ପୁରୁଷ ହକି ଦଳ ୧୨ତମ ସୁଲ୍‌ତାନ ଜୋହର କପ୍ ହକି ଟୁର୍ନାମେଣ୍ଟରେ ଶନିବାର ଏହାର ଓପନିଂ ମ୍ୟାଚ ଜାପାନ ବିପକ୍ଷରେ ଖେଳିବ। ଜୁନିୟର ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ନେବାପରେ ଦୁଇଥର ଅଲିମ୍ପିକ ପଦକ ବିଜେତା ଭାରତର ପୂର୍ବତନ ଷ୍ଟାର ଗୋଲ୍‌କିପର ପି. ଆର. ଶ୍ରୀଜେସଙ୍କ ଲାଗି ଏହା ପ୍ରଥମ ବଡ଼ ପରୀକ୍ଷା। ୩୬ ବର୍ଷୀୟ ଶ୍ରୀଜେସ ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ ପରେ ଖେଳରୁ ଅବସର ଘୋଷଣା କରିଥିଲେ ଏବଂ ଖୁବ୍ କମ୍‌ଦିନ ବ୍ୟବଧାନରେ ଜୁନିୟର ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ଗ୍ରହଣ କରିଥିଲେ। ଭାରତ ଶେଷ ଥର ପାଇଁ ଗତବର୍ଷ ମେ ମାସରେ ଅନୁଷ୍ଠିତ ଜୁନିୟର ଏସିଆ କପ୍‌ରେ ଜାପାନ ବିପକ୍ଷରେ ୩-୧ ଗୋଲ୍‌ରେ ବିଜୟ ହାସଲ କରିଥିଲା। ସେହିପରି ୨୦୨୨ ସୁଲତାନ ଜୋହର କପ୍ ଦଳ ଜାପାନକୁ ୫-୧ ଗୋଲ୍‌ରେ ପରାସ୍ତ କରିଥିଲା। ନୂଆ କୋଚ୍‌ଙ୍କ ଅଧୀନରେ ପ୍ରଥମ ଟୁର୍ନାମେଣ୍ଟ ଖେଳିବାକୁ ଯାଉଥିବାରୁ ଆମେ ଉତ୍ସାହିତ ବୋଲି ଅଧିନାୟକ ଅମିର ଅଲି ପ୍ରକାଶ କରିଛନ୍ତି। ଗତଥର ଜର୍ମାନୀଠାରୁ ପରାଜିତ ହେବାରୁ ଆମେ ଟାଇଟଲ ବଜାୟ ରଖିପାରି ନ ଥିଲୁ। ଏଥର କିନ୍ତୁ ଆମେ ଭଲରୂପେ ପ୍ରସ୍ତୁତ ହୋଇ ଆସିଛୁ। ପୂର୍ବରୁ ୧୯୧୩, ୨୦୧୪ ଓ ୨୦୨୨ରେ ଭାରତ ଚାମ୍ପିୟନ ହୋଇପାରିଥିଲା।

## ଓଡ଼ିଶା ଖେଳାଳିଙ୍କ ବାଜିମାତ୍

ଭୁବନେଶ୍ୱର, ୧୮।୧୦ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡ଼ିୟମ ପରିସରରେ ଏଆଇଟିଏ-ଓଟିଏ ସୁପର ସିରିଜ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ୧୪ ଓ ୧୬ ବର୍ଷରୁ କମ୍ ଏହି ର୍ୟାଙ୍କିଙ୍ଗ୍ ଟେନିସରେ ଓଡ଼ିଶା ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରି ବାଜି ମାରିଛନ୍ତି। ବାଳକ ବର୍ଗରେ ଆହାନ ମିଶ୍ର ଟ୍ରିପଲ ଟାଇଟଲ ହାସଲ କରିଥିବାବେଳେ ବାଳିକା ବର୍ଗରେ ଆହାନ ଓ ଶାଜଫା ୨ ବିଭାଗରେ ଚାମ୍ପିୟନ ହୋଇଛନ୍ତି। ୧୧ ରାଜ୍ୟରୁ ୭୫ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

**ଏଆଇଟିଏ-ଓଟିଏ ସୁପର ସିରିଜ ଟେନିସ**

୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ଓଡ଼ିଶାର ଟପ୍ ସିଡ୍ ଆହାନ ମିଶ୍ର ଉତ୍ତର ପ୍ରଦେଶର କୌସ୍ତୁଭ ସିଂଙ୍କୁ ୬-୦, ୬-୦ ସେଟ୍‌ରେ ପରାସ୍ତ କରିଛନ୍ତି। ୧୬ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ସେ କର୍ଣ୍ଣାଟକର ଅଭିଭେଦ୍ୟ ମିଶ୍ରଙ୍କୁ ୬-୩, ୬-୧ ସେଟ୍‌ରେ ହରାଇଛନ୍ତି। ୧୬ ବର୍ଷରୁ କମ୍ ଡବଲ୍ସ ଫାଇନାଲରେ ଅଭିଭେଦ୍ୟ ମିଶ୍ରଙ୍କୁ ପାର୍ଟନର କରି ଆହାନ ମିଶ୍ର ୬-୨, ୬-୧ ସେଟ୍‌ରେ ଅନ୍ୟତମ ଓଡ଼ିଶା ଯୋଡ଼ି ଅଂଶୁମାନ ଆଚାର୍ଯ୍ୟ ଓ ସୁତଭ୍ୟ କର୍ମକାରଙ୍କୁ ଟାଇଟଲରେ ତ୍ରିମୁକୁଟ ହାସଲ କରିଛନ୍ତି। ସେହିପରି ୧୬ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ପ୍ରତିଭା ସମ୍ପନ୍ନ ଆହାନ ତାମିଲନାଡୁର ଜେମିମା ରିବେକା ଖ୍ରିଷ୍ଟିନେ ଜନ୍‌ଙ୍କୁ ୬-୦, ୬-୦ରେ ହରାଇଛନ୍ତି। ୧୬ ବର୍ଷରୁ କମ୍ ବାଳିକା ଡବଲ୍ସ ଫାଇନାଲରେ ଆହାନ ଓ ଶାଜଫା ଏସ.କେ. ଯୋଡ଼ି ପଶ୍ଚିମବଙ୍ଗର ସୁଦୀକ୍ଷା ବାନାର୍ଜୀ ଓ ତାମିଲନାଡୁର ଜେମିମା ରିବେକା ଖ୍ରିଷ୍ଟିନେ ଜନ୍ ଯୋଡ଼ିଙ୍କୁ ୬-୧, ୬-୪ରେ ପରାସ୍ତ କରିଛନ୍ତି। ୧୪ ବର୍ଷରୁ କମ୍ ବାଳିକା ଫାଇନାଲରେ ଶାଜଫା ଏସ.କେ. ଅନ୍ୟତମ ଓଡ଼ିଆ ଖେଳାଳି ସଂରଚନା ଦାସଙ୍କୁ ୪-୬, ୬-୩, ୬-୨ରେ ହରାଇ ୨ଟି ଟାଇଟଲ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ଡବଲ୍ସରେ ଦିଲ୍ଲୀର ଅର୍ଶ କାଥୁରିଆ ଓ ଆସାମର ତ୍ରିଦେବ ପାଠକ ଚାମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ତଥା ଓଡ଼ିଶା ଟେନିସ ଆସୋସିଏଶନ ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା ପୁରସ୍କାର ବିତରଣ କରିଥିଲେ। ଓଟିଏ ପ୍ରଶାସକ ସମ୍ବିତ ପଟ୍ଟନାୟକ ଓ ଏଆଇଟିଏ ପର୍ଯ୍ୟବେକ୍ଷକ ପ୍ରବୀଣ କୁମାର ନାୟକ ଉପସ୍ଥିତ ଥିଲେ।




କୃତୀ ଖେଳାଳିମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

## ସ୍ୱିଟେକ୍‌ଙ୍କ ନୂଆ କୋଚ୍ ହେଲେ ଫିସେଟ୍

**ୱାଶିଂଟନ, ୧୮।୧୦ (ଏପି):** ଇଗା ସ୍ୱିଟେକ୍‌ଙ୍କ ନୂଆ କୋଚ୍ ହୋଇଛନ୍ତି ୱିମ୍ ଫିସେଟ୍, ଯାହାଙ୍କ ନିକଟରୁ ଅନେକ ଟପ୍ ଖେଳାଳି କୋଚିଂ ନେଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ନାଓମି ଓସାକା, କିମ୍ କ୍ଲିଷ୍ଟର୍ସ ଓ ଭିକ୍ଟୋରିଆ ଆଜାରେଙ୍କା। ଦୁଇ ସପ୍ତାହ ପୂର୍ବେ ସ୍ୱିଟେକ୍‌ଙ୍କର ତାଙ୍କ ପୂର୍ବ କୋଚ୍ ଟୋମାଜ ଭିକ୍ଟୋରୋସ୍କିଙ୍କ ସହିତ ବିଚ୍ଛେଦ ଘଟିଥିଲା। ଦୁହେଁ ୩ ବର୍ଷ ଧରି ଏକାଠି କାର୍ଯ୍ୟ କରିଥିଲେ। ସ୍ୱିଟେକ୍ ସେପ୍ଟେମ୍ବର ୪ରୁ କୌଣସି ପ୍ରତିଯୋଗିତାରେ ଭାଗ ନେଇ ନାହାନ୍ତି, ଯେତେବେଳେ ସେ ୟୁଏସ୍ ଓପନ କ୍ୱାର୍ଟରଫାଇନାଲରେ ରନର ଅପ୍ ଜେସିକା ପେଗୁଲାଙ୍କଠାରୁ ପରାଜିତ ହୋଇଥିଲେ। ଏହାପରେ ସ୍ୱିଟେକ୍ ଚାଇନା ଓପନ ଓ କୋରିଆ ଓପନରୁ ଓହରିଯାଇଥିଲେ। ତାଙ୍କର ପରବର୍ତ୍ତୀ ନଜର ସିଜନ ଶେଷ ଡବ୍ଲ୍ୟୁଟିଏ ଫାଇନାଲ୍ସ ଉପରେ ନଜର ରହିଛି। ଏହି ଇଭେଣ୍ଟ ସାଉଦି ଆରବର ରିୟାଦଠାରେ ଅନୁଷ୍ଠିତ ହେବ। ଚଳିତ ସିଜନରେ ସ୍ୱିଟେକ୍‌ଙ୍କ ବିଜୟ ପରାଜୟ ରେକର୍ଡ ୫୪-୭ ରହିଥିବା ବେଳେ ସେ ୫ଟି ଟାଇଟଲ ଜିତିବାରେ ସଫଳ ରହିଛନ୍ତି ଏବଂ ୭.୫ ନିୟୁତ ଡଲାର ପୁରସ୍କାର ରାଶି ପକେଟସ୍ଥ କରିଛନ୍ତି। ଜୁନ୍‌ରେ ସେ ଫ୍ରେଞ୍ଚ ଓପନ ଜିତିବା ସହ ପ୍ୟାରିସରେ ଲଗାତର ତୃତୀୟ ଥର ଏବଂ ୫ ବର୍ଷରେ ୪ର୍ଥ ଥର ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି।

# ଓଡ଼ିଶାରେ ଟ୍ରଫି ଗୌରବ ଯାତ୍ରାକୁ ଭବ୍ୟ ସ୍ୱାଗତ

**ଏସିଆନ୍ ମହିଳା ହକି ଚାମ୍ପିୟନଶିପ୍**

■ ନଭେମ୍ବର ୧୧ରୁ ୨୦ ପର୍ଯ୍ୟନ୍ତ ବିହାରର ରାଜଗିରରେ ହେବ ପ୍ରତିଯୋଗିତା

ଭୁବନେଶ୍ୱର, ୧୮।୧୦ (ତପନ ସ୍ୱାଇଁ)

ନଭେମ୍ବର ୧୧ରୁ ୨୦ ପର୍ଯ୍ୟନ୍ତ ବିହାରର ରାଜଗିରଠାରେ ଏସିଆନ୍ ମହିଳା ହକି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଭାରତ ସମେତ ଚାଇନା, ଜାପାନ, ଦକ୍ଷିଣ କୋରିଆ, ମାଲେସିଆ ଏବଂ ଥାଇଲାଣ୍ଡ ଏଥିରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ପୂର୍ବରୁ ଟ୍ରଫି ଗୌରବ ଯାତ୍ରା ଶୁକ୍ରବାର ଆରମ୍ଭ ହୋଇଛି। ଟ୍ରଫିକୁ ଭୁବନେଶ୍ୱରରେ ଭବ୍ୟ ସ୍ୱାଗତ କରାଯାଇଛି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଟ୍ରଫି ପହଞ୍ଚିବାପରେ ଧଉଳିଗିରି ନିଆଯାଇଥିଲା। ସେଠାରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ହକି ଆସୋସିଏଶନର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଟ୍ରଫି ଅନାବରଣ କରାଯିବା ସହିତ ଏକ ଭବ୍ୟ ଗୌରବ ଯାତ୍ରା ସହିତ କଳିଙ୍ଗ ଷ୍ଟାଡିୟମ୍‌କୁ ନିଆଯାଇଥିଲା। ଟ୍ରଫି ଗୌରବ ଯାତ୍ରା ସମ୍ପର୍କରେ ହକି ପ୍ରମୋଶନ କାଉନ୍‌ସିଲ ଅଫ୍ ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର କହିଛନ୍ତି ଯେ, ଓଡ଼ିଶାରେ ଏସିଆନ୍ ମହିଳା ହକି ଚାମ୍ପିୟନଶିପ୍ ଟ୍ରଫି ଗୌରବ ଯାତ୍ରା ଅନୁଷ୍ଠିତ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ହକିର ବିକାଶ ଓ ହକି କ୍ରୀଡାବିତ୍‌ମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଓ ସୁବିଧା ଯୋଗାଇଦେବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଆଗାମୀ ଦିନରେ ବିହାରରେ ହେବାକୁ ଥିବା ଏସିଆନ୍ ମହିଳା ହକି ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ହକିଦଳ ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ଦେଶକୁ ଗୌରବାନ୍ୱିତ କରିବେ ବୋଲି ଆଶା ରହିଛି। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ହକି ଇଣ୍ଡିଆ ତଥା ହକି ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ଦିଲୀପ ଟିର୍କି, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ କ୍ରୀଡ଼ାବିତ୍‌ମାନେ ଉପସ୍ଥିତ ଥିଲେ।





ଧଉଳିଠାରେ ଟ୍ରଫି ଅନାବରଣ ଅବସରରେ ଅତିଥି ଓ କ୍ରୀଡ଼ାବିତ୍। ଏକ ସୁସଜ୍ଜିତ ଖୋଲା ଜିପ୍‌ରେ ଟ୍ରଫିକୁ କଳିଙ୍ଗ ଷ୍ଟାଡିୟମ ନିଆଯାଉଛି।

## ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ବିଜୟୀ

ମୁଲତାନ, ୧୮।୧୦ (ଏପି)

ନୋମାନ ଅଲି ଓ ସାଜିଦ ଖାନ୍ ସମସ୍ତ ୨୦ ଉଇକେଟ ଅକ୍ତିଆର କରିବା ଦ୍ୱାରା ପାକିସ୍ତାନ ଏଠାରେ ଅନୁଷ୍ଠିତ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଇଂଲଣ୍ଡକୁ ୧୫୨ ରନରେ ପରାସ୍ତ କରିଛି। ଘରୋଇ ମାଟିରେ ଦୀର୍ଘଦିନ ପରେ ପାକିସ୍ତାନ ଏକ ଟେଷ୍ଟ ମ୍ୟାଚରେ ବିଜୟ ଲାଭ କରିପାରିଛି। ମୁଲତାନ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ ୪ ଦିନରେ ଶେଷ ହୋଇଯାଇଥିଲା। ଟର୍ନିଂ ପିଚ୍‌ରେ ଟସ୍ ଜିତିବା ପରେ ପାକିସ୍ତାନ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ପ୍ରଥମ ଇନିଂସରେ ୩୬୬ ରନ କରିଥିଲା। ଜବାବରେ ଭ୍ରମଣକାରୀ ଦଳ ୨୯୧ ରନ କରିବାରେ ସମର୍ଥ ହୋଇଥିଲା। ପ୍ରଥମ ଇନିଂସରେ ୭୫ ରନ ଅଗ୍ରଣୀ ଲାଭ କରିଥିବା ପାକିସ୍ତାନ ଏହାର ଦ୍ୱିତୀୟ ଇନିଂସରେ ୨୨୧ ରନ କରିଥିଲା। ୨୯୭ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରି ଇଂଲଣ୍ଡ ଗୁରୁବାର ଖେଳ ଶେଷ ସୁଦ୍ଧା ୨ଉଇକେଟ ହରାଇ ୯୩ ରନ କରିଥିଲା। ଶୁକ୍ରବାର ଦଳ ପ୍ରଥମ ସେସନରେ ୧୪୪ ରନ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ଦ୍ୱିତୀୟ ଇନିଂସରେ ୪୬ରନ ବିନିମୟରେ ୮ ଉଇକେଟ ଅକ୍ତିଆର କରିଥିବା ବାମହାତୀ ସ୍ପିନର ଅଲି ମ୍ୟାଚରେ ମୋଟ ୧୧ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟପକ୍ଷରେ ପ୍ରଥମ ଇନିଂସରେ ୧୧୧ ରନ ଦେଇ ୭ ଉଇକେଟ ଅକ୍ତିଆର କରିଥିବା ଅଫ୍ ସ୍ପିନର ଖାନ୍ ୯୩ ରନରେ ୨ ଉଇକେଟ ଅକ୍ତିଆର କରିଥିଲେ। ଗତବର୍ଷ ରେଡ୍‌ବଲ୍ ଅଧିନାୟକ ଭାବେ ପଦୋନ୍ନତି ପାଇଥିବା ଶନ ମାସୁଦଙ୍କର ୬ଟି ଟେଷ୍ଟରେ ପରାଜୟ ପରେ ଏହା ପ୍ରଥମ ବିଜୟ। ଘରୋଇ ମାଟିରେ କ୍ରମାଗତ ୧୧ଟି ମ୍ୟାଚରେ ପରାଜୟ ପରେ ପାକିସ୍ତାନର ଏହା ପ୍ରଥମ ବିଜୟ। ତନ୍ମଧ୍ୟରେ ଇଂଲଣ୍ଡଠାରୁ ୪ ପରାଜୟ ସାମିଲ। ସାଜିଦ ଖାନ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସିରିଜର ଅନ୍ତିମ ତଥା ନିର୍ଣ୍ଣାୟକ ଟେଷ୍ଟ ଆସନ୍ତା ୨୪ତାରିଖରୁ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୩୬୬
ଇଂଲଣ୍ଡ ପ୍ରଥମ ଇନିଂସ: ୨୯୧
ପାକିସ୍ତାନ ଦ୍ୱିତୀୟ ଇନିଂସ: ୨୨୧
ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୩.୩ ଓଭରରେ ୧୪୪ (ବେନ୍ ଷ୍ଟୋକ୍ସ-୩୭; ନୋମାନ ଅଲି-୮/୪୬, ସାଜିଦ ଖାନ୍-୨/୯୩।

# ଜୀବନର ଅଳୀକତା ଓ ପୀଡ଼ାର ରୂପକାର ହାନ୍ କାଂଗ୍

**ଚଳିତ ଅକ୍ଟୋବର ୧୦ ତାରିଖ ସନ୍ଧ୍ୟାରେ ସ୍ୱିଡିଶ୍ ଏକାଡେମୀ ୨୦୨୪ ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ଘୋଷଣା କଲେ ଓ ଏଥରର ପୁରସ୍କାର ବିଜୟିନୀ ହେଲେ ଦକ୍ଷିଣ କୋରିଆର ୫୩ ବର୍ଷ ବୟସ୍କା ଲେଖିକା ହାନ୍ କାଂଗ୍। କାନ୍ ହେଉଛନ୍ତି ଦକ୍ଷିଣ କୋରିଆର ପ୍ରଥମ ଲେଖକ ଓ ଏସିଆର ପ୍ରଥମ ଲେଖିକା, ଯେ କି ସାହିତ୍ୟରେ ଏହି ଗୌରବୋଦୀପ୍ତ ପୁରସ୍କାର ଲାଭର ସୌଭାଗ୍ୟ ଅର୍ଜନ କଲେ। ଲେଖିକା ଭାବେ ହାନ୍ କାଂଗ୍‌ଙ୍କର ଆତ୍ମପ୍ରକାଶ ଘଟେ ୧୯୯୩ରେ, ଏକ ନଗଣ୍ୟ ପତ୍ରିକାରେ କତିପୟ ଗୁଚ୍ଛକବିତାର ପ୍ରକାଶନ ସହ। ୧୯୯୫ରେ ପ୍ରକାଶ ପାଏ ତାଙ୍କର କ୍ଷୁଦ୍ର ଗଳ୍ପ, ଯାହା ମାଧ୍ୟମରେ ଲେଖିକା ଭାବେ ସାରସ୍ୱତ ଜଗତରେ ତାଙ୍କର ପରିଚୟ ଜାହିର୍ ହୁଏ। ସେଇ ଦିନଠୁଁ ଗଦ୍ୟ ହିଁ ତାଙ୍କ ଆତ୍ମପ୍ରକାଶର ମାଧ୍ୟମ। ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ଲେଖିକା-ଜୀବନରେ ହାନ୍‌ଙ୍କର ସବୁଠୁଁ ଉଲ୍ଲେଖଯୋଗ୍ୟ ପୁସ୍ତକ ହେଉଛି ଉପନ୍ୟାସ 'ଦ ଭେଜିଟାରିଆନ୍' (୨୦୦୭)। ତିନି ଭାଗରେ ପ୍ରକାଶିତ ଏହି ଉପନ୍ୟାସ ପାଇଁ ୨୦୧୬ରେ ହାନ୍‌ଙ୍କୁ ମିଳେ ଆନ୍ତର୍ଜାତିକ ବୁକର୍ ପୁରସ୍କାର। ହାନ୍ କାଂଗ୍‌ଙ୍କୁ ନେଇ ଏଇ ଆଲେଖ୍ୟଟି ପ୍ରସ୍ତୁତ କରିଛନ୍ତି କବି ହୃଷୀକେଶ ମଲ୍ଲିକ।**



୨୭ ନଭେମ୍ବର ୧୯୭୦ରେ ଦକ୍ଷିଣ କୋରିଆର ଗୋୟାଂଜୁ ସହରରେ ହାନ୍‌ଙ୍କର ଜନ୍ମ। ତା' ପରଠୁଁ ସିଓଲ୍‌ର ସୁୟୁରି ('ଗ୍ରୀକ୍ ଲେସନ୍‌ସ' ଉପନ୍ୟାସରେ ଏହି ସହରର ନାମୋଲ୍ଲେଖ ରହିଛି)ରେ ବସବାସ। ପିଲାଟି ଦିନରୁ ହାନ୍ ଥିଲେ କଳା ଓ ସାହିତ୍ୟର ଅନୁରାଗିଣୀ। କାବ୍ୟଚର୍ଚ୍ଚା ପ୍ରତି ଥିଲା ଅହେତୁକ ଝୁଙ୍କ, ଶୈଶବରୁ। ହାନ୍‌ଙ୍କ ବାପା ହାନ୍ ସେଉଂ ଓନ୍ ଥିଲେ ଜଣେ ଖ୍ୟାତନାମା ଔପନ୍ୟାସିକ ଓ ଭାଇ ହାନ୍ ଡଂ ରିମ୍ ମଧ୍ୟ ଜଣେ ପରିଚିତ ଲେଖକ ଥିଲେ। ଗଦ୍ୟ ରଚନା ସହିତ ଚିତ୍ରକଳା ଓ ସଂଗୀତ ଚର୍ଚ୍ଚା ପ୍ରତି ହାନ୍ କାଂ ଥିଲେ ସମଶ୍ରଦ୍ଧାରେ ଆଗ୍ରହୀ।

'ଦ ଭେଜିଟାରିଆନ୍' ଉପନ୍ୟାସ ହେଉଛି ଇଂଲିଶ୍ ଭାଷାରେ ଅନୂଦିତ ହାନ୍‌ଙ୍କର ପ୍ରଥମ ଉପନ୍ୟାସ, ଯାହାର ଅନୁବାଦ କରିଛନ୍ତି ଡେବୋରା ସ୍ମିଥ୍। ଉଭୟ ଲେଖିକା ଓ ଅନୁବାଦକ ଏହି ଉପନ୍ୟାସ ପାଇଁ ୨୦୧୬ରେ ଆନ୍ତର୍ଜାତିକ ବୁକର୍ ପୁରସ୍କାର ଲାଭ କରିଛନ୍ତି। ଏଥିରେ ଦେଖାଯାଏ ଯେ ଜଣେ ନାରୀ ମାନବୀୟ ନିଷ୍ଠୁରତାର ପରିହାର ସଂକଳ୍ପ ନେଇ ମାଂସ ଭକ୍ଷଣ ଛାଡ଼ି ଦେଇଛି ଓ ତଜ୍ଜନିତ ପରିଣତିକୁ ସାମ୍ନା କରିଛି। ପୁରସ୍କାର ଚୟନ କମିଟିର ସଭାପତି ପ୍ରଖ୍ୟାତ ସାହିତ୍ୟ ସମାଲୋଚକ ବୟଡ୍ ଟନ୍‌କିନ୍ କହନ୍ତି: 'ହାନ୍‌ଙ୍କ ନିବିଡ଼, ସୂକ୍ଷ୍ମ ଓ ବିଚଳିତ କଳାପରି ଉପନ୍ୟାସଟି ସୌନ୍ଦର୍ଯ୍ୟ ଓ ଭୟର ଏକ ଅଦ୍ଭୁତ ମିଶ୍ରଣ।' 'ଦ ନ୍ୟୁୟର୍କ ଟାଇମ୍‌ସ ବୁକ୍ ରିଭ୍ୟୁ' ୨୦୧୬ରେ ଶ୍ରେଷ୍ଠ ୧୦ଟି ପୁସ୍ତକ ତାଲିକାରେ ଏହି ଉପନ୍ୟାସଟିକୁ ଅନ୍ତର୍ଭୁକ୍ତ କରନ୍ତି।

୨୦୧୬ରେ ପୋର୍ଟବେଲୋ ବୁକ୍‌ସ ହାନ୍‌ଙ୍କ ଉପନ୍ୟାସ 'ହ୍ୟୁମାନ୍ ଆକ୍ଟ୍‌ସ' ପ୍ରକାଶ କରନ୍ତି ଓ ୨୦୧୭ରେ ଏହା ଇଟାଲୀ ଭାଷାରେ ଅନୂଦିତ ହୋଇ ମାଲାପାର୍ଟେ ପୁରସ୍କାରରେ ସମ୍ମାନିତ ହୁଏ। ଆତ୍ମଜୀବନୀମୂଳକ ଉପନ୍ୟାସ 'ଦ ହ୍ୱାଇଟ୍ ବୁକ୍' ଲେଖିକା ତାଙ୍କ ବଡ଼ ଭଉଣୀଙ୍କୁ ନେଇ ଲେଖିଛନ୍ତି, ଯେକି ଜନ୍ମ ନେବାର ମାତ୍ର ଦୁଇଘଣ୍ଟା ପରେ ମୃତ୍ୟୁବରଣ କରିଛି। ୨୦୧୮ରେ ଏହି ଉପନ୍ୟାସ ଆନ୍ତର୍ଜାତିକ ବୁକର୍ ପୁରସ୍କାରର କ୍ଷୁଦ୍ର ତାଲିକାରେ ସ୍ଥାନ ପାଇଛି। ୨୦୧୧ରେ ପ୍ରକାଶ ପାଇଛି 'ଗ୍ରୀକ୍ ଲେସନ୍‌ସ' ଓ ୨୦୨୩ରେ ଏହା ଇଂଲିଶ୍‌ରେ ଅନୂଦିତ ହୋଇଛି। ପୁସ୍ତକ ସମ୍ପର୍କରେ 'ଦ ଆଟଲାଣ୍ଟିକ୍' ପତ୍ରିକାରେ କୁହାଯାଇଛି: 'ବହିରେ ଥିବା ଶବ୍ଦଗୁଡ଼ିକ ଅଭାବନୀୟ ଭାବେ ଶକ୍ତିଶାଳୀ ଓ ବଶକାରୀ।' ହାନ୍‌ଙ୍କ ଉପନ୍ୟାସ 'ଉଇ ଡୁ ନଟ୍ ପାର୍ଟ' ପ୍ରକାଶ ପାଏ ୨୦୨୧ରେ। ଏଥିରେ ଏପରି ଜଣେ ଲେଖକଙ୍କ କାହାଣୀ ବର୍ଣ୍ଣିତ, ଯେକି ୧୯୪୮-୪୯ର 'ଜେଜୁବିଦ୍ରୋହ' ଓ ଜଣେ ବନ୍ଧୁଙ୍କ ପରିବାର ଉପରେ ଏହି ବିଦ୍ରୋହର ପ୍ରଭାବ ସମ୍ପର୍କରେ ଗବେଷଣାରତ। ବହିଟିର ଫରାସୀ ଅନୁବାଦ ୨୦୨୩ରେ ପାଏ 'ପ୍ରି ମେଡିସି' ପୁରସ୍କାର।

ମାତ୍ର ୩୦-୩୧ ବର୍ଷର ଲେଖିକା ଜୀବନରେ ହାନ୍‌ଙ୍କର ସଫଳତା ଓ ଅବିଶ୍ୱସ୍ୟ ଭାବେ ଅର୍ଜିତ ପାଠକୀୟତାର ପୃଷ୍ଠଭୂମିରେ ଭାଷା ଓ ସାହିତ୍ୟର ଯେଉଁ ବୀଜ ନିହିତ, ତାହା ମୁଖ୍ୟତଃ ତାଙ୍କ ମାତୃଭାଷାର। ହାନ୍ ଥିଲେ ଇୟୋନସେଇ ବିଶ୍ୱବିଦ୍ୟାଳୟରେ କୋରୀୟ ଭାଷା-ସାହିତ୍ୟର ଛାତ୍ରୀ। ୧୯୯୮ରେ ଆଇଓୟା ବିଶ୍ୱବିଦ୍ୟାଳୟର ଅନ୍ତର୍ଜାତୀୟ ଲିଖନ କର୍ମଶାଳାରେ ଯୋଗଦାନ ତାଙ୍କ ଲେଖକୀୟ ଅନୁଭୂତିକୁ ବ୍ୟାପ୍ତ କରିଥିଲା। ସ୍ୱ-ଗୃହର ଗ୍ରନ୍ଥମୟ ଆବେଶ ଭିତରୁ ଉଦିତ ହୋଇଥିଲା ହାନ୍‌ଙ୍କ ସାରସ୍ୱତ - ସର୍ଜନାର ବିଶ୍ୱଦୃଷ୍ଟି। ମାତୃଭାଷାରୁ ଆହୃତ ତାଙ୍କ ଅମିତ ସୃଜନ-ଶକ୍ତି, ଯାହା କି ଧାପେ ଧାପେ ହୋଇଉଠିଛି ଊର୍ଦ୍ଧ୍ୱମୁଖୀ। ହାନ୍‌ଙ୍କୁ ନୋବେଲ ପୁରସ୍କାର ଏକ ଦୃଢ଼ଧାରଣାରେ ଉପନୀତ କରାଇଛି ଯେ, ମାତୃଭାଷା ମାଧ୍ୟରେ ଜୀବନକୁ ଚିହ୍ନିବା ଓ ଚିହ୍ନେଇବା ଆଦୌ ଭାଷିକ ଅକୁଳାଣପଣିଆ ନୁହେଁ। ଜୀବନାନୁଭବ ସର୍ବଦା ଭାଷା-ନିରପେକ୍ଷ। ଯଦି ମହତ୍ତର ଅନୁବାଦକ ବିଦ୍ୟମାନ, ତେବେ ଯେ କୌଣସି ଭାଷା (ଯେତେ ଗୌଣ ଓ ଅଭବ୍ୟ ହେଉ), ବିଶ୍ୱ-ପାଠକର ଚିତ୍ତାଧିକାରରେ ବାଧା ନାହିଁ।

'ୱାର୍ଲ୍‌ଡ ଲିଟରେଚର ଟୁଡେ'ର ଜାନୁଆରୀ ୨୦୧୬ ସଂଖ୍ୟାରେ ପ୍ରକାଶିତ ଲେଖକ କ୍ରିସ୍ ଲି ଓ ହାନ୍ କାଂଗ୍‌ଙ୍କର ଏକ ସ୍ମରଣୀୟ ଆଳାପ ଏଠି ମନେପଡ଼େ, ଯାହାର କିୟଦଂଶ ଏଠାରେ ଉଦ୍ଧାର କରାଯାଇପାରେ। କ୍ରିସ୍ ଲିଙ୍କ ଏକ ପ୍ରଶ୍ନର ଉତ୍ତରରେ ହାନ୍ କହିଛନ୍ତି: "ମୋ' ବାପା ଜଣେ ଲେଖକ। ଆମେ ରହୁଥିଲୁ ଏକ ସାଧାରଣ ଘରେ। ବେଶୀ କିଛି ଆସବାବପତ୍ର ନ ଥିଲା। ବାପାଙ୍କର ସଉକ ଥିଲା ବହି-ସଂଗ୍ରହ। କେବଳ ଝରକା ଓ ଦର୍ଜାକୁ ଛାଡ଼ିଦେଲେ ସବୁଠି ଖାଲି ବହି ଆଉ ବହି। ମୁଁ ସବୁବେଳେ ଅନୁଭବ କରିଛି ଯେ ବହି ହେଉଛି ପ୍ରସାରଣଶୀଳ। ପଢ଼ାପଢ଼ି ଓ ଭାଷା-ଆହରଣରେ ମୂଳରୁ ମୁଁ ସ୍ୱାଧୀନ। ମୁଁ ଯେପରି ଆହ୍ୱାନଧର୍ମୀ ଉପନ୍ୟାସ ସବୁକୁ ପଢ଼ିପାରେ, ବାପା ମା' ମୋ' ଇଚ୍ଛା ଉପରେ ତାହା ଛାଡ଼ି ଦେଇଥିଲେ। କୈଶୋର ଅତିକ୍ରମ ପରେ ମୋ' ମନକୁ ଭାରାକ୍ରାନ୍ତ କଲା ଅସ୍ତିତ୍ୱ ସମ୍ପର୍କୀୟ କେତେକ ସାଧାରଣ ପ୍ରଶ୍ନ। ଯଥା: ମୁଁ କିଏ? ମୋର ଉଦ୍ଦେଶ୍ୟ କ'ଣ? ମଣିଷ କାହିଁକି ମରିବ? ମୃତ୍ୟୁ ପରେ ମଣିଷ କୁଆଡ଼େ ଯାଏ? ଇତ୍ୟାଦି। ଏସବୁ ପ୍ରଶ୍ନର ଉତ୍ତର ବହିରୁ ମିଳିବ ଭାବି ବହି ପାଖକୁ ଫେରିଲି, ମାତ୍ର ସେଥିରେ ମୁଁ ଖୋଜୁଥିବା ପ୍ରଶ୍ନର ଉତ୍ତର ନ ଥିଲା। ଏଇଠି ପ୍ରୋତ୍‌ଥିତ ମୋ' ସୃଜନର ଉତ୍ସ। ମୋତେ ଲାଗିଲା ଯେ ମୁଁ ଲେଖକ ହେବି। ସେଇମାନଙ୍କ ପାଇଁ ଲେଖିବି, ଯେଉଁମାନଙ୍କ ମନରେ ଅସୁମାରି ପ୍ରଶ୍ନ, ଅଥଚ କେଉଁଠି ତା'ର ଉତ୍ତର ନାହିଁ।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ହାନ୍ କହିଛନ୍ତି: କୌଣସି କିଛିକୁ ଗଭୀର ଭାବେ ଦେଖିବା ସାହିତ୍ୟର ଏକ ବଡ଼ ଦାୟିତ୍ୱ ବୋଲି ମୁଁ ମନେକରେ। ଏପରି କେତେକ ବିଷୟ ଥାଏ, ଯାହା ଲେଖକକୁ ବିଚଳିତ କରେ। ଏପରି ବିଷୟକୁ ମୁଁ ଜାବୁଡ଼ି ଧରେ ଓ ଅନ୍ୟ ବିଷୟସବୁ ତାଙ୍କ ବାଟେ ବାଟେ ଯାଆନ୍ତି। ମୋତେ ସବୁବେଳେ ଲାଗିଛି ଯେ 'ସହିଂସତା' ମଣିଷ ଆଗରେ ଏକ ବଡ଼ ପ୍ରଶ୍ନ। 'ଦ ଭେଜିଟାରିଆନ୍'ରେ ଏପରି ଜଣେ ନାରୀର କଥା କୁହାଯାଇଛି, ଯିଏ ସବୁଠି ବିରାଜମାନ ଓ ଦୈବାଧୀନ 'ସହିଂସତା'କୁ ପ୍ରତ୍ୟାଖ୍ୟାନ କରିଛି ନିଜ ଜୀବନ ବିନିମୟରେ। ମୋର ଆଉ ଏକ ଉପନ୍ୟାସରେ ମୁଖ୍ୟ ନାରୀ ଚରିତ୍ରଟି ଭାଷାର 'ସହିଂସତା'କୁ ଚିହ୍ନି ସବୁ ଭାଷାକୁ ପ୍ରତ୍ୟାଖ୍ୟାନ କରିଛି।

ହାନ୍‌ଙ୍କ ଉପନ୍ୟାସ ଓ ଗଳ୍ପ ପାଠକଙ୍କୁ ଏକ ଅଚିହ୍ନା ଅଭିଜ୍ଞତାର ସାମ୍ନା କରାଏ। ମନେହୁଏ, ସାହିତ୍ୟରେ ଏପରି ଫସଲ ଫଳିବା ସେମାନେ କେଉଁଠି କେବେ ଦେଖିନାହାନ୍ତି। ନୋବେଲ କମିଟି ନୋବେଲ ଘୋଷଣାପତ୍ରରେ ଉଲ୍ଲେଖ କରିଛନ୍ତି ହାନ୍‌ଙ୍କ ଗଦ୍ୟ "ଐତିହାସିକ ଘାତପ୍ରତିଘାତକୁ ସାମ୍ନା କରେ ଓ ମାନବ-ଜୀବନର ଅଳୀକତାକୁ ଉଜାଗର କରେ। ଗହନ କାବ୍ୟାତ୍ମକ ଏ ଗଦ୍ୟ।" ଏକାଡେମୀଙ୍କ ବିବେଚନାରେ ହାନ୍ ହେଉଛନ୍ତି 'ସମକାଳୀନ ଗଦ୍ୟର ନବ ପ୍ରବର୍ତ୍ତକ ଓ କ୍ରାନ୍ତିକାରୀ ଲେଖିକା।' ଇତିହାସର ରକ୍ତରଞ୍ଜିତ ସ୍ମୃତି ପାଠକର ମନରେ ଦୁଃଖର ଆବହ ତୋଳେ ହାନ୍‌ଙ୍କ ଲେଖାରେ। ଜୀବନ ଅଳୀକ- ଏହା ବାରବାର ଚେତାଇଦିଏ ତାଙ୍କ ସାହିତ୍ୟ।

ମୋ: ୯୮୫୩୨୮୭୭୫୫




## କବିତା

### ପ୍ରାପ୍ୟ

**ସ୍ୱୟମ୍ବରା ପଟ୍ଟନାୟକ**

ଏ ପର୍ଯ୍ୟନ୍ତ ଯାହା କିଛି
ମତେ ମିଳିଛି
ସେତିକି ମୋର ପ୍ରାପ୍ୟ
ବାକି ଯାହା ଅପ୍ରାପ୍ୟ ରହିଗଲା
ମୋ' ଭାଗ୍ୟର ବାହାରେ
ସେ ସବୁରେ ନଥିଲା ମୋର
ଅଧିକାର
ସେ ସବୁ ନଥିଲା ମୋ' ପାଇଁ ପ୍ରାପ୍ୟ।

ଏ ପର୍ଯ୍ୟନ୍ତ ଚାଲିବା ପରେ
ଯେଉଁଠାରେ ଅଟକିଯିବ ମୋ' ପାଦ
ଭାବିବି, ସେତିକି ମୋର
ଚାଲିବାର ଥିଲା
ସେତିକି ମୋର ବାଟ।

ଚାଲିବା ଆଉ ପାଇବାର
ନିର୍ଦ୍ଦିଷ୍ଟ ପରିସୀମା ଭିତରେ
ଅଦୃଷ୍ଟର କିଛି ନିର୍ଦ୍ଦେଶ ରହିଥାଏ
ସେଇ ନିର୍ଦ୍ଦେଶରେ
ଘଟଣାସବୁ ଘଟି ଚାଲିଥାଏ।

କେବେ କିଛି ଘଟିଥାଏ
ଜୀବନ ଧାରାରେ
କେବେ କିଛି ରହି ଯାଇଥାଏ
ଭାଗ୍ୟର ବାହାରେ।

ପ୍ରାପ୍ୟ ଏବଂ ଅପ୍ରାପ୍ୟ ଭିତରେ
ଜୀବନ କିନ୍ତୁ ଚାଲିଥାଏ
ଚନ୍ଦ୍ର ସୂର୍ଯ୍ୟଙ୍କର ଗତି ପରି
ନିଜସ୍ୱ ଧାରାରେ।

ମୋ: ୯୯୩୭୫୭୧୫୯୨

### ଅପେକ୍ଷା

**ପ୍ରକାଶ ମିଶ୍ର**

ଫୁଲମାନେ ମରିଗଲା ପରେ
ତାରା ହୋଇ ଜନ୍ମ ନିଅନ୍ତି
ତାରାମାନେ ମରିଗଲା ପରେ
ଫୁଲ ହୋଇ ଜନ୍ମ ନିଅନ୍ତି।

ତେଣୁ ମୋର ସେଇ ପ୍ରିୟ ଫୁଲଟା
ଆକାଶରେ କେଉଁଠି ତାରା ହୋଇଥିବ
ମୁଁ ତାକୁ ଅପେକ୍ଷା କରିଛି
ମୃତ୍ୟୁ ଯାବତ୍ ସେଇ ବଗିଚାରେ।

ସେ କେବେ ନା କେବେ ଆସିବ
ପୁଣି ଫୁଲଟିଏ ହୋଇ
ଫୁଟିବାକୁ ମୋ' ବଗିଚାରେ।

ମୁଁ ଥିବି କି ନ ଥିବି, କିଏ ଜାଣିଛି ସେ କଥା,
ସେ ଆସି ଖୋଜିବ,
ହୁଏତ ମୁଁ ଘାସ ହୋଇଯାଇଥିବି।

ମୁଁ ତାକୁ ଚିହ୍ନୁଥିବି, ହେଲେ
ସେ ଜାଣିପାରୁନଥିବ ମୋତେ
ସେ ମତେ ଚିହ୍ନୁଥିବ
ହୁଏତ ମୁଁ ଜାଣିପାରୁନଥିବି ତାକୁ।

ଜହ୍ନ ଖାଲି ହସୁଥିବ, କହୁ ନଥିବ କିଛି
ଯା' ଭିତରେ ଯୁଗ ଯୁଗ ପଳେଇବ,
ନା ମୁଁ ତାକୁ ପାଇବି,
ନା ସେ ମୋତେ ପାଇବ!

ଯଦି ଫୁଲ ମଉଳନ୍ତା ନାହିଁ,
ଆଉ ଭ୍ରମର ମରନ୍ତା ନାହିଁ,
ତେବେ ଫୁଲର ଅସରନ୍ତି ମଧୁ,
ଆଉ ଭ୍ରମରର ଅସୀମ ତୃଷ୍ଣା
ଅମର ପ୍ରେମ ରୂପ ନିଅନ୍ତା...

କିନ୍ତୁ ଫୁଲ ମରିବ, ଆକାଶରେ ତାରା ହେବ
ଫୁଲ ପୁଣି ମୋ' ବଗିଚାକୁ ଫେରିବା ଆଶାରେ
ମୁଁ ଯୁଗ ଯୁଗ ଚାହିଁଥିବି ହୁଏତ...

ମୋ: ୯୯୩୭୬୦୬୮୪୩

### କେହି ଈଶ୍ୱର

**ଡ. ଶ୍ରୀହରି ଧଳ**

ଈଶ୍ୱରୀୟ ଅହଂକାରରେ ମାଗିବ-
ପାତିଦେବି ମୁଣ୍ଡ
ସମର୍ପଣ ମୁଦ୍ରାରେ
ମଥାଇନେବି ନାଭିପାଦ।

ଏଥର କୁସୁମିତ ହସ- ଈଶ୍ୱରଙ୍କ ଓଠରେ
ଏଇଥିପାଇଁ ପାତାଳଗାମୀ କରିପାରିଲେ ତ
ଜଣେ ସ୍ୱର୍ଦ୍ଧିତ ପ୍ରତିଦ୍ୱନ୍ଦ୍ୱୀକୁ।
ଏମିତି ତ ଈଶ୍ୱରମାନେ
ନଇଁପଡ଼ିଥିବା ମଣିଷ ପିଠିରେ
ଗଢ଼ି ବସନ୍ତି ସ୍ୱର୍ଗର ନକ୍ସା।
କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବା ଉଚ୍ଛ୍ୱାସରେ
ଆବୋରି ବସନ୍ତି ସିଂହାସନ।

ତଳକୁ ମୁଣ୍ଡ ନୁଆଁଇଥିବା ମଣିଷଟା
ଅନ୍ଧାର ଦେଖେ, ନର୍କ ଦେଖେ
ହଜେଇଦିଏ ଅଣ୍ଟା ସଳଖିବାର
ପାରିଲାପଣ।
ଈଶ୍ୱର ଏଥର ଘୋଷଣା କରନ୍ତି
ଦୁଷ୍କୃତିର ବିନାଶ, ଦୁଷ୍ଟର ସଂହାର
ଓ ଧର୍ମ ସଂସ୍ଥାପନାର୍ଥେ
ପୁଣି ଗୋଟେ ନୂଆ ଖେଳକୁ,
ଧରାବତରଣର ପ୍ରତିଶ୍ରୁତିରେ।

ମୋ: ୮୧୧୭୦୮୧୯୦୬

### ଗୀତି-କବିତା

### ପୌର୍ଣ୍ଣମାସୀ

**ଜୟନ୍ତୀ ସାହୁ**

ତାରାଫୁଲ ବିଞ୍ଚି ରୁପା ପାଲିଙ୍କିରେ
ନିଶୀଥ ଗଗନେ ଚନ୍ଦ୍ରମା ସାଜେ
ଉଭଳା ସେ କଇଁ ମୁଗ୍ଧ ପରାଣେ
ପ୍ରୀତିଝରା ଶୁଭ୍ର ଜ୍ୟୋତ୍ସ୍ନାରେ ଭିଜେ।

ଅଧୀର ସାଗରେ ବିଭୋର ତରଙ୍ଗ
ଫେନିଳ ବୁକୁକୁ ଉଚ୍ଚେ ପ୍ରସାରି
ପ୍ରିୟର ପରଶ ପ୍ରମତ୍ତ ଆବେଶ
ରାକାଯାମିନୀ ଗୋ ନ ଯାଅ ସରି।

ଝୀନ ଉତ୍ତରୀୟେ ନିଶିଥିନୀ ଶୋହେ
ମୁକୁତା ଝରୁଛି ତା' କେଶପାଶୁ
ଜୋଛନା ମଦିରା ପିଇ ସେ ଅଧୀରା
ହସୁଅଛି ଯେହ୍ନେ ବାଲୁତ ଶିଶୁ।

ଦିଗାଙ୍ଗନା ଅଙ୍ଗ ଶିହରି ଉଠୁଛି
ଦେଖି ତ ଧବଳ ରୋଶଣି ମାୟା
ଇନ୍ଦ୍ରଜାଲ ପ୍ରାୟ ପରତେ ହେଉଛି
ଏ' କି ଅମୃତର ଅମିୟ ଛାୟା।

ତଥାପି ବିଗତ ଶର୍ବରୀରେ କିଏ
ଗୁମୁରି ଗୁମୁରି କାନ୍ଦଇ ବସି
ଉଆଁସୀ ରାତିର କଳିକାଟିଏ ସେ
ପାଇବ ବା କାହୁଁ ପୂର୍ଣ୍ଣମୀ ଶଶୀ!

ମୋ: ୮୦୯୩୪୮୬୬୭୪

## ଲଘୁଗଳ୍ପ

### ଈଶ୍ୱର

**ରତ୍ନପ୍ରଭା ନାଥ**

ଦୀପାଳି ଦୀପକବାବୁଙ୍କ ଉପରେ ଗାରୁଗାରୁ ହେଉଥାନ୍ତି। ଆରେ ବାବା, ସବୁଦିନ ଠିକ୍ ସମୟରେ ଖାଇବ, ଟିକିଏ ଏପଟସେପଟ କ'ଣ ହେବ ନାହିଁ। ପୂଜାଘରକୁ ତ ଦିନେ ଯିବାର ନାହିଁ। ଆଜି ସଂକ୍ରାନ୍ତି। ଘରେ ଘରେ ପୂଜାପାଠ, ମିଶ୍ରବାବୁଙ୍କ ଘରେ ହୋମ କରୁଛନ୍ତି। ସେପଟେ ମହାନ୍ତିବାବୁଙ୍କ ଘରେ ଚଣ୍ଡୀପାଠ। ଆମ ଘରେ କିଛି ହେବାର ନାହିଁ। ଖାଲି ସକାଳୁ ଉଠିଲେ ଖାଇବା ଆଉ ଅଫିସ୍ ଚିନ୍ତା। ଏବେ କରୋନାଜନିତ ସାପ୍ତାହିକ ଶଟ୍‌ଡାଉନ୍ ପାଇଁ ଘରେ ବସି ଖାଲି ଟିଭି ଆଉ ଖାଇବା ବରାଦ ଚାଲିଛି। ହଠାତ୍ ସମସ୍ତଙ୍କ ଘର କାମ କରୁଥିବା ସୁନିତା କାନ୍ଦି କାନ୍ଦି ଆସି କହିଲା- ଶଟ୍‌ଡାଉନ୍ ଲାଗି ଅଟୋ ଚାଲୁନାହିଁ। ପୁଅ ବାଥ୍‌ରୁମ୍‌ରେ ପଡ଼ିଯିବାରୁ ମୁଣ୍ଡଫାଟି ରକ୍ତ ବୋହିଚାଲିଛି। କେମିତି ଡାକ୍ତରଖାନା ନେବି? ମିଶ୍ରବାବୁ ଓ ମହାନ୍ତିବାବୁଙ୍କର ପୂଜା ଚାଲିଛି କହି ରାଜି ହେଉନାହାନ୍ତି। ଅନ୍ୟମାନେ କରୋନାକୁ ଡରି ବାହାରକୁ ଯିବାକୁ ମନା କରୁଛନ୍ତି। ସୁନିତା ଏସବୁ ଦୀପାଳିକୁ କହିଲା ବେଳେ ଦୀପକବାବୁ ସେ କଥାଶୁଣି ସଙ୍ଗେ ସଙ୍ଗେ କାର୍ ବାହାର କରି ସୁନିତାକୁ କହିଲେ ଶୀଘ୍ର ଚାଲ।

ଦୀପକବାବୁ ଘରକୁ ଫେରିଲା ବେଳକୁ ସନ୍ଧ୍ୟା। ଦିନସାରା ଦୀପାଳିକୁ ଫୋନ୍‌ଟାଏ ମଧ୍ୟ କରିନାହାନ୍ତି। ସକାଳୁ କିଛି ଖାଇ ନ ଥିଲେ, ସହଜେ ଭୋକ ସମ୍ଭାଳି ପାରନ୍ତି ନାହିଁ। ଦୀପାଳି ରାଗରେ କଥା ନ ହୋଇ ଖାଇବାକୁ ବାଢ଼ିଦେଲା।

ପାଞ୍ଚଦିନ ପରେ ସୁନିତା ଆସି ଦୀପାଳିକୁ କହିଲା- ସେଦିନ ଦୀପକବାବୁ ଆମ ପାଇଁ ଯାହା କରିଛନ୍ତି ସେ ଋଣ ମୁଁ ଶୁଝିପାରିବି ନାହିଁ। ସଙ୍ଗେ ସଙ୍ଗେ ପୁଅକୁ ନେଇ ମେଡିକାଲ୍‌ରେ ଭର୍ତ୍ତି କଲେ। ନିଜ ହାତରୁ ପାଞ୍ଚହଜାର ଟଙ୍କା ଖର୍ଚ୍ଚ କରି ମୋ' ପୁଅକୁ ବଞ୍ଚାଇଦେଲେ। ମୁଁ ତ କେବେ ଈଶ୍ୱରଙ୍କୁ ଦେଖି ନାହିଁ। ସେଦିନ କିନ୍ତୁ ଦୀପକବାବୁ ଆମ ପାଇଁ ଥିଲେ ସାକ୍ଷାତ୍ ଈଶ୍ୱର।

ମୋ: ୮୨୪୯୯୨୯୭୬୨

### କାଳକାଳକୁ

**"ଯଦି ତମେ ଦର୍ପଣରେ ନିଜ ମୁହଁ ଦେଖୁଛ, ତେବେ ଅନ୍ୟକୁ ଘୃଣା କରିବା କଠିନ ହେବ।"**
**-ହାରୋଲ୍ଡ ପିଣ୍ଟର୍**



**ହାରୋଲ୍ଡ ପିଣ୍ଟର୍‌**ଙ୍କ ଜନ୍ମ ୧୦ ଅକ୍ଟୋବର, ୧୯୩୦ରେ ହାକ୍‌ନେରେ ଓ ପରଲୋକ ୨୪ ଡିସେମ୍ବର, ୨୦୦୮ରେ ଲଣ୍ଡନରେ। ଅର୍ଦ୍ଧ ଶତାବ୍ଦୀ ବ୍ୟାପୀ ଦୀର୍ଘ ଲେଖକୀୟ ଜୀବନରେ ସେ ବହୁ କାଳଜୟୀ ନାଟକ ଓ ପ୍ରଚ୍ଛଦ-କଥା ଲେଖିଛନ୍ତି ଏବଂ ବହୁ ନାଟକରେ ନିର୍ଦ୍ଦେଶନା ଦେବା ସହ ଅଭିନୟ କରିଛନ୍ତି। ତାଙ୍କର ଚର୍ଚ୍ଚିତ ପୁସ୍ତକ ମଧ୍ୟରେ 'ଦ ଡ୍ୱାର୍ଫ୍‌ସ', 'ଟ୍ରବଲ୍ ଇନ୍ ଦ ୱାର୍କ୍ସ' ଓ 'ଦ ଡମ୍ବ ୱେଟର୍' ଆଦି ପ୍ରଧାନ। ସାମୁଏଲ, ବେକେଟ୍, ଉଇଲିୟମ୍ ସେକ୍ସପିୟର୍, ଫ୍ରାନ୍‌ଜ କାଫ୍‌କା, ଆର୍ନେଷ୍ଟ, ହେମିଂୱେ ଓ ମାର୍ସେଲ ପ୍ରାଉଷ୍ଟ ପ୍ରମୁଖଙ୍କ ଦ୍ୱାରା ତାଙ୍କ ରଚନା ପ୍ରଭାବିତ। ନାଟ୍ୟ ସାହିତ୍ୟକୁ ସ୍ମରଣୀୟ ଅବଦାନ ପାଇଁ ୨୦୦୫ରେ ନୋବେଲ ପୁରସ୍କାରରେ ସମ୍ମାନିତ।

## ପୁସ୍ତକ ପରିଚୟ

## ପୂଜା ପତ୍ରିକା - ୨୦୨୪

### ଶାଶ୍ୱତ ପାହାଚ



**ସମ୍ପାଦକ:** କମଳ କୁମାର ମହାନ୍ତି
**ସାଇଜ୍:** ଡବଲ ଡିମାଇ, ପୃ.ସଂ.୨୭୨,
**ମୂଲ୍ୟ:** ଟ.୨୦୦/-
ସମ୍ପାଦକୀୟର ଶୀର୍ଷକ ରହିଛି 'ପ୍ରତିଭା ଓ ପୁରସ୍କାର'। 'ଫିଚର ପାହାଚ'ରେ ଭଗବାନ ଜୟସିଂହଙ୍କ କବିତାର ମୂଲ୍ୟାୟନ କରିଛନ୍ତି ଡ. ଦିଲୀପ କୁମାର ସ୍ୱାଇଁ। 'ଗାଳ୍ପିକର ମର୍ମକଥା'ରେ ରମେଶ ପଟ୍ଟନାୟକ ଓ କମଳା ପାଣିଗ୍ରାହୀ ଏବଂ 'କବିହୃଦୟର ଭାଷା'ରେ କିଶୋର ପାଣିଗ୍ରାହୀ ଓ ସୁପ୍ରଭା ପରିଜା। ସଚ୍ଚି ରାଉତରାୟ କବିତା ପାହାଚ, ଗଡ଼ନାୟକ କବିତା ପାହାଚ, ମାନସିଂହ କବିତା ପାହାଚରେ ବହୁ ବିଶିଷ୍ଟ ଓ ନବୀନ କବି ସ୍ଥାନିତ, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ଅପର୍ଣ୍ଣା ମହାନ୍ତି, ଅଶ୍ୱିନୀ କୁମାର ମିଶ୍ର, ଆଶୁତୋଷ ପରିଡ଼ା, ଅମରେଶ ପଟ୍ଟନାୟକ, ହୃଷୀକେଶ ମଲ୍ଲିକ ଓ ମମତା ଦାଶ। ଫକୀରମୋହନ କଥା ପାହାଚ, ଚିତ୍ତରଞ୍ଜନ ପ୍ରବନ୍ଧ ପାହାଚ, ନୀଳମଣି ମିଶ୍ର ଅନୁବାଦ ପାହାଚ ଓ ଜୀବନାନନ୍ଦ ଗୀତି କବିତା ପାହାଚ ସାଙ୍ଗକୁ ରହିଛି ଅନୁବାଦ କବିତା।

### ଅମୃତାୟନ



**ସମ୍ପାଦିକା:** ସୌମ୍ୟା ରଥ
**ସାଇଜ୍:** ଏ-୪, ପୃ.ସଂ.୨୦୮, **ମୂଲ୍ୟ:** ଟ.୧୪୦/-
ଆଧ୍ୟାତ୍ମିକ ସାହିତ୍ୟରେ ଶ୍ରୀଅରବିନ୍ଦ ଓ ମନୋଜ ଦାସ ସ୍ଥାନିତ। ସାତକଡ଼ି ହୋତାଙ୍କ ଧାରାବାହିକ ଉପନ୍ୟାସ 'ଶତାବ୍ଦୀର ଶୋଷ' ସାଙ୍ଗକୁ ମାନସ ମନ୍ଥନରେ ସ୍ଥାନିତ ଅଧ୍ୟାପକ ବିଶ୍ୱରଂଜନ, ଶରତ ଚନ୍ଦ୍ର ରଥ। ନବପର୍ବରେ ଦିପୁନ୍ ପୁହାଣ, ମୁକୁଲ୍ ମିଶ୍ର, ମମତା ସାହୁ ଓ ଦେବଯାନୀ ରାୟ। ଗଳ୍ପରେ ଅଛନ୍ତି ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଭୂତି ପଟ୍ଟନାୟକ, ଯଶୋଧାରା ମିଶ୍ର, ଅନୀଲ କୁମାର ପାଢ଼ୀ ଓ ନିତ୍ୟାନନ୍ଦ ପଣ୍ଡା। କବିତାରେ ରାଜେନ୍ଦ୍ର କିଶୋର ପଣ୍ଡା, ପ୍ରତିଭା ଶତପଥୀ, ହୃଷୀକେଶ ମଲ୍ଲିକ, ନୀଳାଦ୍ରିଭୂଷଣ ହରିଚନ୍ଦନ ଓ ରମେଶ ପତି। କ୍ଷୁଦ୍ର ଉପନ୍ୟାସଟିଏ ଲେଖିଛନ୍ତି ପ୍ରଦୋଷ ମିଶ୍ର। ଏତଦ୍‌ବ୍ୟତୀତ ଅନୁବାଦ, ରମ୍ୟରଚନା ଓ ଭ୍ରମଣ କାହାଣୀ ସ୍ଥାନିତ ହୋଇଛି।

### ଅକ୍ଷାଂଶ



**ସମ୍ପାଦକ:** ଡ. ହରିଶ୍ଚନ୍ଦ୍ର ବେହେରା
**ସାଇଜ୍:** ଏ-୪, ପୃ.ସଂ.୪୬୦, **ମୂଲ୍ୟ:** ଟ.୨୫୦/-
ପ୍ରବନ୍ଧ, ଗଳ୍ପ, ଭ୍ରମଣ ବୃତ୍ତାନ୍ତ, ଉପନ୍ୟାସ, ପୁସ୍ତକ ଚର୍ଚ୍ଚା, ରମ୍ୟ ନିବନ୍ଧ, ଅନୁବାଦ, ବ୍ୟଙ୍ଗଗଳ୍ପ ଓ ଗୀତି କବିତା ଆଦି ବିଭାଗରେ ପତ୍ରିକାଟି ବିମଣ୍ଡିତ। ପ୍ରମୁଖ ଲେଖକମାନଙ୍କ ମଧ୍ୟରେ ଆଦିକନ୍ଦ ସାହୁ, ଫନୀ ମହାନ୍ତି,କୁମୁଦ ଚନ୍ଦ୍ର ଦାଶ, ଅମରେନ୍ଦ୍ର ଖଟୁଆ, ଆଶୁତୋଷ ପରିଡ଼ା, ହୃଷୀକେଶ ମଲ୍ଲିକ, ପ୍ରବାସିନୀ ମହାକୁଡ଼, କମଳ କୁମାର ମହାନ୍ତି, ନିଖିଳାନନ୍ଦ ପାଣିଗ୍ରାହୀ, ରଜନୀକାନ୍ତ ମହାନ୍ତି, ଧନଞ୍ଜୟ ସ୍ୱାଇଁ ଓ ହଂସନାଥ ମୁଦୁଲି ସ୍ୱ ସ୍ୱ ରଚନାରେ ପତ୍ରିକାଟିକୁ ସମୃଦ୍ଧ କରିଛନ୍ତି। ପ୍ରତିଥର ପରି ହରିଶ୍ଚନ୍ଦ୍ର ବେହେରାଙ୍କ ସମ୍ପାଦକୀୟ ନିଆରା ବିଷୟ ଆଧାରିତ- 'ଔପନିବେଶିକତାବାଦ ବନାମ ଉତ୍ତର - ଔପନିବେଶିକତାବାଦ'।

### ଗୋପବନ୍ଧୁଙ୍କ ସତ୍ୟବାଦୀ



**ସମ୍ପାଦକ:** ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ
**ସାଇଜ୍:** ଏ-୪, ପୃ.ସଂ.୩୮୪, **ମୂଲ୍ୟ:** ଟ.୧୩୦/-
ସମ୍ପାଦକୀୟର ଶୀର୍ଷକ 'ଶକ୍ତିରୂପେଣ ସଂସ୍ଥିତା'। ପ୍ରବନ୍ଧରେ ଚିନ୍ମୟୀ ମହାପାତ୍ର, କଇଳାଶ ପଟ୍ଟନାୟକ, ବାବାଜି ଚରଣ ପଟ୍ଟନାୟକ, ହରେକୃଷ୍ଣ ମେହେର ଓ ସଂଘମିତ୍ରା ମିଶ୍ର; କବିତାରେ ଅମରେଶ ପଟ୍ଟନାୟକ, ଫନୀ ମହାନ୍ତି, ମମତା ଦାଶ, ହୃଷୀକେଶ ମଲ୍ଲିକ, ଗିରିବାଳା ମହାନ୍ତି, ପ୍ରହ୍ଲାଦ ଶତପଥୀ, ସେନାପତି ପ୍ରଦ୍ୟୁମ୍ନ କେଶରୀ; ପ୍ରାଚୀନ ରଚନାରେ ଗୋପବନ୍ଧୁ; ଗଳ୍ପରେ ପ୍ରତିଭା ରାୟ, ବନଜ ଦେବୀ, ସରୋଜିନୀ ଷଡ଼ଙ୍ଗୀ; ଅନୁବାଦରେ ଭୀଷ୍ମ ସାହାଣୀ ଓ ପ୍ରେମଚାନ୍ଦ; କାଳଜୟୀ ସାହିତ୍ୟରେ ଦିବ୍ୟସିଂହ ପାଣିଗ୍ରାହୀଙ୍କ 'ଗୟାଶ୍ରାଦ୍ଧ' ସ୍ଥାନିତ। ଆପଣଙ୍କ ଚିଠି ଓ ଚିକିତାରା ସହ ରହିଛି ଶେଷପୃଷ୍ଠାରେ ଦିଲୀପ ଶତପଥୀଙ୍କ 'ଦଶଭୁଜାଙ୍କ ଦଶ ଆୟୁଧ'।

### ସୃଜନ ସ୍ୱପ୍ନ



**ସମ୍ପାଦିକା:** ଦେବଶ୍ରୀ ଜେନା(ଧଳ)
**ସାଇଜ୍:** ଏ-୪, ପୃ.ସଂ.୨୨୮, **ମୂଲ୍ୟ:** ଟ.୧୬୦/-
'ସୃଜନ ସଂସ୍କୃତି'ରେ ପ୍ରବନ୍ଧ ଲେଖିଛନ୍ତି ରାମଚନ୍ଦ୍ର ରାଉତ ଓ ବେଣୁଧର ଦାସ। କାବ୍ୟକୃତିରେ କବିତା ଲେଖିଛନ୍ତି ସୌଭାଗ୍ୟବନ୍ତ ମହାରଣା, ହରିଶ୍ଚନ୍ଦ୍ର ବେହେରା, ରକ୍ଷକ ନାୟକ; 'କଥା ସୃଜନ'ରେ ଗଳ୍ପ ଲେଖିଛନ୍ତି ଦେଶବନ୍ଧୁ ସ୍ୱାଇଁ, ରଂଜନ କୁମାର ଦାସ, କମଳା ଶତପଥୀ, ମୌସୁମୀ ପରିଡ଼ା; 'ଗୀତିସୃଜନ'ରେ ଗୀତ ଲେଖିଛନ୍ତି ନନ୍ଦକିଶୋର ସିଂହ, ନିର୍ମଳା ମହାନ୍ତି ଏବଂ ଅନୁସୃଜନରେ ଶାରଦା ରଥ, ନଗେନ୍ଦ୍ରନାଥ ପଟ୍ଟନାୟକ ଓ କନକମଞ୍ଜରୀ ସାହୁ ସ୍ୱକୀୟ ଅବଦାନରେ ପତ୍ରିକାଟିକୁ ଋଦ୍ଧିମନ୍ତ କରିଛନ୍ତି।

### ବିଶ୍ୱମୁକ୍ତି



**ସମ୍ପାଦକ:** ଶଶାଙ୍କ ଚୂଡ଼ାମଣି
**ସାଇଜ୍:** ଏ-୪, ପୃ.ସଂ.୧୯୨, **ମୂଲ୍ୟ:** ଟ.୧୨୦/-
୮୫ଟି କବିତା, ୯ଟି ପ୍ରବନ୍ଧ, ୧୮ଟି ଗପ, ୩ଟି ଅନୁବାଦ ଗପ, ଗୋଟିଏ ଭ୍ରମଣ ଅନୁଭୂତି ଓ ଏକ ଆତ୍ମକଥାର କିୟଦଂଶକୁ ନେଇ ପତ୍ରିକାଟି କଳେବର ସଜାଇଛି। ଅଚ୍ୟୁତ ସାମନ୍ତ ଲେଖିଛନ୍ତି 'ଓଡ଼ିଆ ଅସ୍ମିତାର ନବ ଦିଗନ୍ତ' ଓ ବିଷ୍ଣୁପଦ ସେଠୀ ଅଛନ୍ତି ଅନ୍ତରଙ୍ଗ ଆଳାପରେ। ନିବାରଣ ଜେନାଙ୍କ ଉପନ୍ୟାସ 'ଅପା' ସ୍ଥାନ ପାଇଛି। ବିଶେଷ କବିତାରେ ପ୍ରସନ୍ନ ପାଟ୍ଟଶାଣୀ। କବିତା ବିଭାଗରେ ଆଶୁତୋଷ ପରିଡ଼ା, ରୋହିଣୀକାନ୍ତ ମୁଖାର୍ଜୀ, ଭଗବାନ ଜୟସିଂହ, ହୃଷୀକେଶ ମଲ୍ଲିକ, ଗୁରୁକଲ୍ୟାଣ ମହାପାତ୍ର ଓ ଅଜୟ ପ୍ରଧାନ ପ୍ରମୁଖଙ୍କ ସାଙ୍ଗକୁ ଗଳ୍ପରେ ଭୀମ ପୃଷ୍ଟି, କବିତା ବାରିକ ଓ ଆଦିତ୍ୟେଶ୍ୱର ମିଶ୍ର। ପ୍ରବନ୍ଧରେ ବସନ୍ତ କୁମାର ପଣ୍ଡା, ବିଜୟାନନ୍ଦ ସିଂହ ଓ ତ୍ରିନାଥ ପଟ୍ଟନାୟକ ସ୍ଥାନିତ। ସଂପାଦକୀୟର ଶୀର୍ଷକ ରହିଛି 'ଆଗକୁ ଦେଖିବା', ଯେଉଁଥିରେ ଶଶାଙ୍କ କହିଛନ୍ତି "କୃତ୍ରିମ ବୁଦ୍ଧିମତ୍ତାକୁ ସେବକ ବନାଇବାକୁ ହେବ। ଏହା ଆଗାମୀ ସମୟର ଆହ୍ୱାନ।"

### ବନଫୁଲ



**ସମ୍ପାଦକ:** ରତ୍ନାକର ନାୟକ
**ସାଇଜ୍:** ଏ-୧/୮ ଡିମାଇ, ପୃ.ସଂ.୨୮୦,
**ମୂଲ୍ୟ:** ଟ.୧୭୦/-
ସଂପାଦକୀୟରେ ପତ୍ରିକା ସଂପାଦକମାନଙ୍କ ମେହନତ ଓ ସମସ୍ୟା ସମ୍ପର୍କରେ ଆଲୋକପାତ କରାଯାଇଛି। ପ୍ରବନ୍ଧରେ ପ୍ରଫୁଲ୍ଲ କୁମାର ସାହୁ ଓ ଶରତ ଚନ୍ଦ୍ର ମହାପାତ୍ର, ପ୍ରିୟ ଗପରେ ରାଜକିଶୋର ରାୟଙ୍କ 'କଳିଙ୍ଗ ଶିଳ୍ପୀ', ଗପରେ ସଦାନନ୍ଦ ତ୍ରିପାଠୀ, ପ୍ରତାପ ବିଶ୍ୱାଳ, ଅନିଲ କୁମାର ପାଢ଼ୀ ଏବଂ କବିତାରେ ସଦାଶିବ ଦାଶ, ସୌଭାଗ୍ୟବନ୍ତ ମହାରଣା, ବିଜୟ ମହାପାତ୍ର, ପ୍ରତିଭା ପରିଡ଼ା ଓ ରବି ଶତପଥୀ; ଆଲୋଚନାରେ ମଣୀନ୍ଦ୍ର କୁମାର ମେହେର; ପ୍ରତିବେଶୀ ଗପରେ ବିଜୟ କୁମାର ପ୍ରଧାନ ଓ ଗୀତିକବିତାରେ ନନ୍ଦକିଶୋର ସିଂହ, ମନୋରମା ବିଶ୍ୱାଳ ମହାପାତ୍ରଙ୍କ ଲେଖା ସ୍ଥାନ ପାଇଛି। ସନେଟ୍ ଲେଖିଛନ୍ତି ମନୋଜ ପଟ୍ଟନାୟକ ଓ ଗୌରହରି ରାଉତ।

ଧରିତ୍ରୀ DHARITRI
50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୯/୨୦୨୪ Bhubaneswar, Saturday, October 19/ 2024

# ସମଦଙ୍କ ଶତକ, ସୁମିତଙ୍କୁ ୫ ଉଇକେଟ

ଭୁବନେଶ୍ୱର, ୧୮।୧୦ (ତପନ ସ୍ୱାଇଁ)

କଟକର ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଛି ଓଡ଼ିଶା-ଜମ୍ମୁ କଶ୍ମୀର ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ। ଅମଦୁଲ ସମଦଙ୍କ ଶତକ ସହାୟତାରେ ଜମ୍ମୁ କଶ୍ମୀର ପ୍ରଥମ ଇନିଂସରେ ୨୭୦ ରନ ସଂଗ୍ରହ କରିଛି। ପ୍ରଥମ ଦିବସ ଖେଳ ଶେଷ ବେଳକୁ ଓଡ଼ିଶା ୧ ଉଇକେଟ ହରାଇ ୧୫ ରନ କରିଛି। ଅର୍ଥାତ୍ ୯ ଉଇକେଟ ଥାଇ ଓଡ଼ିଶା ୨୫୫ ରନ ପଛରେ ରହିଛି। ଅନ୍ୟପକ୍ଷରେ ପ୍ରଥମ ଶ୍ରେଣୀ କ୍ରିକେଟ ପଦାର୍ପଣରେ ୫ ଉଇକେଟ ସଫଳତା ପାଇଛନ୍ତି ଓଡ଼ିଶାର ବାମହାତୀ ସ୍ପିନର ସୁମିତ ଶର୍ମା।



ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ଶତକ ହାସଲ ଅବସରରେ ଶଟ୍ ଖେଳୁଛନ୍ତି ଜମ୍ମୁ-କଶ୍ମୀରର ଅବଦୁଲ ସମଦ। (ଫଟୋ: ରାଜକିଶୋର ମହାନ୍ତି)

## ସମଦଙ୍କ ୫ମ ଶତକ

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଜମ୍ମୁ କଶ୍ମୀର। ଓଡ଼ିଶା ବୋଲରମାନେ କିନ୍ତୁ ଚମତ୍କାର ଆରମ୍ଭ କରିଥିଲେ। ନିଜର ଦ୍ୱିତୀୟ ଏବଂ ଇନିଂସର ତୃତୀୟ ଓଭରରେ ଦ୍ରୁତ ବୋଲର ରାଜେଶ ମହାନ୍ତି ଓପନର ଅଭିନବ ପୁରୀ (୬ରନ)ଙ୍କୁ ଏଲ୍‌ବିଡବ୍ଲ୍ୟୁ କରି ପ୍ୟାଭିଲିୟନ ପଠାଇଥିଲେ। ସେହିପରି ୬ଷ୍ଠ ଓଭରର ଦ୍ୱିତୀୟ ବଲ୍‌ରେ ଉଇକେଟକିପର ଆଶୀର୍ବାଦ ସ୍ୱାଇଁଙ୍କ ହାତରେ କ୍ୟାଚ କରାଇ ଶୁଭମ୍ ଖଜୁରିଆ (୭)ଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ ସୂର୍ଯ୍ୟକାନ୍ତ ପ୍ରଧାନ। ମାତ୍ର ୧୪ ରନରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଜମ୍ମୁ କଶ୍ମୀର। ଶୁଭମ୍ ପୁନ୍ଦିର ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିବାବେଳେ ଇନିଂସ ସମ୍ଭାଳିଥିଲେ ଯୁବ ବ୍ୟାଟର ଅବଦୁଲ ସମଦ। ଗୋଟିଏ ପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ି ଚାଲିଥିବାବେଳେ ଅନ୍ୟପଟରେ ପ୍ରଥମେ ଧୈର୍ଯ୍ୟର ସହିତ ଏବଂ ପରେ ଆକ୍ରମଣାତ୍ମକ ବ୍ୟାଟିଂ କରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ ଏହି ଜମ୍ମୁ କଶ୍ମୀର ବ୍ୟାଟର।

**ରଣଜୀ ଟ୍ରଫି**

■ ଜମ୍ମୁ କଶ୍ମୀର-୨୭୦, ଓଡ଼ିଶା-୧୫/୧

ଓଡ଼ିଶାର ସମସ୍ତ ବୋଲରଙ୍କୁ ସଫଳ ମୁକାବିଲା କରି ୨୨ ବର୍ଷୀୟ ସମଦ ହାସଲ କରିଥିଲେ କ୍ୟାରିୟରର ୫ମ ପ୍ରଥମଶ୍ରେଣୀ ଶତକ। ତାଙ୍କର ୧୨୭ ରନ କେବଳ ୧୧୭ବଲ୍‌ରୁ ଆସିଥିଲା। ଏହା ମଧ୍ୟରେ ୬ ଚୌକା ଓ ୯ ଛକା ସାମିଲ ଥିଲା। ମିଡିଲ ଅର୍ଡରରେ ୩୯ ରନ କରିଥିବା ସାହିଲ ଲୋତ୍ରାଙ୍କ ସହ ସମଦ ୧୩୧ ରନର ଭାଗୀଦାରି ଗଢ଼ିଥିଲେ। ଶେଷଭାଗରେ ଆବିଦ ମୁସ୍ତାକ ୧୭, ଯୁଦ୍ଧବୀର ସିଂ ୧୮ ଓ ଆକ୍ୱିବ ନବି ଅପରାଜିତ ୧୨ ରନର ଯୋଗଦାନ ଦେଇଥିଲେ।

## ପଦାର୍ପଣରେ ସୁମିତଙ୍କ ଚମକ

୨୯ ବର୍ଷରେ ପ୍ରଥମଶ୍ରେଣୀ ପଦାର୍ପଣ କରିଥିବା ବାମହାତୀ ସ୍ପିନର ସୁମିତ ଶର୍ମା କିନ୍ତୁ ନିଜ ପ୍ରଥମ ମ୍ୟାଚରେ ଚମକ ଦେଖାଇଥିଲେ। ସେ ନିଜ ୧୭ ଓଭର ସ୍ପେଲ୍‌ରେ ୪ ମେଡେନ ନେବାସହ ୭୯ ରନରେ ୫ ଉଇକେଟ ନେଇ ବିରଳ କ୍ଲବରେ ସାମିଲ ହୋଇଥିଲେ। ସେ ଶତକ ହାସଲକାରୀ ଅବଦୁଲ ସମଦଙ୍କ ପ୍ରାଇଜ୍ ଉଇକେଟ ସହ ଶୁଭମ୍ ପୁନ୍ଦିର, ଅଧିନାୟକ ପାରସ ଡୋଗ୍ରା (୫), ଉଇକେଟକିପର ଶିବାଂଶ ଶର୍ମା (୪) ଓ ଆବିଦ ମୁସ୍ତାକଙ୍କୁ ଆଉଟ କରିଥିଲେ। ମ୍ୟାଚ ପୂର୍ବରୁ ସେ ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେଙ୍କଠାରୁ ପ୍ରଥମ ଶ୍ରେଣୀ କ୍ୟାପ ଗ୍ରହଣ କରିଥିଲେ। ଓଡ଼ିଶାର ଅନ୍ୟ ବୋଲରଙ୍କ ମଧ୍ୟରେ ରାଜେଶ ମହାନ୍ତି ଓ ସୂର୍ଯ୍ୟକାନ୍ତ ପ୍ରଧାନ ୨ଟି ଲେଖାଏ ଏବଂ ଦେବବ୍ରତ ପ୍ରଧାନ ଗୋଟିଏ ଉଇକେଟ ନେଇଥିଲେ।

## ନବିଙ୍କ ପ୍ରାରମ୍ଭିକ ଝଟ୍‌କା

ଓଡ଼ିଶା ପ୍ରଥମ ଇନିଂସର ଆରମ୍ଭରୁ ଝଟ୍‌କା ଦେଇଛନ୍ତି ଜମ୍ମୁ କଶ୍ମୀର ଦ୍ରୁତ ବୋଲର ଆକ୍ୱିବ ନବି। ସେ ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ ନିର୍ଭରଯୋଗ୍ୟ ଓପନର ଶାନ୍ତନୁ ମିଶ୍ର (୦)ଙ୍କୁ ଆଉଟ କରିଛନ୍ତି। ପ୍ରଥମ ଦିବସ ଷ୍ଟମ୍ପ ବେଳକୁ ଅନୁରାଗ ଷଡ଼ଙ୍ଗୀ ୮ ଓ ସନ୍ଦୀପ ପଟ୍ଟନାୟକ ୬ ରନରେ ଅପରାଜିତ ରହିଛନ୍ତି। ଶନିବାର ଦ୍ୱିତୀୟ ଦିବସରେ ଏ ଦୁଇ ବ୍ୟାଟରଙ୍କୁ ସତର୍କତାର ସହ ଇନିଂସ ଆରମ୍ଭ କରିବାକୁ ହେବ।

**ସଂକ୍ଷିପ୍ତ ସ୍କୋର**

ଜମ୍ମୁ କଶ୍ମୀର ପ୍ରଥମ ଇନିଂସ: ୨୭୦/ଅଲ୍‌ଆଉଟ (ଅବଦୁଲ ସମଦ-୧୨୭, ସାହିଲ ଲୋତ୍ରା-୩୯, ସୁମିତ ଶର୍ମା-୫/୭୯, ରାଜେଶ ମହାନ୍ତି-୨/୪୭, ସୂର୍ଯ୍ୟକାନ୍ତ ପ୍ରଧାନ-୨/୫୦, ଦେବବ୍ରତ ପ୍ରଧାନ-୧/୨୨)। ଓଡ଼ିଶା ପ୍ରଥମ ଇନିଂସ: ୧୫/୧।



ଜମ୍ମୁ-କଶ୍ମୀର ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ ପୂର୍ବରୁ ଓଡ଼ିଶାର ସୁମିତ ଶର୍ମାଙ୍କୁ ପ୍ରଥମ ଶ୍ରେଣୀ କ୍ରିକେଟ କ୍ୟାପ ପ୍ରଦାନ କରୁଛନ୍ତି ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ।

# ତାମିଲନାଡୁକୁ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୧୮।୧୦ (ବିଜୟ ରଣା)

**୪ର୍ଥ ଜାତୀୟ ଭିନ୍ନକ୍ଷମ ଟି୨୦ କ୍ରିକେଟ**

ରାଜସ୍ଥାନର ଉଦୟପୁରଠାରେ ଚାଲିଥିବା ୪ର୍ଥ ଜାତୀୟ ଭିନ୍ନକ୍ଷମ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଦଳ ତାମିଲନାଡୁକୁ ହରାଇ ଦେଇଛି। ଗ୍ରୁପ୍ ପର୍ଯ୍ୟାୟର ତୃତୀୟ ମ୍ୟାଚରେ ଓଡ଼ିଶା ଟସ୍ ଜିତି ଫିଲ୍ଡିଂ ନେଇଥିଲା। ପ୍ରଥମେ ବ୍ୟାଟିଂ କରି ତାମିଲନାଡୁ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୮ ରନ କରିଥିଲା। ଜବାବରେ ଓଡ଼ିଶା ୧୮.୪ ଓଭରରେ ୮ ଉଇକେଟ୍ ବିନିମୟରେ ୧୬୧ ରନ୍ କରି ବିଜୟ ହାସଲ କରିଥିଲା। ଦଳ ତରଫରୁ ଅକ୍ଷୟ କୁମାର ସାହୁ ଦ୍ରୁତ ବ୍ୟାଟିଂ କରି ୨୬ ବଲ୍ ୪୨ ରନ୍ କରିଥିଲେ। ସେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ପୁରସ୍କାର ବାବଦରେ ୧୧,୦୦୦/- ଟଙ୍କାର ଚେକ୍ ପାଇଛନ୍ତି। ଓଡ଼ିଶା ଶନିବାର ପଶ୍ଚିମବଙ୍ଗକୁ ଭେଟିବ। ଓଡ଼ିଶା କ୍ରିକେଟ ଆସୋସିଏଶନ ଫର୍ ଫିଜିକାଲ ଚ୍ୟାଲେଞ୍ଜ୍ ସଂଘର ସଭାପତି ତନୁଜା ମହାନ୍ତି, ସମ୍ପାଦିକା ବେଲା ଜୈସୱାଲ୍ ଉପସଭାପତି ମଣ୍ଟୁ ଦାସ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର, ମୁଖ୍ୟ କୋଚ ମହମ୍ମଦ୍ ଅଜର ବିଜୟୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ତାମିଲନାଡୁ ଇନିଂସ : ୨୦ଓଭରରେ ୧୫୮/୬ (ବାବୁ -୪୬, ସନମୁଗମ୍-୩୮,ଜୟ କଣ୍ଟେନ-୨୪ ; ଅକ୍ଷୟ ସାହୁ ୨/୩୪ , ଜଗଜିତ-୧/୧୭)। ଓଡ଼ିଶା ଇନିଂସ: ୧୮.୪ ଓଭରରେ ୧୬୧/୮ (ଦେବେନ୍ଦ୍ର ମେହେର୍-୪୫, ଅକ୍ଷୟ ସାହୁ-୪୨, ରାଜେଶ ପ୍ରଧାନ-୨୧ ; ସନ ମୁଗମ୍-୩/୪୬, ମଣି-୨/୨୨)।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ